ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ଏପ୍ରିଲ ୧୪/୨୦୨୨ (୮+୮=୧୬ ପୃଷ୍ଠା) | Balasore, Thursday, April 14/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୧୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



## ସତ ସାମ୍ନାକୁ ଆସିବା ଜରୁରୀ: ଆଇସିସି

ବୁଚା ଗଣହତ୍ୟା ସମେତ ୟୁକ୍ରେନ୍‌ରେ ନରସଂହାର, ଗଣବଳାତ୍କାରର ଲୋମହର୍ଷଣ କାହାଣୀ ସାମ୍ନାକୁ ଆସୁଥିବାବେଳେ ଏହି ଦେଶ ଏବେ ଏକ ଅପରାଧ ସ୍ଥଳ ପାଲଟିଛି ବୋଲି ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ(ଆଇସିସି)ର ମୁଖ୍ୟ ପ୍ରସିକ୍ୟୁଟର କରିମ୍ ଖାନ କହିଛନ୍ତି। ଗତ ବୁଧବାର ସେ ବୁଚା ଗସ୍ତ କରିଥିଲେ। ୟୁକ୍ରେନ୍‌ରେ ରୁଷିଆର ଯୁଦ୍ଧ ଅପରାଧ ବିଚାର ପରିସରଭୁକ୍ତ ହେବାର ଯଥେଷ୍ଟ କାରଣ ରହିଛି। ସତ୍ୟ ସାମ୍ନାକୁ ଆଣିବା ପାଇଁ ନିରପେକ୍ଷ ତଦନ୍ତ ଜରୁରୀ। ଏଥିନିମନ୍ତେ ଆଇସିସିର ଫରେନ୍ସିକ ଟିମ୍‌କୁ ମଧ୍ୟ ସେଠାକୁ ପଠାଯାଇଥିବା ସେ ପ୍ରକାଶ କରିଛନ୍ତି।



# ବୁଚାରେ ୨୫ ଦିନ ବଳାତ୍କାର

**କିଭ୍, ୧୩।୪**

କିଭ୍ ଛାଡ଼ି ରୁଷୀୟ ସୈନ୍ୟ ଚାଲିଯାଇଥିଲେ ହେଁ ୟୁକ୍ରେନ୍ ଲୋକଙ୍କ ପ୍ରତି ସେମାନଙ୍କ ବର୍ବରତା ଓ ଅମାନବୀୟ ଅତ୍ୟାଚାର କାହାଣୀ ଏବେ ସାମ୍ନାକୁ ଆସିବାରେ ଲାଗିଛି। ରୁଷିଆ ଯୁଦ୍ଧ ଅପରାଧର ଯାଞ୍ଚ କରୁଥିବା ୟୁକ୍ରେନ୍ ସମେତ ବାହାର ଦେଶର ତଦନ୍ତକାରୀ ଟିମ୍ ୟୁକ୍ରେନ୍ ନାଗରିକଙ୍କ ଉପରେ ହୋଇଥିବା ନିର୍ଯାତନାକୁ ବିଶ୍ୱ ସମ୍ମୁଖକୁ ଆଣିଛନ୍ତି। ବୁଚାରେ ଗଣହତ୍ୟା ଓ ରାସ୍ତାରେ ମାଳମାଳ ମୃତଦେହକୁ ନେଇ ସାରା ଦୁନିଆରେ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ସଦ୍ୟ ଅନାବୃତ୍ତ ହୋଇଥିବା ତଥ୍ୟ ଅନୁସାରେ, ରୁଷିଆ ସୈନ୍ୟ ବୁଚା ବେସ୍‌ମେଣ୍ଟରେ ମହିଳା, ଯୁବତୀ ଏପରି କି ନାବାଳିକାମାନଙ୍କୁ ବନ୍ଧକ ରଖି ଗଣବଳାତ୍କାର କରିଛନ୍ତି। ପ୍ରାୟ ୨୫ ଦିନ ଧରି ସେମାନେ ୟୁକ୍ରେନ୍ ମହିଳାଙ୍କୁ ଶୋଷଣ କରିଥିବା ରିପୋର୍ଟ ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରୁ ୯ ଜଣ ଏବେ ଗର୍ଭବତୀ ଅଛନ୍ତି। ଏ ନେଇ ୟୁକ୍ରେନ୍ ମାନବାଧିକାର ଅଧିକାରୀ ଲ୍ୟୁଡ୍‌ମିଲା ଡେନିସୋଭା ସୂଚନା ଦେଇଛନ୍ତି। ରୁଷୀୟ ସୈନ୍ୟ କେବଳ ବୁଚା ନୁହେଁ, କିଭ୍ ଉପାନ୍ତ ଅଞ୍ଚଳ ଏବଂ ଅନ୍ୟ ସହରରେ ମଧ୍ୟ ଏଭଳି ବର୍ବର ବ୍ୟବହାର କରିଥିବା ସେ କହିଛନ୍ତି।

### ରୁଷୀୟ ସୈନ୍ୟଙ୍କ ବର୍ବରତା



ବୁଚାରେ କବର ଖୋଲା ହେବାବେଳେ ସେଠାରେ ଉପସ୍ଥିତ ମୃତକଙ୍କ ସମ୍ପର୍କୀୟ।

■୯ ଜଣ ଗର୍ଭବତୀ

■ବଳାତ୍କାର ରୁଷିଆର ଯୁଦ୍ଧାସ୍ତ୍ର: ୟୁକ୍ରେନ୍

ଡେନିସୋଭା ଦାବି କରିଛନ୍ତି, ରୁଷୀୟ ସୈନ୍ୟ ୟୁକ୍ରେନ୍‌ର ୧୪ରୁ ୨୪ ବର୍ଷର ପ୍ରାୟ ୨୫ ଯୁବତୀ ଏବଂ ନାବାଳିକାଙ୍କୁ ବୁଚାର ଏକ ଘରେ ବନ୍ଦୀ ରଖିଥିଲେ। ପ୍ରାୟ ୨୫ ଦିନ ଧରି ସେମାନଙ୍କୁ ବଳାତ୍କାର କରାଯାଇଥିଲା। ଗର୍ଭବତୀଙ୍କ ମଧ୍ୟରେ ଜଣେ ୧୪ ବର୍ଷୀୟା ନାବାଳିକା ଅଛନ୍ତି। ଏପରି କି ଜଣେ ୧୧ ବର୍ଷୀୟ ନାବାଳକଙ୍କୁ ତାଙ୍କ ମା' ସମ୍ମୁଖରେ ଯୌନ ନିର୍ଯାତନା ଦେଇଛନ୍ତି। ଜଣେ ୫୦ ବର୍ଷୀୟା ମହିଳାଙ୍କ ସ୍ୱାମୀଙ୍କୁ ଗୁଳି କରି ରୁଷୀୟ ସୈନ୍ୟ ବନ୍ଧୁକ ମୁନରେ ବଳାତ୍କାର କରିଛନ୍ତି। ଇର୍‌ପିନ୍‌ରେ ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ଏକସଙ୍ଗରେ ୩ ଜଣ ବଳାତ୍କାର କରିଥିବା ଡେନିସୋଭା କହିଛନ୍ତି। ଯୁଦ୍ଧରେ ରୁଷିଆ ବଳାତ୍କାରକୁ ଅସ୍ତ୍ର କରିଥିବା ୟୁକ୍ରେନ୍ ହ୍ୟୁମାନ ରାଇଟ୍ସ ଗ୍ରୁପ୍‌ର କାଟେରିନା ଚେରେପାଖା ଜାତିସଂଘକୁ କହିଛନ୍ତି। ଏଭଳି ଘଟଣାର ସମ୍ପୂର୍ଣ୍ଣ ନିରପେକ୍ଷ ତଦନ୍ତ ହେବା ଜରୁରୀ ବୋଲି ଜାତିସଂଘ ମହିଳା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିମା ବାହୋସ୍ କହିଛନ୍ତି। ୟୁକ୍ରେନ ଆକ୍ରମଣକୁ ୪୯ ଦିନ ପୂରିଥିବାବେଳେ ମାରିଉପୋଲରେ ରୁଷିଆ ଧ୍ୱଂସଲୀଳା ଜାରି ରଖିଛି। ମାରିଉପୋଲରେ ୧ ହଜାରରୁ ଊର୍ଦ୍ଧ୍ୱ ୟୁକ୍ରେନୀୟ ସୈନ୍ୟ ରୁଷିଆ ସମ୍ମୁଖରେ ଆତ୍ମସମର୍ପଣ କରିଥିବା ମସ୍କୋ ଦାବି କରିଛି। ତେବେ କିଭ୍ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି।

## ସଂକ୍ଷେପରେ

### ମୋଦିଙ୍କ ସହାୟତା ଲୋଡ଼ିଲେ ପିଓକେ ପୀଡ଼ିତା

**ନୂଆଦିଲ୍ଲୀ,୧୩।୪:** ପାକିସ୍ତାନ-ଅଧିକୃତ କଶ୍ମୀର (ପିଓକେ)ର ଜଣେ ଗଣବଳାତ୍କାର ପୀଡ଼ିତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହାୟତା ଲୋଡ଼ି ଆବେଗପୂର୍ଣ୍ଣ ଅନୁରୋଧ କରିଛନ୍ତି। ଏକ ଭିଡିଓ ମେସେଜ୍‌ରେ ସେ କହିଛନ୍ତି, ମୁଁ ଜଣେ ଗଣବଳାତ୍କାର ପୀଡ଼ିତା, ସାତ ବର୍ଷ ଧରି ନ୍ୟାୟ ପାଇଁ ଲଢ଼େଇ କରୁଛି। ପିଓକେ ପୋଲିସ, ସରକାର ଓ ନ୍ୟାୟପାଳିକା ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି। ଏପରି କି ମୋତେ ଓ ମୋ ପିଲାଙ୍କୁ ମଧ୍ୟ ହତ୍ୟା ଧମକ ଦିଆଯାଉଛି। ମୋଦିଙ୍କ ଉଦ୍ଦେଶ୍ୟରେ ଭିଡିଓ ଜାରି କରି ପୀଡିତା କହିଛନ୍ତି, ଭାରତରେ ସେ ରହିବାକୁ ଚାହୁଁଛନ୍ତି। ସ୍ଥାନୀୟ ରାଜନେତା ଚୌଧୁରୀ ତାରିକ ଫାରୁଖ ଏବଂ ପୋଲିସ ତାଙ୍କୁ ଓ ପରିବାରକୁ ବ୍ଲାକମେଲ୍ କରୁଛନ୍ତି। ୨୦୧୫ରେ ହାରୁକ ରଶିଦ, ମନୁନ ରଶିଦ, ଜାମିଲ ଶାଫି, ୱାକସ୍ ଆସରଫ ଏବଂ ସନମ ହାରୁନ ତାଙ୍କୁ ଗଣବଳାତ୍କାର କରଥିବା ଅଭିଯୋଗ ହୋଇଥିଲା।

### ଆକବରୁଦ୍ଦିନ ଦୋଷମୁକ୍ତ



**ମୁମ୍ବାଇ,୧୩।୪ :** ଏଆଇଏମ୍ଆଇଏମ୍ ନେତା ତଥା ତେଲଙ୍ଗାନା ବିଧାୟକ ଆକବରୁଦ୍ଦିନ ଓୱାଇସିଙ୍କୁ ଏକ ସ୍ୱତନ୍ତ୍ର ଅଦାଲତ ଦୁଇଟି ଘୃଣିତ ଭାଷଣ ମାମଲାରୁ ଦୋଷମୁକ୍ତ କରିଛନ୍ତି। ଏଆଇଏମ୍ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓୱାଇସିଙ୍କ ଭାଇ ଆକବରୁଦ୍ଦିନ ତେଲଙ୍ଗାନା ବିଧାନସଭାରେ ଦଳର ନେତା ଅଛନ୍ତି। ୨୦୧୨ ଡିସେମ୍ବରରେ ତେଲଙ୍ଗାନାର ନିଜାମାବାଦ ଏବଂ ନିର୍ମଳଠାରେ ଉତ୍ତେଜନା ସୃଷ୍ଟିକାରୀ ଭାଷଣ ଦେବା ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ବୁଧବାର ହାଇଦ୍ରାବାଦର ନାମ୍ପାଲି ମେଟ୍ରୋପଲିଟାନ କୋର୍ଟରେ ବିଧାୟକ/ଏମ୍‌ପିଙ୍କ ପାଇଁ ଥିବା ସ୍ୱତନ୍ତ୍ର ସେସନ୍ସ କୋର୍ଟ ଉପଯୁକ୍ତ ତଥ୍ୟ ପ୍ରମାଣ ଅଭାବରୁ ଆକବରୁଦ୍ଦିନଙ୍କୁ ଦୋଷମୁକ୍ତ କରିଛନ୍ତି।

### ନୱାବ ମଲିକଙ୍କ ସମ୍ପତ୍ତି ବାଜ୍ୟାପ୍ତ

**ମୁମ୍ବାଇ,୧୩।୪ :** ମନିଲଣ୍ଡରିଂ ମାମଲାରେ ଗିରଫ ଏନ୍‌ସିପି ନେତା ନୱାବ ମଲିକ ଓ ତାଙ୍କ ପରିବାରର ସମ୍ପତ୍ତିକୁ ଅସ୍ଥାୟୀ ଭାବେ ବାଜ୍ୟାପ୍ତ କରାଯାଇଥିବା ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ କୁହାଯାଇଛି। ନୱାବ ଏବଂ ମୋଷ୍ଟୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ଦାଉଦ୍ ଇବ୍ରାହିମଙ୍କ ଭଉଣୀ ହସିନା ପାର୍କର ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତି ନେଇ ଇଡି ତଦନ୍ତ ଚଳାଇଛି। ଜବତ ସମ୍ପତ୍ତି ମଧ୍ୟରେ ରହିଛି ଗୋଆୱାଲା ପ୍ଲଟ୍, ମୁମ୍ବାଇର କୁର୍ଲାଠାରେ ଏକ ବ୍ୟବସାୟିକ ୟୁନିଟ, ମହାରାଷ୍ଟ୍ରର ଓସ୍ମାନାବାଦରେ ୧୪୭ ଏକର କୃଷିଜମି, କୁର୍ଲାରେ ୩ଟି ଏବଂ ବାନ୍ଦ୍ରାରେ ଦୁଇଟି ଫ୍ଲାଟ୍। ଏହି ସମ୍ପତ୍ତିଗୁଡ଼ିକ ନୱାବ ଓ ତାଙ୍କ ପରିବାର ନିୟନ୍ତ୍ରଣରେ ଥିବା ସଲିଡସ୍ ଇନ୍‌ଭେଷ୍ଟମେଣ୍ଟସ ପ୍ରା.ଲିଃ ଏବଂ ମଲିକ ଇନ୍‌ଫ୍ରାଷ୍ଟ୍ରକ୍ଚର ମାଲିକାନାରେ ରହିଥିଲା ବୋଲି ଇଡି କହିଛି। ମନିଲଣ୍ଡରିଂ ମାମଲାରେ ନୱାବଙ୍କୁ ଫେବୃୟାରୀ ୨୩ରେ ଇଡି ଗିରଫ କରିଥିଲା। ଏବେ ସେ ଜେଲରେ ଅଛନ୍ତି।

## ପୁଟିନ୍‌ଙ୍କ ସହଯୋଗୀ ଗିରଫ





ଭିକ୍ଟୋର ମେଡଭେଦ୍‌ଚୁକ୍

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଘନିଷ୍ଠ ସହଯୋଗୀ କୁହାଯାଉଥିବା ଭିକ୍ଟୋର ମେଡଭେଦ୍‌ଚୁକ୍‌ଙ୍କୁ ୟୁକ୍ରେନ୍ ଗୋଇନ୍ଦା ଅଧିକାରୀ ଗିରଫ କରିଛନ୍ତି। ଭିକ୍ଟୋରଙ୍କ ହାତରେ ହାତକଡ଼ି ପଡ଼ିଥିବାର ଏକ ଫଟୋ ୟୁକ୍ରେନ୍ ସିକ୍ୟୁରିଟି ସର୍ଭିସ ଏସ୍‌ବିୟୁ ପକ୍ଷରୁ ଶେୟାର କରାଯାଇଛି। ତାଙ୍କ ବିରୋଧରେ ଦେଶଦ୍ରୋହ ଅଭିଯୋଗ ଅଣାଯାଇଛି। ତେବେ ୬୭ ବର୍ଷୀୟ ରୁଷିଆ ସପକ୍ଷବାଦୀ ଭିକ୍ଟୋର ଏହାକୁ ଖଣ୍ଡନ କରିଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏକ ଭିଡିଓ ଜାରି କରି ଭିକ୍ଟୋରଙ୍କୁ ଜୀବିତ ଚାହୁଁଥିଲେ ରୁଷିଆ ବନ୍ଦୀ କରି ରଖିଥିବା ୟୁକ୍ରେନ୍ ସୈନ୍ୟଙ୍କୁ ଛାଡ଼ିବା ପାଇଁ କହିଛନ୍ତି। ଏ ନେଇ କ୍ରେମଲିନ୍ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଭିକ୍ଟୋରଙ୍କ ସହ ମସ୍କୋର କୌଣସି ସମ୍ପର୍କ ନ ଥିବା କ୍ରେମଲିନ୍ ମୁଖପାତ୍ର ଡିମିତ୍ର ପେସ୍‌କୋଭ କହିଛନ୍ତି।

### ଭିକ୍ଟୋର ମେଡଭେଦ୍‌ଚୁକ କିଏ

ଭିକ୍ଟୋର ମେଡଭେଦ୍‌ଚୁକ ୟୁକ୍ରେନ୍‌ର ଜଣେ ରାଜନେତା ତଥା ଦେଶର ବିତ୍ତଶାଳୀ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ। ପୁଟିନ୍‌ଙ୍କ ସହ ଘନିଷ୍ଠତା ଯୋଗୁ ବ୍ୟବସାୟୀ ଭିକ୍ଟୋର ସର୍ବଦା ବିବାଦରେ ରହିଆନ୍ତି। ତାଙ୍କୁ ଅନେକ ସମୟରେ ପୁଟିନ୍‌ଙ୍କ ସହ ଦେଖିବାକୁ ମିଳିଥାଏ। ରୁଷିଆର ୟୁକ୍ରେନ୍ ଆକ୍ରମଣ ପୂର୍ବରୁ ଭିକ୍ଟୋରଙ୍କୁ ଗୃହବନ୍ଦୀ ରଖାଯାଇଥିଲା। କିନ୍ତୁ ଯୁଦ୍ଧବେଳେ ସେ ବାହାରକୁ ପଳାଇଆସିଥିଲେ। ରୁଷିଆକୁ ସମର୍ଥନ କରୁଥିବା ଏକ ବିରୋଧୀ ଗୋଷ୍ଠୀ 'ଫର୍ ଲାଇଫ୍'ର ସେ ନେତା। ପ୍ରଥମ ପର୍ଯ୍ୟାୟରେ ରୁଷିଆ କରୋନା ଟିକା ନେଇଥିବା ଲୋକଙ୍କ ମଧ୍ୟରେ ଭିକ୍ଟୋର ଓ ତାଙ୍କ ପରିବାର ରହିଥିଲେ। ପୁଟିନ୍ ଭିକ୍ଟୋରଙ୍କ ସାନ ଝିଅଙ୍କ ଗଡ୍‌ଫାଦର।

## ମୃତଦେହ ଖୋଳି ତନାଘନା



ଫ୍ରାନ୍ସର ଫରେନ୍ସିକ୍ ଟିମ୍ ବୁଚାରେ ମୃତଦେହ ଖୋଳି ତଦନ୍ତ ଚଳାଇଛନ୍ତି।

**କିଭ୍, ୧୩।୪**

ବୁଚା ଗଣହତ୍ୟା ପରେ ରୁଷୀୟ ସୈନ୍ୟଙ୍କ ନରସଂହାରର ପ୍ରମାଣ ପାଇଁ ତଦନ୍ତକାରୀ ଟିମ୍ ସେଠାରେ ପହଞ୍ଚି ଯାଞ୍ଚ ଚଳାଇଛନ୍ତି। ଶୁକ୍ରବାରଠାରୁ କିଭ୍‌ର ଫରେନ୍ସିକ୍ ଟିମ୍ ବୁଚାରେ ପୋତାଯାଇଥିବା ମୃତଦେହ ଖୋଳି ତନାଘନା କରୁଛନ୍ତି। ଏହାସହ ବାହାର ଦେଶର ତଦନ୍ତକାରୀ ଟିମ୍ ମଧ୍ୟ ସେଠାରେ ପହଞ୍ଚିଛନ୍ତି। ମୃତକଙ୍କ ମଧ୍ୟରୁ ପ୍ରାୟ ସମସ୍ତଙ୍କ ହିଂସାତ୍ମକ ଆଚରଣରେ ମୃତ୍ୟୁ ଘଟିଛି। ଏକ ମୃତ ଶରୀରର ଖପୁରୀର ଅଧାଭାଗ ନ ଥିବାବେଳେ ଶରୀରର ଅନେକ ଅଙ୍ଗ ନାହିଁ। ଜଣକ ଆଖିକୁ ଜଳାଇ ଦିଆଯାଇଥିବାବେଳେ ଅନ୍ୟ ଜଣକ ମୁଣ୍ଡକାଟି ହତ୍ୟା କରାଯାଇଛି। ଅନେକ ଶରୀର ଗୁଳିବାଜି କ୍ଷତାକ୍ତ ହୋଇଛି। ସମସ୍ତଙ୍କ ମୃତ୍ୟୁର କାରଣକୁ ଡକ୍ୟୁମେଣ୍ଟେସନ କରାଯାଇଛି। ମୃତଦେହ ଖୋଳାଯିବା ସମୟରେ ୟୁକ୍ରେନ୍ ନାଗରିକମାନେ ସେଠାରେ ଉପସ୍ଥିତ ରହି ନିଜ ପ୍ରିୟଜନଙ୍କ ଅବଶେଷକୁ ଦେଖିଥିଲେ। ବୁଚାର ବହୁ ସଂଖ୍ୟାରେ ଲୋକ ନିଖୋଜ ଥିବାରୁ ଆହୁରି ଅନେକ ମୃତଦେହ ମିଳିବାର ଆଶଙ୍କା ରହିଛି।

## ହିନ୍ଦୀକୁ ତାମିଲନାଡୁ ଭାଜପାର ବିରୋଧ



କେ.ଆନ୍ନାମଲାଇ

**ଚେନ୍ନାଇ,୧୩।୪**

ହିନ୍ଦୀ ଭାଷାକୁ ବଳପୂର୍ବକ ଲଦିଦେବା ଉଦ୍ୟମକୁ ତାମିଲନାଡୁ ଭାଜପା ବିରୋଧ କରେ ବୋଲି ଏହାର ସଭାପତି କେ. ଆନ୍ନାମଲାଇ କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ହିନ୍ଦୀ ଭାଷାକୁ ଇଂଲିଶର ବିକଳ୍ପ କରାଯିବା ଉଚିତ ବୋଲି କହିବା ପରେ ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି। କେନ୍ଦ୍ର ସରକାର ଅଣହିନ୍ଦୀ ଭାଷାଭାଷୀ ରାଜ୍ୟରେ ହିନ୍ଦୀକୁ ଜବରଦସ୍ତ ଲଦିଦେବାକୁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଅଧିକାଂଶ ଅଣହିନ୍ଦୀ ରାଜ୍ୟ ଏବଂ ବିରୋଧୀ ଦଳ ଶାହାଙ୍କ ମନ୍ତବ୍ୟକୁ ବିରୋଧ କରିଛନ୍ତି। ଏପରିକି ତାମିଲନାଡୁରେ ଶାହାଙ୍କ ନିଜ ଦଳ ମଧ୍ୟ ହିନ୍ଦୀ ଭାଷାକୁ ବଳପୂର୍ବକ ଲାଗୁ କରିବା ସପକ୍ଷରେ ନ ଥିବା କହିଛି। ଏହାକୁ କଦାପି ଗ୍ରହଣ କରାଯିବ ନାହିଁ ବୋଲି ତାମିଲନାଡୁ ଭାଜପା ମୁଖ୍ୟ ଆନ୍ନାମଲାଇ କହିଛନ୍ତି। ହିନ୍ଦୀକୁ ତୃତୀୟ ଭାଷା ଭାବେ ପଢ଼ାଯିବା ଆବଶ୍ୟକ ବୋଲି କଂଗ୍ରେସ ୧୯୬୫ ଏବଂ ୧୯୮୬ରେ ଆଇନ ଆଣିଥିଲା। ଦ୍ୱିତୀୟ ଜାତୀୟ ଶିକ୍ଷାନୀତିରେ ହିନ୍ଦୀକୁ ଜବରଦସ୍ତ ଲଦିଦେବା ପାଇଁ ଉଦ୍ୟମ ହୋଇଥିଲା ବୋଲି ଆନ୍ନାମଲାଇ କହିଛନ୍ତି।

### ଆର୍‌ଜିଏସ୍‌ଏ ପାଇଁ ୫,୯୧୧ କୋଟିକୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ,୧୩।୪**

ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ (ଆର୍‌ଜିଏସ୍‌ଏ) ପାଇଁ ୫,୯୧୧ କୋଟି ଟଙ୍କାର ପାଣ୍ଠିକୁ ବୁଧବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ଦେଇଛି। ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକର ନିର୍ବାଚିତ ଜନପ୍ରତିନିଧିମାନଙ୍କ ନେତୃତ୍ୱ ଭୂମିକାର ବିକାଶ କରାଇବା ଏହି ଅଭିଯାନର ଲକ୍ଷ୍ୟ। ୨୦୨୨ ଏପ୍ରିଲ ୧ରୁ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଆର୍‌ଜିଏସ୍‌ଏ ଜାରି ରଖିବା ପ୍ରସ୍ତାବକୁ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ଅନୁମୋଦନ କରିଛି।

### ହାଇଦ୍ରାବାଦରେ ହେବ ୧୨୫ ଫୁଟ୍‌ର ଆମ୍ବେଡ୍‌କର ପ୍ରତିମୂର୍ତ୍ତି

**ହାଇଦ୍ରାବାଦ,୧୩।୪**

ଭାରତୀୟ ସମ୍ବିଧାନର ପ୍ରଣେତା ଡ. ବାବାସାହେବ ଭୀମରାଓ ଆମ୍ବେଡ୍‌କରଙ୍କ ୧୨୫ ଫୁଟ୍ ଉଚ୍ଚର ବ୍ରୋଞ୍ଜ ପ୍ରତିମୂର୍ତ୍ତି ଚଳିତ ବର୍ଷ ଶେଷ ସୁଦ୍ଧା ହାଇଦ୍ରାବାଦରେ ଉନ୍ମୋଚିତ ହେବାକୁ ଯାଉଛି। ଏହା ବିଶ୍ୱରେ ଆମ୍ବେଡ୍‌କରଙ୍କ ସର୍ବୋଚ୍ଚ ପ୍ରତିମୂର୍ତ୍ତି ହେବ। ହାଇଦ୍ରାବାଦର କେନ୍ଦ୍ରସ୍ଥଳ ହୁସେନ୍ ସାଗର ହ୍ରଦ ନିକଟରେ ଏହି ପ୍ରତିମୂର୍ତ୍ତି ନିର୍ମାଣ କରାଯିବ। ଏଥିପାଇଁ ୧୫୦ କୋଟି ଟଙ୍କା ବ୍ୟୟ ହେବ। ୫୦ ଫୁଟ ଉଚ୍ଚ ମଣ୍ଡପ ଉପରେ ପ୍ରତିମୂର୍ତ୍ତି ନିର୍ମାଣ ହେବାକୁ ଥିବାବେଳେ ଉକ୍ତ ମଣ୍ଡପ କାର୍ଯ୍ୟ ୯୦ରୁ ୯୫ ପ୍ରତିଶତ ଶେଷ ହେଲାଣି ବୋଲି ତେଲଙ୍ଗାନା ମନ୍ତ୍ରୀ କେ.ଟି. ରାମାରାଓ ସୂଚନା ଦେଇଛନ୍ତି। ପ୍ରତିମୂର୍ତ୍ତି ନିକଟରେ ଏକ ସଂଗ୍ରହାଳୟ, ଫଟୋ ଗ୍ୟାଲେରି, ପ୍ରଦର୍ଶନୀ ଲାଇବ୍ରେରି, ଯୋଗ କେନ୍ଦ୍ର ଓ ମିଟିଂ ହଲ୍ ରହିବ।



ତ୍ରିପୁରାର ଉନିକୁଟୀ ଜିଲା ଅନ୍ତର୍ଗତ ପେଞ୍ଚଥାଲଠାରେ ବିଜୁ ପର୍ବ ପାଳନବେଳେ ଦେଓ ନଦୀରେ ଚକ୍‌ମା ସମ୍ପ୍ରଦାୟର ଜଣେ ମହିଳା ଡଙ୍ଗା ଭସାଉଛନ୍ତି।

## ଗୋଟାବାୟାଙ୍କ ବିରୋଧରେ ଆସିବ ମହାଭିଯୋଗ

**କଲମ୍ବୋ, ୧୩।୪:** ଗମ୍ଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଶ୍ରୀଲଙ୍କାରେ ରାଜନୈତିକ ସଙ୍କଟ ଘନେଇଛି। ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେଙ୍କ ଇସ୍ତଫା ଦାବିରେ ଦେଶବ୍ୟାପୀ ବିକ୍ଷୋଭ ଜାରି ଥିବାବେଳେ ତାଙ୍କ ବିରୋଧରେ ମହାଭିଯୋଗ ଓ ଅନାସ୍ଥା ପ୍ରସ୍ତାବ ଆଣିବା ନିମନ୍ତେ ବିରୋଧୀ ଦଳ ନେତା ସାଜିତ୍ ପ୍ରେମାଦସା ଏଥିରେ ସ୍ୱାକ୍ଷର କରିଛନ୍ତି। କଲମ୍ବୋସ୍ଥିତ ବିରୋଧୀ ନେତାଙ୍କ କାର୍ଯ୍ୟାଳୟରେ ବିରୋଧୀ ଏସ୍‌ଜେବି ଦଳର ପ୍ରାୟ ୫୦ ସଦସ୍ୟ ଏଥିରେ ଦସ୍ତଖତ କରିଛନ୍ତି। ଖୁବ୍‌ଶୀଘ୍ର ପାର୍ଲାମେଣ୍ଟରେ ଆଗତ କରାଯିବ ବୋଲି ଜଣାପଡ଼ିଛି। ପାକିସ୍ତାନ ଭଳି ଶ୍ରୀଲଙ୍କା ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯିବା ଖବରକୁ ପ୍ରେମାଦସା ଖାରଜ କରିଥିଲେ। ସାମ୍ବିଧାନିକ ପ୍ରକ୍ରିୟାରେ ସରକାର ବଦଳାଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଦେଶର ଏଭଳି ସ୍ଥିତିରେ ସୁଧାର ଆଣିବା ପାଇଁ ସରକାରଙ୍କୁ ସମୟ ଆବଶ୍ୟକ ବୋଲି କହି ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍‌ସେ ଲୋକଙ୍କୁ ବିକ୍ଷୋଭ ପରିବର୍ତ୍ତେ ଧୈର୍ଯ୍ୟ ଧରିବାକୁ ପରାମର୍ଶ ଦେଇଛନ୍ତି। ଗୋଟାବାୟା ଓ ସରକାରରେ ଥିବା ତାଙ୍କ ପରିବାର ସଦସ୍ୟଙ୍କ ଇସ୍ତଫା ଦାବିରେ ଶନିବାରଠାରୁ ବିକ୍ଷୋଭ ଜାରି ଥିବାବେଳେ ଆନ୍ଦୋଳନକାରୀଙ୍କ ସହ କଥା ହେବା ପାଇଁ ମହିନ୍ଦା ପ୍ରସ୍ତାବ ଦେଇଛନ୍ତି।

## କର୍ଣ୍ଣାଟକ ମନ୍ତ୍ରୀଙ୍କ ନାଁରେ ମାମଲା

**ବେଙ୍ଗାଲୁରୁ/ନୂଆଦିଲ୍ଲୀ,୧୩।୪**

### ଠିକାଦାର ମୃତ୍ୟୁ ଘଟଣା

■ଗିରଫ ଦାବିକଲା କଂଗ୍ରେସ



କେ.ଏସ୍. ଈଶ୍ୱରାପ୍ପା

କର୍ଣ୍ଣାଟକର ଜଣେ ଠିକାଦାରଙ୍କ ମୃତ୍ୟୁ ଘଟଣାରେ ଶାସକ ଭାଜପାକୁ କଂଗ୍ରେସ ସମାଲୋଚନା କରିଛି। ଠିକାଦାର ସନ୍ତୋଷ ପାଟିଲଙ୍କୁ ହତ୍ୟା କରାଯାଇଛି। ତାଙ୍କ ପରିବାରକୁ ନ୍ୟାୟ ଦେବାକୁ ହେଲେ ମାମଲାରେ ସମ୍ପୃକ୍ତ କର୍ଣ୍ଣାଟକ ମନ୍ତ୍ରୀ କେ.ଏସ୍. ଈଶ୍ୱରାପ୍ପାଙ୍କୁ ଗିରଫ କରାଯିବାକୁ କଂଗ୍ରେସ ଦାବି କରିଛି। ଏହି ମାମଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନୀରବତାକୁ ନେଇ କଂଗ୍ରେସ ମୁଖ୍ୟ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା ପ୍ରଶ୍ନ କରିଛନ୍ତି।

ମୃତକ ସନ୍ତୋଷଙ୍କ ଭାଇ ପ୍ରଶାନ୍ତ ପାଟିଲଙ୍କ ଅଭିଯୋଗ କ୍ରମେ କର୍ଣ୍ଣାଟକର ଗ୍ରାମାଞ୍ଚଳ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ କେ.ଏସ୍. ଈଶ୍ୱରାପ୍ପାଙ୍କ ବିରୋଧରେ ଆତ୍ମହତ୍ୟା ପାଇଁ ବାଧ୍ୟ କରିବା ନେଇ ମାମଲା ରୁଜୁ ହୋଇଛି। ଉଡୁପିର ଏକ ଲଜ୍‌ରୁ ମଙ୍ଗଳବାର ସକାଳେ ଭାଜପା କର୍ମୀ ତଥା ୩୭ ବର୍ଷୀୟ ଠିକାଦାରଙ୍କ ମୃତଦେହ ମିଳିଥିଲା। ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଇଥିଲା।

ଅନ୍ୟପକ୍ଷରେ ଇସ୍ତଫା ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ମନ୍ତ୍ରୀ ଈଶ୍ୱରାପ୍ପା କହିଛନ୍ତି। ସନ୍ତୋଷ ବିନା ୱାର୍କଅର୍ଡରରେ କରିଥିବା କାର୍ଯ୍ୟ ପାଇଁ ବିଲ୍ ପେମେଣ୍ଟ ଚାହୁଁଥିଲେ। କଂଗ୍ରେସ କ୍ଷମତାରେ ଥିବାବେଳେ ୱାର୍କ ଅର୍ଡର ବିନା ଟଙ୍କା ଦିଆଯାଉଥିଲା କି ବୋଲି ମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ଏକ ହ୍ୱାଟ୍ସଆପ୍ ବାର୍ତ୍ତାକୁ କିପରି 'ମୃତ୍ୟୁ ନୋଟ୍' କୁହାଯିବ, ଏହାକୁ ଅନ୍ୟ କେହି ଟାଇପ୍ କରିଥାଇ ପାରନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ସନ୍ତୋଷ ପାଟିଲ ପୂର୍ବରୁ କରିଥିବା ଅଭିଯୋଗ ଅନୁଯାୟୀ, ସେ ଗ୍ରାମାଞ୍ଚଳ ବିକାଶ ଓ ପଞ୍ଚାୟତିରାଜ ବିଭାଗରେ ୪ କୋଟି ଟଙ୍କାର କାର୍ଯ୍ୟ କରିଥିଲେ। ଏହାର ବିଲ୍ ମଞ୍ଜୁର କରିବା ପାଇଁ ମନ୍ତ୍ରୀଙ୍କ ସହଯୋଗୀ ୪୦ ପ୍ରତିଶତ କମିଶନ ଦାବି କରୁଥିବା ସନ୍ତୋଷ ଅଭିଯୋଗ କରିଥିଲେ। ସେ ଗଣମାଧ୍ୟମ ଓ ତାଙ୍କ ସାଙ୍ଗମାନଙ୍କୁ ହ୍ୱାଟ୍ସଆପ୍ ମେସେଜ୍ ଜରିଆରେ ଏ ସମ୍ପର୍କରେ ଜଣାଇବା ସହ ଆତ୍ମହତ୍ୟା କରିବେ ବୋଲି କହିଥିଲେ।

## ହଂସଖାଲି ଗଣବଳାତ୍କାର, ହତ୍ୟା: ତେଜିଲା ରାଜନୀତି

**କୋଲକାତା/ନୂଆଦିଲ୍ଲୀ,୧୩।୪**



ଗିରଫ ଅଭିଯୁକ୍ତ ବ୍ରଜଗୋପାଳ ଗୋୱାଲା।

ପଶ୍ଚିମବଙ୍ଗର ନଦୀୟା ଜିଲା ହଂସଖାଲିରେ ଜଣେ ୧୪ ବର୍ଷୀୟା ଝିଅଙ୍କୁ ଗଣବଳାତ୍କାର ଓ ହତ୍ୟା କରାଯିବା ମାମଲାରେ ରାଜନୀତି ସରଗରମ ହେବାରେ ଲାଗିଛି। ବିରୋଧୀ ଭାଜପା ଏହି ପ୍ରସଙ୍ଗରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଟାର୍ଗେଟ କରିଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ବୁଧବାର ଏକ ୫ ସଦସ୍ୟ ବିଶିଷ୍ଟ ତଥ୍ୟ ଅନୁସନ୍ଧାନକାରୀ କମିଟି ଗଠନ କରିଛନ୍ତି। ଏହି କମିଟି ଅପରାଧସ୍ଥଳ ପରିଦର୍ଶନ କରି ଯଥାଶୀଘ୍ର ସମ୍ଭବ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍‌ଶାହା ଓ ଭାଜପା ଅଧ୍ୟକ୍ଷଙ୍କ ନିକଟରେ ରିପୋର୍ଟ ଦାଖଲ କରିବ। ଇତିମଧ୍ୟରେ କାଲ୍‌କାଟା ହାଇକୋର୍ଟ ହଂସଖାଲି ଗଣବଳାତ୍କାର ଓ ହତ୍ୟା ମାମଲାର ତଦନ୍ତ ଭାରତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଦେଇଛନ୍ତି।

ନବମ ଶ୍ରେଣୀର ଛାତ୍ରୀ ଗତ ୪ ତାରିଖରେ ମାମଲାର ଅଭିଯୁକ୍ତଙ୍କ ଘରକୁ ଏକ ବାର୍ଥଡେ ପାର୍ଟି ପାଇଁ ଯାଇଥିବାବେଳେ ତାଙ୍କୁ ଘୋଷାଡ଼ି ନେଇ ଗଣବଳାତ୍କାର କରାଯାଇଛି। ପୀଡ଼ିତାଙ୍କ ଶରୀରରେ ଅନେକ କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା। ଏଥିଯୋଗୁ ସେ ପ୍ରାଣ ହରାଇବା ପରେ ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ନ କରି ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏପ୍ରିଲ ୧୦ରେ ହଂସଖାଲି ଥାନାରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କ ପରିବାର ପକ୍ଷରୁ ଧମକ ଦିଆଯାଉଥିବାରୁ ପୀଡ଼ିତାଙ୍କ ଘର ଲୋକେ ମୁହଁ ଖୋଲି ନ ଥିଲେ ବୋଲି ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନକର କହିଛନ୍ତି। ସେପଟେ ଭାଜପା ପକ୍ଷରୁ ୫ ଜଣିଆ କମିଟି ଗଠନ କରାଯିବା ପରେ ଟିଏମ୍‌ସି ସାଧାରଣ ସମ୍ପାଦକ କୁନାଲ ଘୋଷ ଏହା ପଛର ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଭାଜପା ଶାସିତ ଉତ୍ତରପ୍ରଦେଶର ଉନ୍ନାଓ ଏବଂ ହାଥ୍‌ରସରେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଉଥିବା ନେଇ ଅଭିଯୋଗ ହେବା ସମୟରେ ମଧ୍ୟ ଗୈରିକ ଦଳ ଏପରି କମିଟି ଗଢ଼ି ସେଠାକୁ ପଠାଇବା ଉଚିତ ବୋଲି କୁନାଲ କହିଛନ୍ତି। ତେବେ ଏହି ମାମଲା ଉପରେ ଟିଏମ୍‌ସି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଗତ ୧୧ ତାରିଖରେ ମମତା ଏକ ସଭାରେ ନାବାଳିକାଙ୍କ ମୃତ୍ୟୁର କାରଣକୁ ନେଇ ସନ୍ଦେହ ବ୍ୟକ୍ତ କରିଥିଲେ। ସେ କହିଥିଲେ, ପୀଡ଼ିତାଙ୍କ ପରିବାର ଲୋକେ ଗଣବଳାତ୍କାର ଯୋଗୁ ତାଙ୍କ ମୃତ୍ୟୁ ଘଟିଥିବା କହୁଛନ୍ତି। କିନ୍ତୁ ନବମ ଶ୍ରେଣୀ ଛାତ୍ରୀ ଜଣକ ଗର୍ଭବତୀ ଥିଲେ ଓ ପରିବାରର କାହାଠାରୁ ମାଡ଼ ଖାଇବା ପରେ ପ୍ରାଣ ହରାଇଥିଲେ। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଜଣେ ଟିଏମ୍‌ସି ନେତାଙ୍କ ପୁଅ ହୋଇଥିବାରୁ ସେ ଏପରି କହିଥିବା ବିରୋଧୀ ସିପିଆଇଏମ୍ ଅଭିଯୋଗ ଆଣି ମମତା କ୍ଷମା ମାଗନ୍ତୁ ବୋଲି ଦାବି କରିଛି। ଅପରାଧର ୭ ଦିନ ପରେ ପୋଲିସ ସମ୍ପୃକ୍ତ ନେତାଙ୍କ ପୁଅ ୨୧ ବର୍ଷୀୟ ବ୍ରଜଗୋପାଳ ଗୋୱାଲାଙ୍କୁ ଗିରଫ କରିଛି। ଭାଜପା ନେତ୍ରୀ ତଥା ମହାଭାରତ ଧାରାବାହିକରେ ପୂର୍ବରୁ ଦ୍ରୌପଦୀ ଭୂମିକାରେ ଅଭିନୟ କରିଥିବା ରୂପା ଗାଙ୍ଗୁଲି ଏହାକୁ ଦ୍ରୌପଦୀଙ୍କ ବସ୍ତ୍ରହରଣ ଭାବେ ଅଭିହିତ କରିଛନ୍ତି।

# ଧରିତ୍ରୀ
DHARITRI

ଗୁରୁବାର, ଏପ୍ରିଲ ୧୪/୨୦୨୨ | Thursday, April 14/2022





## ମ୍ୟାକ୍‌ଡୋନାଲ୍ଡ ମୁଖ୍ୟ କୋଚ୍

ଆଣ୍ଡ୍ର୍ୟୁ ମ୍ୟାକ୍‌ଡୋନାଲ୍ଡ ସମସ୍ତ ଫର୍ମାଟ ପାଇଁ ଅଷ୍ଟ୍ରେଲିଆ ପୁରୁଷ କ୍ରିକେଟ ଦଳର ଫୁଲ ଟାଇମ୍ କୋଚ୍ ନିଯୁକ୍ତ ହୋଇଛନ୍ତି।

୦୬

୦୫

## ସୋନମଙ୍କ ଘରୁ ଚୋରି

ବଲିଉଡ୍ ଅଭିନେତ୍ରୀ ସୋନମ କପୁରଙ୍କ ଘରୁ ୨.୪ କୋଟି ମୂଲ୍ୟର ଗହଣା ଓ ଟଙ୍କା ଚୋରି ଘଟଣାରେ ପୋଲିସ ତାଙ୍କ ଘରେ କାମ କରୁଥିବା ନର୍ସଙ୍କୁ ଗିରଫ କରିଛି।






# ଅଏଲ୍ ଇଣ୍ଡିଆକୁ ସାଇବର ଆକ୍ରମଣ

## ବିଟ୍‌କଏନ୍‌ରେ ୭୫ ଲକ୍ଷ ଡଲାର ରାନ୍‌ସମ୍ ମାଗିଲେ ହ୍ୟାକର୍ସ

**ଗୁଆହାଟୀ/ନୂଆଦିଲ୍ଲୀ,୧୩।୪**

ଭାରତର ଅନ୍ୟତମ ପ୍ରମୁଖ ରାଷ୍ଟ୍ରାୟତ୍ତ ତୈଳ ଉତ୍ପାଦନକାରୀ କମ୍ପାନୀ ଅଏଲ୍ ଇଣ୍ଡିଆ ଲିମିଟେଡ୍ (ଅଏଲ୍) ଉପରେ ସାଇବର ଆକ୍ରମଣ ହୋଇଛି। ଆସାମ ଡିବ୍ରୁଗଡ଼ ଜିଲାର ଦୁଲିଆଜାନ୍‌ରେ ଥିବା ଅଏଲ୍ ମୁଖ୍ୟାଳୟକୁ ବିଦେଶୀ ହ୍ୟାକର୍ସମାନେ ଟାର୍ଗେଟ କରି ଏହାର ନେଟ୍‌ୱର୍କ, ସର୍ଭର ଓ କ୍ଲାଏଣ୍ଟ୍ସ ସିଷ୍ଟମ୍ସକୁ ହ୍ୟାକ୍ କରିଛନ୍ତି। ଏଥିସହ ସେମାନେ ୭୫ ଲକ୍ଷ ଡଲାର ରାନ୍‌ସମ୍ ଦାବି କରିଛନ୍ତି। ଏହାକୁ ଦେଶରେ କିଛିବର୍ଷ ମଧ୍ୟରେ ସବୁଠୁ ବଡ଼ ସାଇବର ଆଟାକ୍ ବୋଲି କୁହାଯାଉଛି।

ଅଏଲ୍ ଇଣ୍ଡିଆ ପକ୍ଷରୁ ପ୍ରାରମ୍ଭିକ ତଦନ୍ତ ପରେ ବୁଧବାର ଏକ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଏକ ଶକ୍ତିଶାଳୀ ଭାଇରସ୍ ଯୋଗୁ ଅଏଲ୍‌ର ନେଟ୍‌ୱର୍କ,



ସର୍ଭର ଓ କ୍ଲାଏଣ୍ଟ୍ସ ସିଷ୍ଟମ୍ସ ଅଚଳ ହୋଇଯାଇଛି। ମାଲ୍‌ୱେର ଯୋଗୁ ମୁଖ୍ୟାଳୟର କେତୋଟି କମ୍ପ୍ୟୁଟର ମଧ୍ୟ ପ୍ରଭାବିତ ହୋଇଛି। ସବୁ ସିଷ୍ଟମ୍‌କୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ସମୟ ଲାଗିବ। ପ୍ରତିକାରମୂଳକ ପଦକ୍ଷେପ ସ୍ୱରୂପ କମ୍ପ୍ୟୁଟରଗୁଡ଼ିକୁ ଲୋକାଲ୍ ଏରିଆ ନେଟ୍‌ୱର୍କ (ଲେନ୍)ରୁ ବିଚ୍ଛିନ୍ନ କରାଯାଇଛି। ସାଇବର ଆକ୍ରମଣକାରୀମାନେ ୭୫ ଲକ୍ଷ ଡଲାର ( ପ୍ରାୟ ୭୫ କୋଟି ୧୪ ଲକ୍ଷ ଟଙ୍କା) ଦାବି କରିଥିବା ଅଏଲ୍ ଇଣ୍ଡିଆର ଦୁଲିଆଜାନ୍ ମୁଖ୍ୟାଳୟ ଲୋକସମ୍ପର୍କ ଅଧିକାରୀ ତ୍ରିଦୀପ ହଜାରିକା ସୂଚନା ଦେଇଛନ୍ତି। ଏହି ସଙ୍କଟ ଦୂର କରିବା ପାଇଁ ଅନ୍ତର୍ଜାତୀୟ ସିକ୍ୟୁରିଟି ଏକ୍ସପର୍ଟମାନଙ୍କ ସହାୟତା ଲୋଡ଼ାଯାଇଥିବା ସେ କହିଛନ୍ତି। ଏନେଇ ଦୁଲିଆଜାନ୍ ଥାନାରେ ଏତଲା ଦିଆଯାଇଛି। ସୂଚନା ପ୍ରଯୁକ୍ତିବିଦ୍ୟା ଆଇନ ଏବଂ ଭାରତୀୟ ପିଙ୍ଗଳ କୋଡ୍ ଦଫା ୩୮୫ ବଳରେ ମାମଲା ରୁଜୁ କରାଯାଇଛି। ଡିବ୍ରୁଗଡ଼ ଏସ୍‌ପି ଶ୍ୱେତାଙ୍କ ମିଶ୍ର କହିଛନ୍ତି, ହ୍ୟାକର୍ସମାନେ ୧୯୬ ବିଟ୍‌କଏନ୍ ରାନ୍‌ସମ୍ ଦାବି କରିଛନ୍ତି। ☞ପୃଷ୍ଠା-୨

# ଅଭୟ ଷ୍ଟାଫ୍ ସିଲେକ୍ସନ କମିଶନ ଅଧ୍ୟକ୍ଷ

**ଭୁବନେଶ୍ୱର,୧୩।୪(ବ୍ୟୁରୋ)**

ରାଜ୍ୟ ସରକାର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଅଭୟଙ୍କୁ ନୂଆ ନିଯୁକ୍ତି ଦେଇଛନ୍ତି । ତାଙ୍କୁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ୫ ବର୍ଷ କିମ୍ବା ୬୨ ବର୍ଷ ବୟସ ହେବା



ପର୍ଯ୍ୟନ୍ତ ସେ କାର୍ଯ୍ୟ କରିବେ। ୨୦୨୧ ଡିସେମ୍ବର ୩୧ ତାରିଖରେ ଡିଜିପି ଅଭୟ ଚାକିରିରୁ ଅବସର ନେଇଥିଲେ। ଅବସର ପରେ ତାଙ୍କୁ ଏହି ନୂଆ ନିଯୁକ୍ତି ମିଳିଛି। ତାଙ୍କୁ ନାର୍କୋଟିକ୍ସ ଡ୍ରଗ୍ସ ସମ୍ପର୍କିତ ରାଜ୍ୟ ଟାସ୍କଫୋର୍ସର ଅଧ୍ୟକ୍ଷ ଭାବେ ନିଯୁକ୍ତ ମିଳିଥିଲା। ମୁଖ୍ୟ ସଚିବ ପାହ୍ୟାର ପଦବୀରେ ସେ ଏହି ନିଯୁକ୍ତି ପାଇଥିଲେ।

### ଆଜିର ସମ୍ପାଦକୀୟ

## ବିଜ୍‌ନେସ୍‌ରେ ଅସମାନତା

### ଆଜିର ମନ୍ତବ୍ୟ

"ଲୋକଙ୍କ ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣ ବଢ଼ିବାରେ ଲାଗିଥିବାରୁ ଭାଜପାକୁ ଏକଘରିକିଆ କରି ହରାଇବା ଜରୁରୀ ହୋଇପଡ଼ିଛି।

-ସୀତାରାମ ୟେଚୁରୀ, ସିପିଆଇଏମ୍ ସାଧାରଣ ସମ୍ପାଦକ

# ଟୋଲ୍‌ଗେଟ୍ ସିସିଟିଭିରେ ଶର୍ମିଷ୍ଠାଙ୍କ କାର୍




## କ୍ୟାମେରାମ୍ୟାନ ମାନସ ହତ୍ୟା ମାମଲାରେ ଆଉ ଏକ ପ୍ରମାଣ

- ଦୟାଲ ଆଶ୍ରମ କେୟାରଟେକରଙ୍କ ବୟାନ ରେକର୍ଡ
- ୫ ଅଭିଯୁକ୍ତଙ୍କ ଟିଆଇ ପରେଡ୍ ହେବ

**ଭୁବନେଶ୍ୱର,୧୩।୪ (ବ୍ୟୁରୋ)/ ଚାନ୍ଦବାଲି, ୧୩।୪ (ଡି.ଏନ୍.ଏ.)**

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ତଦନ୍ତ ଯେତିକି ଆଗଉଛି, ସେତିକି ନୂଆ ନୂଆ ତଥ୍ୟ ହାସଲ କରୁଛି କ୍ରାଇମ୍‌ବ୍ରାଞ୍ଚ। ମାନସଙ୍କୁ ଚାନ୍ଦବାଲି ପଳାସପୁରରୁ ଅପହରଣ, ଭୁବନେଶ୍ୱର ଦୟାଲ ଆଶ୍ରମରେ ପିଟି ପିଟି ହତ୍ୟା ଏବଂ ନୟାଗଡ ରଣପୁରରେ ଶବ ପୋତିଥିଲେ। ତେବେ ପ୍ରମାଣ ନଷ୍ଟ ଓ ତଦନ୍ତ ବାଟବଣା ପାଇଁ ଅଭିଯୁକ୍ତମାନେ ପୂରା ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିଥିଲେ। ମାନସଙ୍କ ଚପଲ ଓ ଇୟର ଫୋନ୍ ଏବଂ ମୃତଦେହ ପୋତିବାରେ ବ୍ୟବହୃତ କୋଦାଳ, ଗଇଁତି, ଅଖା ଆଦି ଚଣ୍ଡିଖୋଲରେ ଫିଙ୍ଗି ଥିଲେ। ଏନେଇ କ୍ରାଇମବ୍ରାଞ୍ଚ ଆଗରେ ଅଭିଯୁକ୍ତମାନେ ସ୍ୱୀକାର କରିବା ସହ ମାନସଙ୍କ ମୋବାଇଲକୁ ଏକ ଚା' ଦୋକାନରେ ଛାଡିଦେଇଥିବା କହିଥିଲେ। କ୍ରାଇମବ୍ରାଞ୍ଚ ସେସବୁକୁ ଜବତ କରି ପ୍ରମାଣ ଭାବେ ନେଇଥିବାବେଳେ ଏବେ ଆଉଏକ ବଡ଼ ପ୍ରମାଣ ହାସଲ କରିଛି। ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ନିଜ କାର୍‌ରେ ମୃତଦେହକୁ ନୟାଗଡ଼ ନେଇ ପୋତିବା ପରେ ସେହି ରାତିରେ ଭୁବନେଶ୍ୱର ଫେରିଥିଲେ। ଟାଙ୍ଗୀ ବନ୍ଧାଳ ଟୋଲ୍ ଗେଟ୍ ଦେଇ ତାଙ୍କ କାର୍ ପାସ୍ କରିଥିବା ତଥ୍ୟ ମିଳିଛି। ଫେବୃୟାରୀ ୯ ରାତି ୧୨ ଟା ୮ରେ କାର୍‌ଟି ଟୋଲ୍ ଗେଟ୍ ଦେଇ ଯାଇଥିବାବେଳେ ରାତି ୧ଟା ୫୯ରେ ଫେରିଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇରହିଛି। ଫଳରେ ହତ୍ୟାକାଣ୍ଡରେ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠାଙ୍କ ସମ୍ପୃକ୍ତି ସଂକ୍ରାନ୍ତ ସମସ୍ତ ତଥ୍ୟ କ୍ରାଇମବ୍ରାଞ୍ଚ ଟିମ ହାସଲ କରିବାରେ ସଫଳ ହୋଇଛି। ☞ପୃଷ୍ଠା-୨

# ଭୁବନେଶ୍ୱର, ଗୋଆ, ନଭି ମୁମ୍ବାଇ ଭେନ୍ୟୁ

**ଭୁବନେଶ୍ୱର, ୧୩।୪ (କ୍ରୀଡ଼ା ପ୍ରତିନିଧି)**

### ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଆଉ ୬ ମାସରୁ କମ୍ ସମୟ ଥିବାବେଳେ ଏହା ଭୁବନେଶ୍ୱର, ଗୋଆ ଓ ନଭି ମୁମ୍ବାଇରେ ହେବ ବୋଲି ବୁଧବାର ଫୁଟବଲର ସର୍ବୋଚ୍ଚ ପରିଚାଳନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି। ଜୁନ ୨୪ରେ ଜୁରିଚ୍‌ଠାରେ ପ୍ରତିଯୋଗିତାର ଡ୍ର' ଉଠାଣ ହେବ ବୋଲି ଫିଫା ପକ୍ଷରୁ ସ୍ପଷ୍ଟ କରାଯାଇଛି। କୋଭିଡ୍-୧୯ ମହାମାରୀ ଯୋଗୁ ୨୦୨୦ରେ ହେବାକୁଥିବା ସଂସ୍କରଣକୁ ବାତିଲ କରାଯାଇଥିଲା। କ୍ରମାଗତ ରିଭ୍ୟୁ ଓ ପଡ଼ିଆ ନିରୀକ୍ଷଣ ପରେ ଫିଫା, ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ଓ ସ୍ଥାନୀୟ ଆୟୋଜକ କମିଟି (ଏଲ୍‌ଓସି) ପକ୍ଷରୁ ଆୟୋଜକ ସହର ନାମ ଘୋଷଣା କରାଯାଇଛି। ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଯାଉଥିବା ଖେଳାଳି ଓ ଅନ୍ୟ ଅଂଶଗ୍ରହଣକାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ, ଗୋଆର ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମ ଓ ☞ପୃଷ୍ଠା-୨

# ନାବାଳକଙ୍କର ୭୦ ସେମି ଲାଞ୍ଜ





**କାଠମାଣ୍ଡୁ,୧୩।୪**

ନେପାଳର ଜଣେ ୧୬ ବର୍ଷୀୟ ବାଳକଙ୍କର ୭୦ ସେଣ୍ଟିମିଟର ଲମ୍ବର ଲାଞ୍ଜ ଦେଖିବାକୁ ମିଳିଛି। ଦେଶାନ୍ତ ଅଧିକାରୀ ନାମକ ଉକ୍ତ ନାବାଳକଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଚିକିତ୍ସା ବିଜ୍ଞାନରେ ଏଭଳି ବୈଚିତ୍ର୍ୟ ନୂଆ ନୁହେଁ। ମାଆବାପାଙ୍କ ଜିନ୍, ଭିନ୍ନ ଗୁଣସୂତ୍ର ଅସ୍ୱାଭାବିକତା, ଗର୍ଭାବସ୍ଥାରେ ଶିଶୁର ବଢ଼ିବା ଉପରେ ପ୍ରତିବନ୍ଧକ ଆଦି କାରଣରୁ କେତେକଙ୍କ ଜନ୍ମ ସମୟରେ ଭିନ୍ନ ବୈଶିଷ୍ଟ୍ୟ ଦେଖାଯାଇଥାଏ। ନେପାଳର ଏହି ପିଲାଠାରେ ତାହା ହିଁ ହୋଇଛି। ହେଲେ ତାଙ୍କ ପରିବାର ପିଲାଟିକୁ ହନୁମାନଙ୍କ ଅବତାର ବୋଲି ବିଶ୍ୱାସ କରୁଛନ୍ତି। ଜନ୍ମ ସମୟରେ ଦେଶାନ୍ତଙ୍କ ମେରୁଦଣ୍ଡର ତଳଭାଗରେ ତ୍ରୁଟି ଥିବା ତାଙ୍କ ମାଆବାପା ଦେଖିଥିଲେ। ସେମାନେ ଶିଶୁଟିର ଚିକିତ୍ସା ପାଇଁ ବିଭିନ୍ନ ହସ୍ପିଟାଲକୁ ନେଇଥିଲେ। ଏପରିକି ବିଦେଶରେ ଚିକିତ୍ସା କରାଇବାକୁ ମଧ୍ୟ ଉଦ୍ୟମ କରିଥିଲେ। ଉକ୍ତ ତ୍ରୁଟି ଜଟାକୃତ ହୋଇ ଲାଞ୍ଜ ଭଳି ଦେଖାଯିବା ପରେ ଜଣେ ସ୍ଥାନୀୟ ପୂଜକ ଶିଶୁଟିକୁ ଭଗବାନ ହନୁମାନଙ୍କ ଅବତାର ବୋଲି କହିଥିଲେ। ପୂଜକଙ୍କ କଥାରେ ମାଆବାପା ବିଶ୍ୱାସ କରିବା ସହ ଖୁସି ହୋଇଥିଲେ। ସେମାନେ ପିଲାର ଚିକିତ୍ସା ବନ୍ଦ କରିଦେଇଥିଲେ।




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆଏଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଙ୍ଗୁଠି ସନ୍ଧିରେ ମଳି,**
**ଭିତରେ ଭିତରେ ସଲାସୁତରା,**
**ଉପରେ ଲାଗିଛି କଳି ।**

ଲୋକେ ଜାଣିବାକୁ ଦୁହିଁଙ୍କ ଭିତରେ ପ୍ରବଳ ଶତ୍ରୁତା ଅଥଚ ନିଜ ନିଜ ଭିତରେ ବୁଝାମଣା ଏକଦମ ଠିକ୍। ସ୍ୱାମୀ ସ୍ତ୍ରୀଙ୍କ ପରି ଘନିଷ୍ଠ ସମ୍ବନ୍ଧ। କପଟୀ ବ୍ୟକ୍ତିଙ୍କର ଏପରି ଭିତିରିଆ ମନ୍ଦ ସ୍ୱଭାବକୁ ବାହାର ଲୋକେ ସହଜରେ ଜାଣି ନ ପାରି ଧୋକା ଖାଇଯିବା ଅବସରରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆମ୍ବ ବଉଳ ମାଛ ମଞ୍ଜି,**
**ଖଚୁଆ ତୁଣ୍ଡ ନାହାକ ପାଞ୍ଜି,**
**ସତ କେତେ ମିଛ କେତେ କହ ପାଞ୍ଚି ପାଞ୍ଚି।**

ଆମ୍ବ ବଉଳ ଉପରେ ଭରସା ନ ଥାଏ। ମାଛ ମଞ୍ଜି ବା ବିହନ ସେମିତି ସବୁବେଳେ ମିଳି ନ ଥାଏ। ମିଛୁଆ ବ୍ୟକ୍ତିଙ୍କ କଥାରେ ଆଦୌ ସତ୍ୟତା ନ ଥାଏ। ସେହିପରି ନାହାକ ପାଞ୍ଜି ଦେଖି ଯାହା ଗଣନା କରିଥାଏ ତାହା ମଧ୍ୟ ସମ୍ପୂର୍ଣ୍ଣ ସତ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ଅଏଲ୍ ଇଣ୍ଡିଆକୁ ...

ଏହା ଏକ ରାନ୍‌ସମ୍‌ୱେର୍ ଆକ୍ରମଣ। ଡାଟା କେତେ ପ୍ରଭାବିତ ହୋଇଛି ସେନେଇ ତଦନ୍ତ ଜାରି ରହିଛି। ଡ୍ରିଲିଂ ଓ ଅନ୍ୟ କାର୍ଯ୍ୟଗୁଡ଼ିକ ସ୍ୱାଭାବିକ ଭାବେ ଚାଲୁରହିଥିଲେ ହେଁ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ଅଧୀନ ଦେଶର ଦ୍ୱିତୀୟ ତୈଳ ଉତ୍ପାଦନକାରୀ ସରକାରୀ କମ୍ପାନୀ ଉପରେ ଏହି ସାଇବର ଆଟାକ୍ ଅନେକ ପ୍ରଶ୍ନ ଛିଡ଼ା କରାଇଛି। ବିଶ୍ୱର ପାୱାର କମ୍ପାନୀଗୁଡ଼ିକ ଉପରେ ହ୍ୟାକର୍ସଙ୍କ ସାଇବର ଆକ୍ରମଣ ଚିନ୍ତା ବୃଦ୍ଧିର କାରଣ ସାଜିଥିବାବେଳେ ଏହି ଘଟଣା ସାମ୍ନାକୁ ଆସିଛି। ସାଇବର ଆକ୍ରମଣ ହେଉଛି ସାଇବର ଅପରାଧୀଙ୍କ ଦ୍ୱାରା ଏକ କିମ୍ବା ଏକାଧିକ କମ୍ପ୍ୟୁଟର ଜରିଆରେ ନେଟ୍‌ୱର୍କକୁ ଟାର୍ଗେଟ କରାଯିବା। ଏହାଦ୍ୱାରା କମ୍ପ୍ୟୁଟରଗୁଡ଼ିକ ଅଚଳ ହୋଇଯାଏ। ସେଥିରେ ଥିବା ତଥ୍ୟଗୁଡ଼ିକୁ ଚୋରି କରି ବ୍ୟବହାର କରାଯାଇଥାଏ।

### ଟୋଲ୍‌ଗେଟ୍ ସିସିଟିଭିରେ ...

ସେପଟେ ଏହି ମାମଲାରେ ୪ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ ହୋଇସାରିଛି। ପୂର୍ବରୁ ସିଆର୍‌ପିସି ୧୬୪ରେ ଚାନ୍ଦବାଲି ଜେଏମ୍‌ଏଫ୍‌ସି କୋର୍ଟରେ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ବୁଧବାର ଦୟାଲ ଆଶ୍ରମ କେୟାରଟେକରଙ୍କର ମଧ୍ୟ ବୟାନ ରେକର୍ଡ କରାଯାଇଛି। କ୍ରାଇମବ୍ରାଞ୍ଚ ତାଙ୍କୁ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିବା ପରେ ୩ ଘଣ୍ଟା ଧରି ଜେରା କରାଯାଇଥିଲା। ଡିଏସ୍‌ପି କଳ୍ପନା ସାହୁ ହତ୍ୟାକାଣ୍ଡରେ ବ୍ୟବହୃତ ସାମଗ୍ରୀ ଜଜ୍‌ଙ୍କ ସାମ୍ନାରେ ଦେଖାଇବା ପରେ ସିଲ୍ କରାଯାଇଛି। ସେସବୁର ଫୋରେନ୍‌ସିକ୍ ଯାଞ୍ଚ ହେବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ମାନସଙ୍କୁ ଅପହରଣ କରିଥିବା ୫ ଅଭିଯୁକ୍ତଙ୍କ ଟିଆଇ ପରେଡ ହେବ। ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠାଙ୍କ ସମେତ ରଞ୍ଜନ ନାୟକ, ଝୁନା ଭୋଇ, ବିବେକ ନାୟକ ଓ ଭାଗ୍ୟଧର ନାୟକଙ୍କୁ ଚିହ୍ନଟ କରିବେ ୩ ଜଣ ସାକ୍ଷୀ। ଏଥିସହ ମାମଲାରେ ବିବେକ ଓ ଭାଗ୍ୟଧରକୁ ଜେଲରେ ଜେରା ପାଇଁ କୋର୍ଟରେ କ୍ରାଇମବ୍ରାଞ୍ଚ ଆବେଦନ କରିଛି। କେଉଁ କାରଣ ପାଇଁ ମାନସଙ୍କୁ ହତ୍ୟା କରାଯାଇଥିଲା ? ହତ୍ୟା କେମିତି ହେଲା, ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ତଥ୍ୟ ପାଇସାରିଥିବାବେଳେ ହତ୍ୟାର ପ୍ରକୃତ କାରଣ ଏଯାବତ ପାଇପାରିନାହିଁ। ପୁଣି ଯେଉଁ ମେମୋରି ଚିପ୍ ପାଇଁ ମାନସଙ୍କୁ ହତ୍ୟା କରାଯାଉଥିବା କଥା କୁହାଯାଉଛି, ତାହାର ସ୍ଥିତି ନେଇ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଏହି ଚିପ୍ ମିଳିଲେ ମାନସ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବା ସହ ଏହା ସବୁଠୁ ବଡ଼ ପ୍ରମାଣ ହେବ। ତେଣୁ କ୍ରାଇମବ୍ରାଞ୍ଚ ନୟାଗଡ ରଣପୁର ଅଞ୍ଚଳରେ ଥିବା ମାନସଙ୍କ ଘରଠରୁ ଆରମ୍ଭ କରି ଶର୍ମିଷ୍ଠାଙ୍କ ଅଫିସ, ସେ ରହୁଥିବା ଆପାର୍ଟମେଣ୍ଟ ଓ ଦୟାଲ ଆଶ୍ରମ ସବୁଠି ଖୋଜାଖୋଜି କରିଥିଲେ ମଧ୍ୟ ଚିପ୍ ନ ମିଳିବାରୁ ଘଟଣା ପୂରା ରହସ୍ୟଜନକ ହେବାରେ ଲାଗିଛି।

### ଭୁବନେଶ୍ୱର, ଗୋଆ, ...

ନଭି ମୁମ୍ବାଇର ଡି.ୱାଇ. ପାଟିଲ ଷ୍ଟାଡିୟମକୁ ଭେନ୍ୟୁଭାବେ ଚୟନ କରାଯାଇଛି। ମହିଳା ଫୁଟବଲର ଉଦୀୟମାନ ପ୍ରତିଭା ଏବଂ ଭବିଷ୍ୟତର ତାରକାଙ୍କୁ ଏହି ଟୁର୍ନାମେଣ୍ଟରେ ଦେଖିବାକୁ ମିଳିବ।

"ସମ୍ପ୍ରତି ବିଶ୍ୱରେ କ୍ୱାଲିଫାଇଂ ପ୍ରକ୍ରିୟା ଚାଲିଥିବାବେଳେ ଆମେ ଡ୍ର' ଉଠାଣର ତାରିଖ ଘୋଷଣା କରିବାକୁ ଖୁବ୍ ଉତ୍ସାହିତ ଥିଲୁ। ଏହା ସହିତ ତିନୋଟି ଆୟୋଜକ ସହର ନାମ ମଧ୍ୟ ସ୍ପଷ୍ଟ ହୋଇଛି" ବୋଲି ଫିଫାର ମୁଖ୍ୟ ମହିଳା ଫୁଟବଲ ଅଫିସର ସାରାଇ ବେରେମନ ପ୍ରକାଶ କରିଛନ୍ତି। କୋଭିଡ୍-୧୯ ଜନିତ ସ୍ଥିତି ପରେ ଫିଫା ଅଫିସିଆଲଙ୍କ ଭାରତ ପରିଭ୍ରମଣ ଏବଂ ବିଭିନ୍ନ ଭେନ୍ୟୁ ନିରୀକ୍ଷଣ ପରେ ଟୁର୍ନାମେଣ୍ଟ ସମ୍ପର୍କରେ ନୂଆ ରୂପରେଖ ସ୍ପଷ୍ଟ ହୋଇଥିଲା। ଗୋଆ ଓ ନଭି ମୁମ୍ବାଇ ପୂର୍ବରୁ ଅନ୍ତର୍ଜାତୀୟ ଫଟବଲ ଟୁର୍ନାମେଣ୍ଟ ଆୟୋଜନର ଅଭିଜ୍ଞତା ରଖିଥିବାବେଳେ ଭୁବନେଶ୍ୱର କ୍ରମେ ଏକ ସ୍ପୋର୍ଟିଂ ପାୱାର ହାଉସ ଭାବେ ଉଭା ହୋଇଛି। ଆୟୋଜକ ଭାରତ, ବ୍ରାଜିଲ, ଚିଲି, ଚାଇନା, କଲମ୍ବିଆ, ଜାପାନ ଓ ନ୍ୟୁଜିଲାଣ୍ଡ ଆଗାମୀ ପ୍ରତିଯୋଗିତାରେ ଭାଗନେବା ସ୍ପଷ୍ଟ ହୋଇଛି। ଜୁନ ୨୪ରେ ଡ୍ର ଘୋଷଣା ପୂର୍ବରୁ ଟୁର୍ନାମେଣ୍ଟରେ ଭାଗ ନେବାକୁ ଯାଉଥିବା ୧୬ ଦଳ ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପ୍ରତ୍ୟେକ କାମ ଶୃଙ୍ଖଳିତ ଭାବେ ସମାପନ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିଲେ ମଧ୍ୟ ସାମୟିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଏକ ଭିନ୍ନ ପରିବେଶରେ ଭଙ୍ଗା ପଡ଼ିଯାଇଥିବା ବନ୍ଧୁଙ୍କ ସହ ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ଆର୍ଥିକ ଦିଗଟି ଭଲ ରହିବା ହେତୁ କୃତ୍ତିକା ନକ୍ଷତ୍ରର ମନ ଖୁସି ରହିବ।

**ବୃଷ**
ଆଜି ଆତ୍ମୀୟଙ୍କ ଅସଲ ପରିଚୟ ପାଇ ଭୁଲ୍ ଧାରଣା ଦୂର ହୋଇଯିବ। ସ୍ୱାସ୍ଥ୍ୟ ଭଲ ରହିବ କିନ୍ତୁ ଦ୍ୱନ୍ଦ୍ୱରେ ପଡି ନିଷ୍ପତ୍ତି ନେବାରେ ଭୁଲ୍ କରିପାରନ୍ତି। ଯାହା ଖୋଜୁଥିଲେ ତାହା ପାଇଯିବେ କିନ୍ତୁ ପରକଥାରେ ମୁଣ୍ଡ ପୂରାଇ ସମସ୍ୟାକୁ ଡାକି ଆଣନ୍ତୁ ନାହିଁ। ପରିବହନ କ୍ଷେତ୍ରରେ ଓଲଟା ଫଳ ଦୁଶ୍ଚିନ୍ତାର କାରଣ ପାଲଟି ଯାଇପାରେ ।

**ମିଥୁନ**
ଆଜି ଆନୁଷ୍ଠାନିକ କାମରୁ କିମ୍ବା ସଭାସମିତିରେ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ମାନିତ ହେବେ। କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଉନ୍ନତି କରିବେ। ପାରିବାରିକ ସମସ୍ୟା ସମାଧାନ ସକାଶେ ଆତ୍ମୀୟମାନଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**କର୍କଟ**
ପ୍ରତ୍ୟେକ କ୍ଷେତ୍ରରେ ମନ ଭଲ ଚାହୁଁଥିଲେ ମଧ୍ୟ ପରିସ୍ଥିତି ତାହାକୁ ସହଜରେ କରାଇ ଦେଇ ନ ପାରେ। ନୂତନ ଘର କିମ୍ବା ଯାନବାହନ କିଣିବା ସକାଶେ ମନ ବଳାଇ ପାରନ୍ତି। ପିଲାର କୌଣସି ବ୍ୟତିକ୍ରମକୁ ସଜାଡ଼ିବା ପାଇଁ ପରିବାରରେ ଆଲୋଚନା କରିପାରନ୍ତି। ନିଜର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାରେ ପଡ଼ିପାରନ୍ତି।

**ସିଂହ**
ପରିବାରରେ ଅନ୍ୟମାନଙ୍କ ମତକୁ ସମ୍ମାନ ନ ଦେଇ ମନମୁଖି କାମ କଲେ ବିବାଦଘେରରେ ପଡ଼ିବେ। କାର୍ଯ୍ୟବ୍ୟସ୍ତତା କାରଣରୁ କୌଣସି କଥା ଠିକ୍ ରହିବ ନାହିଁ, କିମ୍ବା ଠିକଣା ସମୟରେ ମନେପଡ଼ି ନ ପାରେ। ଅପେକ୍ଷା କରିଥିବା ଲୋକଟିର ଦେଖା ପାଇବେ ନାହିଁ, ଫଳରେ ବିରକ୍ତି ଅନୁଭବ କରିପାରନ୍ତି ।

**କନ୍ୟା**
ଯେତେ ଚେଷ୍ଟା କଲେ ମଧ୍ୟ ପ୍ରତିକୂଳ ବାତାବରଣ ମଧ୍ୟରେ ପରିସ୍ଥିତି ଅଶାନ୍ତ ରହିବ। କର୍ମକ୍ଷେତ୍ରରେ ସହକର୍ମୀଟିର ଭୁଲ୍ ବୁଝାମଣାକୁ ସୁଧାରି ନେବାରେ ସମର୍ଥ ହେବେ। ଶିଳ୍ପ,ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବାର ଆଶା ରହିଛି। ପରିବାରରେ ଅନାଦର ଭାବକୁ ନେଇ ଦୁଶ୍ଚିନ୍ତା ଲାଗିରହିବ।

**ତୁଳା**
ପାରିବାରିକ ସ୍ତରରେ ପିଲାମାନଙ୍କ ବିଳମ୍ବ ବିବାହକୁ ନେଇ ଚିନ୍ତା ବଢ଼ିଯିବ। ଅନ୍ୟର ପ୍ରରୋଚନାରେ ପ୍ରଭାବିତ ହୋଇ ଭୁଲ୍ କାମରୁ ଦୂରେଇ ରହିବା ହିତକର ହେବ। ଅସମ୍ପୂର୍ଣ୍ଣ କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବା ସକାଶେ ଚେଷ୍ଟିତ ହୋଇପାରନ୍ତି । ସ୍ୱାତୀ ନକ୍ଷତ୍ରର ଦୀର୍ଘଦିନର ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ ।

**ବିଛା**
ଶାରୀରିକ ଦୁର୍ବଳତା ରହିଥିଲେ ମଧ୍ୟ ମାନସିକ ସ୍ତରରେ ପୂର୍ଣ୍ଣ ସୁସ୍ଥ ରହିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ପାଇଁ ଦିନଟି ଭଲ। ଯେତେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ସକାଶେ ଚେଷ୍ଟା ଅବ୍ୟାହତ ରଖନ୍ତୁ, ଅବଶ୍ୟ ସମୟାନ୍ତରରେ ଆଶା ପୂରଣ ହୋଇଯିବ।

**ଧନୁ**
ଆଜି ମାନସିକ, ଶାରୀରିକ ଓ ଆର୍ଥିକ ଦିଗରୁ ଉନ୍ନତ ଫଳ ପାଇବେ। ପରିବାର ଓ ପରିବହନରେ ମତାନ୍ତର ଜନିତ କଳହର ସମ୍ଭାବନାକୁ ଏଡ଼ାଇ ହେବ ନାହିଁ। ବହୁ ଦିନରୁ ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି। କର୍ମକ୍ଷେତ୍ରରେ ପରସ୍ପର ଦୋଷାରୋପ କରି ଅଯଥା ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

**ମକର**
କର୍ମକ୍ଷେତ୍ରର ସମସ୍ୟାର ସରଳ ସମାଧାନ ପାଇଁ ଚେଷ୍ଟା କରିବେ। ଅଫିସରେ ସୁସମ୍ପର୍କ ବ୍ୟାହତ ହୋଇପାରେ, ମାତ୍ର କିଛି ଅସୁବିଧା ହେବ ନାହିଁ। ନିର୍ଦ୍ଦିଷ୍ଟ କାମ ସକାଶେ ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇବା ହେତୁ ଜମିଜମା, ଯାନବାହନ କ୍ରୟ ସକାଶେ ଅନୁକୂଳ ପରିସ୍ଥିତି ସୃଷ୍ଟିହେବ।

**କୁମ୍ଭ**
ଧନହାନି ସାଙ୍ଗକୁ ପ୍ରାଣପୀଡ଼ା ଭଳି ପରିସ୍ଥିତି ହେତୁ ମାନସିକ ଅସ୍ଥିରତା ଲାଗିରହିବ। ସମସ୍ୟା ଭିତରେ ବୁଡି ରହିଥିଲେ ମଧ୍ୟ କାମର ଚାପ ଆଦୌ ବିଶ୍ରାମ ନେବା ସକାଶେ ଅବସର ଦେବନାହିଁ। ନିଜକୁ ଆତ୍ମସଂଯମ ଓ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ନିଜ ପରିସରରେ ନିଜର ଲୋକମାନେ ମିଥ୍ୟା ଅଭିଯୋଗ କରିପାରନ୍ତି ।

**ମୀନ**
ଆଜି ଅସହିଷ୍ଣୁ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ ପାଇଁ ପ୍ରତିକୂଳତା ସୃଷ୍ଟିକରିବ। ପରିବାରରେ ଭୁଲ୍ ବୁଝାମଣାରୁ ଆପଣଙ୍କ ଉପରକୁ ଦୋଷ ଆସିପାରେ। ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ଅଯଥା ବାକ୍ ବିତଣ୍ଡା ସୃଷ୍ଟି ହେବାର ଆଶଙ୍କା ରହିଛି । ଅବଶ୍ୟ ବ୍ୟବସାୟ, ବାଣିଜ୍ୟ ଓ ନିର୍ମାଣ କ୍ଷେତ୍ରରେ ବିଳମ୍ବରେ ହେଲେ ମଧ୍ୟ କାମ ହାସଲ ହୋଇଯିବ।

# classifieds Everyday

**0674-2580101, 2549302**

### automobile SALE

Tata Zest 2016, Tata Magic, Mahindra Xenio Dalla, Tata ACE for sale. 8018277355. D-71526

### real estate SALE

Plot for Sale at Ghangapatna (4km from Sumhospital). 9583295832, 9937816565. D- 067

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

**ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952.** D-73214

Conversion Demarcation 30ft. Roadside Corner Plot Sale near GITA, DN fair tyle and BIT 3200sqft 28,80,000/-.8249086912. D-093

**ଭୁବନେଶ୍ୱର ରଙ୍ଗବଜାର BJEM-2 ଲାଗି 4BHK duplex East Facing area- 1500sqft. 4.5. k.m. from Ravi Talkies (Bank Finance available). 9040072232.** D-73230

ଜଟଣୀଗେଟ୍‌ରୁ କିଛି ଦୂରତାରେ sqft.- 450/-, sqft.- 350/-, sqft.- 220/- ପର୍ଯ୍ୟନ୍ତ ଜାଗା ଅଛି। Immediately registration & possession. 9348232008, 9556055607. D- 014

**ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ Xavier University ଏବଂ Aditya Birla School ପାଖରେ possession ପ୍ଲଟ୍ ମିଳୁଛି। 8249292535, 7377376856.** D-73215

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

**ଭୁବନେଶ୍ୱର Gita/ Gandhi କଲେଜରୁ 1k.m. BDA Satellitecityକୁ ଲାଗି 30' ରାସ୍ତା ଥାଇ boundary ପ୍ଲଟ୍ 30ft.-750/-. 9439918431, 8249603324.** D-73222

ପିତାପଲ୍ଲୀ NHରୁ 500mtr ଦୂରତାରେ 30ft. ରୋଡ୍ electricity ଥାଇ psqft.- 650/-ରେ ବାସୋପଯୋଗୀ plot ମିଳୁଅଛି। 8249243709, 8681007737. D-73227

**Gharabari plot sale Sundarpada near Hi-Tech Plaza sqft. 950/-, Kateni 650/-, Gangapada 950/- first possession then registration. 7504615299, 9337766961.** D-71344

Plot for sale at Chhatabar per sqft. @99/-. 9583295832, 9937816565. D-091

**ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁରରେ 30ft. Road, Bank Finance ସହିତ ପ୍ଲଟ୍ ମିଳୁଛି । 8093465134, 9668194157.** D-73308

ବରମୁଣ୍ଡାରୁ ୧୫ କି.ମି. ଦୂରରେ Gharabari Plot- 19,00,000/-, investment plot- 8,00,000/- (Loan available). 9853150290. D-73233

**Gharabari plot for sale near Pahala, Bhingarpur, Kesura (Bankual). Contact: 6371268258 / 8144128238.** D-71976

### GENERAL

### SALE

**Automatic stone crusher plant for sale at Chatrama, Khurdha. 9937427861, 9337767967.** D-045

### healthcare

Newly open SPA positively health benefits expert therapist, Kalpana. 7846814019. D-71486

Newly open full body massage ladies and gents. 8327740003. D-71885

Mesmerizing, energetic body, mind qualitative relaxing massage experienced therapists. 9668374480. D-71975

**Relax, Refresh your body, mind at Saikrupa Spa with best therapies. 8984068077.** D-129

### LOST

I, Sri Trilochan Sahoo, S/o Late Kshetrabasi Sahoo would like to inform the General Public that I have lost/misplaced my original property documents sale deed, khatiyans (Patta) ect. of my house at village Nuasasan. If anyone find it, kindly contact me at 8895197718 within 15 days from the date of issue of this Ad. D-130

### କୃତିତ୍ୱ



**ଆକାଂକ୍ଷା ମହାନ୍ତି**

୨୦୨୨ ମସିହା ପାଇଁ ଆମେରିକାର ପ୍ରସିଦ୍ଧ Boston Universityର ସମର ଚ୍ୟାଲେଞ୍ଜରେ ଯୋଗଦାନ କରିବା ପାଇଁ ମନୋନୀତ ହୋଇଛନ୍ତି। ସେ "Chemistry of Medicine" ଓ "Computer Science" ବିଷୟରେ ପଢିବା ପାଇଁ ଯାଉଛନ୍ତି, ଯେଉଁଥିରେ ୮୭ ଦେଶର ଛାତ୍ରଛାତ୍ରୀ ଯୋଗଦାନ କରିବେ । ସେ ବର୍ତ୍ତମାନ ପୁଣେର ଦିଲ୍ଲୀ ପବ୍ଲିକ୍ ସ୍କୁଲର ନବମ ଶ୍ରେଣୀର ଛାତ୍ରୀ । ସେ ଯାଜପୁର ଟାଉନ, ଯାଗେଶ୍ୱରପୁର ନିବାସୀ ବନଜା ମହାନ୍ତି ଓ ଏ ଶରତ ଚନ୍ଦ୍ର ମହାନ୍ତି ଏବଂ ଚାନ୍ଦବାଲି କୁହୁଁ ଗ୍ରାମ ନିବାସୀ ସରସ୍ୱତୀ ମହାନ୍ତି ଓ ଫକିରଚରଣ ମହାନ୍ତିଙ୍କର ନାତୁଣୀ । D-71026

See Career Appointment on every Wednesday & Saturday

**ମାନ୍ୟବର ସଭ୍ୟ ଓଡ଼ିଶା ରାଜସ୍ୱ ପର୍ଷଦଙ୍କ ଅଦାଲତ, କଟକ, କ୍ୟାମ୍ପ କୋର୍ଟ ଭୁବନେଶ୍ୱର ସନ୍ନିକଟ କେଶରୀ ନଗର, ନିର୍ମାଣ ସୌଧ, ୟୁନିଟ୍ ନଂ.୪, ଭୁବନେଶ୍ୱର ଓ ଏସ୍ ଏସ୍ କେସ୍ ନଂ.୭୫/୨୦୧୯**

ଶ୍ରୀମତୀ ସମଦର୍ଶୀ ସାମନ୍ତରାୟ ....
ବାଦୀ /ଦରଖାସ୍ତକାରୀ
ବନାମ
ଶ୍ରୀ ପ୍ରଲିପ୍ତା ନନ୍ଦ ଏବଂ ଅନ୍ୟମାନେ ...
ପ୍ରତିବାଦୀ/ ଅପରପକ୍ଷ

ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ଆଦେଶ ନଂ. ୫ ଏବଂ ନିୟମ ୨୦ (୧-କ) ଖବରକାଗଜ ଦ୍ୱାରା ବିଜ୍ଞାପନ ମାଧ୍ୟମରେ ନିମ୍ନଲିଖିତ ପ୍ରତିବାଦୀମାନଙ୍କୁ ଅବଗତି ନିମନ୍ତେ ନୋଟିସ ଦିଆଯାଉଛି କି ଧାର୍ଯ୍ୟ ତାରିଖ ଦିନ ଉପରଲିଖିତ ଅଦାଲତରେ ସେମାନଙ୍କ ଉତ୍ତରାଧିକାରୀ କିମ୍ବା ୱାଲି ୱାରସମାନେ ଉପସ୍ଥିତ ରହି ଉକ୍ତ ମକଦ୍ଦମାକୁ ସେମାନଙ୍କ ତରଫରୁ ପରିଚାଳନା କରିବେ ।

ପ୍ରତିବାଦୀ/ଅପରପକ୍ଷ ନଂ.୩ ଲଗାୟାତ ୬ ମାନଙ୍କ ନାମ ଓ ଧାମ:-
ପ୍ରତିବାଦୀ/ ଅପରପକ୍ଷ ନଂ.- (୩)- ପୁନା ବେୱା, ସ୍ୱାମୀ- ସ୍ୱର୍ଗତ ଲୋକନାଥ ସହୁ ।
ପ୍ରତିବାଦୀ/ଅପରପକ୍ଷ ନଂ.- (୪)- ଜୟକୃଷ୍ଣ ସହୁ, ପିତା- ସ୍ୱର୍ଗତ ଲୋକନାଥ ସହୁ ।
ପ୍ରତିବାଦୀ/ଅପରପକ୍ଷ ନଂ.- (୫)- ଯୁଗଳ ନାୟକ, ପିତା- ବୁଲା ନାୟକ ।
ପ୍ରତିବାଦୀ/ଅପରପକ୍ଷ ନଂ.- (୬)- ଦାମ ସହୁ, ପିତା- ରାମ ସହୁ ।
ପ୍ରତିବାଦୀ/ଅପରପକ୍ଷ ନଂ.-(୩)- ଲଗାୟାତ (୬) ମାନଙ୍କ ଠିକଣା ଗ୍ରାମ- ଓଗାଳପଡ଼ା, ପୋଷ୍ଟ- ଯାଆଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ।

**ନୋଟିସ**

ଉପରଲିଖିତ ପ୍ରତିବାଦୀ ନଂ. (୩) ଲଗାୟାତ (୬) ମାନଙ୍କ ପକ୍ଷଭୁକ୍ତ କରି ବାଦୀ / ଦରଖାସ୍ତକାରୀ ଓଡ଼ିଶା ଭୂ ବନ୍ଦୋବସ୍ତ ଆଇନ ୧୯୫୮ ଧାରା ୧୫ (ଖ) ମୁତାବକ ରିଭିଜନ ମକଦ୍ଦମା ଦାୟର କରିଛନ୍ତି କି ବାଦୀ ନିମ୍ନଲିଖିତ ତଫସିଲ ବର୍ଣ୍ଣିତ ଭୂ ସମ୍ପତ୍ତି ଗତ ତା୨୦।୦୬।୨୦୧୨ରିଖ ରେଜିଷ୍ଟ୍ରି କ୍ରୟ ଦଲିଲ ନଂ. ୧୧୧୨୧୨୦୧୯୧୧ ଏବଂ କ୍ରମିକ ନଂ.- ୧୧୨୧୨୦୧୯୫୯ ଦ୍ୱାରା ମୌଜା- ଓଗାଳପଡ଼ା ଅନ୍ତର୍ଗତ ସାବିକ ଖାତା ନଂ.- ୮୭, ପ୍ଲଟ୍ ନଂ.- ୪୭୬ରୁ ରକବା ଏ.ସି. ୦.୦୪୧ ଡିସିମିଲ କ୍ରୟ କରିଛନ୍ତି । କିନ୍ତୁ ଚଳିତ ହାଲ୍ ବନ୍ଦୋବସ୍ତ ସନ ୨୦୧୩-୧୪ ମସିହାରେ ଉକ୍ତ ଭୂ ସମ୍ପତ୍ତିଟି ନୂତନ ହାଲ୍ ଖାତା ନଂ. ୧୭୧, ହାଲ୍ ପ୍ଲଟ୍ ନଂ. ୨୩୮୨ ଏରିଆ ଏ.ସି. ୦.୦୫୦ ଡିସିମିଲ, ପୃଥକ ଖାତା ହୋଇ ଉପରଲିଖିତ ପ୍ରତିବାଦୀ ନଂ.-୫ ଏବଂ ୬ ମାନଙ୍କ ନାମରେ ରେକର୍ଡ ଦରଜ ହୋଇଥିବାରୁ ବାଦୀ ଉପରେ ଲିଖିତ ରିଭିଜନ କେସ୍ ସମ୍ବନ୍ଧୀୟ ନୋଟିସ ଆପଣଙ୍କୁ ଦର୍ଶାଯାଇଥିବା ଠିକଣାରେ ଯାଇଥିଲା । କିନ୍ତୁ ପ୍ରତିବାଦୀ ନଂ.-୩ ଲଗାୟାତ ୬ ନମ୍ବର ମୃତ ବୋଲି ଉକ୍ତ ନୋଟିସ ଆସିବା ପରେ ସେମାନଙ୍କ ଉତ୍ତରାଧିକାରୀ କିମ୍ବା ୱାଲି ୱାରସମାନଙ୍କୁ ଅବଗତି ନିମନ୍ତେ ଉକ୍ତ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଜଣାଇଦିଆଯାଉଅଛି ଯେ ଉପରୋକ୍ତ ରିଭିଜନ କେସ୍ ଶୁଣାଣି ମାନ୍ୟବର ସଭ୍ୟ ରାଜସ୍ୱ ପର୍ଷଦଙ୍କ ଅଦାଲତ, ଓଡ଼ିଶା କଟକ ମହୋଦୟଙ୍କ ଇଜିଲାସ କ୍ୟାମ୍ପକୋର୍ଟ ଅଫିସ ଭୁବନେଶ୍ୱର (ୟୁନିଟ ନଂ.୫) କେଶରୀ ନଗରର ରାଜୀବଭବନ ପଛ ପାର୍ଶ୍ୱରେ କାର୍ଯ୍ୟାଳୟଠାରେ ଆସନ୍ତା ତା୨୧।୦୪।୨୦୨୨ରିଖ ଦିବା ୧୧.୩୦ ଘଟିକା ସମୟରେ ବିଚାର କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି । ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

**ମକଦ୍ଦମା ଭୁକ୍ତ ଭୂ ସମ୍ପତ୍ତିର ବିବରଣୀ**
**ତଫସିଲ ଭୂ ସମ୍ପତ୍ତି**

ଜିଲ୍ଲା- ଖୋର୍ଦ୍ଧା, ତହସିଲଦାର- ଜଟଣୀ, ମୌଜା- ଓଗାଳପଡ଼ା, ସାବିକ ଖାତା ନଂ.-୮୭, ସାବିକ ପ୍ଲଟ୍ ନଂ.-୪୭୬, ଏରିଆ କ୍ରୟ ବୃତ୍ତି ରକବା ୦.୦୪୧ ଡିସିମିଲ, ଶାବକ ଏରିଆ ସ୍ୱଧ ଏ.ସି. ୦.୨୬୦ ଡିସିମିଲ କିସମ- ସାରଦା-୨, ଯାହାକି ଚଳିତ ହାଲ୍ ବନ୍ଦୋବସ୍ତ ସନ ୨୦୧୩-୧୪ ମସିହାରେ ହାଲ୍ ଖାତା ନଂ.୧୭୧, ହାଲ୍ ପ୍ଲଟ୍ ନଂ.-୨୩୮୨ ଏରିଆ ଏ.ସି. ୦.୦୫୦ ଡିସିମିଲ ଆଦ୍ୟ ବାଦୀ ଖରିଦି ଏବଂ ଦାଖଲ ଏ.ସି. ୦.୦୪୧ ଡିସିମିଲ, କିସମ- "ଶାରଦ ଅଣଜଳସେଚିତ-୨"।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ କ୍ରମିକ ନଂ. (୩) ଲଗାୟାତ (୬) ମାନେ କିମ୍ବା ତାଙ୍କର ଉତ୍ତରାଧିକାରୀ ବା ୱାଲି ୱାରସମାନଙ୍କୁ ଏହି ତଫସିଲ ବର୍ଣ୍ଣିତ ସମ୍ପତ୍ତିର ସ୍ୱତ୍ୱ ଦାବି କରୁଥିବା ବ୍ୟକ୍ତି କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ରାଜସ୍ୱ ପର୍ଷଦଙ୍କ ଅଦାଲତରେ ଉପସ୍ଥିତ ରହି ତଦ୍‌ବିର କରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମାକୁ ଫଇସଲା କରାଯିବ।

**ରାଜସ୍ୱ ପର୍ଷଦ ସଭ୍ୟଙ୍କ ଆଦେଶକ୍ରମେ**
**ସ୍ୱା./- ଅନୁସଚିବ**
**ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ**
ଧ-୭୧୮୮

Your classified advertisement published in Dharitri will be listed free in Dharitri online edition :
**www.dharitri.com**

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୧୮ରୁ ସବୁଦିନ ଚାଲିବ ରାଜ୍ୟରାଣୀ ଏକ୍ସପ୍ରେସ

ଗୁଣପୁର,୧୩।୪(ଡି.ଏନ୍.ଏ.)

ରାଉରକେଲା-ଗୁଣପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ ଏଥର ସପ୍ତାହରେ ସବୁଦିନ ଚଳାଚଳ କରିବ। ଏପ୍ରିଲ୍ ୧୮ରୁ ଏହା ପୁଣି ପୂର୍ବଭଳି ପ୍ରତ୍ୟେକ ଦିନ ଚାଲିବ ବୋଲି ଇଷ୍ଟକୋଷ୍ଟ ରେଲ୍‌ୱେ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, କରୋନା ପୂର୍ବରୁ ଏହି ଟ୍ରେନ୍ ସପ୍ତାହରେ ପ୍ରତ୍ୟେକ ଦିନ ଚାଲୁଥିଲା। କରୋନା ପରିସ୍ଥିତି ଯୋଗୁ ଏହା ସୋମବାର, ବୁଧବାର ଏବଂ ଶୁକ୍ରବାର ୩ ଦିନ ଚଳାଚଳ କରୁଥିଲା। ପୁଣି ଟ୍ରେନ୍ ଚଳାଚଳ ସ୍ୱାଭାବିକ କରିବାକୁ ଦାବି ହୋଇ ଆସୁଥିଲା। ଏହାର ବିଚାର କରି ଇଷ୍ଟକୋଷ୍ଟ ରେଲ୍‌ୱେ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏହାକୁ ନେଇ ଗୁଣପୁର ତଥା ରାୟଗଡ଼ା ଜିଲାବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

# ରାଜଧାନୀ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଏମ୍‌ପିଙ୍କୁ ଅଣଦେଖା

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି କାରଣ ପଚାରିଲେ ଅପରାଜିତା

■କାର୍ଯ୍ୟକ୍ରମ ଆହୁରି ଶୃଙ୍ଖଳିତ ହେବା ଦରକାର: ଅଶୋକ
■ଏ ବିଷୟରେ ବିଶେଷ କିଛି ଜାଣିନି: ମନ୍ତ୍ରୀ
■ସମସ୍ତଙ୍କୁ ଡକାଯିବା କଥା: ବାଚସ୍ପତି

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରର ୭୪ତମ ପ୍ରତିଷ୍ଠା ଦିବସ ପାଳନ ସମାରୋହକୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଡକା ନ ଯିବା ନେଇ ରାଜନୀତି ଜୋର୍ ଧରିଛି। ଗୋଟିଏପଟେ ଭୁବନେଶ୍ୱର ପ୍ରତିଷ୍ଠା ଦିବସ ସମାରୋହ ଲୋୟର ପିଏମ୍‌ଜି ଛକଠାରେ ପାଳନ ହେଉଥିବା ବେଳେ ଟୁଇଟ୍ କରି ରାଜ୍ୟ ସରକାରଙ୍କୁ ଅପରାଜିତା ଟାର୍ଗେଟ କରିଥିବା ଦେଖିବାକୁ ମିଳିଛି। ସେ ରାଜ୍ୟ ସରକାରଙ୍କୁ ସଂସ୍କାରର ପାଠ ପଢ଼ାଇଛନ୍ତି। ସେ ଟୁଇଟ୍ କରି କହିଥିଲେ, ସରକାର ସାଧାରଣ ଜ୍ଞାନ ପଢ଼ିବାର ଆବଶ୍ୟକତା ଅଛି। ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ କିପରି ସମ୍ମାନ ଦିଆଯାଏ ତାହା ରାଜ୍ୟ ସରକାର ଶିଖିବାର ଆବଶ୍ୟକତା ଅଛି। ଅନ୍ୟପଟେ ତାଙ୍କୁ କାହିଁକି ଏହି କାର୍ଯ୍ୟକ୍ରମରେ ଡକାଗଲା ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ପ୍ରଶ୍ନ କରିଛନ୍ତି। ତାଙ୍କୁ ମୌଖିକ ଭାବେ ଡକାଗଲା ନାହିଁ କି ନିମନ୍ତ୍ରଣପତ୍ରରେ ଏମ୍‌ପିଙ୍କ ନାମ ରଖାଗଲା ନାହିଁ। ଏହା କେଉଁ ପ୍ରକାର ସଂସ୍କାର ବୋଲି ସେ ଟୁଇଟ୍ କରି ପଚାରିଛନ୍ତି।

ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଭୁବନେଶ୍ୱର ଲୋକସଭା କ୍ଷେତ୍ରରୁ ନିର୍ବାଚିତ ହୋଇଥିବାରୁ ରାଜଧାନୀ ପ୍ରତିଷ୍ଠା ଦିବସକୁ ନିମନ୍ତ୍ରିତ ହେବା ତାଙ୍କ ଅଧିକାର। ତାଙ୍କୁ କାହିଁକି ଏଥିରୁ ବାଦ୍ ଦିଆଗଲା। ତାହାର ଏକ ବିଧିବଦ୍ଧ ତଦନ୍ତ କରିବାକୁ ଅପରାଜିତା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହାସହ ତାଙ୍କୁ ଡକା ନ ଯିବା ପଛରେ କିଏ ଉତ୍ତରଦାୟୀ ସେନେଇ ତଦନ୍ତ କରି ବାହାର କରିବାକୁ ସେ ଚିଠିରେ ଉଲ୍ଲେଖ କରିଛନ୍ତି। ଏହାସହ ସେ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟୁତ୍ତର ମଧ୍ୟ ଆଶା କରିଛନ୍ତି। ତାଙ୍କୁ ଭୋଟ୍ ଦେଇଥିବା ରାଜଧାନୀବାସୀ ଏହାର କାରଣ ଜାଣିବାକୁ ଚାହୁଁଥିବା ସେ ଚିଠିରେ ଉଲ୍ଲେଖ କରିଛନ୍ତି। ଏନେଇ ଅପରାଜିତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି କ୍ଷୋଭ ପ୍ରକାଶ କରିଛନ୍ତି। ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି, ନିୟମାନୁସାରେ ସମସ୍ତଙ୍କୁ ନିମନ୍ତ୍ରଣ କରିବା କଥା। ସେହିପରି ଆୟୋଜକ କମିଟି ସଭାପତି ପ୍ରଦୋଷ ପଟ୍ଟନାୟକ କହିଛନ୍ତି, ସାଂସଦଙ୍କୁ ଡକାଯାଇଥିଲା କି ନାହିଁ ଜାଣିନାହିଁ। ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱରର ସମସ୍ତ ଜନ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଆହୁରି ଅନେକ ନେତାଙ୍କୁ ମଧ୍ୟ ନିମନ୍ତ୍ରଣ ଥିଲା। ହେଲେ ଅପରାଜିତାଙ୍କୁ ବାଦ୍ ଦିଆଯାଇଥିଲା। ନିମନ୍ତ୍ରଣ ପତ୍ରରେ ତାଙ୍କ ନାଁ ନାହିଁ କି ସରକାରଙ୍କ ତରଫରୁ କେହି ତାଙ୍କୁ ଯୋଗାଯୋଗ କରିନାହାନ୍ତି। ଏହା ସାମ୍ବିଧାନିକ ପଦବୀ ପ୍ରତି ଅସମ୍ମାନ। ସ୍ଥାନୀୟ ସାଂସଦ ଭାବେ ସରକାରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ନିମନ୍ତ୍ରିତ ହେବା ତାଙ୍କର ଅଧିକାର। ରାଜନୈତିକ ଆଦର୍ଶ ହୁଏତ ଅଲଗା ହୋଇପାରେ, କିନ୍ତୁ ଜନପ୍ରତିନିଧିଙ୍କୁ ସରକାର ସର୍ବନିମ୍ନ ସୌଜନ୍ୟତା ଦେଖାଇବା ଉଚିତ। ଅଜାଣତରେ ନୁହେଁ, ବରଂ ଜାଣିଶୁଣି ତାଙ୍କୁ ଡକାଯାଇ ନ ଥିବା ନେଇ ଅପରାଜିତା ଅଭିଯୋଗ କରିଛନ୍ତି।

ଏନେଇ ପ୍ରତିକ୍ରିୟା ରଖି ମନ୍ତ୍ରୀ ପଣ୍ଡା କହିଛନ୍ତି, କାର୍ଯ୍ୟକ୍ରମ ଆହୁରି ଶୃଙ୍ଖଳିତ ହେବା ଦରକାର। ଖୋର୍ଦ୍ଧା ଜିଲା ପ୍ରଶାସନ ଓ ଲୋକ ସମ୍ପର୍କ ବିଭାଗ ସମସ୍ତଙ୍କୁ ନେଇ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିବା କଥା। ୩ ବିଧାୟକଙ୍କ ସହ ଆହୁରି ଆଲୋଚନା କରିବାର ଆବଶ୍ୟକତା ଥିଲା। ନିୟମ ଅନୁସାରେ ସମସ୍ତଙ୍କୁ ନିମନ୍ତ୍ରଣ କରିବା କଥା। ତେବେ ରାଜନୀତିକରଣ କରାଯାଉ ନ ଥିବା ସେ କହିଛନ୍ତି।

ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି, ରାଜଧାନୀ ପ୍ରତିଷ୍ଠା ଦିବସ କମିଟି ନିୟମ କରିଛନ୍ତି ଯେ, କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ କିମ୍ବା ବାଚସ୍ପତିଙ୍କୁ ଡକାଯିବ। ରାଜ୍ୟପାଳ ବାହାର ରାଜ୍ୟ ଗସ୍ତରେ ଅଛନ୍ତି। ତେଣୁ ତାଙ୍କୁ ଡକାଯାଇଛି। ତେବେ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ଡାକିବା କଥା ବୋଲି ସେ କହିଛନ୍ତି। ଆୟୋଜକ କମିଟିର ସଭାପତି ପ୍ରଦୋଷ ପଟ୍ଟନାୟକ କହିଛନ୍ତି, ଭୁବନେଶ୍ୱର ବିକାଶରେ ଏମ୍‌ପିଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଅପରାଜିତାଙ୍କ ସହ ଯୋଗାଯୋଗ ହୋଇଥିଲା କି ନାହିଁ ଜାଣିନାହିଁ। ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି, ଏ ବିଷୟରେ ସେ ବିଶେଷ କିଛି ଜାଣିନାହାନ୍ତି।

# କରୋଲି ହିଂସା: ଭାଜପା ଏମ୍‌ପି ତେଜସ୍ୱୀ ସୂର୍ଯ୍ୟ ଅଟକ

ଜୟପୁର,୧୩।୪

ରାଜସ୍ଥାନର କରୌଲି ସହରରେ ଗତ ୨ ତାରିଖରେ ଘଟିଥିବା ସାମ୍ପ୍ରଦାୟିକ ଦଙ୍ଗା ଘଟଣାର ଅନୁଧ୍ୟାନ ପାଇଁ ସେଠାକୁ ଯାଉଥିବା ଭାଜପା ଏମ୍‌ପି ତେଜସ୍ୱୀ ସୂର୍ଯ୍ୟ ଓ ଦଳର ରାଜ୍ୟ ସଭାପତି ସତୀଶ ପୁନିଆଙ୍କୁ ଅଟକ ରଖାଯାଇଛି। ହିଂସାକାଣ୍ଡରେ ଆହତଙ୍କୁ ଭେଟିବା ପାଇଁ ବୁଧବାର ସୂର୍ଯ୍ୟ ଓ ପୁନିଆ ଶତାଧିକ ଦଳୀୟ କର୍ମୀଙ୍କ ସହ ଯାଉଥିବାବେଳେ ରାଜସ୍ଥାନ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ସେମାନେ ସହର ସୀମାରେ ଧାରଣାରେ ବସିଥିଲେ। ଅଶୋକ ଗେହଲଟ ରାଜସ୍ଥାନରେ ଜଙ୍ଗଲରାଜ ଚଳାଇଥିବା ସୂର୍ଯ୍ୟ ଅଭିଯୋଗ କରିଛନ୍ତି। ଗତ ୨ ତାରିଖରେ ମୁସଲମାନ ବହୁଳ ଗ୍ରାମ ଦେଇ ହିନ୍ଦୁମାନଙ୍କର ଏକ ଧର୍ମୀୟ ଶୋଭାଯାତ୍ରା ଯାଉଥିବାବେଳେ ଢେଲାମାଡ଼ ହୋଇଥିଲା। ହିଂସା ଦମନ କରିବାକୁ ପୋଲିସ ଉପଯୁକ୍ତ ପଦକ୍ଷେପ ନେଇ ନ ଥିଲା ବୋଲି ଅଭିଯୋଗ ହୋଇଛି। ଏହି ସାମ୍ପ୍ରଦାୟିକ ଦଙ୍ଗାରେ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ।


ଅଟକ ପ୍ରତିବାଦରେ ତେଜସ୍ୱୀ ଓ ଅନ୍ୟମାନେ ଧାରଣାରେ ବସିଛନ୍ତି।


**IN THE DEBTS RECOVERY TRIBUNAL AT CUTTACK**
C-71, Sector-7, CDA, Cuttack-753014 (Odisha)
O.A. No. 412/2019

Utkal Grameen Bank,
Stressed Asset Recovery Branch, Sambalpur ...Applicant
-Versus-
Prashanna Kumar Naik & Others ...Defendants

To,
Defendant No. 1: **Prashanna Kumar Naik,** S/o: Debraj Naik
Defendant No. 2: **Debraj Naik,** S/o: Kandarpa Naik
Defendant No. 3: **Bijaya Kumar Naik,** S/o: Debraj Naik
Defendant No. 4: **Baikuntha Mohakul,** S/o: Bharat Mohakul
All are At: Bheluabahal, P.O.: Kumbahal, P.S.: Badgaon, Dist.: Sundargarh, PIN-770016.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED FOR SHOULD NOT BE GRANTED**

Take notice that the Applicant has instituted the aforesaid Original Application before this Tribunal for recovery of **₹14,41,081.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within **30 days** from the date of publication or on **25th day of May, 2022** at **10.30 a.m.** as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this **8th day of April, 2022.**

Sd/- (M.K. Patnaik)
Registrar
Debts Recovery Tribunal, Cuttack



**IN THE DEBTS RECOVERY TRIBUNAL AT CUTTACK**
C-71, Sector-7, CDA, Cuttack-753014 (Odisha)
O.A. No. 168/2019

Utkal Grameen Bank,
Stressed Asset Recovery Branch, Sambalpur ...Applicant
-Versus-
Chumnu Xaxa & Others ...Defendants

To,
Defendant No.1: **Chumnu Xaxa,** S/o: Birsha Xaxa @ Oram, At: Benuam, P.O: Tamada, P.S: Banki, Dist.: Sundargarh, PIN-770037;
Defendant No.2: **Bichha Oram,** S/o: Gariba Oram, At: Benuam, P.O: Tamada, P.S: Banki, Dist.: Sundargarh, PIN-770037;
Defendant No.3: **Jingi Xaxa,** S/o: Late Birsha Oram @ Xaxa, At: Benuam, P.O: Tamada, P.S: Banki, Dist.: Sundargarh, PIN-770037;
Defendant No.4: **Buduni Oram,** D/o: Late Birsha Oram @ Xaxa, W/o: Budu Oram, At: Bhuatola, P.O: Balanda, P.S: Aksharsila, Dist.: Sundargarh, PIN-770031;
Defendant No.5: **Karmi Oram,** D/o: Late Birsha Oram @ Xaxa, W/o: Muna Oram, At: Tainsarteletola, P.O: Tainsar, P.S: Tainsar, Dist.: Sundargarh, PIN-770037.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED FOR SHOULD NOT BE GRANTED**

Take notice that the applicant has instituted the aforesaid Original Application before this Tribunal for recovery of **₹13,45,245.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within **30 days** from the date of publication or on **25th day of May, 2022** at **10.30 a.m.** as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this **8th day of April, 2022.**

Sd/- (M.K. Patnaik)
Registrar
Debts Recovery Tribunal, Cuttack



TATA STEEL
TATA

## ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ଦ୍ୱାରା, **ଦକ୍ଷିଣ ପୂର୍ବ ରେଳପଥ** ଅଧୀନସ୍ଥ ଚକ୍ରଧରପୁର ଡିଭିଜନ୍ ଅନ୍ତର୍ଗତ ଏମ୍‌ଏମ୍‌ଭିଆର୍ ଏବଂ ବିଏସ୍‌ପିଏକ୍ସ ଷ୍ଟେସନ୍ ମଧ୍ୟରେ ଅବସ୍ଥିତ **ଟାଟା ଷ୍ଟିଲ୍ ଯୋଡା ସାଇଡିଂ**ର ରେଳପଥ ଏବଂ ପରିସରର ସମସ୍ତ ଉପଭୋକ୍ତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୨୫୦୦୦ ଭୋଲ୍ଟ, ୫୦ ହର୍ଜ୍ ଏସି ଓଭରହେଡ୍ ଟ୍ରାକ୍ସନ୍ ତାର / ଫିଡର୍ ଲାଇନ୍‌ରେ ନିମ୍ନଲିଖିତ ସେକ୍ସନ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ଦିନ କିମ୍ବା ଏହା ପରେ ଶକ୍ତି ସଂଚାର କରାଯିବ। ଏହି ଦିନଠାରୁ ଓଭରହେଡ୍ ଟ୍ରାକ୍ସନ୍ ତାର / ଫିଡର୍ ଲାଇନ୍‌ରେ ସର୍ବଦା ଶକ୍ତି ସଂଚାର ହୋଇ ରହିବ ଏବଂ କୌଣସି ଅନଧିକୃତ ବ୍ୟକ୍ତିମାନେ ଉକ୍ତ ଟ୍ରାକ୍ସନ୍ ତାର / ଫିଡର୍ ଲାଇନ୍ ପରିସରର ନିକଟତର ନହେବା ସହ ଏହି ପରିସର ମଧ୍ୟରେ କାର୍ଯ୍ୟ କରିପାରିବେ ନାହିଁ।

| | ଲାଇନ ନମ୍ବର | ଚେନ୍‌ଏଜ୍ କିଲୋମିଟର | | ତାରର ଲମ୍ବ | ରେଳପଥ/ ଡିଭିଜନ୍ | ଶକ୍ତି ସଂଚାରର ତାରିଖ |
|---|---|---|---|---|---|---|
| | | ସ୍ଥାନ ଠାରୁ | ସ୍ଥାନ ପର୍ଯ୍ୟନ୍ତ | | | |
| ଏମ୍‌ଏମ୍‌ଭିଆର୍ ଏବଂ ବିଏସ୍‌ପିଏକ୍ସ ଷ୍ଟେସନ୍ ମଧ୍ୟରେ ଅବସ୍ଥିତ ଟାଟା ଷ୍ଟିଲ୍ ଯୋଡା ସାଇଡିଂ | ଏସ୍‌ଏସ୍‌ପି ଠାରୁ ସାଇଡିଂ ଲାଇନ୍ ପର୍ଯ୍ୟନ୍ତ ଫିଡର୍ ଲାଇନ୍ | ଗ୍ୟାଣ୍ଟ୍ରି ୧ ୩୯୫/ ୭୮୫ | ଟିଏସ୍‌ଏଲ୍/ ଏଫ୍-୧୭/ ୩୯୬/ ୪୦୦ | ୬୧୫ ମିଟର | ଦକ୍ଷିଣ ପୂର୍ବ ରେଳପଥ (ଚକ୍ରଧରପୁର ଡିଭିଜନ୍) | ୧୫ ଅପ୍ରେଲ ୨୦୨୨ |

ପ୍ରକଳ୍ପ ମୁଖ୍ୟ (ରେଲ୍ ଲଜିଷ୍ଟିକ୍ସ)
ଟାଟା ଷ୍ଟିଲ୍ ଲିମିଟେଡ୍

ପଞ୍ଜୀକୃତ ଅଫିସ୍: ବମ୍ବେ ହାଉସ୍,
୨୪, ହୋମି ମୋଦି ଷ୍ଟ୍ରିଟ୍, ଫୋର୍ଟ, ମୁମ୍ବାଇ ୪୦୦ ୦୦୧, ଭାରତ
ଟେଲିଫୋନ୍: ୦୨୨ ୬୬୬୫୮୨୮୨ଫ୍ୟାକ୍ସ: ୦୨୨ ୬୬୬୫୭୭୨୪
(ସିଆଇଏନ୍) – ଏଲ୍୨୭୧୦୦ଏମ୍‌ଏଚ୍୧୯୦୭ପିଏଲ୍‌ସି୦୦୦୨୬୦
ୱେବ୍‌ସାଇଟ୍: www.tatasteel.com


# ଏକାଧିକ ଭୋଟର ତାଲିକାରେ ନାଁ ଥିଲେ କାଟ

## ନିର୍ଭୁଲ୍ ଭୋଟର ତାଲିକା ନେଇ ୩୦ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନି ବୁଧବାର ରାଜ୍ୟର ୩୦ ଜିଲାର ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସରେ ନିର୍ଭୁଲ୍ ଭୋଟର ତାଲିକା ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି । ଏହି ଅବସରରେ ଲୋହାନି କହିଛନ୍ତି, ଏକାଧିକ ତାଲିକାରେ ରହିଥିବା ନାମଗୁଡ଼ିକୁ ତାଲିକାରୁ ବାଦ୍ ଦିଅ । ଦୋହରା ଫଟୋ ପରିଚୟ ପତ୍ର ଥିବା ଭୋଟରଙ୍କୁ ଠିକ୍ ଭାବେ ଯାଞ୍ଚ କରି ସେମାନଙ୍କୁ ତାଲିକାରୁ ବାଦ୍ ଦେଇ ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ସେ ଗୁରୁତ୍ୱାରୋପ କରିଛନ୍ତି।

ସେ ଆହୁରି କହିଛନ୍ତି, ଭାରତର ନିର୍ବାଚନ ଆୟୋଗ ପ୍ରଥମ ଥର ପାଇଁ ସମସ୍ତ ଭୋଟରଙ୍କୁ ଫଟୋ ପରିଚୟ ଡାକ ମାଧ୍ୟମରେ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିଲାଗି ଅନ୍‌ଲାଇନ ମାଧ୍ୟମରେ ଆବେଦନ କଲାବେଳେ ଫର୍ମ ନଂ. ୬ରେ ତାଲିକାରେ ନାମ ଯୋଗ ଓ ଫର୍ମ ନଂ. ୮ରେ ତ୍ରୁଟି ସଂଶୋଧନ ପାଇଁ ଫର୍ମ ପୂରଣ କଲାବେଳେ ନାଗରିକମାନେ ଆବେଦନ ଫର୍ମରେ ସମ୍ପୂର୍ଣ୍ଣ ଡାକ ଠିକଣା ଓ ମୋବାଇଲ୍ ନମ୍ବର ଦେବାକୁ ହେବ ନଚେତ୍ ଭୋଟରଙ୍କ ଘରେ ଡାକ ଯୋଗେ ଫଟୋ ପରିଚୟ ପତ୍ର ପହଞ୍ଚିବା ସମ୍ଭବ ହେବନାହିଁ । ଆସନ୍ତା ୨ ସପ୍ତାହ ମଧ୍ୟରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ନିଜ ନିଜ ଅଞ୍ଚଳରେ ଘରକୁ ଘର ଯାଇ ଠିକ୍ ତଥ୍ୟ ସଂଗ୍ରହ କରି ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ଠିକ୍ ତଥ୍ୟ ପ୍ରଦାନ କରିବେ। ଏହାପରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ଠିକ୍ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ବର୍ତ୍ତମାନ ସୁଦ୍ଧା ପ୍ରସ୍ତୁତ ହୋଇଥିବା ଫଟୋ ପରିଚୟ ପତ୍ରଗୁଡ଼ିକୁ ମେ ୧୫ ତାରିଖ ସୁଦ୍ଧା ଡାକ ମାଧ୍ୟମରେ ଭୋଟରଙ୍କ ଘରେ ପହଞ୍ଚାଇବା ପାଇଁ ସମସ୍ତ ଜିଲାପାଳଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଯେଉଁ ଭୋଟରଙ୍କ ନାମ ତାଲିକାରେ ନାହିଁ କିମ୍ବା ନାମ ଓ ଡାକ ଠିକଣା ଇତ୍ୟାଦିରେ ତ୍ରୁଟି ଅଛି ସେମାନେ ଏବେ ଅନ୍‌ଲାଇନ ମାଧ୍ୟମରେ ପୋର୍ଟାଲକୁ ଯାଇ ଆବେଦନ କରିପାରିବେ । ଏହା ମଧ୍ୟ ନିଜ ମୋବାଇଲ ମାଧ୍ୟମରେ ଭୋଟର ହେଲ୍‌ପ ଲାଇନ୍ ଆପ୍ ଡାଉନ୍‌ଲୋଡ୍ କରି ସେଥିରେ ଆବେଦନ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି । ଏହି ବୈଠକରେ ୩୦ ଜିଲାର ଜିଲାପାଳଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।


**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି ।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ଏଏଲ୍ 3118
କାଉଲ୍ ଚେସିସ୍
ଗାଡ଼ି ନଂ.- OD209K4433
ନିର୍ମାଣ ବର୍ଷ - 2019
ସଂରକ୍ଷିତ ମୂଲ୍ୟ - 1072788.71

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ । ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:**
**ତାପସ ମହାନ୍ତି 9861502061 / ଦୁର୍ଗା ସ୍ୱାଇଁ 9692645791**


# ସାରଦା ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା

ଛତ୍ରପୁର,୧୩।୪(ଡି.ଏନ.ଏ.): ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଭାବେ ବଡମାଧପୁର ସମିତିସଭ୍ୟା ଏସ୍.ସାରଦା ରେଡ୍ଡୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ତାଙ୍କର ପ୍ରସ୍ତାବକ ଭାବେ ବଡ଼ଗାଁ ସମିତି ସଭ୍ୟ ରାମଚନ୍ଦ୍ର ପରିଡା ଓ ସମର୍ଥକ ଭାବେ ଏନ୍.ରମେଶ ରେଡ୍ଡୀଙ୍କୁ ନେଇ ସମିତି ସଭ୍ୟା ସାରଦା ନାମାଙ୍କନ ଦାଖଲ କରିଥିଲେ । କେବଳ ସେ ଏକମାତ୍ର ନାମାଙ୍କନ ଦାଖଲ କରିଥିବାରୁ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ବ୍ଲକ ଉପାଧ୍ୟକ୍ଷା ଭାବେ ନିର୍ବାଚିତ କରାଯାଇଥିଲା । ଛତ୍ରପୁର ବ୍ଲକରେ ୧୮ ସମିତିସଭ୍ୟ ଥିବାବେଳେ ୧୨ ସମିତି ସଭ୍ୟ ହିଁ ବ୍ଲକ ଉପାଧ୍ୟକ୍ଷ ନିର୍ବାଚନ ବେଳେ ଉପସ୍ଥିତ ଥିଲେ।


ଏସ୍.ସାରଦା ରେଡ୍ଡୀ

ସୂଚନାଯୋଗ୍ୟ, ଛତ୍ରପୁର ବ୍ଲକ ଅଧ୍ୟକ୍ଷା ନିର୍ବାଚନ ବେଳେ ୫ ସମିତିସଭ୍ୟଙ୍କୁ କରୋନା ଦର୍ଶାଇ ନିର୍ବାଚନ ବାତିଲ କରାଯାଇଥିବା ବେଳେ ପରେ ହାଇଡ୍ରାମା ମଧ୍ୟରେ ଉକ୍ତ ନିର୍ବାଚନ ହୋଇଥିଲା ।

# ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ: ଧର୍ମେନ୍ଦ୍ର

ଢେଙ୍କାନାଳ ଅଫିସ, ୧୩।୪

ଗଣତନ୍ତ୍ରରେ ହିଂସାରେ ସ୍ଥାନ ନାହିଁ। ନିର୍ବାଚନରେ କିଏ ଜିତିବ ତ କିଏ ହାରିବ। ଜନମତକୁ ମୁଣ୍ଡପାତି ସ୍ୱୀକାର କରିବାକୁ ପଡ଼ିବ। ଏଥିରେ ଅସହିଷ୍ଣୁ ହେବା ଅନୁଚିତ। ନବନିର୍ବାଚିତ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ଘର ଉପରକୁ ୧୦ଦିନ ଅନ୍ତରାଳରେ ୨ଥର ଆକ୍ରମଣ କରାଯିବା ଘଟଣା ଦୁର୍ଭାଗ୍ୟଜନକ। ସବୁଠାରୁ ଦୁଃଖର କଥା ଆଇନଶୃଙ୍ଖଳା ଦାୟିତ୍ୱରେ ଥିବା ଲୋକେ ଚୁପ୍ ବସିବା। ପ୍ରଜାତନ୍ତ୍ରରେ ନିରନ୍ତର ଜିତୁଥିବା ଲୋକମାନେ ଏକଚାଟିଆ ଶାସନ କରିବେ ଭାବିବା ଭୁଲ। ଏଭଳି ମାନସିକତାର ଉତ୍ତର ଏ ମାଟିର ସନ୍ତାନ ବାଜି ରାଉତ ଅତୀତରେ ଦେଇଥିଲେ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଢେଙ୍କାନାଳ ଜିଲା ଗସ୍ତରେ ଆସିଥିବାବେଳେ ସପ୍ତଶଯ୍ୟା ପଞ୍ଚାୟତର ସଦେଇବେରେଣୀ ଗ୍ରାମରେ ବୁଧବାର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ବାସ୍ତବ ସ୍ଥିତି ସମୀକ୍ଷା କରିବା ଅବସରରେ ସେ ଏଭଳି ମତ ରଖିଛନ୍ତି।

ସଦେଇବେରେଣୀ ଗ୍ରାମରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରି ଧର୍ମେନ୍ଦ୍ର କହିଲେ, ମୋଦି ସରକାର ଗରିବ ଓ ଅସହାୟଙ୍କୁ ମାଗଣାରେ ଚାଉଳ ଦେଉଛନ୍ତି। ଏହାକୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଠିକ୍ ସମୟରେ ପହଞ୍ଚାଇବା ଆମ ସମସ୍ତଙ୍କ ଦାୟିତ୍ୱ। ଆକାଂକ୍ଷା ଜିଲା ଅନ୍ତର୍ଭୁକ୍ତ ଢେଙ୍କାନାଳର ସର୍ବାଙ୍ଗୀନ ଉନ୍ନତି ପାଇଁ ମୋଦି ସରକାର ସଂକଳ୍ପବଦ୍ଧ ବୋଲି ଧର୍ମେନ୍ଦ୍ର ନିଜ ଅଭିଭାଷଣରେ କହିଥିଲେ। ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ଭୂଷଣ ପ୍ରଧାନ, ଶତ୍ରୁଘ୍ନ ଜେନା, ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟ, ବୋରାପଦା ଆଇଟିଆଇ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ଢେଙ୍କାନାଳ କଲେଜ ନିକଟରେ ଆଲୁମ୍‌ନି ଆସୋସିଏଶନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଜିଲା ଭାଜପା କାର୍ଯ୍ୟାଳୟରେ ଆୟୋଜିତ ସାଙ୍ଗଠନିକ ସଭାରେ ଯୋଗଦେଇ ଧର୍ମେନ୍ଦ୍ର ଦଳୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ।


**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 5965/IND-II-PH-983 ତାରିଖ: 8.4.2022
No.CAD-157

**ବିଜ୍ଞାପନ**

ଏତଦ୍ଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଫେରୋ ଆଲୋଏଜ୍ କର୍ପୋରେସନ ଲିମିଟେଡ୍ ନିମନ୍ତେ ଓଡ଼ିଶାର ଯାଜପୁର ଜିଲା, ସୁକିନ୍ଦା ତହସିଲ ଅନ୍ତର୍ଗତ କଳାରଙ୍ଗିଆଟା ଗ୍ରାମରେ ୨୩.୮୦ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ କଳାରଙ୍ଗିଆଟା କ୍ରୋମାଇଟ୍ ଖଣିରୁ ବାର୍ଷିକ ସର୍ବାଧିକ ୦.୪୩୮ ନିୟୁତ ଘନମିଟର ଉତ୍ତୋଳନ କରି ବାର୍ଷିକ ଉତ୍ପାଦନ ୦.୦୫ ଏମ୍‌ଟିପିଏରୁ ୦.୧୫ ଏମ୍‌ଟିପିଏ (ଆର୍.ଓ.ଏମ୍.) କୁ ବୃଦ୍ଧି କରିବା** ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୧୭.୦୫.୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ ଯାଜପୁର ଜିଲା, ସୁକିନ୍ଦା ତହସିଲ ଅନ୍ତର୍ଗତ କଳାରଙ୍ଗିଆଟା ଗ୍ରାମରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯.୦୭.୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲାପାଳଙ୍କ କାର୍ଯ୍ୟାଳୟ, **ଯାଜପୁର** ।
୨. ଜିଲା ଶିଳ୍ପକେନ୍ଦ୍ର, **ଯାଜପୁର**।
୩. ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଯାଜପୁର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **କଳିଙ୍ଗ ନଗର, ଯାଜପୁର** ।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **କଳିଙ୍ଗ ନଗର, ଯାଜପୁର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./- ସଦସ୍ୟ ସଚିବ
OIPR-08012/11/0018/2223



**IN THE DEBTS RECOVERY TRIBUNAL AT CUTTACK**
C-71, Sector-7, CDA, Cuttack-753014 (Odisha)
O.A. No. 136/2019

Utkal Grameen Bank,
Stressed Asset Recovery Branch, Sambalpur ...Applicant
-Versus-
Bhaktaram Karali & Others ...Defendants

To,
Defendant No.1: **Bhaktaram Karali,** S/o: Ratha Karali, At: Nadisuguda, P.O: Daldali, P.S: Bhasma, Dist.: Sundargarh, PIN-770019;
Defendant No.2: **Sripati Bhoi,** S/o: Raidhar Bhoi, At: Tasaldihi, P.O: Mahulpali, P.S: Sundargarh Sadar, Dist.: Sundargarh, PIN-770044;
Defendant No.3: **Bisambar Mahanandia,** S/o: Late Purna Chandra Mahanandia, At: Tasaldihi, P.O: Mahulpali, P.S: Sundargarh Sadar, Dist.: Sundargarh, PIN-770044.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED FOR SHOULD NOT BE GRANTED**

Take notice that the applicant has instituted the aforesaid Original Application before this Tribunal for recovery of **₹14,13,164.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within **30 days** from the date of publication or on **25th day of May, 2022 at 10.30 a.m.** as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this **8th day of April, 2022.**

Sd/- (M.K. Patnaik)
Registrar
Debts Recovery Tribunal, Cuttack



**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553

No. CAD-151 **TENDER ALERT**

**1) E-Tender Notice No.CPC-53/2021-22:** Engineering, Supply, Erection, Testing and commissioning of 132kV LILO Line from 132kV Budhipadar-Sundergarh line (CKT-II) to 220/132/33 kV Grid S/S, Bamra with two nos. 132kV Feeder Bay extension at Bamra Grid S/S with SAS, at an estimated Cost of the Package for Rs.33.40 Crore in Sambalpur district of Odisha on Turnkey Contract Basis.

**2)E-Tender Notice No.CPC-55/2021-22:** Supply of different size Control Cables.

**3)E-Tender Notice No.CPC-56/2021-22:** Supply, laying, testing and commissioning of 132kV, 630mm² XLPE copper cable from location no 62 to RTSS Gantry of 132kV SC line from Grid S/S, Chandikhole to proposed RTSS at Dhanamandal including associated civil works.

**4)E-Tender Notice No.58/2021-22:** Engineering, Supply, Erection, Testing and Commissioning of **(I)** Construction of 132kV LILO line from 132kV Chhend-RTSS, Nugaon circuit to 220/132/33kV Grid S/S, Kuarmunda(Line Length:0.95KM). **(II)** Modification of 132kV RTSS bay at Chhend Grid Sub-Station. **(III)** Stringing of one no. of conductor from 132/33kV Grid S/S Chhend to LILO point.

**5)E-Tender Notice No. NIT/ ODSSP/ OPTCL/ SETU/ 01/2022-23:** Supplying, fabricating & fixing of Cable Tray of length 2200 mtrs for laying 33kV & 11kV UG Cable on both outer sides (100mtrs on each side) of Gurupriya Bridge for connectivity to Badapada 33/11 kV Substation constructed under SETU SCHEME of Govt of Odisha for stable power power supply to Swabhiman Anchal within the Jurisdiction of TPSODL.

Complete set of bidding documents are available on **www.tenderwizard.com/OPTCL** portal and OPTCL's official website: **www.optcl.co.in.**

OIPR-04011/11/0006/2223 HIPR-02/2022-23

ନ୍ୟାୟ ଓ ସଦାଚାରର ପୂର୍ଣ୍ଣତା ନିମିତ୍ତ ଜଣେ ସନ୍ଥର ପବିତ୍ରତା ଯେତିକି ଆବଶ୍ୟକ – ଜଣେ ଯୋଦ୍ଧାର ଖଣ୍ଡା ମଧ୍ୟ ସେତିକି ଆବଶ୍ୟକ। ଶିବାଜୀଙ୍କ ବ୍ୟତୀତ ତାଙ୍କର ସନ୍ଥଗୁରୁ ରାମଦାସ ପୂର୍ଣ୍ଣ ହୋଇପାରନ୍ତି ନାହିଁ। ନ୍ୟାୟକୁ ରକ୍ଷା କରିବା ପାଇଁ ଓ ଦୁର୍ବଳଙ୍କୁ ବଳବାନର ଅତ୍ୟାଚାରରୁ ରକ୍ଷାକରିବା ପାଇଁ କ୍ଷତ୍ରିୟ ବୃତ୍ତିର ସୃଷ୍ଟି ହୋଇଛି। –ଶ୍ରୀଅରବିନ୍ଦ

# ବିଜ୍‌ନେସରେ ଅସମାନତା




ଫିଲିପେ ହିମ୍
ସିଇଓ, ଲା ବାଙ୍କେ ପୋଷ୍ଟଲ

ବର୍ଟାଣ୍ଡ୍ ବଦ୍ରେ
ମ୍ୟାନେଜିଂ ଡାଇରେକ୍ଟର, ୱାର୍ଲ୍ଡ ବ୍ୟାଙ୍କ

ଆମେ ଏକ ଅଧିକ କ୍ଷତିପ୍ରବଣ ବିଶ୍ୱରେ ରହୁଛେ ବୋଲି ନିକଟରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପରିଚାଳନା ନିର୍ଦ୍ଦେଶିକା କ୍ରିଷ୍ଟାଲିନା ଜର୍ଜିଭା କହିଥିଲେ। ସମ୍ଭାବ୍ୟ କ୍ଷତି ବା ସମସ୍ୟାକୁ ସାମ୍ନା କରିବା ପାଇଁ ସମ୍ମିଳିତ ଶକ୍ତି ଦରକାର ବୋଲି ସେ ପ୍ରକାଶ କରିଥିଲେ। ବାସ୍ତବରେ ସେ ଠିକ୍ କଥା କହିଛନ୍ତି। ରୁଷିଆର ୟୁକ୍ରେନ୍ ଆକ୍ରମଣର କିଛି ସପ୍ତାହ ମଧ୍ୟରେ ଭୂରାଜନୈତିକ ପ୍ରସଙ୍ଗ ଅର୍ଥାତ୍ ରାଜନୈତିକ ଓ ଅନ୍ତର୍ଜାତୀୟ ସମ୍ପର୍କ ବଦଳିଯାଇଛି। ଏହି ଯୁଦ୍ଧ ବିଶ୍ୱକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେବା ସହ ଏକ ନୂଆ କୂଟନୈତିକ ମତଭେଦ ସୃଷ୍ଟି କରିଛି। ଖାଦ୍ୟ, ଶକ୍ତି ଭଳି ମୌଳିକ ବିଷୟ, ଡିଜିଟାଲ ସୁରକ୍ଷା ଏବଂ ବିଶ୍ୱ ବାଣିଜ୍ୟିକ ସଂସ୍ଥାଗୁଡ଼ିକୁ ପ୍ରଭାବିତ କରୁଥିବା ବିଶ୍ୱର ନୂଆ ଗତିଶୀଳତାର ମୂଲ୍ୟାଙ୍କନ କରିବା ପାଇଁ ସରକାରଗୁଡ଼ିକୁ ସେମାନଙ୍କ ବିକଳ୍ପଗୁଡ଼ିକ ଉପରେ ପୁନର୍ବିଚାର କରିବାକୁ ହେବ। ନିକଟରେ ଜଗତୀକରଣର ଅନ୍ତ ହେବାର ସମ୍ଭାବନା ନଥିବାବେଳେ ଏହା ଯୋଗୁ ନିର୍ଦ୍ଦିଷ୍ଟ ଭାବେ ଭୀଷଣ କ୍ଷତି ହେବା ଭଳି ସ୍ଥିତି ଦେଖାଯାଇଛି। ବିଜ୍‌ନେସର ଢାଞ୍ଚାଗତ ପରିବର୍ତ୍ତନ ହୋଇସାରିଲାଣି। ଏଭଳି ଏକ ଆହ୍ୱାନପୂର୍ଣ୍ଣ ପରିବେଶରେ ସାମଗ୍ରିକ ସାମର୍ଥ୍ୟ ସୃଷ୍ଟି କରିବାର ଗୁରୁତ୍ୱ ଯଥେଷ୍ଟ ରହିଛି। କିନ୍ତୁ ଏହା ଲାଗି ସବୁସ୍ତରରେ ଅର୍ଥାତ୍ ଅନ୍ତର୍ରାଷ୍ଟ୍ରୀୟ (ବିଶେଷକରି ୟୁରୋପରେ), ରାଷ୍ଟ୍ରୀୟ, ବିଜ୍‌ନେସ, ସରକାରୀ ସଂସ୍ଥା ଏବଂ ନାଗରିକ ସମାଜଗୁଡ଼ିକ ମଧ୍ୟରେ ଏକତା ଓ ରାଜନୈତିକ ସହଯୋଗ ଆବଶ୍ୟକ। ଶକ୍ତି ଓ ଖାଦ୍ୟ ସୁରକ୍ଷା ଦିଗରେ ସଫଳତା ହାସଲ କରିବା କେବଳ ଆମ ସାମର୍ଥ୍ୟ ଉପରେ ନୁହେଁ, ବରଂ ଏହା ସମାନତା ଏବଂ ନୀତି ନିର୍ଦ୍ଧାରଣର ସ୍ୱଚ୍ଛତା ଉପରେ ନିର୍ଭର କରିବ। କିନ୍ତୁ ବିଜନେସରେ ଏବକାର ଅସମାନତା ତୀବ୍ର ହେବାରେ ଲାଗିଛି ଏବଂ ସମ୍ମିଳିତ କାର୍ଯ୍ୟର ସାମର୍ଥ୍ୟକୁ କ୍ଷତି ପହଞ୍ଚାଇଛି। ଆମେ ଜଗତୀକରଣର ସପକ୍ଷ ଓ ବିରୋଧ ସମ୍ପର୍କିତ ବିତର୍କକୁ ବାଦ ଦେଇ ଏକ ଅଧିକ ସ୍ଥାୟୀ ଏବଂ ସମାବେଶୀ ଅର୍ଥ ବ୍ୟବସ୍ଥା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ।

ଜଗତୀକରଣରେ ଘଟିଥିବା ଘଟଣାଗୁଡ଼ିକୁ ବିଚାର କଲେ ସ୍ପଷ୍ଟ ହୁଏ ଯେ, ୨୦୦୧ରେ ବିଶ୍ୱ ବାଣିଜ୍ୟ ସଂସ୍ଥା (ଡବ୍ଲ୍ୟୁଟିଓ)ରେ ଚାଇନା ପ୍ରବେଶ କରିଥିଲା। ଆଞ୍ଚଳିକ ପରିଧିରୁ ବାହାରି ଲାଭ ପାଇଁ ବିଦେଶରେ କମ୍ପାନୀ ଆରମ୍ଭ କରି ଏବଂ ପାଶ୍ଚାତ୍ୟର ଶିଳ୍ପ କ୍ଷମତା ହ୍ରାସ କରି ଚାଇନା ବୈଶ୍ୱିକ ଅସନ୍ତୁଳନତା ବୃଦ୍ଧି କରିଥିଲା। ଏହାଯୋଗୁ ଘଟିଥିବା ମୂଲ୍ୟ ହ୍ରାସକୁ ଉପଭୋକ୍ତାମାନେ ସ୍ୱାଗତ କରିଥିଲେ ମଧ୍ୟ ତାହା ମଧ୍ୟବିତ୍ତ ବର୍ଗଙ୍କ କ୍ରୟ କ୍ଷମତାରେ ହୋଇଥିବା କ୍ଷତିକୁ ପୂରଣ କରିବାକୁ ପର୍ଯ୍ୟାପ୍ତ ହୋଇ ନ ଥିଲା। କେବଳ ଏତିକି ନୁହେଁ, ଶିଳ୍ପ ଆଧାରରେ ହୋଇଥିବା କ୍ଷତିକୁ ନେଇ ଦେଶଗୁଡ଼ିକରେ ବଢୁଥିବା ଅସୁରକ୍ଷା ଭାବ ଦୂର କରିବାକୁ ସକ୍ଷମ ହୋଇ ନ ଥିଲା। ପରିଣାମସ୍ୱରୂପ, ଜଗତୀକରଣ ସାମାଜିକ ଏକତା ଏବଂ ବର୍ଦ୍ଧିତ ଲୋକପ୍ରିୟତାକୁ ହ୍ରାସ କରିଛି। ପାଶ୍ଚାତ୍ୟରେ ନିଯୁକ୍ତିଦାତାଙ୍କ ଶସ୍ତାରେ ଶ୍ରମିକ ପାଇବାର ପ୍ରଚେଷ୍ଟା ଯୋଗୁ କର୍ମଚାରୀମାନେ ଅସୁବିଧାରେ ପଡ଼ିଥିଲେ। ସେମାନଙ୍କର ଆବଶ୍ୟକ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇ ନ ଥିଲା। କିନ୍ତୁ ସରକାରୀ ବ୍ୟୟ ଏବଂ ପୁନଃ ବିତରଣ କାର୍ଯ୍ୟକ୍ରମଗୁଡ଼ିକ ଆଂଶିକ ଭାବେ ଆର୍ଥିକ ଅସମାନତା କମ୍ କରିଥିଲା। ଏବେ କିନ୍ତୁ ଏହି ସମସ୍ୟା ଦୃଢ ହୋଇଛି । ଏହାକୁ ଦୂର କରିବା ଲାଗି କୌଣସି ଗୋଟିଏ ଦେଶର କାର୍ଯ୍ୟ ବା ପଦକ୍ଷେପ ଉପରେ ଆମେ ଆଉ ବେଶି ଦିନ ଭରସା କରି ପାରିବା ନାହିଁ। ଘରୋଇ କ୍ଷେତ୍ର ମଧ୍ୟ ଏଥିପାଇଁ ଆଗକୁ ଆସି ସାମାଜିକ ଚୁକ୍ତିକୁ ସମର୍ଥନ କର ମଜଭୁତ କରିବା ଉଚିତ। କେତେକ କମ୍ପାନୀର ପ୍ରଶିକ୍ଷଣ, ନିଯୁକ୍ତି ଏବଂ ବିବିଧ ନୀତି ରହିଛ ଓ ଏହାକୁ ସହଯୋଗ କରିବାକୁ ହେବ। ଏ ସଂକ୍ରାନ୍ତରେ ସିଭିଲ ସୋସାଇଟିର ପ୍ରୟାସକୁ ସମର୍ଥନ ଏବଂ ପ୍ରାୟୋଜନକୁ ନିଶ୍ଚିତ କରିବାକୁ ପଡ଼ିବ। କିନ୍ତୁ ବିଜ୍‌ନେସର ସ୍ଥାୟିତ୍ୱରେ ଅସମାନତା ଏକ ପ୍ରସଙ୍ଗ ବୋଲି ନିବେଶକ ଏବଂ କମ୍ପାନୀ ପରିଚାଳକମାନେ ବିଚାର କରିବା ଦରକାର।

ବିଶେଷକରି ବ୍ୟାଙ୍କ ଏବଂ ବିତ୍ତୀୟ ସଂସ୍ଥାଗୁଡ଼ିକ ଅସମାନତା ଦୂର କରିବା ଲାଗି ଭଲ ସ୍ଥିତିରେ ରହିଛନ୍ତି। ସେମାନେ ଏହାକୁ ତିନୋଟି ଉପାୟରେ କରିପାରିବେ। ପ୍ରଥମରେ, ସେମାନେ ସାମାଜିକ, ଡିଜିଟାଲ ଏବଂ ଆର୍ଥିକ ସ୍ତରରେ ବଞ୍ଚିତ ଲୋକଙ୍କ ନିକଟରେ ପହଞ୍ଚିବା ଲାଗି ଅଧିକ କିଛି କରିପାରିବେ। ଆର୍ଥିକ ସମସ୍ୟାରେ ଥିବା ଲକ୍ଷ ଲକ୍ଷ ଲୋକଙ୍କୁ ବ୍ୟାଙ୍କଗୁଡ଼ିକ ସେବା ଯୋଗାଉଛନ୍ତି। ଏଣୁ ଲୋକଙ୍କ ନିତିଦିନିଆ ସମସ୍ୟାଗୁଡ଼ିକର ସମାଧାନ କରିବା ଲାଗି ଆହୁରି ଅଧିକ ସେବା ଯୋଗାଇଦେବାକୁ ବ୍ୟାଙ୍କଗୁଡ଼ିକ ନିର୍ଦ୍ଦିଷ୍ଟ ଭାବେ ଯୋଜନା କରିବାକୁ ହେବ। ତେବେ ବହୁ ସମୟରେ ଆର୍ଥିକ ପରିଣାମ ପ୍ରାୟତଃ ଲୋକଙ୍କ ଆବଶ୍ୟକତାଗୁଡ଼ିକ ପାଇଁ ପ୍ରାସଙ୍ଗିକ ହୋଇ ନ ଥାଏ। କୋଭିଡ୍-୧୯ ସଙ୍କଟ ପ୍ରକାଶ ପାଇବା ପରେ ସାମାଜିକ ସଂଘରୋଧ ଏବଂ ଡିଜିଟାଲ ପୃଥକୀକରଣଠାରୁ ଆରମ୍ଭ କରି ଖାଦ୍ୟ ସୁରକ୍ଷା ଏବଂ ରହିବା ଲାଗି ଘର ଅଭାବ ଭଳି ସମସ୍ୟା ପ୍ରକାଶ ପାଇଥିଲା ଓ ଏହା ବୃଦ୍ଧି ପାଇଥିଲା। ଏହିସବୁ ସମସ୍ୟା ସାମାଜିକ ଓ ରାଜନୈତିକ ଦିଗରୁ ଚିନ୍ତାଜନକ। ଏହା ମଧ୍ୟ ଅସମାନତା ସୃଷ୍ଟି କରିଛି। ଏହା ଉପରେ ବିଚାର କରିବା ଉଚିତ।

ଦ୍ୱିତୀୟରେ ବ୍ୟାଙ୍କ ଏବଂ ବିତ୍ତୀୟ ସଂସ୍ଥାଗୁଡ଼ିକ ଉଭୟ ସରକାରୀ ଏବଂ ଘରୋଇ ହିତାଧିକାରୀଙ୍କ ଉପରେ ଧ୍ୟାନ ଦେବା ଉଚିତ। କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଯଦି ଆର୍ଥିକ କାର୍ଯ୍ୟ କଳାପ ଏବଂ ପୁଞ୍ଜିକୁ କେନ୍ଦ୍ରୀଭୁତ କରାଯାଏ, ତେବେ ବ୍ୟାପକ ସମୃଦ୍ଧି ସମ୍ଭବ ହେବ ନାହିଁ। ସେଭଳି ଅଞ୍ଚଳରେ ବ୍ୟାଙ୍କଗୁଡ଼ିକ ଉତ୍ତମ ସର୍ତ୍ତ ସହିତ ନିବେଶ ପାଇଁ ସୁବିଧା ଦେଇ ସାହାଯ୍ୟ କରି ପାରିବେ। ଏକ ଦୀର୍ଘମିଆଦୀ ସାମାଜିକ ଏକତା ଏବଂ ଭାଗୀଦାରି ସମୃଦ୍ଧି ଶକ୍ତିଶାଳୀ ସ୍ଥାନୀୟ ସମାଜ ଉପରେ ନିର୍ଭର କରେ। ସ୍ଥାନୀୟ ସମାଜ ମଧ୍ୟ ଉଚ୍ଚଗୁଣବତ୍ତା ଭିତ୍ତିଭୂମି ଏବଂ ଏଣ୍ଟରପ୍ରିନ୍ୟୁୟରଶିପ୍ ଉପରେ ନିର୍ଭର କରେ। ଶେଷରେ ବ୍ୟାଙ୍କ ଏବଂ ବିତ୍ତୀୟ ସଂସ୍ଥାଗୁଡ଼ିକ କାର୍ବନ ନିର୍ଗମନ ହ୍ରାସ କରିବାରେ ସହଯୋଗ କରିପାରିବେ। ଏହା ଦ୍ୱାରା ଅନେକ ଶିଳ୍ପରେ କାର୍ବନ ନିର୍ଗମନ ହାର ହ୍ରାସ କରିବା ଧାରରେ ପରିବର୍ତ୍ତନ ଆସିବା ସହ ଏହା ଶୀଘ୍ର ହୋଇପାରିବ ଏବଂ ଅଧିକ ଚାକିରି ଯିବବା ସମ୍ଭାବନା ରହିବ। ଯଦି ଲାଭ ଓ କ୍ଷତିକୁ କମ୍ପାନୀ, ମାଲିକ, ଅଂଶୀଦାର, ସରକାର ଏବଂ ସେହି ଅଞ୍ଚଳରେ ଶେୟାର କରାଯିବ ତେବେ ଶୂନ କାର୍ବନ ନିର୍ଗମନର ସମ୍ମିଳିତ କାର୍ଯ୍ୟ ରାଜନୈତିକ ଦୃଷ୍ଟିରୁ ସନ୍ତୋଷଜନକ ହୋଇପାରିବ। ପରିଶେଷରେ ପରିବେଶଗତ ଓ ସାମାଜିକ ଦୃଷ୍ଟିକୋଣରୁ ବିଜ୍‌ନେସ କାର୍ଯ୍ୟକୁ ସଞ୍ଚାଳନ କରୁଥିବା ବୃତ୍ତିଗତ ଲୋକଙ୍କୁ ବ୍ୟାଙ୍କ ସାହାଯ୍ୟ କରିପାରିବ। ଏହାଯୋଗୁ ଶୂନ କାର୍ବନ ନିର୍ଗମନ ସ୍ତର ହାସଲ କରିବାକୁ ଆବଶ୍ୟକ ନିବେଶ ଓ ବିତ୍ତୀୟ ପରିବର୍ତ୍ତନ କରିବାର ଆବଶ୍ୟକ ତଥ୍ୟ ସେମାନେ ପାଇପାରିବେ। ଏକ 'ତତ୍‌କ୍ଷଣାତ ପରିବର୍ତ୍ତନ' ନିଶ୍ଚିତ କରିବାକୁ ଏହି ସବୁ ମାପଦଣ୍ଡଗୁଡ଼ିକୁ ସିଧାସଳଖ ସବୁ ନୀତି ନିର୍ଦ୍ଧାରଣରେ ବିଚାର କରିବା ଦରକାର।

ବୈଶ୍ୱିକ ସମବେତରେ ଜଣେ ବାରମ୍ବାର ଶୁଣିବାକୁ ପାଇବ ଯେ, ଅସମାନତା ଆର୍ଥିକ ବିକାଶ ପ୍ରତି କ୍ଷତିକାରକ। ଏହାମଧ୍ୟ ଶୁଣିବାକୁ ମିଳିବ ଯେ, ବୃଦ୍ଧିପାଉଥିବା ସହଯୋଗ ଭିତ୍ତିକ ମାର୍କେଟ ଏବଂ ବିକଶିତ ପଥରେ ଥିବା ଅର୍ଥ ବ୍ୟବସ୍ଥାଗୁଡ଼ିକ ବ୍ୟକ୍ତି ଓ ବିଜ୍‌ନେସ ଉଭୟଙ୍କ ପାଇଁ ଭଲ। ଏବକାର ବିଜ୍‌ନେସ ଲିଡରମାନେ ଯଦି ଏହା ବୁଝିବେ, ସେମାନେ ଆହୁରି ଆଗକୁ ଯିବାର ଆବଶ୍ୟକତା ଉପଲବ୍ଧି କରିବେ ଓ ଆଗକୁ ବଧ ବଢିପାରିବେ। ବିନା ପୁନଃ ବିତରଣରେ ଦୀର୍ଘମିଆଦୀ ମୂଲ୍ୟ ସୃଷ୍ଟି କରାଯାଇପାରି ନାହଁ ବୋଲି ସ୍ୱୀକର କରିପାରବ ନାହିଁ ବୋଲଇ ଗ୍ରହଣ କରିବାକୁ ହେବ। ଏହା ବ୍ୟତୀତ ଆମ ବିଜ୍‌ନେସ ମଡେଲରେ ଅସମାନତା ଏକ ମୁଖ୍ୟ ସ୍ଥାନ ଦଖଲ କରିଛି ବୋଲି ସ୍ୱୀକାର କରି କାର୍ଯ୍ୟ କରିବାକୁ ପଡ଼ିବ। ଦେଶଗୁଡ଼ିକର ଆଧାର କୁହାଯାଉଥିବା ଆର୍ଥିକ ବିକାଶ ଠାରୁ ଆଉ କିଛି ଅଧିକ ଦାବି ହୋଇପାରିବ ନାହିଁ। ଏଣୁ କେହି ବି ବିଜ୍‌ନେସରେ ଥିବା ସମସ୍ୟା ଓ ଅସମାନତାକୁ ଅଣଦେଖା କରିବା ଉଚିତ ନୁହେଁ। ସାମାଜିକ ମୂଲ୍ୟବୋଧ ସହ ସମାନ ଭାବେ ରହି ନ ଥିବା ବିଜ୍‌ନେସ୍ ଏବେ ବିପଦରେ ଗତିକରୁଛି।

# ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ



ଜୟଶ୍ରୀ ପଟ୍ଟନାୟକ

ସୂର୍ଯ୍ୟଙ୍କ ବାର୍ଷିକ ଗତି ବା ରାଶିଚକ୍ର ୧୨ଟି ରାଶି ମଧ୍ୟଦେଇ ଗତି କରିଥାଏ, ଏହି ଗତିକୁ ସଂକ୍ରାନ୍ତି କୁହାଯାଏ। ୧୨ଟି ରାଶିକୁ ନେଇ ହୋଇଥାଏ ୧୨ଟି ସଂକ୍ରାନ୍ତି। ତନ୍ମଧ୍ୟରୁ ମହାବିଷୁବ ସଂକ୍ରାନ୍ତି ହେଉଛି ଶ୍ରେଷ୍ଠ ସଂକ୍ରାନ୍ତି। କାରଣ ଏହିଦିନ ସୂର୍ଯ୍ୟ ବିଷୁବରେଖା ଆଡ଼କୁ ଉତ୍ତରାୟଣ ଗତି କରିଥାନ୍ତି ଓ ସୌରବର୍ଷର ପ୍ରଥମ ଦିନ ହୋଇଥାଏ। ଏହି ଦିନ ସୂର୍ଯ୍ୟ ମେଷ ରାଶିରେ ପ୍ରବେଶ କରନ୍ତି ତେଣୁ ଏହି ସଂକ୍ରାନ୍ତିକୁ ମେଷସଂକ୍ରାନ୍ତି କୁହନ୍ତି। ଏହିଦିନ ସୂର୍ଯ୍ୟ ବିଷୁବରେଖା ଉପରେ ରହୁଥିବାରୁ ଏହି ସଂକ୍ରାନ୍ତିକୁ ବିଷୁବସଂକ୍ରାନ୍ତି କୁହାଯାଏ। ହିନ୍ଦୁମାନେ ବିଷୁବସଂକ୍ରାନ୍ତିକୁ ଏକ ପୁଣ୍ୟ ଦିବସ ରୂପେ ମାନିଥାନ୍ତି। କାରଣ ଆମେ ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ବାସକରୁ, ତେଣୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆମପାଇଁ ଅତି ପବିତ୍ର ସମୟ। ଏହି ସମୟ ବୈଶାଖ ସଂକ୍ରାନ୍ତି ତିଥିରୁ ଆରମ୍ଭ ହେଉଥିବାରୁ ଏହାକୁ ମହାବିଷୁବ ସଂକ୍ରାନ୍ତି ମଧ୍ୟ କୁହାଯାଏ। ଓଡ଼ିଶାରେ ମହାବିଷୁବ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବେ ଗ୍ରହଣ କରାଯାଏ। ଓଡ଼ିଆ ପଞ୍ଜିକା ଅନୁସାରେ ଏହି ଦିନ ଓଡ଼ିଆ ନବବର୍ଷର ପ୍ରଥମ ଦିନ। ମହାବ୍ରହ୍ମଚାରୀ ପବନସୁତ ହନୁମାନଙ୍କ ଜନ୍ମଦିନ ଏହିଦିନ ହୋଇଥିବାରୁ ତାଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଏ। ହନୁମାନ ପବନପୁତ୍ର ହୋଇଥିବାରୁ ଅଗ୍ନି ଓ ବାୟୁ ପ୍ରକୋପରୁ ରକ୍ଷା ପାଇବାପାଇଁ ଏହି ସଂକ୍ରାନ୍ତିରେ ହନୁମାନ ଜୟନ୍ତୀ ପାଳନ କରାଯାଏ। ଏହିଦିନ ହନୁମାନଙ୍କ ନିକଟରେ ବିଭିନ୍ନ ଫଳମୂଳ ସହିତ ଛତୁଆ ଓ ପଣାଭୋଗର ବିଧି ପ୍ରଚଳିତ। ତେଣୁ ଏହି ସଂକ୍ରାନ୍ତିକୁ ପଣାସଂକ୍ରାନ୍ତି ମଧ୍ୟ କୁହାଯାଏ। ଶକ୍ତି ବୃଦ୍ଧି ପାଇଁ ଚଣା, ଗୁଡ଼ ଓ ବେସନ ପ୍ରସ୍ତୁତ ଲଡୁ ହନୁମାନଙ୍କ ପାଖରେ ଲାଗେ। ଦିନସାରା ହନୁମାନ ଚାଳିଶା, ସଙ୍କଟମୋଚନ ଚଉତିଶା, ତୁଳସୀ ରାମାୟଣ ପାଠ କରାଯାଏ।

ମହାଭାରତ ଯୁଦ୍ଧରେ ଭୀଷ୍ମ ଶରଶଯ୍ୟାରେ ଥିବାବେଳେ ତାଙ୍କୁ ଶୋଷ ଲାଗିବାରୁ ଅର୍ଜୁନ ଏକ ଶରମାରି ପୃଥିବୀ ପୃଷ୍ଠରୁ ଜଳଧାର ସିଧା ତାଙ୍କ ପାଟିରେ ଦେଇ ତୃଷା ମେଣ୍ଟାଇଥିଲେ। ଏହିଦିନ ଥିଲା ବିଷୁବସଂକ୍ରାନ୍ତି। ତୃଷା ମେଣ୍ଟିବା ପରେ ଭୀଷ୍ମ ଧର୍ମରାଜ ଯୁଧିଷ୍ଠିରଙ୍କୁ କହିଥିଲେ, ଯେଉଁ ବ୍ୟକ୍ତି ଏହି ସମୟରେ ତୃଷାର୍ତ୍ତଙ୍କୁ ଜଳଦାନ ଦେବ ତାହାର ସମସ୍ତ ପାପ କ୍ଷୟ ହେବା ସହ ସେ ପୁଣ୍ୟ ଅର୍ଜନ କରିବ । ଫଳରେ ଏହି ଦିନ ଲୋକମାନେ ପୁଣ୍ୟ ଅର୍ଜନ ପାଇଁ ଜଳଦାନ କରିଥାନ୍ତି। ଏହିଦିନ ଶିବଲିଙ୍ଗ, ଶାଳଗ୍ରାମ, ଅଶ୍ୱତ୍ଥ ଓ ତୁଳସୀ ଗଛକୁ ଜଳ ଅର୍ପଣ କରାଯାଏ। ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ବିଷୁବରେଖା ଆଡ଼କୁ ଗତି କରୁଥିବାରୁ ପ୍ରଚଣ୍ଡ ଖରା ବା ବିଷୁବ ରେଖାର ତୀର୍ଯ୍ୟକ କିରଣ ଏହି ସମୟରେ ପୃଥିବୀ ପୃଷ୍ଠରେ ପଡ଼େ, ଫଳରେ ପୃଥିବୀ ଉତ୍ତପ୍ତ ହେବାରେ ଲାଗେ। ସୂର୍ଯ୍ୟଙ୍କର ତେଜ ଗତି ଫଳରେ ମାନବ ସମାଜ, ଜୀବଜଗତ, ବୃକ୍ଷଲତା ସମସ୍ତେ ପ୍ରଭାବିତ ହୋଇଥା'ନ୍ତି। ନଦୀ, ନାଳ, କୂପ, ଜଳାଶୟ ଶୁଖି ଯାଇଥାଏ। ତେଣୁ ଏହି ଗରମ ତେଜରୁ ରକ୍ଷା କରିବାପାଇଁ ଜଳଛତ୍ରମାନ ଖୋଲାଯାଇଥାଏ। ଲେମ୍ବୁପଣା, ମିଶ୍ରିପଣା, ଦହି ସରବତ, ଆଖୁପଣା, ବେଲପଣା ପିଇବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ଓ ଜଳଶୁଷ୍କତା ଦୂର ହୁଏ। ଦୋକାନଗୁଡ଼ିକରେ ଫଳରସ ଓ ଲସି ବିକ୍ରି ହେଉଥିବାର ଦେଖାଯାଏ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପଣାସଂକ୍ରାନ୍ତି ଦିନ ଜଳଛତ୍ର ଖୋଲାଯାଇ ରାସ୍ତାରେ ଯାଉଥିବା ପଥିକମାନଙ୍କ ତୃଷା ନିବାରଣ କରାଯାଏ। ତେଣୁ ଏହାର ଅନ୍ୟ ନାମ ଜଳଦାନ ସଂକ୍ରାନ୍ତି। ଏହିଦିନ ଚଉରାରେ ବସୁନ୍ଧରା ଠେକି କରାଯାଇ ତୁଳସୀ ଗଛ ଉପରେ ଛାମୁଡ଼ିଆ ବନ୍ଧାଯାଇ ନଡ଼ିଆ ବାହୁଙ୍ଗା ଓ ଜାମୁ ଡାଳରେ ଛାୟା ପ୍ରଦାନ କରାଯାଏ ଏବଂ ଠେକିରେ ଜଳରଖି ଅତିକ୍ଷୁଦ୍ର କଣାକରି କୁଟାଖଣ୍ଡରେ ବନ୍ଦ କରି ସରୁ ଜଳଧାରର ବ୍ୟବସ୍ଥା କରାଯାଇଥାଏ। ତୁଳସୀ ଗଛ ରୋପଣ, ପୂଜନ ପ୍ରତ୍ୟେକ ହିନ୍ଦୁ ପରିବାରର ପରମ୍ପରା। ଏହା ମୂଳରେ ସର୍ବ ଦେବତାଙ୍କ ବାସ ଓ ତୁଳସୀ ତ୍ରିତାପ ନାଶକାରୀ, ତେଣୁ ବୈଶାଖ ରୌଦ୍ରରୁ ରକ୍ଷା କରିବା ପାଇଁ ପ୍ରତିଦିନ ବସୁନ୍ଧରା ଠେକିରେ ପାଣି ଦିଆଯାଏ। ଜଳଧାର ଯେପରି ଟୋପା ଟୋପା ହୋଇ ତୁଳସୀ ଗଛରେ ମାସକ ଯାକ ପଡ଼ିବ ସେହିପରି ବ୍ୟବସ୍ଥା କରାଯାଇଥାଏ। ତେଣୁ ଏହାକୁ ଠେକିବସା ସଂକ୍ରାନ୍ତି କୁହାଯାଏ।

ଦଣ୍ଡଯାତ୍ରା ମୀନସଂକ୍ରାନ୍ତିର ୯ ଦିନ ପରେ ଆରମ୍ଭ ହୋଇ ମହାବିଷୁବ ସଂକ୍ରାନ୍ତିରେ ଶେଷ ହୁଏ । ଅନେକ ଦେବୀ ପୀଠରେ ଝାମୁଯାତ୍ରା ହୋଇଥାଏ। ମହାବିଷୁବ ସଂକ୍ରାନ୍ତି ଦିନ ଓଡ଼ିଆ ନବବର୍ଷ ପାଳନ ସହ ନୂତନ ପାଞ୍ଜି ପ୍ରଚଳନ କରାଯାଇଥାଏ ।

**ଭୁବନେଶ୍ୱର, ମୋ-୭୯୭୮୧୧୦୪୭୪**

## ଏଇ ଭାରତରେ

ଏଚ୍ଆଇଭି ପୀଡ଼ିତ ହୋଇ ସାମାଜିକ ବାଧାକୁ ସାମ୍ନା କରି ଏଭଳି ରୋଗରେ ପୀଡ଼ିତ ବହୁ ମହିଳାଙ୍କ ପାଇଁ ଆଶାବାଡ଼ି ପାଲଟିଛନ୍ତି ସୁରିନ୍ଦର କୌର। ରାଜସ୍ଥାନର ଅଲୱାର ଜିଲାରେ ଏକ ଗରିବ ପରିବାରରେ ଜନ୍ମିତ ସୁରିନ୍ଦର ମାଟ୍ରିକ ପାସ୍ ପରେ ଜଣେ ଗାଡ଼ିଚାଳକଙ୍କୁ ବିବାହ କରିଥିଲେ। ପରେ ଏଚ୍ଆଇଭି ପଜିଟିଭ୍‌ରେ ଆକ୍ରାନ୍ତ ହୋଇଥିଲେ। ସେତେବେଳକୁ ତାଙ୍କୁ ବୟସ ୧୯ ଓ ତାଙ୍କର ବି ଏକ କନ୍ୟାସନ୍ତାନ ଥିଲା। ତାଙ୍କୁ ଆତ୍ମହତ୍ୟା କରିବା ଲାଗି ମଧ୍ୟ କୁହାଯାଇଥିଲା। ହେଲେ ସେ ଏସବୁକୁ ଖାତିର ନ କରି ୧୦ ବର୍ଷ ବିନା ଔଷଧରେ ବଞ୍ଚି ରହିବା ପରେ ୨୦୦୫ରେ ଗୁଡ୍‌ଗାଁଓର ଏକ ଏନ୍‌ଜିଓ ସହ ଯୋଗାଯୋଗ କରି ଚିକିତ୍ସିତ ହୋଇଥିଲେ। ପରେ ହରିୟାଣା ଏଡ୍‌ସ ନିୟନ୍ତ୍ରଣ ସୋସାଇଟିରେ କାମ କରି ଅର୍ଥ ଉପାର୍ଜନ କରି ସ୍ୱାଧୀନ ଭାବେ ଜୀବନ ନିର୍ବାହ କଲେ। ଏବେ 'ସାଥୀ' ଏନ୍‌ଜିଓରେ କାର୍ଯ୍ୟ କରୁଛନ୍ତି ଓ ଏହା ମାଧ୍ୟମରେ ଏଚ୍ଆଇଭି ସଂକ୍ରମିତ ମହିଳାଙ୍କ ଯତ୍ନ ନେଉଛନ୍ତି। କେବଳ ଏତିକି ନୁହେଁ, ଆର୍ଥିକ ସମସ୍ୟାରେ ରହୁଥିବା ଏଭଳି ମହିଳାଙ୍କୁ ସାହାଯ୍ୟ କରୁଛନ୍ତି। ନିଜ ସଞ୍ଚିତ ଅର୍ଥରୁ ସେ ଏହା କରନ୍ତି। ଏବେ ସୁଦ୍ଧା ଏଚ୍ଆଇଭି ପୀଡ଼ିତ ୨୦୦ରୁ ଊର୍ଦ୍ଧ୍ୱ ଗର୍ଭବତୀ ମହିଳାଙ୍କୁ ସାହାଯ୍ୟ କରିସାରିଲେଣି। ଯେଉଁ ମହିଳାମାନେ ଏଚ୍ଆଇଭି ସଂକ୍ରମଣ ଲୁଚାଉଛନ୍ତି, ସେମାନଙ୍କୁ ସୁରିନ୍ଦର ବୁଝାଶୁଝା କରି ଚିକିତ୍ସାର ବନ୍ଦୋବସ୍ତ କରୁଛନ୍ତି। ଏନ୍‌ଜିଓ କାର୍ଯ୍ୟନିର୍ଘଣ୍ଟ ବାହାରେ ସେ ନିଜ ଖର୍ଚ୍ଚରେ ପୀଡ଼ିତାଙ୍କ ନିକଟରେ ପହଞ୍ଚୁଛନ୍ତି ଓ ସେମାନଙ୍କ ଭଲମନ୍ଦ ମଧ୍ୟ ବୁଝୁଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

**୧୪ ଏପ୍ରିଲ ୧୯୯୭**

- ଭାରତ ସୀମାନ୍ତ ଦେଇ ମହିଳା ଓ ଶିଶୁ ଚାଲାଣକୁ ରୋକିବା ଏବଂ ସୀମାନ୍ତ ଅପରାଧ, ଚୋରା କାରବାରକୁ ରୋକିବା ସହିତ ସୂଚନା ଆଦାନ ପ୍ରଦାନ ନେଇ ଭାରତ ଓ ବାଂଲାଦେଶ ମଧ୍ୟରେ ଏକ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ।
- ମଧ୍ୟ ପ୍ରଦେଶର ସିନ୍ଧୱାସ୍ଥିତ ଶିଳ୍ପାଞ୍ଚଳରେ ଅଗ୍ନିକାଣ୍ଡ ଘଟି ୪୦ ସୂତାକଳ ଭସ୍ମ।
- ଉତ୍ତର ପ୍ରଦେଶର ପୌଡ଼ିଗଡ଼ୱାଲ ଜିଲା ଅନ୍ତର୍ଗତ ଟିପ୍ଲାଘାଟ ନିକଟରେ ୩୦୦ ଫୁଟ ଗଭୀର ଖାତ ମଧ୍ୟକୁ ଏକ ବସ୍ ଖସିପଡ଼ିବା ଫଳରେ ୨୫ ଯାତ୍ରୀ ମୃତ।

## su|do|ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | 2 | | | |
| | | | | | 9 | | | 1 |
| | 8 | 3 | | | 6 | | 4 | |
| | | 5 | | | | | 2 | 9 |
| | 4 | | | 3 | | | | |
| | | | | | 5 | | | |
| | 6 | | 7 | | | 8 | 9 | |
| 5 | | | 2 | | | | 3 | |
| 8 | | | | 5 | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 9 | 5 | 1 | 2 | 3 | 7 | 4 |
| 1 | 3 | 2 | 7 | 4 | 8 | 9 | 5 | 6 |
| 4 | 5 | 7 | 6 | 3 | 9 | 8 | 1 | 2 |
| 7 | 2 | 8 | 9 | 6 | 4 | 5 | 3 | 1 |
| 5 | 1 | 4 | 8 | 7 | 3 | 6 | 2 | 9 |
| 6 | 9 | 3 | 2 | 5 | 1 | 4 | 8 | 7 |
| 2 | 7 | 5 | 3 | 9 | 6 | 1 | 4 | 8 |
| 3 | 4 | 6 | 1 | 8 | 7 | 2 | 9 | 5 |
| 9 | 8 | 1 | 4 | 2 | 5 | 7 | 6 | 3 |

ଗତକାଲିର ଉତ୍ତର

# ମୁକ୍ତି ସଂଗ୍ରାମର ସାରଥି



ମନୋରଞ୍ଜନ ଜେନା

ବିଭିନ୍ନତା ମଧ୍ୟରେ ବାସନ୍ଦତାପୂର୍ଣ୍ଣ ଅନ୍ତଃଚିତ୍କାର, ବାହ୍ୟ କୁସଂସ୍କାରରଟନା ପୋଷଣର ଚାବୁକ ପ୍ରହାରରେ ନିରବି ଯାଇଥିବା ଅନ୍ଧକାର ସମାଜ ବହ୍ନି ମଧ୍ୟରେ ୧୮୯୧ ଏପ୍ରିଲ ୧୪ରେ ଜନ୍ମ ନେଇଥିଲେ ଡ. ଆମ୍ବେଡକର। ମଧ୍ୟପ୍ରଦେଶର ମହୁ ଜିଲାର ରାମଜୀ ମାଲଜୀ ସତପାଲ ଓ ମାତା ଭୀମାବାଇଙ୍କ ସନ୍ତାନ ଥିଲେ ଭୀମରାଓ। 'ଆମ୍ବେଦ' ଗ୍ରାମରେ ଜନ୍ମଗ୍ରହଣ କରିଥିବାରୁ 'ଆମ୍ବେଦ' ଓ ତାଙ୍କ ଶିକ୍ଷକଙ୍କ ନାମ ଅନୁସାରେ କର ଯୋଡ଼ିବାରୁ 'ଆମ୍ବେଡକର' ନାମରେ ନାମିତ ହୋଇଥିଲେ। ବାରିଷ୍ଟର ପରେ ମହାତ୍ମା ତାଙ୍କୁ ବାବାସାହବେ ଆଖ୍ୟା ଦେଇଥିଲେ।

୫ ବର୍ଷ ବୟସରେ ସ୍କୁଲକୁ ପାଠ ପଢ଼ିବା ପାଇଁ ଯାଇଥିବା ବେଳେ ତାଙ୍କୁ ଅସ୍ପୃଶ୍ୟତାର ଶିକାର ହେବାକୁ ପଡ଼ିଥିଲା। ୧୯୦୭ରେ ସେ ମାଟ୍ରିକ୍ 'ଏଲିଫିଷ୍ଟୋନ' ହାଇସ୍କୁଲରେ ପାସ୍ କଲେ। ପରେଏଲିଫିଷ୍ଟୋନ କଲେଜ ବମ୍ବେରେ ମଧ୍ୟମ ଓ ୧୯୧୨ରେ ବିଶ୍ୱବିଦ୍ୟାଳୟରେ ବିଏ ପାସ୍ କରିଥିଲେ। ୧୯୧୫ରେ ଅର୍ଥଶାସ୍ତ୍ର ଓ ସମାଜ ଶାସ୍ତ୍ର, ଇତିହାସ, ରାଜନୀତି ବିଜ୍ଞାନ 'କଲମ୍ବିଆ ୟୁନିଭର୍ସିଟି ନ୍ୟୁୟର୍କ'ରେ ଏମ୍ଏ ଓ ୧୯୧୭ରେ ସେହିଠାରେ ପିଏଚ୍‌ଡି କରିଥିଲେ। ଉଚ୍ଚଶିକ୍ଷା ଲାଭ ପରେ ସେ ଭାରତ ଫେରି ଆସି ଅସ୍ପୃଶ୍ୟତା ବିରୋଧରେ ଓ ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇଥିଲେ। ୧୯୨୪ ମାର୍ଚ୍ଚ ୯ରେ ବହିଷ୍କୃତ ହିତକାରଣୀ ସଭା ନାମରେ ଏକ ସଂଗଠନ କରିଥିଲେ। ତାଙ୍କ ସଂଗ୍ରାମ ପାଇଁ ୧୯୨୭ରେ ସର୍ବସାଧାରଣ କୂଅପାଣି ଉପରେ ଅଛୁତମାନଙ୍କୁ ଅଧିକାର ଦେଇଥିଲେ ଓ ମହିଳାମାନଙ୍କୁ ପାଦ ପର୍ଯ୍ୟନ୍ତ ଶାଢ଼ି ପିନ୍ଧିବାର ଅଧିକାର ଦେଇଥିଲେ। ମହାରାଷ୍ଟ୍ର ନାସିକ୍‌ର କାଲାରାମ୍ ମନ୍ଦିରରେ ମାର୍ଚ୍ଚ ୨ରେ ହିନ୍ଦୁ ଦଳିତ ପ୍ରବେଶ କରାଇବାକୁ ଯାଇ ସେ ବିରୋଧର ଶିକାର ହୋଇଥିଲେ, ଯାହାକି ସାଇମଣ୍ଡ କମିଶନଙ୍କୁ କ୍ଷୁବ୍ଧ କରିଥିଲା। ୧୧ ଏପ୍ରିଲ ୧୯୪୭ରେ ସେ 'ହିନ୍ଦୁ କୋଡ୍ ଲ' ବିଲ୍ ଆଣି ବହୁ ସଂସ୍କାର କରିଥିଲେ। ସମାଜସେବା ପାଇଁ ସେ ଅନେକ ବହି ଲେଖିଛନ୍ତି। ସେ ଥିଲେ 'ଅଛୁଆଁ ରୋଗର ଡାକ୍ତର'। ମଣିଷକୁ ଗୋଲାମ ବନେଇ ହଜାର ହଜାର ବ୍ୟକ୍ତି ରାଜା ହୋଇଛନ୍ତି, କିନ୍ତୁ ଆମ୍ବେଡକର ଗୋଲାମିକୁ ରାଜା ବନେଇବାର ବିଶ୍ୱକର୍ମା ପାଲଟିଛନ୍ତି। ତାଙ୍କ ମତରେ ମୁଁ ଏମିତି ଧର୍ମରେ ଦୀକ୍ଷିତ ହେବାକୁ ଚାହୁଁଛି ଯେଉଁଠି ସ୍ୱତନ୍ତ୍ରତା, ସମାନତା, ଭାଇଚାରା ଓ ମାନବିକତା ଥିବ । ସବୁ ଧର୍ମକୁ ପରଖି ସାରିଲା ପରେ ସେ କହିଥିଲେ, ହିନ୍ଦୁ ହୋଇ ଜନମ ହେବା ମୋର ଅଧିକାର ନ ଥିଲା, କିନ୍ତୁ ମୁଁ ହିନ୍ଦୁ ହୋଇ ମରିବି ନାହିଁ। ସେ ମନୁସ୍ମୃତି ପୁସ୍ତକକୁ ଦହନ କରିଥିଲେ। ସବୁ ଧର୍ମ ଗବେଷଣା କଲାପରେ ଶେଷରେ ସେ ବୁଦ୍ଧ ଧର୍ମରେ ଦୀକ୍ଷିତ ହୋଇଥିଲେ।

ମହାତ୍ମା ଗାନ୍ଧୀ ଓ ଆମ୍ବେଡକର ଉଭୟ ଦେଶରୁ ଜାତି ପ୍ରଥା ବିଲୋପ ପାଇଁ ପ୍ରୟାସ ଜାରି ରଖିଥିଲେ। ମାତ୍ର ଗାନ୍ଧିଜୀ ହିନ୍ଦୁ ବର୍ଣ୍ଣ ବ୍ୟବସ୍ଥା ମଧ୍ୟରେ ଜାତିପ୍ରଥା ହଟାଇବା ପାଇଁ କହୁଥିବା ବେଳେ ଆମ୍ବେଡକର ବର୍ଣ୍ଣ ବ୍ୟବସ୍ଥା ପାଇଁ ଜାତି ବ୍ୟବସ୍ଥା, କୁସଂସ୍କାର,



**ଡ. ବି.ଆର୍. ଆମ୍ବେଡକରଙ୍କ ଜୟନ୍ତୀ ଉପଲକ୍ଷେ**

ଅନ୍ଧବିଶ୍ୱାସ, ଧର୍ମୀୟ ସଂକୀର୍ଣ୍ଣତା ଓ ସାମାଜିକ ବୈଷମ୍ୟର ସୃଷ୍ଟି ବୋଲି କହୁଥିଲେ। ତେଣୁ ଉଭୟଙ୍କ ବିଚାର ସମାନ ଥିବାବେଳେ ପ୍ରକ୍ରିୟା ଭିନ୍ନ ଥିଲା। ବିଦେଶୀ ଶାସନରୁ ଗାନ୍ଧିଜୀ ଦେଶର ସ୍ୱାଧୀନତା ପାଇଁ ଗୁରୁତ୍ୱ ଦେଉଥିବା ବେଳେ ଆମ୍ବେଡକର ମନୁବାଦରୁ ଓ ବିଦେଶରୁ ଆଜାଦ ଚାହୁଁଥିଲେ। ଆମ୍ବେଡକର ଅଛୁତମାନଙ୍କ ଦ୍ୱୈତ ପ୍ରତିନିଧିତ୍ୱ କଥା ଦାବି କରିଥିଲେ। ଏହାକୁ ତତ୍କାଳୀନ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ରାମ୍‌ସିଂ ଏଡ୍‌ୟାର୍ଡ ଗ୍ରହଣ କରିଥିଲେ, ଯାହାକୁ ନେଇ ଗାନ୍ଧିଜୀ ୨ୟ ଗୋଲଟେବୁଲ ବୈଠକରେ ଆପତ୍ତି କରିଥିଲେ। ମାତ୍ର ଗାନ୍ଧିଜୀଙ୍କୁ ଆମ୍ବେଡକର ଦେଶରେ ଏକାଠି ରୋଟି ଓ ଏକାଠି ବେଟି ବିବାହ ସହ ଧାର୍ମିକ,ଶିକ୍ଷା,ସଭା,ସମାନ ଭାଗୀଦାରି କଥା ଉଠାଇଥିଲେ। ଗାନ୍ଧିଜୀ ଚୁପ ରହିବା ପରେ ବ୍ରିଟିଶ ସରକାର ଆମ୍ବେଡକରଙ୍କ ଦାବିକୁ ମାନି ନେଇ ତଦନ୍ତ ପାଇଁ ନିଷ୍ପତ୍ତି ନେଇଥିଲେ।

ଆମ୍ବେଡକର ୧୯୨୬ରେ ବମ୍ବେ ବିଧାନସଭା ସଭ୍ୟ, ୧୯୩୫ରେ ବ୍ରିଟିଶ ସରକାରଙ୍କ ଦି ଲ' କଲେଜର ଅଧ୍ୟକ୍ଷ ହୋଇଥିଲେ। ୧୯୩୬ରେ ଲେବର ପାର୍ଟି କରିଥିଲେ। ୧୯୪୭ରେ ଜବାହରଲାଲ ନେହରୁ ମନ୍ତ୍ରିମଣ୍ଡଳ ସମ୍ଭାବ୍ୟ ତାଲିକାରେ ଆମ୍ବେଡକରଙ୍କ ନାମ ନ ଥିଲା । ଫଳରେ ଦଳିତ ଅସନ୍ତୋଷକୁ ଲକ୍ଷ୍ୟ ରଖି ଗାନ୍ଧିଜୀ ନେହରୁଙ୍କୁ କହିଥିଲେ, ଏହା ଆଜାଦ୍ ଭାରତର କ୍ୟାବିନେଟ । ତେଣୁ ତାଙ୍କୁ ଦେଶର ପ୍ରଥମ ଆଇନ ମନ୍ତ୍ରୀ ଭାବେ ନିଯୁକ୍ତ କରିଥିଲେ। ତା'ପରେ ଦେଶର ସମ୍ବିଧାନ ପାଇଁ ଯୋଗ୍ୟ ବ୍ୟକ୍ତି ଖୋଜା ଯାଉଥିବା ବେଳ ବ୍ରିଟିଶ ସରକାର ଆମ୍ବେଡକର ହିଁ ଭାରତର ଯୋଗ୍ୟ ବ୍ୟକ୍ତି ବୋଲି କହିଥିଲେ। ଫଳରେ ଏକ କମିଟି ଗଠନ ହୋଇଥିଲା। ସେଥିରେ ତାଙ୍କୁ ପ୍ରଣୟନ କମିଟିର ଅଧ୍ୟକ୍ଷ କରାଯାଇଥିଲା। ୨ବର୍ଷ ୩ମାସ ୧୧ ଦିନରେ ୪୭୦ଟି ଧାରା ଓ ୯ ଉପଧାରକୁ ନେଇ ଭାରତର ସମ୍ବିଧାନ ଲେଖାଯାଇଥିଲା। ୧୯୫୦ ଜାନୁୟାରୀ ୨୬ରେ ଏହା କାର୍ଯ୍ୟକାରୀ ହୋଇଥିଲା। ଏହି ସମ୍ବିଧାନ ବିଶ୍ୱର ବୃହତମ ସମ୍ବିଧାନ । ଏହି ସମ୍ବିଧାନରେ ଭାରତ ଏକ ଧର୍ମ ନିରପେକ୍ଷ, ସାର୍ବଭୌମ ଜନମଙ୍ଗଳ ରାଷ୍ଟ୍ର ମର୍ଯ୍ୟାଦା ପାଇଥିଲା। ସମସ୍ତ ବର୍ଗଙ୍କୁ ସମାନତା, ସ୍ୱତନ୍ତ୍ରତା, ଧର୍ମଗତ, ଅର୍ଥନୈତିକ, ଶୋଷଣ ବିରୋଧରେ ସ୍ୱର ଓ ରାଜନୈତିକ ଅଧିକାର, ଲିଙ୍ଗଗତ ଭେଦଭାବ ସହ ସମାନ କାମକୁ ସମାନ ମଜୁରି କରି ଇତିହାସର ମୋଡ଼ ବଦଳାଇ ଦେଇଥିଲେ। ୧୯୫୬ରେ ମହିଳା ସଂରକ୍ଷଣ ବିଲ୍ ପାସ୍ ନ ହେବାରୁ ସେ ଆଇନ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

ସେ ସର୍ବଦା ପଛୁଆ ବର୍ଗଙ୍କ ସଂରକ୍ଷଣ କଥା ଉଠାଉଥିଲେ। ୧୯୫୬ ଡିସେମ୍ବର ୬ରେ ତାଙ୍କର ଦେହାନ୍ତ ହୋଇଥିଲା। ୪ଟି ବିଭାଗର ମନ୍ତ୍ରୀ ଥିବା ଆମ୍ବେଡକରଙ୍କ ମୃତ୍ୟୁ ପରେ ତାଙ୍କ ବ୍ୟାଙ୍କର ଏକ ଖାତାରେ ମାତ୍ର ୧୫ହଜାର ଟଙ୍କା ଜମା ଥିଲା । ଏହାର ଅର୍ଥ ସେ ରାଷ୍ଟ୍ର ସମ୍ପତ୍ତିର କୌଣସି ଟଙ୍କାଟିଏ ବି ନିଜର ସମ୍ପତ୍ତି ଭାବି ନ ଥିଲେ। ୧୯୯୦ରେ ତାଙ୍କୁ ଭାରତ ରତ୍ନ ଉପାଧି ପ୍ରଦାନ କରାଯାଇଥିଲା। ବ୍ରିଟିଶ ଲେଖକ ମୋରିସ୍‌ଙ୍କ ମତରେ ଆମ୍ବେଡକର ଏତେ ବହି ଲେଖିଛନ୍ତି ଯେ ବିଶ୍ୱର କୌଣସି ଯୋଦ୍ଧା ଏକୁଟିଆ ଉଠାଇ ପାରିବେନି। ତାଙ୍କ ସଂଗ୍ରାମ ପାଇଁ ହଜାର ହଜାର ବର୍ଷର କୁସଂସ୍କାରରୁ ଦଳିତମାନଙ୍କୁ ମୁକ୍ତି ମିଳିଥିଲା। ସେ ସମ୍ବିଧାନର ମୁଖବନ୍ଧରେ ଜାତି, ଧର୍ମ, ଭାଷା, ଆଞ୍ଚଳିକ, ଧନୀ, ଗରିବ ନିର୍ବିଶେଷରେ ଆମେ ଭାରତବାସୀ ବୋଲି ଉଲ୍ଲେଖ କରିଥିଲେ। ଆମ୍ବେଡକର ଏପରି ଯୋଦ୍ଧା ଯେ କି ବିନା ରକ୍ତପାତରେ ସାଢେ ୪ହଜାର ବର୍ଷର କଳଙ୍କିତ ଇତିହାସକୁ ପରିବର୍ତ୍ତନ କରିପାରିଥିଲେ। ସେ ଥିଲେ ଊନବିଂଶ ଶତାବ୍ଦୀ ମୁକ୍ତିସଂଗ୍ରାମର ସାରଥି ଓ ଯୋଦ୍ଧା।

**ମୋ: ୯୪୩୭୦୮୬୬୭୯**

## ପାଠକ ଶ୍ରେଷ୍ଠ ବିଚାରକ

### ଆବଶ୍ୟକତାକୁ ଚାହିଁ ବ୍ୟବସ୍ଥା ହେଉ

ମହାଶୟ,

ସାଧାରଣ ଜନତାଙ୍କର ହକ୍ ହେଉଛି ମୌଳିକ ସୁବିଧା, ସୁଯୋଗ ପାଇବା। ମାତ୍ର ମାଳ ମାଳ ଯୋଜନା ଗ୍ରହଣ ସତ୍ତ୍ୱେ ଲୋକଙ୍କର ଆବଶ୍ୟକତା ପୂରଣ ହୋଇପାରୁ ନାହିଁ। ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରାଯିବା ପରେ ଏହାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଜୋରଦାର ପ୍ରୟାସ କରାଯାଉଛି। ମାତ୍ର ଯୋଜନା କାର୍ଯ୍ୟକାରୀ କରାଯିବା ପୂର୍ବରୁ ଲୋକଙ୍କର ପ୍ରକୃତ ଆବଶ୍ୟକତା କ'ଣ ରହିଛି, ସେ ସମ୍ପର୍କରେ ଜନମତ ଲୋଡ଼ାଯିବା ଦରକାର। ତା'ହେଲେ ଯାଇ ଆବଶ୍ୟକତା ପୂରଣ ସମ୍ଭାବନା ସୃଷ୍ଟି ହୋଇପାରିବ। ସମସ୍ୟା ଦୂର କରିବାକୁ ହେଲେ, ଲୋକଙ୍କର କ'ଣ ଦରକାର ତାହା ବୁଝି କାମ କରିବାକୁ ପଡ଼ିବ। ଖର୍ଚ୍ଚ କରାଯିବା ସତ୍ତ୍ୱେ ମଧ୍ୟ ଅନେକ କ୍ଷେତ୍ରରେ ସମସ୍ୟା ଦେଖିବାକୁ ମିଳୁଛି। ଏ ଦିଗରେ ସାଧାରଣ ଲୋକଙ୍କର ମଧ୍ୟ ଗୁରୁଦାୟିତ୍ୱ ରହିବ। ସେମାନେ ନିଜର ଆବଶ୍ୟକତାକୁ ଅଧିକ ନ ବଢ଼ାଇ, ଏହାକୁ ସୀମା ଭିତରେ ରଖିବା ଦରକାର। ତେବେ ଯାଇ ସେମାନଙ୍କର ସମସ୍ୟା ଧୀରେ ଧୀରେ ଦୂରେଇଯିବ ଏବଂ ସାଧାରଣ ଜୀବନଯାତ୍ରା ଠିକ୍‌ଠାକ୍ ଚାଲିବ। କାର୍ଯ୍ୟକାରୀ କରାଯାଉଥିବା କେତେକ ଯୋଜନା ଲୋକଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରୁ ନାହିଁ। ତେଣୁ ଏଥିରେ ଖର୍ଚ୍ଚ ହେଉଥିବା ଅର୍ଥ ପାଣିରେ ପଡ଼ିବା ସାର କେବଳ ହେଉଛି। ସମସ୍ୟା ମୁକ୍ତ ଜୀବନ ବିତାଇବା ହେଉଛି ସାଧାରଣ ଜନତାଙ୍କର ମୌଳିକ ଅଧିକାର। ତେଣୁ ଏଥିପ୍ରତି ଶାସନ ଓ ପ୍ରଶାସନ ତୀକ୍ଷ୍ଣ ଦୃଷ୍ଟି ଦେବାର ବହୁଳେ ଆବଶ୍ୟକତା ରହିଛି।

**–ସୁଧାଂଶୁ ମହାପାତ୍ର, ନୀଳାଦ୍ରିବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଣିଛି ସେ ମୋର ପ୍ରଭାତ କୁସୁମ ବୃନ୍ତୁ ତୋଳି ତା' କରେ
ସନ୍ଧ୍ୟା ଗୀତଟି ରକ୍ତିମ ତା'ର ଫୁଟାଇ ସଜ ଅଧରେ
(କା'ର) ଦିନାନ୍ତେ ମିଶଇ ସ୍ୱର୍ଣ୍ଣ ଅଞ୍ଚଳ
(ଏହି) ତୁଷାରେ ତିନ୍ତଇ ଚୂର୍ଣ୍ଣ କୁନ୍ତଳ
(ମୋର) ଜୀର୍ଣ୍ଣ ବାସନା କରେ ଚଞ୍ଚଳ ଛଳ ଛଳ ଲୋତକରେ
ଆଣିଛି ସେ ମୋର ସନ୍ଧ୍ୟା ଗୀତଟି ଫୁଟାଇ ସଜ ଅଧରେ।
-(ମଧୁ-ବିବାହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ମସ୍କଙ୍କ ବିରୋଧରେ କୋର୍ଟରେ ମାମଲା**

ନୂଆଦିଲ୍ଲୀ: ଟେସ୍‌ଲା ସିଇଓ ଏଲନ୍ ମସ୍କଙ୍କ ନାଁରେ ଆମେରିକାର ଏକ କୋର୍ଟରେ ମାମଲା ଦାୟର କରାଯାଇଛି। ଟୁଇଟରରେ ନିଜ ଶେୟାର କ୍ରୟ କରିଥିବା ସମ୍ପର୍କରେ ଜାଣିଶୁଣି ବିଳମ୍ବରେ ଘୋଷଣା କରିଥିବା ଆରୋପ ତାଙ୍କ ଉପରେ ଲଗାଯାଇଛି। ଆମେରିକାର ମାନ୍‌ହଟ୍ଟାନର ଫେଡେରାଲ କୋର୍ଟରେ ମସ୍କଙ୍କ ନାମରେ ଟୁଇଟରର କିଛି ପୂର୍ବ ଶେୟାରଧାରକ ମକଦ୍ଦମା ଦାୟର କରିଛନ୍ତି। ସେମାନେ କୋର୍ଟରେ ମସ୍କଙ୍କ ବିରୋଧରେ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି।

# ୨ବର୍ଷ ମଧ୍ୟରେ ୧୩ ହଜାର ଟ୍ରାକ୍ଟର ବିକ୍ରି

ନୂଆଦିଲ୍ଲୀ,୧୩।୪



ଅଗ୍ରଣୀ ଟ୍ରାକ୍ଟର ବ୍ରାଣ୍ଡ 'ସୋଲିସ୍ ୟାନ୍‌ମାର' ଭାରତ ବଜାରରେ ପ୍ରବେଶର ମାତ୍ର ୨ ବର୍ଷ ମଧ୍ୟରେ ୧୩,୦୦୦ଟି ଟ୍ରାକ୍ଟର ବିକ୍ରିକରି ଅପୂର୍ବ ସଫଳତା ହାସଲ କରିଛି। ବିଗତ ୧୦୦ବର୍ଷର ଜାପାନୀ ଜ୍ଞାନକୌଶଳ ସହିତ ପ୍ରସ୍ତୁତ ଏହି ଟ୍ରାକ୍ଟର ବିଶ୍ୱର କୃଷକମାନଙ୍କର ହୃଦୟ ଜିତିବା ସହ ଗ୍ଲୋବାଲ ୪ଡବ୍ଲ୍ୟୁଡି ଏକ୍ସପର୍ଟରେ ନିଜର ସ୍ଥାନ ହାସଲ କରିଛି । ଏହା ମଧ୍ୟ ୭ଟି ୟୁରୋପିଆନ ଦେଶ ମଧ୍ୟରେ ଏକ ନମ୍ବର ଟ୍ରାକ୍ଟର ବ୍ରାଣ୍ଡ ହେବା ସହ ୨୫୦ଟି ଡିଲରଶିପ ମାଧ୍ୟମରେ ନିଜର ନେଟ୍‌ୱର୍କକୁ ଶକ୍ତିଶାଳୀ କରିପାରିଛି । ସୋଲିସ୍ ୟାନ୍‌ମାର ଭାରତରେ ବିଶ୍ୱସ୍ତରରେ ଖ୍ୟାତିସମ୍ପନ୍ନ ୱାଇଏମ୍୩ ଟ୍ରାକ୍ଟର ରେଞ୍ଜର ଏବଂ ସୋଲିସ୍ ହାଇବ୍ରିଡ ଟ୍ରାକ୍ଟରର ଶୁଭାରମ୍ଭ କରିଛି।

ଏ ସମ୍ପର୍କରେ ସୋଲିସ୍ ୟାନ୍‌ମାରର ଜଏଣ୍ଟ ମ୍ୟାନେଜିଂ ଡାଇରେକ୍ଟର ରମଣ ମିତ୍ତଲ କହିଛନ୍ତି, ଏହା ମୋତେ ବ୍ୟକ୍ତ କରିବାକୁ ଅତ୍ୟନ୍ତ ଆନନ୍ଦ ଦେଉଛି ଯେ ଗତ କିଛି ବର୍ଷ ମଧ୍ୟରେ ଆମର ସମସ୍ତ କଠିନ ପରାମର୍ଶ ମାତ୍ର ୨ବର୍ଷ ମଧ୍ୟରେ ୧୩୦୦୦ଟି ଟ୍ରାକ୍ଟର

### ସୋଲିସ୍ ୟାନ୍‌ମାରର ଅପୂର୍ବ ସଫଳତା

ବିକ୍ରୟ କରିବାର ଐତିହାସିକ ମାଇଲଖୁଣ୍ଟ ହାସଲ କରିପାରୁଛି। ସେହିଭଳି ଆମ ପାଇଁ ଏହା ଏକ ଦୃଢ଼ ପ୍ଲାଟ୍‌ଫର୍ମ ମଧ୍ୟ ନିର୍ମାଣ କରିଛି। ୟାନ୍‌ମାର ସହିତ ଆମ୍ଭମାନଙ୍କର ସହଭାଗିତା ଖୁବ୍ ଫଳପ୍ରଦ ହୋଇଛି ଏବଂ ଆମ୍ଭେମାନେ ୧୦୦ବର୍ଷର ଜାପାନୀ କୌଶଳ ସହିତ ଜଡ଼ିତ ହୋଇପାରିଛୁ। ସେହିପରି ୭ଟି ୟୁରୋପିଆନ ଦେଶ ଏବଂ ଗ୍ଲୋବାଲ ୪ଡବ୍ଲ୍ୟୁଡି ଟ୍ରାକ୍ଟର ରେଞ୍ଜରେ ପ୍ରଥମ ସ୍ଥାନ ଗ୍ରହଣ କରିବା ପରେ ଭାରତୀୟ କୃଷକମାନଙ୍କ ପାଇଁ 'ଫ୍ୟୁଚର ଇଜ୍ ନାଓ' କୁ ସଫଳ କରିବା ପାଇଁ ଆମ୍ଭେମାନେ ପ୍ରତିଶ୍ରୁତିବଦ୍ଧ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଇଭି ଚାର୍ଜିଂ କରିଡର ନିର୍ମାଣ କରିବ ବିପିସିଏଲ୍

ନୂଆଦିଲ୍ଲୀ, ୧୩।୪

ଦେଶର ୧ଶହ ବ୍ୟସ୍ତବହୁଳ ଜାତୀୟ ରାଜପଥରେ ୧୦୦ଟି ଫାଷ୍ଟ ଇଲେକ୍ଟ୍ରିକ୍ ଭେହିକିଲ୍ (ଇଭି) କରିଡର ନିର୍ମାଣ ସମ୍ପର୍କରେ ରାଷ୍ଟ୍ରାୟତ୍ତ ପେଟ୍ରୋଲିୟମ୍ ମାର୍କେଟିଂ କମ୍ପାନୀ ଭାରତ ପେଟ୍ରୋଲିୟମ୍ କର୍ପୋରେଶନ (ବିପିସିଏଲ୍) ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଏନେଇ କମ୍ପାନୀ ପକ୍ଷରୁ ୨୦୦ କୋଟି ଟଙ୍କା ନିବେଶ କରାଯିବ ବୋଲି ମଧ୍ୟ କୁହାଯାଇଛି। ଏହି କରିଡରଗୁଡ଼ିକରେ ୨୦୦୦ ଚାର୍ଜିଂ ଷ୍ଟେଶନ ରହିବ। ଏ ସମ୍ପର୍କରେ ବିପିସିଏଲ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ପିଏସ୍ ରବି ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, କମ୍ପାନୀ ବର୍ତ୍ତମାନ ଚେନ୍ନାଇ-ତ୍ରିଚି ମଦୁରାଇ ରାଜପଥରେ ପ୍ରଥମ ଇଭି ଚାର୍ଜିଂ କରିଡର ସ୍ଥାପନା କରିଛି। ଜାତୀୟ ରାଜପଥ ୪୭ରେ କୋଚି-ସାଲେମ ସେକ୍ସନରେ ଆସନ୍ତା ୨ମାସ ମଧ୍ୟରେ କମ୍ପାନୀ ପକ୍ଷରୁ ପରବର୍ତ୍ତୀ ଇଭି ଚାର୍ଜିଂ କରିଡର ସ୍ଥାପନା କରାଯିବ ବୋଲି ସେ କହିଛନ୍ତି।

## ପିଏନ୍‌ବି ପକ୍ଷରୁ ୧୨୮ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୧୩।୪

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏହାର ୧୨୮ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ସଞ୍ଜୀବ ଭରଦ୍ୱାଜ, ମହାପ୍ରବନ୍ଧକ ମୁକ୍ତିରଞ୍ଜନ ରାୟ, ଭୁବନେଶ୍ୱର ସର୍କଲ ମୁଖ୍ୟ ପରେଶ କୁମାର ଦାସ ଏବଂ କଟକ ସର୍କଲ ମୁଖ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ।

ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପକ୍ଷରୁ ବିଶେଷ କରି ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ୱୟଂ ସହାୟକ ଗୋଷ୍ଠୀ ମେଳା, ଭ୍ରାମ୍ୟମାଣ ଏଟିଏମ୍ ଭ୍ୟାନର ଶୁଭାରମ୍ଭ ଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ ଶିବିର ଜରିଆରେ ପ୍ରାୟ ୧୦୦ୟୁନିଟ୍ ରକ୍ତ ସଂଗ୍ରହୀତ ହୋଇଥିଲା। ସୂଚନାଯୋଗ୍ୟ ଯେ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟର ସମସ୍ତ ଶାଖା ଓ ସର୍କଲ କାର୍ଯ୍ୟାଳୟଗୁଡ଼ିକ ପକ୍ଷରୁ ଏକ ଗ୍ରାହକ ସମ୍ମିଳନୀ କାର୍ଯ୍ୟକ୍ରମର ମଧ୍ୟ କରାଯାଇଥିଲା। ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ଭାରତର ଆନୁମାନିକ ଗ୍ରୋଥ୍ ରେଟ୍ ହ୍ରାସକଲା ବିଶ୍ୱ ବ୍ୟାଙ୍କ

ନୂଆଦିଲ୍ଲୀ, ୧୩।୪

ବିଶ୍ୱ ବ୍ୟାଙ୍କ ପକ୍ଷରୁ ବୁଧବାର ଭାରତ ଏବଂ ସମଗ୍ର ଦକ୍ଷିଣ ଏସିଆ କ୍ଷେତ୍ର ପାଇଁ ନିଜ ବିକାଶ ଅନୁମାନ ହ୍ରାସ କରିଛି। ୟୁକ୍ରେନ୍ ସଙ୍କଟ କାରଣରୁ ବଢ଼ିଥିବା ମୁଦ୍ରାସ୍ଫୀତି ଯୋଗୁ ଏଭଳି ଘଟିଛି। ୱାର୍ଲଡ ବ୍ୟାଙ୍କ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଦକ୍ଷିଣ ଏସିଆ କ୍ଷେତ୍ରର ସର୍ବବୃହତ୍ ଅର୍ଥବ୍ୟବସ୍ଥା ଥିବା ଦେଶ ଭାରତ ପାଇଁ ନିଜ ବିକାଶ ହାର ଅନୁମାନ ୮.୭%ରୁ ହ୍ରାସ କରି ୮% କରି ଦେଇଛନ୍ତି। ଆଫଗାନିସ୍ତାନକୁ ବାଦ୍ ଦେଲେ ଦକ୍ଷିଣ ଏସିଆ ପାଇଁ ବିଶ୍ୱ ବ୍ୟାଙ୍କ ନିଜ ବିକାଶ ଅନୁମାନରେ ୧% ହ୍ରାସ କରି ୬.୬% କରିଦେଇଛି। ଦେଶରେ କୋଭିଡ୍ ମହାମାରୀ ଏବଂ ମୁଦ୍ରାସ୍ଫୀତି ପ୍ରଭାବରେ ଶ୍ରମ ବଜାରରେ ରିକୋଭରି ଅସମ୍ପୂର୍ଣ୍ଣ ରହିଥିବା କାରଣକୁ ଘରୋଇ ବ୍ୟବହାର ହ୍ରାସ ଘଟିବ ବୋଲି ୱାର୍ଲଡ୍ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ, ୧୩।୪

ସପ୍ତାହର ଶେଷ କାରବାର ଦିନରେ ଶେୟାର ବଜାର ଲାଲ୍ ସଙ୍କେତରେ ବନ୍ଦ ହୋଇଛି। ଫଳରେ ଶେୟାର ବଜାରରେ ଲଗାତର ୩ଦିନ ପାଇଁ ସେନ୍‌ସେକ୍ସ ଏବଂ ନିଫ୍ଟିରେ ହ୍ରାସ ଦେଖିବାକୁ ମିଳିଛି। କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୨୩୭.୪୪ ଅଙ୍କ (୦.୪୧%) ହ୍ରାସ ଘଟିଥିବା ବେଳେ ନିଫ୍ଟିରେ ୫୪.୬୫ ପଏଣ୍ଟ (୦.୩୧%) ହ୍ରାସ ଘଟିଛି। ଫଳରେ ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୮,୩୩୮.୯୩ ଏବଂ ୧୭,୪୭୫.୬୫ ଇନ୍‌ଡେକ୍ସରେ ବନ୍ଦ ହୋଇଛି। ଦିନର ଟପ୍ ଗେନର୍ସଙ୍କ ତାଲିକାରେ ଓଏନ୍‌ଜିସି, ଆପୋଲୋ ହସ୍ପିଟାଲ୍ସ, ଆଇଟିସି, ସନ୍ ଫାର୍ମା ଏବଂ ୟୁପିଏଲ୍ ରହିଥିବା ବେଳେ ଟପ୍ ଲୁଜର୍ସଙ୍କ ଲିଷ୍ଟରେ ମାରୁତି ସୁଜୁକି, ଏଚ୍‌ଡିଏଫ୍‌ସି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍, ଟାଟା ମୋଟର୍ସ ଏବଂ ଡକ୍ଟର ରେଡ୍ଡିସ୍ ଲ୍ୟାବ୍ ରହିଛନ୍ତି। ଦିନର ଟ୍ରେଡିଂ ସମୟ ମଧ୍ୟରେ ୧୮୧୧ଟି ଶେୟାରରେ ବୃଦ୍ଧି ଏବଂ ୧୯୯୪ ଶେୟାରରେ ହ୍ରାସ ପରିଲକ୍ଷିତ ହୋଇଥିଲା।

## କେୟାର ସୁପର ସ୍ପେଶାଲିଟି ଓପିଡି ସେଣ୍ଟର ଉଦ୍‌ଘାଟିତ




ଭୁବନେଶ୍ୱର,୧୩।୪

କେନ୍ଦୁଝରଠାରେ କେୟାର ସୁପର ସ୍ପେଶାଲିଟି ଆଉଟ୍‌ପେସେଣ୍ଟ ଡିପାର୍ଟମେଣ୍ଟ (ଓପିଡି) ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କେୟାର ହସ୍ପିଟାଲ୍‌ର କିସଲୟ ଆନନ୍ଦ (ଏଚ୍‌ସିଓଓ) ଏବଂ ଡାକ୍ତର (ଏଚ୍‌ସି) ଲୋକନାଥ ଦାଶ (ଜିଏମ୍-ବିଡି) ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଶିବିର ଆୟୋଜନ କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିରରେ ୨୫୦ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିରେ କାର୍ଡିଓଲୋଜି, ଅର୍ଥୋପେଡିକ୍ସ, ନ୍ୟୁରୋସର୍ଜରି ଏବଂ ନେଫ୍ରୋଲୋଜି ବିଭାଗର ବିଶେଷ ଭାଗୀଦାରି ରହିଥିଲେ।

## ଏଫ୍‌ଆର୍‌ଏଲ୍‌କୁ ଆମାଜନ୍‌ର ଚେତାବନୀ

ନୂଆଦିଲ୍ଲୀ, ୧୩।୪

ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ରିଟେଲକୁ ଫ୍ୟୁଚର ରିଟେଲ୍ ଲିମିଟେଡ୍ (ଏଫ୍‌ଆର୍‌ଏଲ୍)ର ସମ୍ପତ୍ତି ବିକ୍ରିକୁ ମଞ୍ଜୁରୀ ଦେବା ସମ୍ବନ୍ଧରେ ଆସନ୍ତା ସପ୍ତାହରେ ନିଜ ଶେୟାରଧାରୀଙ୍କ ସହ ହେବାକୁ ଥିବା ବୈଠକକୁ ବିରୋଧକରି ଆମାଜନ୍ ପକ୍ଷରୁ ଚେତାବନୀ ଦିଆଯାଇଛି। କିଶୋର ବିୟାନି ଏବଂ ଅନ୍ୟାନ୍ୟ ପ୍ରମୋଟର୍ସଙ୍କୁ ଏକ ୧୬ ପୃଷ୍ଠା ବିଶିଷ୍ଟ ପତ୍ର ଦେଇ ଏହି ବୈଠକକୁ ବେଆଇନ ବୋଲି ଆମାଜନ୍ ପକ୍ଷରୁ କୁହାଯାଇଛି। ଏହାଦ୍ୱାରା ଏଫ୍‌ଆର୍‌ଏଲ୍‌ରେ ନିବେଶ ସମୟରେ ୨୦୧୯ରେ ହୋଇଥିବା ଚୁକ୍ତିନାମା ଉଲ୍ଲଂଘନ ହେଉଥିବା ସହିତ ସିଙ୍ଗାପୁର ମଧ୍ୟସ୍ଥ ନ୍ୟାୟାଧିକରଣର ନିଷେଧାଦେଶ ମଧ୍ୟ ଖଣ୍ଡନ ହେଉଥିବା ଆମାଜନ୍ ପକ୍ଷରୁ କୁହାଯାଇଛି।

## ଖିମ୍‌ଜୀ ଜୁଏଲର୍ସର 'ଏ ଲିଟିଲ ଏକ୍ସଟ୍ରା ବାହାଘର' ଅଭିଯାନ

ଭୁବନେଶ୍ୱର,୧୩।୪



ଚଳିତ ବିବାହ ଋତୁ ପରିପ୍ରେକ୍ଷୀରେ ଓଡ଼ିଶାର ପ୍ରମୁଖ ଅଳଙ୍କାର ବ୍ରାଣ୍ଡ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ବ୍ରାଇଡାଲ କଲେକ୍ସନ୍ 'ଏ ଲିଟିଲ ଏକ୍ସଟ୍ରା ବାହାଘର' ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଭିଯାନ ବିବାହର ଭାବନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହୋଇଛି। ବିଶେଷକରି ସୁନା, ରୁପା ଓ ହୀରା ଅଳଙ୍କାରର ବ୍ୟାପକ ସମ୍ଭାର ଏହି ଋତୁରେ ଉପଲବ୍ଧ ହେଉଛି। ସେହିପରି ବିବାହର ଆନନ୍ଦକୁ ବଜାୟ ରଖିବା ପାଇଁ ଖିମ୍‌ଜୀ ଏହାର ମୂଲ୍ୟବାନ୍ ଗ୍ରାହକମାନଙ୍କ ପାଇଁ ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ୫୦% ପର୍ଯ୍ୟନ୍ତ ରିହାତି ଭଳି ଆକର୍ଷଣୀୟ ଅଫର ସହ ଏସ୍‌ବିଆଇ କ୍ରେଡିଟ୍ କାର୍ଡଧାରୀମାନଙ୍କ ପାଇଁ ଚଳିତ ମାସ ୧୬ ତାରିଖ ପର୍ଯ୍ୟନ୍ତ ୫% କ୍ୟାଶ୍‌ବ୍ୟାକ୍ ସୁବିଧା ପ୍ରଦାନ କରାଯାଉଛି।

ଏ ସମ୍ପର୍କରେ ଖିମ୍‌ଜୀ ଗ୍ରୁପ୍‌ର ନିର୍ଦ୍ଦେଶକ ମିତେଶ୍ ଖିମ୍‌ଜୀ କହିଛନ୍ତି, ପରମ୍ପରା, ରୀତିନୀତି ଓ ବିଶେଷ ମୁହୂର୍ତ୍ତ ଅନୁଯାୟୀ ଭାରତୀୟ ବିବାହ ବିବିଧତାପୂର୍ଣ୍ଣ ରହିଥାଏ ଏବଂ ଆମର ଏହି ନୂତନ ଅଭିଯାନ 'ଏ ଲିଟିଲ ଏକ୍ସଟ୍ରା ବାହାଘର' ପ୍ରତି ଭାରତୀୟଙ୍କ ଭାବନାକୁ ଗୁରୁତ୍ୱ ଦେବ। ଆମେ ବିଶ୍ୱାସକରୁ ଯେ,ଏହା ଜରିଆରେ ପ୍ରତି ଶୁଭଦିନରେ ବଧୂ ପିନ୍ଧିଥିବା ଅଳଙ୍କାର ବିଶେଷ କରି ବଧୂ ଓ ପ୍ରତ୍ୟେକ ମହିଳାଙ୍କୁ ଗର୍ବିତ କରାଏ। ଓଡ଼ିଶାର ସମୃଦ୍ଧ ସଂସ୍କୃତି ଏବଂ ଐତିହ୍ୟ ଦ୍ୱାରା ଅନୁପ୍ରାଣିତ ହୋଇ ଏହି ଅଭିଯାନ ଜରିଆରେ ସୁନା, ରୁପା ଏବଂ ହୀରା ଅଳଙ୍କାର ବିଭିନ୍ନ ସଂଗ୍ରହ ଉପରେ ଅନେକ ଆକର୍ଷଣୀୟ ଓ ଡିଜାଇନ୍‌ର ଚୁଡି, କାନଫୁଲ, ହାର ଏବଂ ମୁଦି ଆଦିର ସମ୍ଭାର ଆଣିଛି, ଯାହାକି ଖିମ୍‌ଜୀର ନିଜସ୍ୱ କୁଶଳୀ କାରିଗରମାନଙ୍କ ଦ୍ୱାରା ଡିଜାଇନ କରାଯାଇଛି। ଉଲ୍ଲେଖଯୋଗ୍ୟ,୧୦୦% ହଲ୍‌ମାର୍କ ସୁନା ଅଳଙ୍କାର ଆଣିବାରେ ଖିମ୍‌ଜୀ ଜୁଏଲର୍ସ ଓଡ଼ିଶାର ପ୍ରଥମ ଅଗ୍ରଣୀ ବ୍ରାଣ୍ଡ। ଏହା ସହିତ ନିଜ ଗ୍ରାହକଙ୍କ ପାଇଁ ଆଇଜିଆଇ ହଲ୍‌ମାର୍କ ସଂଗ୍ରହ ମଧ୍ୟ ଉପଲବ୍ଧ ରଖିଛି।

# ନିଆଁକୁ ଆୟତ୍ତ କରିବା ମୁଖ୍ୟ ଲକ୍ଷ୍ୟ

**କୌ**ଣସିଠାରେ ନିଆଁ ଲାଗିଲେ ଦମକଳ ବାହିନୀ ପହଞ୍ଚି ଜୀବନକୁ ବାଜି ଲଗାଇ ଉଦ୍ଧାର କାର୍ଯ୍ୟ କରିଥାନ୍ତି। ସେମାନଙ୍କ କାର୍ଯ୍ୟ ଏବଂ ଦାୟିତ୍ୱବୋଧକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ଏପ୍ରିଲ୍ ୧୪ରେ ଜାତୀୟ ଅଗ୍ନିଶମ ସେବା ଦିବସ ପାଳିତ ହୋଇଥାଏ। ୧୪ ଏପ୍ରିଲ୍ ୧୯୪୪ରେ ବମ୍ବେ ବନ୍ଦରର ଭିକ୍ଟୋରିଆ ଡକ୍‌ରେ ନିଆଁ ଲିଭାଉଥିବା ସମୟରେ ୭୧ ଜଣ ଅଗ୍ନିଶମ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ପ୍ରାୟ ୧୪୦୦ଟନ ବିସ୍ଫୋରକ ସାମଗ୍ରୀ, କପା ତୁଳା, ସୁନା, ଗୁଳିଗୋଳା ମାଲ ପରିବହନ କରୁଥିବା ମାଲବାହୀ ଏସ ଫୋର୍ଟ ଷ୍ଟିକାଇନରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଉଥିବା ସମୟରେ ପ୍ରଚଣ୍ଡ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣର



### ଜାତୀୟ ଅଗ୍ନିଶମ ସେବା ଦିବସ

ତୀବ୍ରତା ଏତେ ଥିଲା ଯେ ବିସ୍ଫୋରଣ ସ୍ଥାନଠାରୁ ୧୭୦୦କିଲୋମିଟର ଦୂରରେ ଥିବା ସେଜ୍ମରରେ ଏହାକୁ ରେକର୍ଡ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ମୃତ ଅଗ୍ନିଶମ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥାଏ। ଏହା ସହିତ ସମାଜ ପ୍ରତି ଅଗ୍ନିଶମ କର୍ମଚାରୀଙ୍କ ଅନନ୍ୟ ବଳିଦାନ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ।

## ଫୁରସତ୍

### ଆଜି ହାତଗଣ୍ଠି

**ମୁମ୍ବାଇ:** ବଲିଉଡ୍ ନାୟକ ରଣବୀର କପୁର ଓ ନାୟିକା ଆଲିଆ ଭଟ୍ଟ ଗୁରୁବାର ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି। ମୁମ୍ବାଇ ସ୍ଥିତ ଭାସ୍ତୁ ବିଲ୍ଡିଂରେ ବୈଦିକ ରୀତିନୀତିରେ ବାହାଘର ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ମାତ୍ର ୨୮ ଜଣ ଅତିଥି ସାମିଲ ହେବା କଥା ଚର୍ଚ୍ଚା ହେଉଛି। ତେବେ ଆସନ୍ତା ୧୭ ତାରିଖରେ ନବଦମ୍ପତିଙ୍କ ରିସେପ୍ସନ ପାର୍ଟି ମୁମ୍ବାଇ ସ୍ଥିତ ତାଜ୍ ମହଲ ପ୍ୟାଲେସରେ କରାଯିବା ନେଇ ରିପୋର୍ଟ ପ୍ରକାଶ ପାଇଛି।



## ମେଟ୍ରୋ ବଞ୍ଚାଇଛି ଯାତ୍ରୀଙ୍କ ୨୬୯ ନିୟୁତ ଘଣ୍ଟା



ନୂଆଦିଲ୍ଲୀ

ରାଜଧାନୀ ଦିଲ୍ଲୀରେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ବୃଦ୍ଧ ସମସ୍ତେ ମେଟ୍ରୋ ଉପରେ ନିର୍ଭରଶୀଳ। ତେବେ ଏହି ମେଟ୍ରୋସେବା ଦ୍ୱାରା ଲୋକଙ୍କ ବହୁତ ସମୟ ମଧ୍ୟ ବଞ୍ଚିଯାଇଛି। ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନ୍ (ଡିଏମ୍‌ଆର୍‌ସି) ପକ୍ଷରୁ ମିଳିଥିବା ସୂଚନାନୁସାରେ ୨୦୨୧ ମସିହାରେ ଟ୍ରେନ୍ ଯାତ୍ରୀଙ୍କ ମୋଟ ୨୬୯ ନିୟୁତ ଘଣ୍ଟା ମେଟ୍ରୋ କାରଣରୁ ବଞ୍ଚିଯାଇଥିବା କୁହାଯାଇଛି। ତେବେ ୨୦୩୧ ବେଳକୁ ଯାତ୍ରୀଙ୍କର ୫୭୨.୫ ନିୟୁତ ଘଣ୍ଟା ସମୟ ସେଭ୍ ହୋଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଖାଲି ସେତିକି ନୁହେଁ, ମେଟ୍ରୋ ଯୋଗୁ ଜନଗହଳିପୂର୍ଣ୍ଣ ରାସ୍ତାରୁ ୫ ଲକ୍ଷ ଗାଡ଼ି ହଟିଥିବା ପ୍ରକାଶ ପାଇଛି। ତେବେ ୨୦୧୯ରେ ଏହି ଫିଗର ୪.୭୪ ଲକ୍ଷ ଥିବା ଡିଏମ୍‌ଆର୍‌ସି କହିଛି।

ବାୟୁ ପ୍ରଦୂଷଣ ରୋକିବା ପାଇଁ ଦିଲ୍ଲୀ ମେଟ୍ରୋର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଜଧାନୀରେ ୩୭ ମେଗାୱାଟ ସୌର ଶକ୍ତି ଉତ୍ପାଦନ ହେଉଥିବାବେଳେ ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳ ପରିମାଣ କମାଇବାରେ ଏହା ସହାୟକ ସାବ୍ୟସ୍ତ ହୋଇଛି। ତେବେ ବର୍ତ୍ତମାନ ସମୟରେ ରାଜଧାନୀରେ ୩୯୨ କି.ମି ପର୍ଯ୍ୟନ୍ତ ମେଟ୍ରୋ ନେଟ୍‌ୱାର୍କ ସେବା ଜାରି ରହିଥିବାବେଳେ ଏହା ଅଧୀନରେ ୨୮୬ଟି ଷ୍ଟେଶନ ରହିଛି।

ଦଶାହ ଉଲକ୍ଷେ



ଏଡଃ ବସନ୍ତ କୁମାର ମିଶ୍ର
ଗଡ଼ମହାବୀର ବିହାର, ଭୁବନେଶ୍ୱର
ଆବିର୍ଭାବ- ୧୯।୦୩।୧୯୫୬
ତିରୋଧାନ- ୦୫।୦୪।୨୦୨୨
ହେ ମହାନ୍ ଆତ୍ମା, ଜୀବନର ଶେଷ ସମୟ ପର୍ଯ୍ୟନ୍ତ ତମ୍ଭେ ଦୀପ ଭଳି ଜଳି ଜଳି ସମସ୍ତଙ୍କୁ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଭିତରେ ବାନ୍ଧିରଖି ସବୁ ମାୟା ବନ୍ଧନ କାଟି ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଆରପାରିକୁ ଚାଲିଗଲ । ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସପରିବାର ପ୍ରଭୁ ଶ୍ରୀଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା କରୁଅଛୁ । ଆମମାନଙ୍କ ଚଲାପଥରେ ଆପଣଙ୍କ ଆଶୀର୍ବାଦ ରହିଥାଉ, ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଆମର ବିନମ୍ର ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ:- ହତଭାଗିନୀ ପତ୍ନୀ- ସୁକାନ୍ତି, ଦୁଇଝିଅ- ସ୍ମୃତିଶ୍ରୀ, ସ୍ୱାତିଶ୍ରୀ, ଜ୍ୱାଇଁ- ରାଜା, ରଞ୍ଜନ, ନାତି- ତୁତୁ, ଭ୍ରାତୃ ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନବର୍ଗ ।
D-132

# ସୋନମଙ୍କ ଘରୁ ଚୋରି




**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ସୋନମ କପୁରଙ୍କ ଘରୁ କିଛିଦିନ ତଳେ ୨.୪ କୋଟିର ଟଙ୍କା ଓ ଗହଣା ଚୋରି ଘଟଣା ସାମ୍ନାକୁ ଆସିଥିବାବେଳେ ଏ ନେଇ ପୋଲିସ ଜଣେ ନର୍ସ ଓ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ଅପର୍ଣ୍ଣା ରଥ୍ ୱିଲ୍‌ଶନ୍ ନାମକ ନର୍ସ ସୋନମଙ୍କ ଶାଶୁଙ୍କ ଦେଖାରଖା ପାଇଁ ନିୟୋଜିତ ହୋଇଥିଲେ। ତେବେ ଅପର୍ଣ୍ଣଙ୍କ ସ୍ୱାମୀ ସୋନମଙ୍କ ପ୍ରାଇଭେଟ ଫାର୍ମରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଫେବୃୟାରୀ ୧୧ରେ ଚୋରି ହୋଇଥିବାବେଳେ ୨୩ ତାରିଖରେ ତୁଗଲକ ପୋଲିସ ଷ୍ଟେଶନରେ ଏ ନେଇ ଅଭିଯୋଗ ଦାଖଲ କରାଯାଇଥିଲା। ଦିଲ୍ଲୀ ପୋଲିସ କ୍ରାଇମବ୍ରାର ସ୍ୱତନ୍ତ୍ର ଟିମ୍ ଘଟଣାର ତଦନ୍ତ କରୁଥିବାବେଳେ ମଙ୍ଗଳବାର ଏହି ଟିମ୍ ସରିତା ବିହାରରେ ଥିବା ଅପର୍ଣ୍ଣାଙ୍କ ଘରେ ଚଢାଉ କରିଥିଲା। ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ଗିରଫ କରି ଅନୁସନ୍ଧାନକାରୀ ଟିମ୍ ଜେରା ଆରମ୍ଭ କରିଛି। ବର୍ତ୍ତମାନ ସୁଦ୍ଧା ଗହଣା ଓ ଟଙ୍କାର କୌଣସି ପତ୍ତା ମିଳି ନ ଥିବା ପୋଲିସ କହିଛି। ତୁଗଲକ ରୋଡ୍ ପୋଲିସ ମାମଲାଟିକୁ ସ୍ପେଶିଆଲ ଷ୍ଟାଫ୍ ବ୍ରାଞ୍ଚକୁ ହସ୍ତାନ୍ତର କରିଥିବାବେଳେ କ୍ରାଇମ୍ ବ୍ରାଞ୍ଚ ମଧ୍ୟ ତଦନ୍ତ ଚଳାଇଛି। ଗତ ମାର୍ଚ୍ଚ ମାସରେ ସୋନମଙ୍କ ଶ୍ୱଶୁର ୨୭ କୋଟି ଟଙ୍କାର ସାଇବର ଠକେଇର ଶିକାର ହୋଇଥିଲେ।

# ସର୍ବାଧିକ ପାରିଶ୍ରମିକ ପାଉଥିଲି: ମୁମ୍‌ତାଜ

**ମୁମ୍ବାଇ:** ଖିଲୋନା, ତେରେମେରେ ସପନେ ଏବଂ ଆଇନା ଭଳି ସୁପରହିଟ୍ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରି ଲୋକପ୍ରିୟ ହୋଇଥିବା ମୁମ୍‌ତାଜ ପୁଣିଥରେ ବଡ଼ ପରଦାକୁ ଫେରିବା ନେଇ ଚର୍ଚ୍ଚା ହେଉଛି। ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ୬୦ ଦଶକର ନାମକରା ଅଭିନେତ୍ରୀ ମୁମ୍‌ତାଜ ପରିବାର ସହ ଲଣ୍ଡନରେ ରହୁଥିବାବେଳେ କିଛିଦିନ ହେବ ମୁମ୍ବାଇରେ ଆସି ପହଞ୍ଚିଛନ୍ତି। ୧୯୭୭ରେ ସେ ଇଣ୍ଡଷ୍ଟ୍ରିରୁ ଅବସର ନେଇଥିଲେ। ଏକ ସାକ୍ଷାତକାରରେ ମୁମତାଜ ଅନେକ ଅକୁହା କଥାର ଖୁଲାସା କରିଛନ୍ତି। ଘରୋଇ ଚ୍ୟାନେଲରେ ପ୍ରସାରିତ ଡାନ୍ସ ରିଆଲିଟି ଶୋ' 'ଡାନ୍ସ ଦିୱାନେ'ରେ ସାମିଲ ହେବା ପାଇଁ ତାଙ୍କୁ ଅଫର୍ ଦିଆଯାଇଥିବାବେଳେ ମୁମତାଜ ଏହାକୁ ଗ୍ରହଣ କରି ନାହାନ୍ତି। ଏ ନେଇ ସେ କହିଛନ୍ତି,



ମୋ ସମୟରେ ମୁଁ ହାଇୟେଷ୍ଟ ପେଡ୍ ଆକ୍ଟ୍ରେସ୍ ଥିଲି। ଯଦି ଏବେ ମୁଁ ଇଣ୍ଡଷ୍ଟ୍ରିକୁ କମ୍‌ବ୍ୟାକ୍ କରେ ତେବେ ମୋତେ ସେ ଅନୁସାରେ ଟଙ୍କା ଦେବା ଦରକାର। ସୂଚନାଯୋଗ୍ୟ, ରେଖା ସବୁଠାରୁ ଅଧିକ ଟଙ୍କା ନେଇ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ମୋ ପରେ ରେଖା ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆସିଥିବାବେଳେ ତାଙ୍କଠାରୁ ଅଧିକ ଟଙ୍କା ମୋତେ ଦିଆଯିବା କଥା ବୋଲି ମୁମ୍‌ତାଜ କହିଥିଲେ।

CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385
8637280816,
7894447167, 9338226625

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନଲେ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
9471160476
Whatsapp: 8902923601

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ଗୁରୁବାର, ଏପ୍ରିଲ ୧୪/୨୦୨୨ Balasore, Thursday, April 14/ 2022

# ଅଷ୍ଟ୍ରେଲିଆର କୋଚ୍ ହେଲେ ମ୍ୟାକ୍‌ଡୋନାଲ୍ଡ

**ମେଲବୋର୍ନ, ୧୩।୪**

ଆଣ୍ଡ୍ରୁ ମ୍ୟାକ୍‌ଡୋନାଲ୍ଡଙ୍କୁ ଅଷ୍ଟ୍ରେଲିଆ ପୁରୁଷ କ୍ରିକେଟ ଦଳର ସମସ୍ତ ଫର୍ମାଟ ପାଇଁ ଫୁଲ ଟାଇମ୍ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ବୁଧବାର କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ସ୍ପଷ୍ଟ କରିଛି। ପୂର୍ବତନ କୋଚ୍ ଜଷ୍ଟିନ ଲାଙ୍ଗର ଫେବୃୟାରୀରେ ଇସ୍ତଫା ଦେବା ପରେ ମ୍ୟାକ୍‌ଡୋନାଲ୍ଡ ଅନ୍ତରୀଣ କୋଚ୍ ଭାବେ ଦାୟିତ୍ୱ ସମ୍ଭାଳିଥିଲେ। ତାଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଦଳ ପାକିସ୍ତାନରେ ଟେଷ୍ଟ ଏବଂ ଟି୨୦ରେ ସଫଳ ପ୍ରଦର୍ଶନ କରିଥିଲା। ଏଥିଯୋଗୁ ପୂର୍ବତନ ଭିକ୍ଟୋରିଆ ଅଲରାଉଣ୍ଡରଙ୍କ ସହ କ୍ରିକେଟ ଅଷ୍ଟ୍ରେଲିଆ ଏକ ୪ ବର୍ଷିଆ ଚୁକ୍ତି କରିଛି।

''ଆଣ୍ଡ୍ରୁ ଜଣେ ଚମତ୍କାର ମୁଖ୍ୟ କୋଚ୍, ଯାହାକି ସେ ପ୍ରମାଣ କରି ଦେଖାଇ ସାରିଛନ୍ତି। ନିଯୁକ୍ତି ପ୍ରକ୍ରିୟା



ଆରୋନ୍ ଫିଞ୍ଚଙ୍କ ସହ ଆଣ୍ଡ୍ରୁ ମ୍ୟାକ୍‌ଡୋନାଲ୍ଡ।

ବେଳେ ତାଙ୍କ ଭିଜନ (ଦୂରଦୃଷ୍ଟି) ଚିତ୍ତାକର୍ଷକ ଏବଂ ରୋମାଞ୍ଚକ ଥିଲା। ଯାହାଫଳରେ ସେ ଆମର ଏକମାତ୍ର ପସନ୍ଦ ପାଲଟି ଯାଇଥିଲେ। ଆଣ୍ଡ୍ରୁ, ପାଟ କୁମିନ୍ସ ଏବଂ ଆରୋନ ଫିଞ୍ଚଙ୍କ ନେତୃତ୍ୱରେ ଟିମ୍ ଅଷ୍ଟ୍ରେଲିଆ ପୂରା ପାକିସ୍ତାନ ଗସ୍ତରେ ଯେଉଁଭଳି ଖେଳିଥିଲା, ସେଥିପାଇଁ ଆମେ ଗର୍ବିତ। ଆଣ୍ଡ୍ରୁ ସ୍ଥାୟୀ ଭାବେ ଦାୟିତ୍ୱ ସମ୍ଭାଳିବେ'' ବୋଲି ସିଏ ମୁଖ୍ୟ ନିକ ହକଲେ କହିଛନ୍ତି। ଲାଙ୍ଗରଙ୍କ ନେତୃତ୍ୱରେ ସହାୟକ କୋଚ୍ ଭାବେ କାର୍ଯ୍ୟ କରିବା ସହିତ ୪୦ ବର୍ଷୀୟ ମ୍ୟାକ୍‌ଡୋନାଲ୍ଡଙ୍କ ପାଖରେ ଗଭୀର କୋଚିଂ ଅଭିଜ୍ଞତା ରହିଛି।

# ବୋଲେରୋ ମାଡ଼ିଯାଇ ୨ନାବାଳକ ମୃତ

**କୁଆଁରମୁଣ୍ଡା, ୧୩।୪ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ପାକେରଲଙ୍ଗର–କୁଦାବେଡ଼ା ରାସ୍ତାରେ ମଙ୍ଗଳବାର ରାତିରେ ଦୁର୍ଘଟଣା ଘଟିଛି। ଇଣ୍ଡିଆନ ଅଏଲ କର୍ପୋରେଶନ ଲିଃ (ଆଇଓସିଏଲ୍)ର ପାଟ୍ରୋଲିଂ କରୁଥିବା ବୋଲେରୋ ଗାଡ଼ି ଚଢ଼ିଯାଇ ୨ ନାବାଳକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କୁଦାବେଡାର ସ୍ୱର୍ଗତ ବ୍ଲାସିୟସ ଡୁଙ୍ଗଡୁଙ୍ଗଙ୍କ ପୁଅ ଅଜିତ୍ (୧୭) ଓ ଦୀପକ ଟେଟେଙ୍କ ପୁଅ ଦୀପ୍‌ସାନ(୧୪)। ଏହି ଖବର ପ୍ରଚାରିତ ହୋଇଯିବା ପରେ ବୁଧବାର ସକାଳଠାରୁ ମୃତକଦ୍ୱୟଙ୍କ ପରିବାରବର୍ଗ ଓ ଗ୍ରାମବାସୀ ପାକେରଲଙ୍ଗର–ଦୁମାଙ୍ଗଦିରି

**ଘଟଣାସ୍ଥଳରେ ଉତ୍ତେଜନା, ରାସ୍ତାରୋକୋ**

ଗ୍ରାମ୍ୟରାସ୍ତା ଅବରୋଧ କରିଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ଆଇଓସିଏଲ୍‌ର କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଉତ୍ତେଜନା ଲାଗି ରହିଛି। ବୀରମିତ୍ରପୁର ପୋଲିସ ଏକ ପ୍ଲାଟୁନ ଫୋର୍ସ ସହିତ ଘଟଣାସ୍ଥଳରେ ଉପସ୍ଥିତ ରହି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି। ୧୫ ଲକ୍ଷ ଟଙ୍କା ଲେଖାଏଁ ଉଭୟଙ୍କ ପରିବାରକୁ ସହାୟତା ପ୍ରଦାନ ନିମନ୍ତେ ମୃତ ଦୀପସାନଙ୍କ ମା' ପ୍ରତିମା ଦାବି କରିଛନ୍ତି।

ପ୍ରକାଶ ଯେ, ଗରମ ଯୋଗୁ ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ପାକେରଲଙ୍ଗର–କୁଦାବେଡ଼ା ରାସ୍ତା ପାର୍ଶ୍ୱରେ ୨ନାବାଳକ ବସିଥିଲେ। ଗାଡ଼ିଟି ଦ୍ରୁତ ଗତିରେ ଆସି ଦୁଇ ଜଣଙ୍କ ଉପରେ ଚଢ଼ିଯାଇ ଫେରାର ହୋଇଯାଇଥିଲା। ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚି ଉଭୟଙ୍କୁ ରାଉରକେଲାସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ଉଭୟଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ବୁର୍ଲା ମେଡିକାଲକୁ ସ୍ଥାନାନ୍ତର ପରାମର୍ଶ ଦେଇଥିଲେ। ହେଲେ ବାଟରେ ଉଭୟଙ୍କର ମୃତ୍ୟୁ ହୋଇଥିଲା। ବୀରମିତ୍ରପୁର ପୋଲିସ ମୃତଦେହ ଦ୍ୱୟକୁ ଜବତ କରି ରାଉରକେଲା ଶବାଗାରରେ ରଖିଛି।

# ସ୍ନେହ ବଦଳାଇଦେଲା ହିଂସ୍ର ସ୍ୱଭାବ

ରତନ ନାୟାର

**ଢେଙ୍କାନାଳ ଅଫିସ, ୧୩।୪**

- କପିଳାସ ଜୁ'ରେ ସମ୍ପର୍କର ନୂଆ ଫର୍ଦ୍ଦ
- ଆକ୍ରମଣ କରି ନେଇଥିଲା ୧୨ ଜୀବନ
- ନରମୁଛି ନରହନ୍ତା ଦନ୍ତାର ଆଚରଣ

ଗୋଠରୁ ଅଲଗା ହେବା ପରେ ହୋଇଉଠିଥିଲା ହିଂସ୍ର। ମାରିଥିଲା ମଣିଷ। ମୁଣ୍ଡରେ ବୋହିଥିଲା ନରହନ୍ତାର କଳଙ୍କ। ହିଂସ୍ରପ୍ରବୃତ୍ତିରେ ପରିବର୍ତ୍ତନ ପାଇଁ ଟ୍ରାଙ୍କୁଲାଇଜ୍ ହୋଇ ଆସିଲା ଚିଡ଼ିଆଖାନା। ମାସ ମାସ ଧରି ଗୋଡ଼ରେ ପଡ଼ିଲା ବେଡ଼ି। ରଖାଗଲା କ୍ରାଲ୍ (ସ୍ୱତନ୍ତ୍ର କାଠଶାଳା)ରେ। ଜଙ୍ଗଲରୁ ଜୁ', କ୍ରାଲ୍‌ରୁ ଏନ୍‌କ୍ଲୋଜରର ଘେରାବନ୍ଦୀ ଜୀବନ ଭିତରେ ନରହନ୍ତା ଦନ୍ତା 'ରାକେଶ' ଏବେ ବୁଝିବା ଆରମ୍ଭ କରିଛି ମଣିଷର ଭାଷା। ବନ କର୍ମଚାରୀ ଏବଂ ମାହୁନ୍ତଙ୍କ ସ୍ନେହ ଆଦରରେ ବଦଳିଯାଇଛି ସେ। ଆ' କହିଲେ ପାଖକୁ ଧାଇଁଆସୁଛି। ହାତରୁ ଛଡ଼ାଇ ନେଇ ଫଳମୂଳ ଖାଉଛି। ପ୍ରେମର ଭାଷା କିପରି ବନ୍ୟପ୍ରାଣୀର ହିଂସ୍ରପ୍ରବୃତ୍ତି ବଦଳାଇଦିଏ ଏବଂ ମଣିଷ ସହ ଏକତ୍ର ସହାବସ୍ଥାନ ଫଳରେ ହାତୀ ଭଳି ବିଶାଳକାୟ ପ୍ରାଣୀ ବି ବୋଲ ମାନିଯାଏ, ତାହାର ପୁନରାବୃତ୍ତି ହୋଇଛି। ଆଉ ଏଭଳି ପରିବର୍ତ୍ତନର ମୂକସାକ୍ଷୀ ପାଲଟିଛି କପିଳାସ ବନ୍ୟପ୍ରାଣୀ ଉଦ୍ୟାନ।

ଢେଙ୍କାନାଳ ଜିଲାର ପରଜଙ୍ଗ ଏବଂ ଅନୁଗୋଳ ଜିଲାର ତାଳଚେର ସୀମାନ୍ତ ଅଞ୍ଚଳରେ ଦୁଇବର୍ଷ ତଳେ ଆତଙ୍କ ସୃଷ୍ଟି କରିଥିଲା ଏହି ଦନ୍ତାହାତୀ। ଜନବସତିରେ ପଶି ବିଭିନ୍ନ ସମୟରେ ନେଇଥିଲା ୧୨ ଜଣଙ୍କ ଜୀବନ। ହାତୀର ଆକ୍ରମଣାତ୍ମକ ରୂପ ପାଇଁ ଦୁଇ ଜିଲାରେ ଅସନ୍ତୋଷ ତୀବ୍ର ହେବା ପରେ ୨୦୨୦ ଜାନୁୟାରୀ ୨୨ରେ ଟ୍ରାଙ୍କୁଲାଇଜ୍ କରି ଏକ ସ୍ୱତନ୍ତ୍ର ଟ୍ରକ୍‌ରେ ଏହାକୁ ଅଣାଯାଇଥିଲା କପିଳାସ ଚିଡ଼ିଆଖାନା। ଜୁ'ର ରେସ୍କ୍ୟୁ ସେଣ୍ଟରରେ ଚାରି ଗୋଡ଼ରେ ଲୁହା ଶିକୁଳିରେ ବାନ୍ଧି ରଖାଯାଇଥିଲା। ତେବେ ସ୍ୱାଧୀନଚେତା ବଣୁଆ ହାତୀ ଛିଣ୍ଡାଇଦେଇଥିଲା ଚେନ୍। ପ୍ରାଣୀ ଉଦ୍ୟାନରେ ଥିବା ଅନ୍ୟ ଜୀବଜନ୍ତୁ ଏବଂ କର୍ମଚାରୀଙ୍କ ଜୀବନ ପ୍ରତି ଆଶଙ୍କା ଥିବାରୁ ଏହାକୁ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରରେ ଏକ ସ୍ୱତନ୍ତ୍ର କ୍ରାଲ୍‌ରେ ରଖାଯାଇଥିଲା। ତଥାପି ଏହାର ଉଗ୍ର ସ୍ୱଭାବରେ





ପରିବର୍ତ୍ତନ ହୋଇ ନ ଥିଲା। ତେଣୁ ଚିଡ଼ିଆଖାନା ପରିସରରେ ୧୦ ଏକର ଜମିରେ ପରିବ୍ୟାପ୍ତ ଏନ୍‌କ୍ଲୋଜରରେ ଛାଡ଼ିବାକୁ ଚିନ୍ତା କରିଥିଲେ ଚିଡ଼ିଆଖାନା କର୍ତ୍ତୃପକ୍ଷ। ଉକ୍ତ ମନୁଷ୍ୟକୃତ ଜଙ୍ଗଲିଆ ପରିବେଶରେ 'ରାକେଶ' ମୁକ୍ତ ଭାବେ ବିଚରଣ କରୁଛି। ସେଠାରେ ଲଗାଯାଇଥିବା ଗଛରୁ ଡାଳପତ୍ର ଖାଉଛି। ଯେପରି ବାହାର ହାତୀ ପଶି ନ ପାରିବେ ଏବଂ 'ରାକେଶ' ଏନ୍‌କ୍ଲୋଜର ବାହାରକୁ ଆସି ନ ପାରିବ ସେଥିଲାଗି ଟ୍ରେଞ୍ଚ୍ ଖୋଳାଯାଇଛି। ସିସିଟିଭି କ୍ୟାମେରା ଲଗାଯିବା ସହ ସୋଲାର ଫ୍ୟାନ୍‌ସି ବ୍ୟବସ୍ଥା କରାଯାଇଥିଲା। ତେବେ ସୋଲାର ଫ୍ୟାନ୍‌ସିକୁ ସେ ଭାଙ୍ଗିଦେଇଛି। ଏହା ଭିତରେ ଖୋଳାଯାଇଥିବା ଜଳାଶୟରେ ଜଳକ୍ରୀଡ଼ା କରୁଛି। ବନ କର୍ମଚାରୀ କିମ୍ବା ପର୍ଯ୍ୟଟକ ଡାକିଲେ ପାଖକୁ ଦୌଡ଼ି ଆସୁଛି 'ରାକେଶ'। ଶୁଣ୍ଢ ଲମ୍ବାଇ ଖାଇବାକୁ ମାଗୁଛି। ଯିବାକୁ କହିଲେ ବୋଲ ମାନି ପଳାଉଛି। ହାତୀର ଏଭଳି ପରିବର୍ତ୍ତିତ ବ୍ୟବହାର ଶୁଭସଙ୍କେତ ବୋଲି କୁହାଯାଉଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଗତ ୨ବର୍ଷ ମଧ୍ୟରେ 'ରାକେଶ' ବ୍ୟବହାରରେ ବହୁ ପରିବର୍ତ୍ତନ ଆସିଛି। ହାତୀ ଶାନ୍ତ ପଡ଼ିଯାଇଛି। ଏହାର ଗତିବିଧି ଅନୁଧ୍ୟାନ କରାଯିବା ପରେ ଭବିଷ୍ୟତରେ ରେସକ୍ୟୁ ସେଣ୍ଟର ପରିସରକୁ ଆଣି ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବା ପାଇଁ ପ୍ରସ୍ତାବ ରହିଛି। ବିଭିନ୍ନ ସମୟରେ ରେସ୍କ୍ୟୁ ସେଣ୍ଟରକୁ ଅଣାଯାଉଥିବା ହାତୀ ଛୁଆଙ୍କୁ ପ୍ରଶିକ୍ଷଣ ଦେବାରେ ଏହା ସହାୟକ ହୋଇପାରିବ ବୋଲି ଡିଏଫ୍‌ଓ କହିଛନ୍ତି।

## ଖାଇବା ଖର୍ଚ୍ଚ ମାସକୁ ଲକ୍ଷେ

ବନ ବିଭାଗର ସୂଚନା ଅନୁଯାୟୀ 'ରାକେଶ'ର ଆନୁମାନିକ ବୟସ ୨୭ ବର୍ଷ ହେବ। ଏହାର ଖାଦ୍ୟପେୟ ବାବଦରେ ମାସିକ ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି। ହାତୀକୁ ଦୈନିକ କଖାରୁ, ଆଖୁ, ତରଭୁଜ, କଦଳୀଗଛ, ବର, ଅଶ୍ୱତ୍ଥ ଡାଳ, ଗହମ, ନଡିଆ ଖାଇବାକୁ ଦିଆଯାଉଛି। ୪ କର୍ମଚାରୀ ଦିନରାତି ପାଟ୍ରୋଲିଂରେ ନିୟୋଜିତ ଅଛନ୍ତି। ସଂକ୍ରମଣଜନିତ ରୋଗ ଯେପରି ନ ହେବ, ସେଥିଲାଗି ତୀକ୍ଷ୍ଣ ନଜର ରଖାଯାଇଛି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ଏପ୍ରିଲ ୧୪/୨୦୨୨ (୮+୮=୧୬ ପୃଷ୍ଠା)
Balasore, Thursday, April 14/2022

ମାଲକାନଗିରି ତୃତୀୟ ଶ୍ରେଷ୍ଠ ଆକାଂକ୍ଷୀ ଜିଲା ■ପୃଷ୍ଠା-୫
କାର୍ ଚଲାଇ ଗିନିଜ୍ ୱାର୍ଲ୍ଡ ରେକର୍ଡ କଲେ ଦୃଷ୍ଟିହୀନ ■ପୃଷ୍ଠା-୩

# ଜଳିଯାଉଛି ଜଙ୍ଗଲ ସମ୍ପଦ

- ୫ ବର୍ଷରେ ୧୧,୪୧,୩୮୫ ଅଗ୍ନିକାଣ୍ଡ
- ୬୫,୭୩୯.୨୭ ହେକ୍ଟର ନଷ୍ଟ



**ଗତ ୫ ବର୍ଷରେ ଘଟିଥିବା ଜଙ୍ଗଲ ନିଆଁ**

| ମସିହା | ଜଙ୍ଗଲ ନିଆଁ ସଂଖ୍ୟା | କ୍ଷତିଗ୍ରସ୍ତ ଜଙ୍ଗଲ (ହେକ୍ଟରରେ) |
|---|---|---|
| ୨୦୧୭ | ୩୬୮୨୬ | ୧୪୧୨୧.୧୦ |
| ୨୦୧୮ | ୩୧୬୮୦ | ୯୭୩୦.୦୭ |
| ୨୦୧୯ | ୧୯୭୮୭ | ୭୧୬୪.୯୫ |
| ୨୦୨୦ | ୧୧୦୮୮ | ୬୦୭୦.୨୫ |
| ୨୦୨୧ | ୪୨୦୦୩ | ୨୮୬୫୨.୯୦ |

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

ରାଜ୍ୟରେ ଖଣି, ଶିଳ୍ପ, ରାସ୍ତାଘାଟ, ଜଳସେଚନ ପ୍ରକଳ୍ପ ପାଇଁ ହଜାର ହଜାର ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି। ତେବେ ଯେଉଁ କେତେକ ଜଙ୍ଗଲ ରହିଛି ତାହାର ସୁରକ୍ଷା ମଧ୍ୟ ଠିକ୍ ଢଙ୍ଗରେ ହୋଇପାରୁ ନାହିଁ। ନିଆଁ ଲାଗିବା ଯୋଗୁ ରାଜ୍ୟରେ ବହୁ ହେକ୍ଟର ଜଙ୍ଗଲ ସମ୍ପଦ ପୋଡ଼ି ପାଉଁଶ ହୋଇଯାଉଛି। ଏଥିସହିତ ଦୁର୍ଲଭ ଜଙ୍ଗଲୀ ଜୀବଜନ୍ତୁ ସବୁଦିନ ପାଇଁ ଲୋପପାଇ ଯାଉଛନ୍ତି। କେବଳ ସେତିକି ନୁହେଁ, ଏହା ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷଣ ମଧ୍ୟ ବୃଦ୍ଧିପାଇଛି। ନିକଟରେ ହୋଇଥିବା ଆକଳନ ଅନୁଯାୟୀ ଜଙ୍ଗଲ ଅଗ୍ନିକାଣ୍ଡ ଯୋଗୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପରିମାଣ ୬.୩୪ ନିୟୁତ ଟନରୁ ୧୨୩.୮୪ ନିୟୁତ ଟନକୁ ବୃଦ୍ଧିପାଉଛି।

ରାଜ୍ୟରେ ଜଙ୍ଗଲ ନିଆଁ ଚିନ୍ତାର କାରଣ ହୋଇଛି। ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ୧୧୪୧୩୮୫ ଅଗ୍ନିକାଣ୍ଡ ଘଟି ୬୫,୭୩୯.୨୭ ହେକ୍ଟର ଜଙ୍ଗଲ ସମ୍ପଦ ନଷ୍ଟ ହୋଇଛି। ଏପରି କି ଜଙ୍ଗଲ ପୋଡ଼ି କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ (ଏଫ୍ଏସ୍ଆଇ) ପକ୍ଷରୁ ସଂଗୃହୀତ ତଥ୍ୟ ଅନୁଯାୟୀ କେବଳ ୨୦୨୦ ନଭେମ୍ବରରୁ ୨୦୨୧ ଜୁନ୍ ମଧ୍ୟରେ ଦେଶରେ ୩,୪୫,୯୮୯ଟି ବନାଗ୍ନି ଘଟିଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ୫୧,୯୬୮ ରହିଛି। ସେହିଭଳି ଓଡ଼ିଶା ପଛକୁ ମଧ୍ୟପ୍ରଦେଶ ୪୭,୭୯୫ ଜଙ୍ଗଲ ନିଆଁ ସହିତ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଛତିଶଗଡ଼ରେ ୩୮,୧୦୬ ଜଙ୍ଗଲ ନିଆଁ ସହ ତୃତୀୟ ସ୍ଥାନରେ ରହିଛି।

ରାଜ୍ୟରେ ମୋଟ ୫୧ଟି ବନଖଣ୍ଡ ରହିଛି। ସେଥି ମଧ୍ୟରୁ ରାୟଗଡ଼ା, ବାଲିଗୁଡ଼ା, ବୌଦ୍ଧ, ପାରଳାଖେମୁଣ୍ଡି, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ବଣାଇ, ଦେବଗଡ଼, କେନ୍ଦୁଝର, ସୁନ୍ଦରଗଡ଼ ଭଳି ବନଖଣ୍ଡରେ ସର୍ବାଧିକ ନିଆଁ ଲାଗିଥିବା ଜଙ୍ଗଲ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରତିବର୍ଷ ନଭେମ୍ବରରୁ ମେ' ମାସ ମଧ୍ୟରେ ଜଙ୍ଗଲ ଅଗ୍ନିକାଣ୍ଡ ସଂଖ୍ୟା ବଢ଼ିବାରେ ଲଗିଛି। ଏହି ସମୟରେ ଜଙ୍ଗଲରେ ନିଆଁ ଧରୁଥିବା ସାମଗ୍ରୀ ଯଥା ଶୁଖିଲା କାଠ, ପତ୍ର, କାଠି ଆଦି ପଡ଼ିବା ଦ୍ୱାରା ଅଗ୍ନିକାଣ୍ଡ ଘଟୁଛି। ଏହାଦ୍ୱାରା ସବୁଜିମା ନଷ୍ଟ ହେଉଛି।

ଜଙ୍ଗଲରେ ଲାଗୁଥିବା ନିଆଁକୁ ପ୍ରତିହତ କରିବାର ପ୍ରାଥମିକ ଦାୟିତ୍ୱ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର। ଲାଗୁଥିବା ନିଆଁକୁ ଆୟତ୍ତ କରିବା ପାଇଁ କେନ୍ଦ୍ର ସରକାର କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ବିଭିନ୍ନ ପ୍ରକାର ସାଜ ସରଞ୍ଜାମ ସହ ଆର୍ଥିକ ସହାୟତା ଦେଇଥାଆନ୍ତି। ଏହି ଯୋଜନାରେ ୨୦୧୮-୧୯ରୁ ୨୦୨୦-୨୧ ମଧ୍ୟରେ ରାଜ୍ୟକୁ ୧୨୫ କୋଟି ଟଙ୍କାର ସହାୟତା ଯୋଗାଯାଇଥିବା ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଜଙ୍ଗଲ ନିଆଁକୁ ପ୍ରତିହତ ଲାଗି କେନ୍ଦ୍ର ସରକାର ଜାତୀୟ ସ୍ତରରେ ଏକ କମିଟି ଗଠନ କରିଛନ୍ତି। ଏହି ☞ପୃଷ୍ଠା-୬

# ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କୋକେନ୍ ଜବତ

**ଓଡ଼ିଶାରେ ପ୍ରଥମ ଘଟଣା**

- ୨ ଅନ୍ତଃରାଜ୍ୟ ନିଶାମାଫିଆ ଗିରଫ
- ଦିଲ୍ଲୀ ଓ ପଞ୍ଜାବରୁ ବେପାର ପାଇଁ ଆଣିଥିଲେ

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

ଓଡ଼ିଶାରେ ପ୍ରଥମଥର ନିଷେଧ ନିଶାଦ୍ରବ୍ୟ 'କୋକେନ' କାରବାର ଧରାପଡିଛି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱରର ଜାଭିୟର ଛକ ନିକଟରୁ ୨ ଆନ୍ତଃରାଜ୍ୟ ନିଶା ମାଫିଆଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୨୦୨ ଗ୍ରାମର କୋକେନ୍ ଜବତ କରିଛି। ଗିରଫ ଦ୍ୱୟ ହେଲେ ରାଜସ୍ଥାନର ରବି ସିଂ ଓ ସନି କୁମାର। ତେବେ ଜବତ କୋକେନର ଆନୁମାନିକ ମୂଲ୍ୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏନେଇ ଏସ୍‌ଟିଏଫ ମାମଲା ନଂ.୯/୨୨ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଦୁଇ ଅଭିଯୁକ୍ତ ପଞ୍ଜାବ ଓ ଦିଲ୍ଲୀରେ 'କୋକେନ୍' ବେପାର କରନ୍ତି। ପ୍ରଥମଥର ପାଇଁ ସେମାନେ ଭୁବନେଶ୍ୱର ବେପାର କରିବାକୁ ଆସିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଏସ୍‌ଟିଏଫ୍‌ର ସୂଚନା ଅନୁଯାୟୀ, ରବି ରାଜସ୍ଥାନରେ ରହୁଥିବାବେଳେ ସନି ଭୁବନେଶ୍ୱର ସାଲିଆସାହିର ତାରେଣୀ ବସ୍ତିରେ ରୁହନ୍ତି। ସୋମବାର ଅପରାହ୍ଣରେ ସେମାନେ ଟ୍ରେନ୍ ଯୋଗେ ଭୁବନେଶ୍ୱର ଷ୍ଟେଶନରେ ଓହ୍ଲାଇଥିଲେ। ଏହାପରେ ଜୟଦେବ ବିହାର ଅଞ୍ଚଳର ଏକ ହୋଟେଲରେ ରାତ୍ରିଯାପନ ☞ପୃଷ୍ଠା-୬

# ଭବିଷ୍ୟତ ଚିନ୍ତାରେ ୟୁକ୍ରେନ୍ ଫେରନ୍ତା ଡାକ୍ତରୀ ଛାତ୍ରୀଛାତ୍ର

**ଏନ୍ଏମ୍‌ସି ନିଷ୍ପତ୍ତିକୁ ଚାହିଁ ରହିଛନ୍ତି**

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

ଗତ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠାରୁ ସେଠାରେ ଡାକ୍ତରୀ ପାଠ ପଢୁଥିବା ୧୮ ହଜାର ଛାତ୍ରୀଛାତ୍ର ଓ ଅନ୍ୟ ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଅଣାଯାଇଛି। ସେଥିମଧ୍ୟରେ ୫୬୧ ଓଡ଼ିଆ ଡାକ୍ତରୀ ଛାତ୍ରୀଛାତ୍ର ରହିଛନ୍ତି। ହେଲେ ପାଠପଢ଼ା ଅଧାରୁ ଫେରିଥିବା ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଏବେ ଅନ୍ଧାରରେ। ସେମାନେ ଆଉ ୟୁକ୍ରେନ୍‌ରେ ପଢ଼ିବା ନେଇ ଅନିଶ୍ଚିତତା ଥିବାବେଳେ ଏବେକାର ବ୍ୟବସ୍ଥା ଅନୁଯାୟୀ ଭାରତୀୟ କଲେଜଗୁଡ଼ିକରେ ନାମ ଲେଖାଇବା ସେମାନଙ୍କ ପାଇଁ ସମ୍ଭବ ନୁହେଁ। ଅନ୍ୟପକ୍ଷରେ ଦେଶରେ ଖାଲିଥିବା ମେଡିକାଲ ସିଟ୍‌ରେ ଶିକ୍ଷାବର୍ଷ ଅନୁଯାୟୀ ୟୁକ୍ରେନ ଫେରନ୍ତା ଛାତ୍ରୀଛାତ୍ରଙ୍କର ନାମ ଲେଖାଇବାକୁ ଏଆଇସିଟିଇ ପକ୍ଷରୁ ସମସ୍ତ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ମଙ୍ଗଳବାର ଚିଠି କରାଯାଇଛି। ହେଲେ ପିଲାଙ୍କ ସଂଖ୍ୟା ଦୃଷ୍ଟିରୁ ତାହା ସମ୍ଭବ ମନେ ହେଉ ନାହିଁ।

ଫେରିଥିବା ଡାକ୍ତରୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିଛନ୍ତି ଉତ୍ତରପ୍ରଦେଶର ସୁରଜ। ଆଉ ମାତ୍ର ୩ ମାସ ପରେ ତାଙ୍କ ମେଡିକାଲ ପାଠ୍ୟକ୍ରମ ଶେଷ ହୋଇଥାଆନ୍ତା। ସୁରଜ କହିଛନ୍ତି, ଭାରତର କୌଣସି ସରକାରୀ ମେଡିକାଲ କଲେଜରେ ସିଟ୍ ମିଳିଲା ନାହିଁ। ଘରୋଇ କଲେଜରେ ପଢ଼ିଥିଲେ ପ୍ରାୟ ଏକ କୋଟିରୁ ଦେଢ଼ କୋଟି ଟଙ୍କା ଖର୍ଚ୍ଚ ହୋଇଥାଆନ୍ତା। ଏହାଛଡ଼ା ଡୋନେସନ୍ ମଧ୍ୟ ଦେବାକୁ ପଡ଼ିଥାଆନ୍ତା। ଭାରତର କୌଣସି ବେସରକାରୀ ମେଡିକାଲ କଲେଜର ବର୍ଷକ ପାଇଁ ଯେତିକି କୋର୍ସ ଫି ନିଅନ୍ତି ୟୁକ୍ରେନ୍‌ରେ ସେତିକି ଟଙ୍କାରେ ସମ୍ପୂର୍ଣ୍ଣ ପାଠ୍ୟକ୍ରମ ଶେଷ ହୋଇଯିବ।

ମିଳିଥିବା ସୂଚନା ମୁତାବକ, ଗତବର୍ଷ ଭାରତରେ ୧୫ ଲକ୍ଷ ପିଲା ମେଡିକାଲ ପାଇଁ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ଏନ୍ଇଇଟି) ଦେଇଥିଲେ। ସେଥିରୁ ମାତ୍ର ୬ ପ୍ରତିଶତ ପିଲା ଡାକ୍ତରୀ ପାଠ ପଢ଼ିପାରିଥିଲେ। ଭାରତର ୧୮ ହଜାର ଛାତ୍ରୀଛାତ୍ର ୟୁକ୍ରେନ୍‌ରେ ମେଡିକାଲ ପଢିବାକୁ ପ୍ରସନ୍ଦ କରିଛନ୍ତି। ବିଦେଶରେ ମେଡିକାଲ ପାଠପଢ଼ି ଭାରତରେ ପ୍ରାକ୍ଟିସ୍ କରିବାକୁ ହେଲେ ସେମାନଙ୍କୁ ଏଠାରେ ଏକ ସ୍କ୍ରିନିଂ ଟେଷ୍ଟ ଦେବାକୁ ହୁଏ। ସେଥିରେ ୫୦ ପ୍ରତିଶତ ମାର୍କ ରଖିଲେ ସେମାନେ ଭାରତରେ ଡକ୍ତରୀ ଲାଇସେନ୍ସ ପାଇଥାଆନ୍ତି। ସରକାରୀ ତଥ୍ୟ ମୁତାବକ, ୨୦୧୫-୧୮ ମଧ୍ୟରେ ୧୯ ପ୍ରତିଶତ ଛାତ୍ର ମେଡିକାଲ ଏଣ୍ଟ୍ରାନ୍ସରେ ପାସ୍ କରିଥିଲେ। ୨୦୧୯ରେ ଏହା ବୃଦ୍ଧି ପାଇ ୨୫ ପ୍ରତିଶତରେ ପହଞ୍ଚିଥିଲା। ୨୦୨୦ରେ ଏହି ସଂଖ୍ୟା ପୁଣି ହ୍ରାସ ପାଇ ୧୬ ପ୍ରତିଶତ ହୋଇଗଲା। ଏହି କ୍ରମରେ ଭାରତରେ ଡାକ୍ତରୀ ପାଠପଢ଼ା ପାଇଁ ଆବଶ୍ୟକ ସିଟ୍ ନ ଥିବା ଏବଂ ବ୍ୟୟବହୁଳ ଯୋଗୁ ବହୁ ଛାତ୍ରୀଛାତ୍ର ବିଦେଶ ଯିବାକୁ ଇଚ୍ଛା କରୁଛନ୍ତି।

ବର୍ତ୍ତମାନ ୟୁକ୍ରେନ୍‌ରୁ ଫେରିଥିବା ଓଡ଼ିଶାର ଛାତ୍ରୀଛାତ୍ରଙ୍କ ପାଠପଢ଼ା ନେଇ ଅଭିଭାବକଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାର ଚିନ୍ତାରେ ପଡ଼ିଯାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ଫେରିଥିବା ପିଲାଙ୍କ ଭବିଷ୍ୟତ ନେଇ ଗତ ମାର୍ଚ୍ଚ ୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଥିଲେ। ଭାରତର ମେଡିକାଲ କଲେଜରେ ସେହି ଛାତ୍ରୀଛାତ୍ରମାନଙ୍କ ପାଠ୍ୟକ୍ରମ ଶେଷ କରିବା ନିମନ୍ତେ ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ଏକ୍ଷେତ୍ରରେ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଥିଲେ। ହେଲେ ଏ ପର୍ଯ୍ୟନ୍ତ ୟୁକ୍ରେନ ☞ପୃଷ୍ଠା-୬

# ୧୦ ବର୍ଷ ତଳୁ କୁହୁଳୁଥିଲା ଅସନ୍ତୋଷ

**ମାହାଙ୍ଗା ଗଣହତ୍ୟା ଘଟଣା**

- ଜେଲ ଗଲେ ଅଭିଯୁକ୍ତ ଶିବ
- ଆଜିଠୁ ୩ ଦିନିଆ ରିମାଣ୍ଡରେ ନେବ ପୋଲିସ
- କଟକ କାଳିଆବୋଦା ଶ୍ମଶାନରେ ୫ ଜଣଙ୍କ ଶେଷକୃତ୍ୟ ସମ୍ପନ୍ନ

ନିଶ୍ଚିନ୍ତକୋଇଲି, ୧୩।୪(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ଥାନା କୁସୁପୁର ଗ୍ରାମରେ ସମ୍ପତ୍ତି ବିବାଦରୁ ବଡ଼ଭାଇଙ୍କ ପରିବାରକୁ ସମ୍ପୂର୍ଣ୍ଣ ମୂଳପୋଛ କରିଦେବା ଘଟଣାର ଅଭିଯୁକ୍ତ ତଥା ସାନଭାଇ ଶିବ ପ୍ରସାଦ ସାହୁ ବୁଧବାର ଜେଲ ଯାଇଛନ୍ତି। ଅଭିଯୁକ୍ତ ଶିବ ବାଲିଚନ୍ଦ୍ରପୁର ଥାନାରେ ମଙ୍ଗଳବାର ଆତ୍ମସମର୍ପଣ କରିଥିବାରୁ ମାହାଙ୍ଗା ପୋଲିସ ବୁଧବାର ତାଙ୍କୁ ବାଲିଚନ୍ଦ୍ରପୁର ଥାନାରୁ ଆଣି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରିବାପରେ ଥାନା କେସ୍ ନଂ ୮୧/୨୨ରେ ସାଲେପୁର କୋର୍ଟରେ ହାଜର କରାଇଥିଲା। ପରେ ଅଦାଲତ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ସେପଟେ ଅଭିଯୁକ୍ତ ଶିବ ଭାଇ ଅଲେଖ ଚନ୍ଦ୍ର ସାହୁ, ଭାଉଜ ରଶ୍ମିତା ପୃଷ୍ଟି, ଝିଆରୀ ସ୍ମୃତି ସନ୍ଧ୍ୟା ଏବଂ ୨ ପୁତୁରା ସ୍ମୃତି ସ୍ୱରୂପ ଓ ସ୍ମୃତି ସାଇଙ୍କୁ ହତ୍ୟା କରିଥିବା କଥାକୁ ଦୋହରାଉଥିବାରୁ ତାଙ୍କ ଠାରୁ ଅଧିକ ତଥ୍ୟ ଏବଂ ସିନ୍ ରିକ୍ରିଏଶନ କରିବା ଉଦ୍ଦେଶ୍ୟରେ ପୋଲିସ ୫ ଦିନିଆ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଥିଲା। ଏହାର ବିଚାର କରି କୋର୍ଟ ୩ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। ତେଣୁ ଗୁରୁବାରଠାରୁ ଅଭିଯୁକ୍ତଙ୍କୁ ପୋଲିସ ରିମାଣ୍ଡରେ ନେବ ବୋଲି ଏସ୍‌ଡିପିଓ ନରେନ୍ଦ୍ର କୁମାର ଖଟୁଆ ସୂଚନା ଦେଇଛନ୍ତି। ଅପରପକ୍ଷରେ କଟକ ବଡ଼ ମେଡିକାଲରେ ସମସ୍ତ ୫ମୃତକଙ୍କ ବ୍ୟବଚ୍ଛେଦ କରାଯିବା ପରେ ସେମାନଙ୍କ ଅନ୍ତ୍ୟେଷ୍ଟିକ୍ରିୟା କଟକ କାଳିଆବୋଦା ଶ୍ମଶାନରେ କରାଯାଇଛି। ଅଲେଖଙ୍କ ଶଳା ଦିଲୀପ ପୃଷ୍ଟି ନିଜ ଭଉଣୀ, ଭାଣିଜୀ, ଭଣଜା ଓ ଭିଣୋଇଙ୍କୁ ମୁଖାଗ୍ନି ଦେଇଛନ୍ତି।



ଅଭିଯୁକ୍ତଙ୍କୁ କୋର୍ଟକୁ ନିଆଯାଉଛି।

ଜମିବାଡ଼ି ସମ୍ପତ୍ତିକୁ ନେଇ ବଡ଼ ଭାଇ ଅଲେଖଙ୍କ ସହ ଅଭିଯୁକ୍ତ ଶିବଙ୍କ ଦୀର୍ଘ ବର୍ଷ ଧରି ତିକ୍ତତା ଲାଗି ରହିଥିଲା। ଗତ ୩ମାସ ତଳେ ସେମାନଙ୍କ ମା' ମରିଯିବା ପରେ ଅଲେଖ ସାନ ଭାଇ ଶିବଙ୍କୁ ଗୋଟିଏ ଘର ରହିବା ପାଇଁ ଦେଇଥିଲେ। ସେହି ଘରଠାରୁ ୫ଶହ ☞ପୃଷ୍ଠା-୬

DADLS - 08



ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

ଓଡ଼ିଶା ସରକାର

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ପଣା ସଂକ୍ରାନ୍ତି ତଥା ଓଡ଼ିଆ ନୂଆ ବର୍ଷ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଅଭିନନ୍ଦନ ଜଣାଉଛି । ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ନୂଆ ବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ।

ଆସନ୍ତୁ, ସମସ୍ତେ ମିଶି ଓଡ଼ିଆ ଜାତିର ବିକାଶ ପାଇଁ କାମ କରିବା ଓ ଓଡ଼ିଶାର ଗୌରବକୁ ସବୁଠାରୁ ଉଚ୍ଚତମ ଶିଖରକୁ ନେବା ପାଇଁ ପ୍ରୟାସ କରିବା ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ବାର୍ତ୍ତା

ଓଡ଼ିଆମାନଙ୍କ ଅସ୍ମିତାର ପର୍ବ ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସରରେ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିବା ସହ ସମସ୍ତଙ୍କର ସୁଖ-ସମୃଦ୍ଧି କାମନା କରୁଛି ।

ଓଡ଼ିଶାର ମହାନ ଐତିହ୍ୟ, ସମୃଦ୍ଧ ପରମ୍ପରା ଏବଂ ଅନନ୍ୟ ସଂସ୍କୃତିକୁ ଉଜ୍ଜୀବିତ କରି ରଖୁଥିବା ବିଭିନ୍ନ ପର୍ବପର୍ବାଣୀ, ଓଷାବ୍ରତ ଓ ଯାନିଯାତ୍ରା ମଧ୍ୟରୁ ମହାବିଷୁବ ସଂକ୍ରାନ୍ତିର ସ୍ଥାନ ସ୍ୱତନ୍ତ୍ର ।

ବିକାଶଧାରାରେ ସାମିଲ ହୋଇ ଓଡ଼ିଶାକୁ ଦେଶର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଏହି ପବିତ୍ର ଦିବସରେ ସଙ୍କଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ମୁଁ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR-15001/13/0011/2223

## ସଂକ୍ଷେପରେ

### ବାଇକ୍ ଧକ୍କାରେ ଜୀବନଗଲା

**ପାଟଣା,୧୩।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ବାଲିପଶି ନିକଟରେ ମଙ୍ଗଳବାର ରାତିରେ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ମୃତକ ହେଲେ ମୟୂରଭଞ୍ଜ ଜିଲା ରରୁଆଁ ଥାନା ପାଣି ଦେଉଳି ଗାଁର ଶ୍ରୀନାଥ ଗିରି। ଶ୍ରୀନାଥ ବନ୍ଧୁ ଘରୁ ଫେରୁଥିବା ବେଳେ ଏକ ଗାଡ଼ି ହେଡ୍‌ଲାଇଟ ଦେବାରୁ ସେ ଦୁର୍ଘଟଣା ଗ୍ରସ୍ତ ହୋଇ ରାସ୍ତାକୁ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତୁରୁମୁଙ୍ଗା ପୋଲିସ ଏକ ଦୁର୍ଘଟଣାଜନିତ ମାମଲା (ନଂ.୪୮ /୨୨) ରୁଜୁ କରିଛି।

### ଜଙ୍ଗଲରୁ ଗଳିତ ମୃତଦେହ ଜବତ

**ବିଶୋଇ,୧୩।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ରାଜାବସା ଜଙ୍ଗଲରୁ ବୁଧବାର ଏକ ଗଳିତ ମୃତଦେହ ଜବତ ହୋଇଛି। ବନାଗ୍ନି ନିୟନ୍ତ୍ରଣରେ ନିୟୋଜିତ ଥିବା ବନ କର୍ମଚାରୀମାନେ ଜଙ୍ଗଲରେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ବିଶୋଇ ଥାନା ଅଧିକାରୀ ଫଣିନ୍ଦ୍ର ଭୂଷଣ ନାଏକଙ୍କ ନେତୃତ୍ୱରେ ପୋଲିସ ଟିମ୍ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ ଜାରି ରଖିଛି। ବିଜାତଳା ତହସିଲଦାରଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬/୨୨) ରୁଜୁ ହୋଇଥିବା ବେଳେ ମୃତକଙ୍କ ପରିଚୟ ଜଣାପଡ଼ିନାହିଁ।

### ପୀରବାବାଙ୍କ ବିୟୋଗରେ ଶୋକ

**ଧାମନଗର, ୧୩।୪:** ମୁସଲମାନ ସମ୍ପ୍ରଦାୟର ଧର୍ମଗୁରୁ ତଥା ବିହାର ରାଜ୍ୟର ପୀରବାବା ହଜରତ ସୟଦ ଶାହା ରିଜାନୁଲ ହୋଦା ସଜ୍ଜାଦାନସିନ ଖାନକା ସାକ୍ରିୟା କମରି ଏହେସନି ସେଖପୁରା ପିଣ୍ଡସରିଫଙ୍କ ମଙ୍ଗଳବାର ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇବା ପରେ ଧାମନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୀରବାବା କିଛିଦିନ ତଳେ ଅସୁସ୍ଥ ଥାଇ ଚିକିତ୍ସାଧୀନ ଥିଲେ। ଏହି ଦୁଃଖଦ ଖବର ଶୁଣିବା ପରେ ଧାମନଗର ଅଞ୍ଚଳର ପୀରବାବାଙ୍କ ଶିଷ୍ୟ ଓ ଶ୍ରଦ୍ଧାଳୁ ତାଙ୍କ ଜନ୍ମସ୍ଥାନ ବିହାରସ୍ଥିତ ପିଣ୍ଡସରିଫକୁ ଯାଇ ପୀରବାବାଙ୍କ ସମୂହ ନମାଜ ପାଠ (ଜାନାଜା)ରେ ଯୋଗଦେବେ ବୋଲି ଜଣାଯାଇଛି।

### ପ୍ରାଣୀ ଚିକିତ୍ସା, ପ୍ରଶିକ୍ଷଣ ଶିବିର

**ବନ୍ତ, ୧୩।୪(ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ନିକଟସ୍ଥ କାଣ୍ଡବା ଗ୍ରାମରେ ବୁଧବାର ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ପ୍ରଶିକ୍ଷଣ ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ ଅତିଥି ଭାବେ ଯୋଗଦେଇ ପ୍ରାଣୀ ସମ୍ପଦର ବିକାଶ ପାଇଁ ବ୍ଲକ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିର୍ମଳ ଚନ୍ଦ୍ର ବାରିକ, ପ୍ରାଣୀ ନିରୀକ୍ଷକ ପ୍ରିୟବ୍ରତ ରାଉତ, ସଞ୍ଜୟ କୁମାର ଜେନା ଓ ରାଜେଶ କୁମାର ବିଶ୍ୱାଳ ଯୋଗଦେଇ ପ୍ରାଣୀମାନଙ୍କ ଚିକିତ୍ସା କରିବା ସହ ଗୋପାଳନ ବିଷୟରେ ସଚେତନ କରାଇଥିଲେ। ୧୫୦ ଗୋରୁଙ୍କୁ ଫାଟୁଆ ଓ ବଜବଜିଆ ଇଞ୍ଜେକ୍ସନ ଦେବା ସହ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ୩୦ ଚାଷୀଙ୍କୁ ଗୋପାଳନ ପ୍ରଶିକ୍ଷଣ ଦିଆଯାଇଥିଲା। ଗୋଖାଦ୍ୟର ଚାହିଦା ପୂରଣ କରିବା ପାଇଁ ଚାଷୀମାନଙ୍କୁ ଘାସ ଚାଷ ଲାଗି ପ୍ରୋତ୍ସାହିତ କରାଯାଇଥିଲା। ପ୍ରାଣୀ ଚିକିତ୍ସା କର୍ମଚାରୀ ରମେଶ ବାରିକ, ଅତୁଲ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।

### ଆତ୍ମସୁରକ୍ଷା ତାଲିମ

**ରୂପସା, ୧୩।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ସଦର ବ୍ଲକ ରୂପସା ନୀଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଶେଷ ହୋଇଛି। ଭାରପ୍ରାପ୍ତ ଅଧକ୍ଷ ପ୍ରାଧ୍ୟାପକ ସରୋଜ କୁମାର ପାଣି ଅଧକ୍ଷତା କରି ତାଲିମ ମାଧ୍ୟମରେ ଛାତ୍ରୀମାନେ କିଭଳି ନିଜ ସୁରକ୍ଷା ନିଜେ କରିପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଶିବିରରେ ପ୍ରାଧ୍ୟାପିକା ନୀଳିମା ପାତ୍ର, ଡ. ତପନ କୁମାର ଦାସ କାର୍ଯ୍ୟକ୍ରମ ସଂଯୋଜିକା ପିନାକ୍ଷୀ ପଣ୍ଡା ଓ ଡ. ଆରୁଣୀ ମିଶ୍ର ଯୋଗଦେଇଥିଲେ। ଏହି ୮ ଦିନିଆ ତାଲିମ ଶିବିରରେ ମାଷ୍ଟର ଟ୍ରେନର ବନିତା ସାହୁ ଓ ଜାନକୀ ଦାସ ଯୋଗଦେଇ ଆତ୍ମରକ୍ଷା କୌଶଳର ବିଭିନ୍ନ ଦିଗ ଓ କୌଶଳ ସମ୍ପର୍କରେ ତାଲିମ ଦେଇଥିଲେ। ଶିବିରରେ ଯୁକ୍ତ ୨ ପ୍ରଥମବର୍ଷର ୧୪୭ ଛାତ୍ରୀ ୫ଟି ଗ୍ରୁପ୍‌ରେ ତାଲିମ ନେଇଥିଲେ।

# ଦଳଗତ ନୃତ୍ୟରେ ଦୁଲୁକିଲା ମଞ୍ଚ

**ବାରିପଦା ଅଫିସ,୧୩।୪**

ମୟୂରଭଞ୍ଜ ଜିଲା ଛଉ ପ୍ରତିଷ୍ଠାନର ୩ଦିନିଆ ଚୈତ୍ରପର୍ବ-୨୨ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଜିଲାପାଳ ବିନୀତ ଭରଦ୍ୱାଜ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ସମ୍ମାନୀତ ଅତିଥି ଭାବେ ବାରିପଦା ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

ଦ୍ୱିତୀୟ ଓ ତୃତୀୟ ତଥା ଉଦ୍‌ଯାପନୀ ରାତିରେ ବାରିପଦାର ଉତ୍ତରସାହି ଓ ଦକ୍ଷିଣସାହି ନୃତ୍ୟ ଦଳର କଳାକାରମାନେ ଛଉନୃତ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ସୋମବାର ଉତ୍ତରସାହି ଓ ମଙ୍ଗଳବାର ଦକ୍ଷିଣସାହି ନୃତ୍ୟ ଦଳ ମା' ଭୈରବୀଙ୍କ ପାଖରେ ପୂଜାର୍ଚ୍ଚନା କରିଥିଲେ। ପାରମ୍ପରିକ ଭାବେ ଉଦ୍‌ଘାଟନ ରାତିରେ ଗ୍ରାମାଞ୍ଚଳ ଛଉନୃତ୍ୟ ଦଳ ସେମାନଙ୍କର




ଛଉ କଳାକାରମାନେ ଦଳଗତ ନୃତ୍ୟ ପରିବେଷଣ କରୁଛନ୍ତି।

ପ୍ରଦର୍ଶନ ପରେ ଉତ୍ତର ଓ ଦକ୍ଷିଣ ସାହି ଛଉନୃତ୍ୟ ଦଳ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଉତ୍ତରସାହି ପକ୍ଷରୁ ମାତୃପୂଜା, ଚିତ୍ରାଙ୍ଗଦା, ବାଲୀବଦ୍ଧ, ମହିଷାମର୍ଦ୍ଦିନୀ, ଶବର ଟୋକା, କାଳଚକ୍ର, ଗରୁଡ଼ବାହାନ, ତାମୁଡିଆ କୃଷ୍ଣ, କୈଳାସ ଲୀଳା, ସାଗର ସଙ୍ଗମ, ଗୀତା, ପ୍ରେମିକ ପ୍ରେମିକା ଓ ନଟରାଜ ନୃତ୍ୟ ପରିବେଷଣ କରିଥିବା ବେଳେ ଦକ୍ଷିଣସାହି ନୃତ୍ୟ ଦଳ ପକ୍ଷରୁ କିରାତ ଅର୍ଜ୍ଜୁନ, ମାୟା ଶବରୀ, ଦଣ୍ଡି, ଶିବଶକ୍ତି, ଦ୍ୱଜାତାଳ, ମେଘ ମୟୂରୀ, ହୋଲି, ନିଶିଥ ମିଳନ, କ୍ଷତ୍ରୀୟ

## ସରିଲା ଚୈତ୍ର ପର୍ବ

ବନ୍ଧୁ, ଅଖିତୃତୀୟା, ହରଗୌରୀ ଓ ବେଣୀ ସଙ୍ଗମ ନୃତ୍ୟ ଓ ବାଦ୍ୟରେ ବାରିପଦା ଛଉ ପଡ଼ିଆ ଦୁଲୁକିଥିଲା। ପ୍ରଥମ ଥର ପାଇଁ ଚଳିତବର୍ଷ 'ମୟୂରଭଞ୍ଜ ଚୈତ୍ରପର୍ବ-୨୨' ନାମରେ ୟୁଟ୍ୟୁବ ଚ୍ୟାନେଲ ଓ ସ୍ଥାନୀୟ କେବଲ ଟିଭିରେ ପ୍ରତ୍ୟେକ ରାତିର କାର୍ଯ୍ୟକ୍ରମ ସିଧାପ୍ରସାରିତ ହୋଇଥିଲା। ଜିଲା ପ୍ରଶାସନର ଫେସବୁକ୍ ପେଜ, ଟ୍ୱିଟର ଓ ୱେବସାଇଟରେ ପ୍ରଦତ୍ତ ଲିଙ୍କରେ ଚୈତ୍ରପର୍ବ ସିଧା ପ୍ରସାରଣ ଦ୍ୱାରା ୨ବର୍ଷ ଧରି ଛଉନୃତ୍ୟ ଉପଭୋଗରୁ ବଞ୍ଚିତ ଜିଲା ତଥା ଜିଲା ବାହାରେ ଥିବା ଲକ୍ଷାଧିକ ଦର୍ଶକ ନୃତ୍ୟ ଦେଖିବାର ସୁଯୋଗ ପାଇଥିଲେ। ସେହିପରି ଦର୍ଶକଙ୍କ ଆମୋଦ ପ୍ରମୋଦ ପାଇଁ ଛଉ ପଡ଼ିଆ ସଂଲଗ୍ନ କଲେଜ ପଡ଼ିଆଠାରେ ଓରମାସ ପକ୍ଷରୁ ପଲ୍ଲୀଶ୍ରୀ ମେଳା-୨୦୨୨ ପ୍ରଦର୍ଶନୀ ୧୫ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି।

# 'ବିଦ୍ୟାଳୟ ମଣିଷ ତିଆରି କାରଖାନା'



ଉତ୍ସବରେ ଉପସ୍ଥିତ ଅତିଥି।

**ଆରଡ଼ି, ୧୩।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଓ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧାପକ ନିହାର ରଞ୍ଜନ କରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଉଦ୍‌ଘାଟକ ଭାବେ ଡା. ହରେକୃଷ୍ଣ ନାୟକ, ମୁଖ୍ୟଅତିଥି ସାହିତ୍ୟିକ ଇଂ. ଅଭୟ ସୁତାର, ମୁଖ୍ୟବକ୍ତା ଖବରଦାତା ରବି ନାରାୟଣ ଖିଲାର, ସମ୍ମାନିତ ଅତିଥି ଭାବେ ଗାଳ୍ପିକ ସତ୍ୟ ପ୍ରକାଶ ସେଠୀ, ନାଟ୍ୟକାର ନିର୍ମଳ ରାଉତ, ଅଧାପକ ମାଧବ ଚନ୍ଦ୍ର ଜେନା, ପ୍ରାଧ୍ୟାପକ ଦିଲୀପ ମହାନ୍ତି, ଧୀରେନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ବିଦ୍ୟାଳୟକୁ ମଣିଷ ତିଆରି କାରଖାନା ଭାବେ ଅତିଥିମାନେ ଅଭିହିତ କରିଥିଲେ। ଅଧକ୍ଷ ରାଜେନ୍ଦ୍ର କୁମାର ହୋତା ବକ୍ତବ୍ୟ ରଖିଥିଲେ। ଅଧାପିକା ଡା. ପୁଷ୍ପରେଣୁ ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଅଧକ୍ଷ ଜୟନ୍ତ କୁମାର ଗୋସ୍ୱାମୀ, ଅଧାପକ ପଦ୍ମଲୋଚନ ପଣ୍ଡା, ଆନନ୍ଦ ଚନ୍ଦ୍ର ବାରିକ ଓ ବିଜୟ କୁମାର ପରିଡ଼ାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧାପିକା ଶ୍ରଦ୍ଧାଞ୍ଜଳି ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବୃତ୍ତି ଏ ମୋ ପୋଷେ କୁଟୁମ୍ବ

**ପଦ୍ମପୁର, ୧୩।୪ (ଡି.ଏନ.ଏ.)**

ଧୂ ଧୂ ଖରାବେଳେ ଏକ ସାଇକେଲରେ ବନ୍ଧା ହୋଇଛି ମାଟିଘୋଡ଼ା ଓ ଭଳିକି ଭଳି ମାଟିରେ ତିଆରି ଠେକି। ମା' ଘୋଡ଼ା ନେବ ଘୋଡ଼ା, ମାଟି ତିଆରି ଘୋଡ଼ା, ଠେକି ନେବ ଠେକି ମାଟି ଠେକି, ପିତୃପୁରୁଷଙ୍କୁ ପଣା ଦେବ। ଖରାକୁ ଭ୍ରୁକ୍ଷେପ ନ କରି ଡାକି ଚାଲନ୍ତି। ଏଭଳି ଭାବେ ନିଆରା ଢଙ୍ଗରେ ମାଟି ଘୋଡ଼ା ଓ ଠେକି ସମେତ ମାଟିରେ ତିଆରି ବିଭିନ୍ନ ସାମଗ୍ରୀ ବିକ୍ରି କରୁଛନ୍ତି ଭଦ୍ରକ ସଦର ବ୍ଲକ ନୂଆନନ୍ଦ ଗ୍ରାମର ନିରଞ୍ଜନ ବେହେରା। ବୟସ ୫୫ ହେଲାଣି। ବିଗତ ତିନିପିଢ଼ି ଧରି ମାଟିରେ ତିଆରି ବିଭିନ୍ନ ସାମଗ୍ରୀ ସେ ବିକ୍ରି କରିଆସୁଛନ୍ତି। ପଣା ସଂକ୍ରାନ୍ତି ଓ ଚଇତି ପର୍ବରେ ଓଡ଼ିଆ ଘରର ସଂସ୍କୃତି ଅନୁଯାୟୀ ବିଭିନ୍ନ ଦେବଦେବୀଙ୍କ ମନ୍ଦିରରେ ଘୋଡ଼ା ଦେଇ ପୂଜାର୍ଚ୍ଚନା କରାଯାଇଥାଏ। ନିରଞ୍ଜନ କହନ୍ତି, ଆଗରୁ ବେପାର ଭଲ ହେଉଥିଲା, ଏବେ ଆଧୁନିକ ଯୁଗରେ ଆଗଭଳି ବେପାର ହେଉନାହିଁ। ଦିନସାରା ଖରାରେ ବୁଲି ବୁଲି ବିକ୍ରି କରି ୪ ଶହରୁ ୫ଶହ ଟଙ୍କା ରୋଜଗାର ହୁଏ। ଏଥିରେ ୫ ପ୍ରାଣୀ କୁଟୁମ୍ବ ପୋଷିବା କଷ୍ଟକର ହେଉଛି। ବଜାର ଦର ହୁ ହୁ ହୋଇ ବଢୁଥିବା ବେଳେ କୁମ୍ଭକାରଙ୍କ ଜୀବିକା ଏବେ ବିପଦରେ। ଏହି ବୃତ୍ତି ଆମ କୁଟୁମ୍ବ ପୋଷିଥାଏ। ସରକାର କୁମ୍ଭକାରମାନଙ୍କୁ କିଛି ସୁବିଧା ସୁଯୋଗ ଯୋଗାଇ ନ ଦେଲେ କୌଳିକ ବୃତ୍ତି ବୁଡ଼ିଯିବ। ସରକାର ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସେ ନିବେଦନ କରିଛନ୍ତି।



ଗ୍ରାହକଙ୍କ ଅପେକ୍ଷାରେ ନିରଞ୍ଜନ ବେହେରା।

## ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନରେ ନକଲି ମଦ

**ମୋରଡା,୧୩।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ମୋରଡ଼ା ବଜାରରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନରୁ ଜବତ ହୋଇଛି ନକଲି ମଦ। ବୁଧବାର ସକାଳେ ଅବକାରୀ ବିଭାଗର ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଚଢ଼ାଉ କରି ନକଲି ମଦ

**ଅବକାରୀ ଚଢ଼ାଉ,୨ ଅଟକ**

ପ୍ରସ୍ତୁତ ଘଟଣାର ପର୍ଦ୍ଦାଫାସ କରିଛି। ଉକ୍ତ ଦୋକାନରୁ ୬ ପେଟି ନକଲି ମଦ ସହିତ ମଦ ତିଆରି ସାମଗ୍ରୀ ଯଥା ସ୍ପିରିଟ, କାରାମେଲ ମିଶା ରଙ୍ଗ, ନକଲି ଅବକାରୀ ଲେବଲ୍, ଦୁଇ ହଜାର ମଦ ବୋତଲ ଠିପି,ଏକ ହଜାର ଖାଲି ବୋତଲ ଜବତ ହୋଇଛି। ମଦ ଦୋକାନର ଲାଇସେନ୍ସଧାରୀ ଏ.କେ. ସିଂ ଏବଂ ୨ କର୍ମଚାରୀଙ୍କୁ ଅବକାରୀ ବିଭାଗ ଅଟକ ରଖି ପଚରାଉଚରା କରୁଛି। ଏହି ମଦ ଦୋକାନ ମୋରଡ଼ା ଅବକାରୀ କାର୍ଯ୍ୟାଳୟଠାରୁ ମାତ୍ର ୨ରୁ ୩ଶହ ମିଟର ଦୂରରେ ଥିବା ବେଳେ ସେଠାରେ କିପରି ନକଲି ମଦ ତିଆରି ଚାଲିଥିଲା ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ବୈଠକ

**ଭଣ୍ଡାରିପୋଖରୀ, ୧୩।୪(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସଭାଗୃହରେ ସ୍ୱଚ୍ଛ ଭାରତ ଅଭିଯାନ ଜରିଆରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବଦତ୍ତ ଦାସଙ୍କ ଅଧକ୍ଷତାରେ ଆୟୋଜିତ ବୈଠକକୁ ପଞ୍ଚାୟତ ସମିତି ଅଧକ୍ଷା ସୁମତୀ ସେଠୀ ଉଦ୍‌ଘାଟନ କରିଥିଲେ। ଏମ୍‌ପି ପ୍ରତିନିଧି ଲଳିତ ରାଉତ, ଜିଲା ପରିମଳ ପରାମର୍ଶଦାତା ରୀତାରାଣୀ ନାୟକ, ଗୌତମ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ଦାସ, ଜିପିଓ ମୀନକେତନ ବାରିକ, ହିସାବ ରକ୍ଷକ ଗିରିଜା ଶଙ୍କର ସାହୁ,ଏପିଓ ଜୟଶ୍ରୀ କର ପ୍ରମୁଖ ଯୋଗ ଦେଇଥିଲେ। ସ୍ୱଚ୍ଛ ଭାରତ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ଅଧିକାରୀମାନେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ। ଲୋକପ୍ରତିନିଧି, ବ୍ଲକ କନିଷ୍ଠ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆର୍‌ଏସ୍, ମୋଟିଭେଟର ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱଚ୍ଛ ଭାରତ ଅଭିଯାନର ବ୍ଲକ ପ୍ରକଳ୍ପ ସଂଯୋଜକ ଉଦୟନାଥ ବେଜ୍ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଆଲୋଚନାରେ ସୁଧୁରିବ ଶ୍ରମିକ ସମସ୍ୟା'

**ବାଲେଶ୍ୱର ଅଫିସ,୧୩।୪**

ବାଲେଶ୍ୱର ଜିଲା ଶ୍ରମବିଭାଗ କାର୍ଯ୍ୟାଳୟଠାରେ ମଙ୍ଗଳବାର ଓରିପ୍ଲାଷ୍ଟର କର୍ତ୍ତୃପକ୍ଷ, ହିନ୍ଦ ମଜଦୁର ସଭା ଅନୁବନ୍ଧିତ ଶ୍ରମିକ ସଙ୍ଗଠନ ଓରିପ୍ଲାଷ୍ଟ ମଜଦୁର ସଭାର କର୍ମକର୍ତ୍ତା, ଡେପୁଟି ଲେବର କମିଶନରଙ୍କ ଅଧକ୍ଷତାରେ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା।

ଦୀର୍ଘ ୬୨ବର୍ଷ ଧରି ଓରିପ୍ଲାଷ୍ଟର ଶ୍ରମିକମାନେ ଶିଳ୍ପକୁ ସମୃଦ୍ଧ କରିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ୫ରୁ ୬ଟି ଶିଳ୍ପ ପ୍ରତିଷ୍ଠା କରିବାରେ ସହଯୋଗ କରିଛନ୍ତି। ମାଲିକ ଓ ଶ୍ରମିକମାନଙ୍କର ଉତ୍ତମ ବୁଝାମଣାରେ ଶ୍ରମିକଙ୍କ ସମସ୍ୟା ଦୂର ହେବା ସହ ଶିଳ୍ପର ଅଭିବୃଦ୍ଧି ହୋଇଥାଏ ବୋଲି ଉପସ୍ଥିତ ହିନ୍ଦ ମଜଦୁର ସଭା ସଭାପତି ଅରୁଣ ସ୍ୱାଇଁ କହିଛନ୍ତି। ଜିଲାର ବୃହତ୍ ଶିଳ୍ପ ବନ୍ଦ ହୋଇପଡ଼ିଥିବା କାରଣ ଦର୍ଶାଇ ସଙ୍ଗଠନ ଏବଂ କର୍ତ୍ତୃପକ୍ଷଙ୍କ ସମନ୍ୱୟ ରକ୍ଷା କରି ପ୍ରତିଷ୍ଠାନଗୁଡ଼ିକୁ ଚଳାଇବା ପାଇଁ ହିନ୍ଦ ମଜଦୁର ସଭା ପ୍ରଚେଷ୍ଟା ଜାରି ରଖିଥିବା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଓରିପ୍ଲାଷ୍ଟ ଶିଳ୍ପରେ ଥିବା ଶ୍ରମିକମାନଙ୍କର ସମସ୍ୟା ଶ୍ରମବିଭାଗର ଡେପୁଟି କମିଶନର ଅଜୟ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। କାରଖାନାର କର୍ତ୍ତୃପକ୍ଷ ଶ୍ରମିକମାନଙ୍କର ୨ମାସର ଏରିଅର୍ ପଇସା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନରେ ବୈଠକରେ ଶ୍ରମିକମାନଙ୍କର ସମସ୍ତ ପ୍ରାପ୍ୟ ଆଲୋଚନା ମାଧ୍ୟମରେ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ ଓରିପ୍ଲାଷ୍ଟର କର୍ତ୍ତୃପକ୍ଷ ଏବଂ ଓରିପ୍ଲାଷ୍ଟର ନିର୍ଦ୍ଦେଶକ ଆଶିଷ ଅଗ୍ରୱାଲ, ପି.କେ. ଦେବୀ, ବି.କେ. ପଣ୍ଡା, ଏ.କେ. ସାହୁ ଏବଂ ଓରିପ୍ଲାଷ୍ଟର ଶ୍ରମିକ ପ୍ରତିନିଧି ସୁଦର୍ଶନ ପାତ୍ର, ଧର୍ମେନ୍ଦ୍ର ପୃଷ୍ଟି, ଅଭିରାମ ଅଧିକାରୀ, ସୁନୀଲ କୁମାର ଦାସ ଏବଂ ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୪୧ବର୍ଷରେ ଗଡପୋଖରୀ ବାସନ୍ତିକ ଦୁର୍ଗାପୂଜା

**ଖଇରା, ୧୩।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ମା' ବାସନ୍ତୀଦୁର୍ଗାଙ୍କ ପୂଜାର୍ଚ୍ଚନା ଧୁମଧାମ୍‌ରେ ପାଳିତ ହୋଇଛି। ୪୧ବର୍ଷରେ ପଦାର୍ପଣ କରିଥିବା ଗଡପୋଖରୀ ବାସନ୍ତୀ ଦୁର୍ଗାପୂଜା ପାରମ୍ପରିକ ରୀତିରେ ପାଳିତ ହୋଇଛି। କମିଟିର ବରିଷ୍ଠ ସଦସ୍ୟ ଶତ୍ରୁଘ୍ନ ଦାସ, ଗ୍ରାମର ମହେନ୍ଦ୍ର ପ୍ରସାଦ ବେହେରା, ନିତ୍ୟାନନ୍ଦ ଦଳେଇ, ଅଭୟ କୁମାର ମହାନ୍ତି, ଶୁକଦେବ ସାହୁ, ରବିନାରାୟଣ ଜେନା, ରତ୍ନାକର ଜେନା, ନବକିଶୋର ସାହୁଙ୍କ ଦ୍ୱାରା କଳସ ଅଣାଯାଇଥିଲା। ସୋମବାର ସନ୍ଧ୍ୟାରେ ସୋରରୁ ଆସିଥିବା ମା' ତାରିଣୀ ମେଲୋଡିର ଦିବ୍ୟାଙ୍ଗ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କମିଟି ସଭାପତି ଭରତ ଚନ୍ଦ୍ର ଦାସ, ସମ୍ପାଦକ ତପନ କୁମାର ବେହେରା ଓ ନିହାର ରଞ୍ଜନ ଦାସ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଡପୋଖରୀରେ ପୂଜା ପାଉଥିବା ମା' ବାସନ୍ତୀଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତୀ।

## ଆରମ୍ଭ ହେବ ଏମ୍‌ସ ଓପିଡି ସେବା

**ବାଲେଶ୍ୱର ଅଫିସ, ୧୩।୪**

ବାଲେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱସ୍ଥିତ ରେମୁଣାଠାରେ ନବନିର୍ମିତ ଏମ୍‌ସ୍ ଚିକିତ୍ସାଳୟରେ ପ୍ରତି ଶନିବାର ଓ ରବିବାର ଅର୍ଥାତ୍ ସପ୍ତାହର ଦୁଇଦିନ ଓପିଡି ସେବା ପ୍ରଦାନ କରାଯିବ। ଏନେଇ ଭୁବନେଶ୍ୱରସ୍ଥିତ ଏମ୍‌ସ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଆସନ୍ତା ୧୬ତାରିଖ ଶନିବାର ଓ ୧୭ ତାରିଖ ରବିବାର ପୂର୍ବାହ୍ନ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏମ୍‌ସ୍ ଚିକିତ୍ସାଳୟରେ ଏଣ୍ଡୋକ୍ରିନୋଲୋଜି (ଅନ୍ତଃସ୍ରାବୀ ଗ୍ରନ୍ଥି ରୋଗ), ଜେନେରାଲ୍ ସର୍ଜରୀ (ଶଲ୍ୟ ଚିକିତ୍ସା) ଓ ସ୍କିନ୍ (ଚର୍ମ ରୋଗ) ବିଭାଗର ବିଶେଷଜ୍ଞ ଡାକ୍ତରମାନେ ରୋଗୀ ଚିକିତ୍ସା କରିବେ। ବହିର୍ବିଭାଗ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନ ହେବା ପର୍ଯ୍ୟନ୍ତ ପ୍ରତି ସପ୍ତାହର ଉକ୍ତ ଦୁଇଦିନ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ସ୍ୱାସ୍ଥ୍ୟସେବା ପ୍ରଦାନ କରିବେ। ଗତ ୬ ତାରିଖରେ ଏମ୍‌ସ୍ ନିର୍ଦ୍ଦେଶକଙ୍କ ସହ ଏକ ପ୍ରତିନିଧି ମଣ୍ଡଳୀ ରେମୁଣାଠାରେ ନବନିର୍ମିତ ଏମ୍‌ସ୍ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। କାର୍ଯ୍ୟ ପ୍ରାୟ ଶେଷ ହୋଇଯାଇଥିବାରୁ ଓପିଡି ସେବା ଆରମ୍ଭ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାକୁ କାର୍ଯ୍ୟକାରୀ କରିଥିବାରୁ ମେଡ଼ିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ସମେତ ବହୁ ଅନୁଷ୍ଠାନ ତଥା ବରିଷ୍ଠ ବ୍ୟକ୍ତିବିଶେଷ ଏମ୍‌ସ୍ ନିର୍ଦ୍ଦେଶକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ

**ବାଲିଆପାଳ, ୧୩।୪(ସ୍ୱ.ପ୍ର.)**

ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମଙ୍ଗଳବାର ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ବେଣୁଧର ହୋଇଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକ୍ତର ନିୟୁଶ୍ରୀ ପାଣି, ଝୁନାବାଳା ଦେ, ବିପିଏମ୍ ଦୟାନିଧି ନାୟକ, ସୁପରଭାଇଜର ରମାନାଥ କର, ତପନ ପ୍ରଧାନ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଯୋଗଦେଇ ସଫେଇ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଏପରି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଲଗାତର ଭାବେ କାର୍ଯ୍ୟକାରୀ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ଭାରପ୍ରାପ୍ତ ଅଧିକାରୀ ହୋଇ କହିଥିଲେ।

# ପଣାସଂକ୍ରାନ୍ତି ପାଇଁ ଜିଲା ଉତ୍ସବମୁଖର

**କେନ୍ଦୁଝର, ୧୩।୪(ଡି.ଏନ୍.ଏ.)**

ମହାବିଷୁବ ସଂକ୍ରାନ୍ତି ପାଇଁ ବ୍ୟାପକ ପ୍ରସ୍ତୁତି ଶେଷ ହୋଇଛି। ତେବେ ଏହି ଧାର୍ମିକ ମହୋତ୍ସବରେ ଯୋଡ଼ାରେ ୧୪୪ ଧାରା ଲାଗିଥିବାରୁ ସାମାନ୍ୟ ଅନ୍ତରାୟ ସୃଷ୍ଟି କରିଛି। ଦୁଇବର୍ଷ ଧରି କରୋନା ଯୋଗୁ ସବୁସ୍ଥାନରେ ପାରମ୍ପରିକ ଉତ୍ସବ ବନ୍ଦ ରହିଥିଲା। ଚଳିତବର୍ଷ ମା' ତାରିଣୀଙ୍କ ପୀଠ ଘଟଗାଁରେ ଚଇତି ପର୍ବ ଆଡମ୍ବରରେ ପାଳିତ ହୋଇଛି। ପଣାସଂକ୍ରାନ୍ତି ସକାଳେ ମା'ଙ୍କ ସ୍ନାନ, ମାଜଣା, ଶୁଖିଲା ଭୋଗ, ମଧ୍ୟାହ୍ନରେ ଶଙ୍ଖୁଡି ଭୋଗ ସହ ସୁନାବେଶରେ ମା' ଦର୍ଶନ ଦେବେ। କେନ୍ଦୁଝରର ରାଷ୍ଟ୍ରଦେବତା ବଳଦେବଜୀଉ ମନ୍ଦିର ପରିସରରେ ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞର ପୂର୍ଣ୍ଣାହୁତି ହେବା ସହ ଗୋପାଳଜୀଉ ମଠରେ ୨୪ପ୍ରହର ନାମଯଜ୍ଞ, ସିଦ୍ଧମଠଠାରେ ପୂଜିତ ହନୁମାନ ଜୟନ୍ତୀ ଅବସରରେ ହୋମଯଜ୍ଞାଦି କାର୍ଯ୍ୟକ୍ରମ ରହିଛି। ସେହିପରି କେନ୍ଦୁଝର ସହରକୁ ଆସୁଥିବା ମା' ପଞ୍ଚ ଠାକୁରାଣୀଙ୍କ ଯାତ୍ରା ଅନୁଷ୍ଠିତ ହୋଇଛି।

## ନବ ନିର୍ବାଚିତ ସଂଘ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

**ଖଇରା, ୧୩।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅର୍ଜ୍ଜୁନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ପ୍ରଫୁଲ୍ଲ କୁମାର ଦାଶ ଏଥିରେ ପୌରୋହିତ୍ୟ କରିଥିଲେ। ସୋରଠାରେ ଅନୁଷ୍ଠିତ ହୋଇଯାଇଥିବା ଜିଲା ସାମ୍ବିଧାନିକ ସମ୍ମିଳନୀରେ ଖଇରା ବ୍ଲକରୁ ଜିଲାରେ ପ୍ରତିନିଧିତ୍ୱ ପାଇଁ ନବନିର୍ବାଚିତ ହୋଇଥିବା ସଂଘ ସମ୍ପାଦକ ବିଜୟ କୁମାର ଦ୍ୱିବେଦିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାରେ ନବ ନିର୍ବାଚିତ ସଭାପତି ସୁଶାନ୍ତ ଶେଖର ଦାସ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ବ୍ଲକ ସମ୍ପାଦକ ଶଙ୍କର୍ଷଣ ଯେନା, ଉପଦେଷ୍ଟା କମଳାକାନ୍ତ ଦଳେଇ ପ୍ରମୁଖ ବକ୍ତବ୍ୟରେ ନୂତନ ଟିମ୍‌ଙ୍କ ସମୟକାଳରେ ଶିକ୍ଷକ ବହୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଆଶା ପ୍ରକଟ କରିଥିଲେ। ପରେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଖଇରା ମଣ୍ଡଳର ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଖୋଲିପାରୁନି ଜଳଛତ୍ର

**କେନ୍ଦୁଝର, ୧୩।୪ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ବ୍ୟତିବ୍ୟସ୍ତ ହୋଇପଡୁଛନ୍ତି। ତାପାମାତ୍ରା ପାଖାପାଖି ୩୮ ଡିଗ୍ରୀ ଉପରେ ରହୁଥିବାରୁ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଅଂଶୁଘାତ ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି। ଦିନରେ ନିର୍ମାଣ କାର୍ଯ୍ୟ ଉପରେ କଟକଣା ଲାଗୁ ସହ ଯାତ୍ରୀବାହୀ ବସ୍ ଚଳାଚଳ ଉପରେ ନୀତିନିୟମ ନିର୍ଦ୍ଧାରଣ କରାଯାଇଛି।

ଏହାସତ୍ତ୍ୱେ ଏହି ନୀତିନିୟମ ପାଳନ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ପେଟପାଟଣା ପାଇଁ ଗରିବ ଚାଷୀ ଓ ବନବାସୀ କେନ୍ଦୁଝର ସହରକୁ ପନିପରିବା ଓ ଜଙ୍ଗଲଜାତ ଦ୍ରବ୍ୟ ଆଦି ବିକ୍ରି ପାଇଁ ଆସିବାକୁ ବାଧ ହେଉଛନ୍ତି। କିନ୍ତୁ ସେମାନଙ୍କ ପାଇଁ ନା ଅଛି ଆଶ୍ରୟ ସ୍ଥଳୀ ନା ଅଛି ଜଳଛତ୍ର। ଜଳଛତ୍ର ବସାଇବା ପାଇଁ ପ୍ରଶାସନ ପକ୍ଷରୁ ବହୁ ଆଗରୁ ନିର୍ଦ୍ଦେଶନାମା ଜାରି କରିଥିଲେ ହେଁ ଜନଗହଳୀପୂର୍ଣ୍ଣ ସ୍ଥାନ, ହାଟବଜାର, ବସଷ୍ଟାଣ୍ଡ/ବସ ଷ୍ଟପ ଆଦିରେ ଜଳଛତ୍ର ବସାଯାଇ ନ ଥିବା ଅଭିଯୋଗ ହେଉଛି। ଫଳରେ ବାଟୋଇ ମାନେ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ସେହିପରି ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ଆଦେଶ ହୋଇଥିଲେ ହେଁ କିପରି ପାଳନ ହେଉଛି ତାହା ଖୋଦ ପ୍ରଶାସନ ଜାଣିଛନ୍ତି। ଏସବୁରେ ଖିଲାପ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଆଦେଶ କରିଥିଲେ। ତେବେ ସେସବୁ ଖୋଦ ଜିଲା ମୁଖ୍ୟାଳୟରେ କିପରି ପାଳନ ହେଉଛି ନୀରିକ୍ଷଣ କରାଗଲେ ଜିଲାର ଅବସ୍ଥା ବୁଝି ହେବ ବୋଲି ସାମାଜିକ କର୍ମୀ ସିଦ୍ଧେଶ୍ୱର ସାହୁ କହିଛନ୍ତି।

# ଏନ୍‌ଏଚ୍ କଡରୁ ଜବରଦଖଲ ହଟିଲା

**ଜଳେଶ୍ୱର, ୧୩।୪(ଡି.ଏନ.ଏ.)**

୬୦ନଂ. ଜାତୀୟ ରାଜପଥ(ଏନ୍‌ଏଚ୍)ର ଜଳେଶ୍ୱର ନିକଟ ଉପାନ୍ତ ଲକ୍ଷ୍ମଣନାଥ ଟୋଲପ୍ଲାଜାର ୨ଶହ ମିଟର ଉତ୍ତର ଓ ଦକ୍ଷିଣ ଦିଗକୁ ଦୀର୍ଘବର୍ଷ ଧରି କେତେକ ଉଠାଦୋକାନୀ ଜବରଦଖଲ କରି ରଖିଥିଲେ। ମଙ୍ଗଳବାର ପ୍ରଶାସନ ପକ୍ଷରୁ ଏସବୁ ଉଚ୍ଛେଦ କରାଯାଇଛି। ଏବେ ସେଠାରେ ତନଖି ଫାଟକ ନ ଥିଲେ ମଧ କେତେକ ଯୁବକ ବ୍ୟାପକ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଆସୁଥିଲା। ସେଠାରେ ନିକଟସ୍ଥ ଗ୍ରାମବାସୀ ନିଜର ପେଟପାଟଣା ଲାଗି ରାସ୍ତାକଡରେ ଉଠା ଦୋକାନ କରି ପରିବାର ଚଳାଉଥିଲେ। ସେମାନଙ୍କୁ ଥଇଥାନ କରିବାକୁ ଦାବି ହୋଇଛି। ଉକ୍ତ ସ୍ଥାନରେ ୟୁନିଫାଏଡ ଚେକ୍‌ଗେଟ୍ ନ ଥିଲେ ମଧ୍ୟ ଟୋଲପ୍ଲାଜା ରହିଥିବାରୁ ସବୁ ସମୟରେ ଶହ ଶହ ଟ୍ରକ୍, ବସ୍ ଅଟକିଥାଏ। ତେଣୁ ସ୍ଥାନୀୟ କେତେକ ଯୁବକ ଏହାର ସୁଯୋଗ ନେଇ ବ୍ୟାପକ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଆସୁଥିଲା। ପ୍ରଶାସନ ପକ୍ଷରୁ ପ୍ରାୟ ୭୦ ଦୋକାନ ଘରକୁ ଉଚ୍ଛେଦ କରିବା ଲାଗି ପୂର୍ବରୁ ନୋଟିସ୍ ଦିଆଯାଇଥିଲା। ନୋଟିସ୍‌କୁ ବେଖାତିର କରାଯିବାରୁ ପ୍ରଶାସନ ପକ୍ଷରୁ ଚରମ ପଦକ୍ଷେପ ନିଆଯାଇଛି। ଜିଲାପାଳ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ତହସିଲଦାର ସ୍ମୃତିରଞ୍ଜନ ମଲ୍ଲିକ, ଏସ୍‌ଡିପିଓ ଅଙ୍କିତା କୁମ୍ଭାର, ଆଇଆଇସି ରୋଜାଲିନ୍ ବେହେରା, ଜାତୀୟ ରାଜପଥ କର୍ତ୍ତୃପକ୍ଷ ସଂଜୟ ଘଟୋକ୍‌ଚ, ଆର୍‌ଆଇ ଦିଲୀପ ଚାନ୍ଦ ଓ ଶରତ ବେହେରା ପ୍ରମୁଖ ଉଚ୍ଛେଦ ବେଳେ ଉପସ୍ଥିତ ଥିଲେ।



ରାଜପଥ କଡ଼ରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୦,୧୫,୦୭,୦୪୫ | ୬୨,୧୧,୫୮୧ | ୪୫,୧୬,୬୨,୬୩୯ |
| ଭାରତ | ୪,୩୦,୩୮,୦୧୬ | ୫,୨୧,୭୪୬ | ୪,୨୫,୦୫,୪୧୦ |
| ଓଡ଼ିଶା | ୧୨,୮୭,୮୭୪ | ୯୧୨୨(+୫୩) | ୧୨,୭୮,୫୬୯ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଏମ୍ସ ସାଟେଲାଇଟ୍ ସେଣ୍ଟରରେ ୧୬ରୁ ସପ୍ତାହାନ୍ତ ଓପିଡି ସେବା ଆରମ୍ଭ

ଭୁବନେଶ୍ୱର, ୧୩।୪(ବ୍ୟୁରୋ) - ବାଲେଶ୍ୱରସ୍ଥିତ ଏମ୍ସ ଭୁବନେଶ୍ୱର ସାଟେଲାଇଟ୍ ସେଣ୍ଟର(ଏବିଏସ୍‌ସି)ରେ ଆସନ୍ତା ୧୬ ତାରିଖରୁ ସପ୍ତାହାନ୍ତ ଓପିଡି ସେବା ଆରମ୍ଭ ହେବ। ପ୍ରାରମ୍ଭରେ ଏହା ମୁଖ୍ୟତଃ ତିନୋଟି ବିଭାଗକୁ ନେଇ କାର୍ଯ୍ୟକ୍ଷମ ହେବ। ପ୍ରତି ସପ୍ତାହରେ ବିଭାଗଗୁଡ଼ିକ ପରିବର୍ତ୍ତନ କରାଯିବ। ୧୬ ତାରିଖ ଦିନ ଜେନେରାଲ ସର୍ଜରୀ, ଏଣ୍ଡୋକ୍ରାଇନୋଲୋଜି ଏବଂ ଚର୍ମରୋଗ ବିଭାଗର ରୋଗୀଙ୍କ ପାଇଁ ଉପଲବ୍ଧ ହେବ ବୋଲି ଏମ୍ସ ମେଡିକାଲ ଅଧୀକ୍ଷକ ଡା. ଏସ୍. ଏନ୍. ମହାନ୍ତି ସୂଚନା ଦେଇଛନ୍ତି। ସେହିଭଳି ଆସନ୍ତା ସପ୍ତାହରେ ତିନୋଟି ନୂତନ ବିଭାଗ ସେବା ପ୍ରଦାନ କରିବେ। ସପ୍ତାହାନ୍ତ ଓପିଡି ସେବା ଶନିବାର ଡିଆରଡିଓ କ୍ୟାମ୍ପସ୍ ବଦଳରେ ଏମ୍ସର ନୂତନ ବିଲ୍ଡିଂରେ ପୁନଃ ଆରମ୍ଭ ହେବ। ଲୋକଙ୍କ ଆବଶ୍ୟକତା ଏବଂ ଚାହିଦାକୁ ଦୃଷ୍ଟିରେ ରଖି ସୁପର-ସ୍ପେଶାଲିଟି ସେବା ମଧ ପ୍ରତି ମାସରେ କିମ୍ବା ଦୁଇ ମାସରେ ଥରେ ଯୋଗାଇ ଦିଆଯିବ ବୋଲି ଅଧୀକ୍ଷକ ସୂଚନା ଦେଇଛନ୍ତି।
ସୂଚନାଯୋଗ୍ୟ, ଏବିଏସ୍‌ସି ପୂର୍ବରୁ ଡିଆରଡିଓ କ୍ୟାମ୍ପସରେ କାର୍ଯ୍ୟକ୍ଷମ ଥିଲା। କିନ୍ତୁ କୋଭିଡ୍ ପାଇଁ ତାହା ବନ୍ଦ ହୋଇଯାଇଥିଲା। ତେବେ ୧୬ ତାରିଖରୁ ଏବିଏସ୍‌ସିର ନୂତନ ବିଲ୍ଡିଂରେ ସପ୍ତାହାନ୍ତ ଓପିଡି ସେବା ଆରମ୍ଭ କରାଯିବ। ଅନ୍ୟାନ୍ୟ ଆନୁଷଙ୍ଗିକ ସେବା ମଧ ଅନୁମୋଦନ ପରେ ସପ୍ତାହକ ମଧରେ ଉକ୍ତ ପରିସରରେ ପର୍ଯ୍ୟାୟକ୍ରମେ ଆରମ୍ଭ ହେବ ବୋଲି ଡା. ମହାନ୍ତି ସୂଚନା ଦେଇଛନ୍ତି।

### ଭିଜିଲାନ୍ସ ଜାଲରେ କଲେଜ ସେକ୍ସନ ଅଫିସର

ଭଦ୍ରକ ଅଫିସ/ଆରଡ଼ି, ୧୩।୪ (ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ବ୍ଲକର ଆଇଜିଏମ୍ କଲେଜ ସେକ୍ସନ ଅଫିସର ପ୍ରଭାତ କୁମାର ନାୟକ ବୁଧବାର ଜଣେ ମୃତ ଅଧାପକଙ୍କ ପୁଅଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। କଲେଜରେ ବିଭିନ୍ନ କାଗଜପତ୍ର ଯାଞ୍ଚ ସହ ଧୂଷୁରୀ ବାହାରବିଲସ୍ଥିତ ତାଙ୍କ ଘରେ ମଧ ଭିଜିଲାନ୍ସ ଟିମ୍ ଚଢ଼ାଉ ଜାରି ରଖିଛି।
ସୂଚନା ଅନୁଯାୟୀ, ଏହି କଲେଜର ପୂର୍ବତନ ଅଧାପକ ସ୍ୱର୍ଗତ ପ୍ରଫୁଲ୍ଲ ପୃଷ୍ଟିଙ୍କର ଗ୍ରାଚ୍ୟୁଇଟି, ପେନ୍‌ସନ ଓ ଅନ୍ୟାନ୍ୟ ବିଲ୍ କରାଇବା ପାଇଁ ତାଙ୍କ ପୁଅ ପୀୟୂଷ ୨୦୨୦ରୁ ସେକ୍ସନ ଅଫିସର ନାୟକଙ୍କୁ ଯୋଗାଯୋଗ କରିଥିଲେ। ଏସବୁ କାମ କରାଇଦେବା ପାଇଁ ନାୟକ ବହୁ ସମୟରେ ଲାଞ୍ଚ ମାଗୁଥିବା ପୀୟୂଷ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ବୁଧବାର ଆରଡ଼ି ଛକ ଓଭରବ୍ରିଜ ତଳେ ସେ ପୀୟୂଷଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଯୋଜନା ମୁତାବକ ଆଗରୁ ଜଗି ବସିଥିବା ଭିଜିଲାନ୍ସ ଟିମ୍ ପ୍ରଭାତଙ୍କୁ କାବୁ କରି ଗିରଫ କରିଥିଲା। ଏନେଇ ମାମଲା (ନଂ.୧୧/୨୨) ରୁଜୁ କରାଯାଇଛି। ଭଦ୍ରକ ଭିଜିଲାନ୍ସ ଡିଏସ୍‌ପି ସନ୍ତୋଷ କୁମାର ସାମନ୍ତରାୟ, ଇନ୍ସପେକ୍ଟର ସୁଲୋଚନା ନାୟକ, ବାଲେଶ୍ୱର ଭିଜିଲାନ୍ସ ଇନ୍ସପେକ୍ଟର ଦୁଷ୍ମନ୍ତ ନାୟକ, ଏଏସ୍‌ଆଇ ମନୋରଞ୍ଜନ ସାହୁ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ଚିନ୍ତା ବଢ଼ାଉଛି ସଡ଼କ ଦୁର୍ଘଟଣା ମୃତ୍ୟୁ

■ବର୍ଷକରେ ୮% ବୃଦ୍ଧି
■ସୁପ୍ରିମକୋର୍ଟ କମିଟିଙ୍କ ଉଦ୍‌ବେଗ
■ଦୁର୍ଘଟଣାପ୍ରବଣ ରାସ୍ତାର ଅନୁଧ୍ୟାନ ହେବ

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

ରାଜ୍ୟରେ ସଡ଼କ ଦୁର୍ଘଟଣା ଚିନ୍ତାଜନକ ରହିଛି। ଦୁର୍ଘଟଣାରେ ଅଙ୍କୁଶ ଲାଗୁ ନ ଥିବାରୁ ମୃତ୍ୟୁ ସଂଖ୍ୟା ବଢ଼ି ବଢ଼ି ଚାଲିଛି । ମିଳିଥିବା ସୂଚନା ଅନୁଯାୟୀ ୨୦୨୦ ତୁଳନାରେ ରାଜ୍ୟରେ ୭.୨୪ ପ୍ରତିଶତ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବୃଦ୍ଧି ପାଇଛି। ୨୦୨୦ରେ ୧୦,୯୮୪ ସଡ଼କ ଦୁର୍ଘଟଣାରେ ୪ ହଜାର ୭୩୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୨୧ରେ ୧୦, ୯୮୪ ସଡ଼କ ଦୁର୍ଘଟଣାରେ ୫ ହଜାର ୮୧ ଜଣଙ୍କର ମୃତ୍ୟୁ ହୋଇଛି। ସୁପ୍ରିମକୋର୍ଟ କମିଟି ୨୦୧୪ରୁ ୨୦୨୦ ମଧରେ ରାଜ୍ୟରେ ସଡ଼କ ଦୁର୍ଘଟଣା ୫୦ ପ୍ରତିଶତ ହ୍ରାସ କରିବାକୁ ପରାମର୍ଶ ଦେଇଥିବା ବେଳେ ଏହି ସମୟ ମଧରେ ରାଜ୍ୟରେ ୨୯ ପ୍ରତିଶତ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବୃଦ୍ଧିପାଇଛି।

ରାଜ୍ୟରେ ବଢୁଥିବା ସଡ଼କ ଦୁର୍ଘଟଣା ମୃତ୍ୟୁକୁ ନେଇ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ଉଦ୍‌ବେଗ ପ୍ରକାଶ କରିଛନ୍ତି। କମିଟି ଦ୍ୱାରା କରାଯାଇଥିବା ସୁପାରିସ ରାଜ୍ୟରେ ଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହେଉଛି କି ନାହିଁ ସେ ନେଇ ସଡ଼କ ସୁରକ୍ଷା ଅନୁଧ୍ୟାନ(ଅଡିଟ୍) କରାଯିବ। ଏ ନେଇ କମିଟି ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଇଣ୍ଟିଗ୍ରେଟେଡ ମଲ୍‌ଟିମୋଡାଲ ଟ୍ରାନ୍‌ଜିଟ ସିଷ୍ଟମ (ଡିଆଇଏମ୍‌ଟିଏସ୍) ଦ୍ୱାରା ଏହି ଅଡିଟ କରାଯିବ। କମିଟି ପକ୍ଷରୁ ନିଯୁକ୍ତ ହୋଇଥିବା ସଂସ୍ଥା ରାଜ୍ୟର ପ୍ରମୁଖ ଦୁର୍ଘଟଣାପ୍ରବଣ ରାସ୍ତାଗୁଡ଼ିକର ଅଡିଟ କରାଯିବ ବୋଲି ଜଣାପଡ଼ିଛି।

ଆସନ୍ତା ୧୯ ତାରିଖରେ ସୁପ୍ରିମକୋର୍ଟ କମିଟି ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟ ସରକାରଙ୍କ ସହ ଏନେଇ ଆଲୋଚନା କରିବେ। ଡିଆଇଏମ୍‌ଟିଏସ୍ ଅଡିଟ ପାଇଁ ସମସ୍ତ ପ୍ରକାର ସୂଚନା ଦେବାକୁ ସଡ଼କ ସୁରକ୍ଷା ସହ ଜଡ଼ିତ ବିଭାଗଗୁଡ଼ିକୁ ପରିବହନ ବିଭାଗ ସଚିବ ବିଷ୍ଣୁପଦ ସେଠୀ ଚିଠି ଲେଖିଛନ୍ତି। ଏଥିସହିତ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ସମସ୍ତ ମହାନଗର ନିଗମ କମିଶନରମାନେ ଏହି ବୈଠକରେ ଯୋଗଦେବାକୁ କୁହାଯାଇଛି। ଅଡିଟ୍ ଟିମ୍‌କୁ ସହଯୋଗ କରିବାକୁ ପରିବହନ ବିଭାଗ ଯୁଗ୍ମ କମିଶନର ସଞ୍ଜୟ ବିଶ୍ୱାଳଙ୍କୁ ନୋଡାଲ ଅଫିସର ଭାବେ ମନୋନୀତ କରାଯାଇଛି। ଏଥିସହିତ ସୁପ୍ରିମକୋର୍ଟ କମିଟି ନିର୍ଦ୍ଦେଶ ଅନୁଯାୟୀ ସଡ଼କ ସୁରକ୍ଷା ପାଇଁ କି ପ୍ରକାର ପଦକ୍ଷେପ ନିଆଯାଇଛି ସେ ସେ ସମ୍ପର୍କରେ ପରିବହନ କମିଶନରଙ୍କୁ ଗୁରୁବାର ସୁଦ୍ଧା ଜଣାଇବାକୁ କୁହାଯାଇଛି। ସଡ଼କ ସୁରକ୍ଷା ନେଇ କାର୍ଯ୍ୟ କରୁଥିବା ଏଜେନ୍ସିଗୁଡ଼ିକ ଆସନ୍ତା ୧୬ ତାରିଖରେ ପରିବହନ ବିଭାଗକୁ ସମସ୍ତ ତଥ୍ୟ ଦେବା ପାଇଁ ସଚିବ ଚିଠି ମାଧ୍ୟମରେ ଜଣାଇଛନ୍ତି।



୭୪ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବୁଧବାର ଭୁବନେଶ୍ୱରସ୍ଥିତ ଶିଳାନ୍ୟାସ ଫଳକ ସମ୍ମୁଖରେ ଅନୁଷ୍ଠିତ ପରେଡକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଅଭିବାଦନ ଗ୍ରହଣ କରୁଛନ୍ତି। ନିକଟରେ ଅଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଓ ଅନ୍ୟମାନେ।

## କାର୍ ଚଳାଇ ଗିନିଜ୍ ୱାର୍ଲ୍ଡ ରେକର୍ଡ କଲେ ଦୃଷ୍ଟିହୀନ




**ୱାଶିଂଟନ:** ଆମେରିକାର ଡାନ୍ ପାର୍କର ଦୃଷ୍ଟିହୀନ ହୋଇଥିବାବେଳେ ୩୩୯ କି.ମି ବେଗ ପ୍ରତି ଘଣ୍ଟା କାର୍ ଚଳାଇ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ଡାନ୍ ପେସାରେ ଜଣେ ରେସିଂ କାର୍ ଡ୍ରାଇଭର ହୋଇଥିବାବେଳେ ୧୦ ବର୍ଷ ପୂର୍ବେ ଏକ କାର୍ ଦୁର୍ଘଟଣାରେ ସେ ଦୃଷ୍ଟିଶକ୍ତି ହରାଇବସିଥିଲେ। ଡାନ୍‌ଙ୍କ ପୂର୍ବରୁ ଜଣେ ବ୍ୟକ୍ତି ୧୭ କି.ମି ବେଗ ପ୍ରତି ଘଣ୍ଟା କାର୍ ଚଳାଇ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଥିଲେ। ଆୟୋଜକଙ୍କ ତରଫରୁ ଏହି ପ୍ରତିଯୋଗିତାର ସ୍ୱତନ୍ତ୍ର ଟାଇଟଲ 'ଫାଷ୍ଟେଷ୍ଟ ୱାର୍ଲ୍ଡ ରେକର୍ଡ ଫର୍ ଏ କାର୍ ଡ୍ରିଭେନ୍ ବ୍ଲାଇଣ୍ଡ ଫୋଲ୍ଡେଡ୍' ରଖାଯାଇଥିଲା। କମ୍ପିଟିସନ୍‌ରେ ଡାନ୍ ଏକ କଷ୍ଟମାଇଜ୍ଡ କାର୍ ବ୍ୟବହାର କରିଥିଲେ। ସେଥିରେ ଅଡିଓ ଗାଇଡାନ୍ସ ସିଷ୍ଟମ ଲାଗିଥିଲା, ଯାହା ଦ୍ୱାରା ଡାନ୍ ଗାଡ଼ିକୁ ନିଜ ନିୟନ୍ତ୍ରଣରେ ରଖିପାରୁଥିଲେ। ଡାନ୍‌ଙ୍କ ଏହି ରେକର୍ଡ ୱାର୍ଲ୍ଡ ରେକର୍ଡ୍ସକୁ ଭାଙ୍ଗିଛି। ଡାନ୍‌ଙ୍କ ସଫଳତା ଅନେକ ଦିବ୍ୟାଙ୍ଗ ଦୃଷ୍ଟିହୀନଙ୍କୁ ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି। ସାଧାରଣ ଲୋକଙ୍କ ପରି ଦୃଷ୍ଟି ଶକ୍ତି ହରାଇଥିବା ବ୍ୟକ୍ତି ସବୁ କାମ କରିବା ପାଇଁ ସକ୍ଷମ। ୨୦୧୧ରେ ବ୍ଲାଇଣ୍ଡ ଡ୍ରାଇଭର ପ୍ରତିଯୋଗିତା ପ୍ରଥମ କରି ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ଏହାର ନାମ ପରିବର୍ତ୍ତନ କରାଯାଇ ନ୍ୟାଶନାଲ ଫେଡେରେଶନ ଅଫ୍ ଦ ବ୍ଲାଇଣ୍ଡ ରଖାଯାଇଛି।

## ଯୁବକଙ୍କୁ ଚାପୁଡ଼ା ମାରି ତହସିଲଦାର ଅଟକ


ଉତ୍ତେଜିତ ଲୋକେ ଓ ତହସିଲଦାର।

ଗଞ୍ଜାମ, ୧୩।୪(ଡି.ଏନ.ଏ.)

ଜଣେ ଯୁବକଙ୍କୁ ଚାପୁଡ଼ା ମାରି ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ ବୁଧବାର ଅଡୁଆରେ ପଡିଛନ୍ତି। ଏହି ଘଟଣା ନେଇ ଗଞ୍ଜାମ ବ୍ଲକ ଅନ୍ତର୍ଗତ ସିପକୁଦା ଗ୍ରାମବାସୀ ତହସିଲଦାରଙ୍କୁ ଘେରି କୈଫିୟତ ମାଗିଥିଲେ। ପ୍ରକାଶ ଯେ, ତହସିଲଦାର ସରକାରୀ ଗାଡ଼ିରେ ଦ୍ରୁତଗତିରେ ସିପକୁଦା ଗ୍ରାମ ଦେଇ ଯାଉଥିଲେ। ଏହି ସମୟରେ ବିଲରୁ ଫେରୁଥିବା ଯୁବକ ଅରଣ୍ୟ ନାହକ ଗାଡିଟିକୁ ଦ୍ରୁତ ଗତିରେ ଯାଉଥିବା ଦେଖି ହାତ ମାରି ଧୀରେ ଚଲେଇବାକୁ କହିଥିଲେ। ଏହା ପରେ କିଛି ଦୂର ଚାଲିଯାଇଥିବା ତହସିଲଦାର ଗାଡି ପୁଣି ପଛକୁ ଫେରି ଯୁବକଙ୍କୁ କାହିଁକି ହାତ ଦେଖେଇଲୁ କହି ଗାଳିଗୁଲଜ କରି ଚାପୁଡ଼ା ମାରିଥିବା ଅଭିଯୋଗ ହୋଇଛି। ଏ ନେଇ ଅରଣ୍ୟ ସଙ୍ଗେ ସଙ୍ଗେ ଯାଇ ଗାଁରେ ଜଣାଇବା ପରେ ଲୋକେ ଉତ୍ତ୍ୟକ୍ତ ହୋଇ ତହସିଲଦାରଙ୍କୁ ଘେରି ଅଟକ ରଖିଥିଲେ। ଫଳରେ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ରମ୍ଭା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ସେମାନେ ତହସିଲଦାରଙ୍କୁ ଛାଡ଼ିଥିଲେ। ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରୁ ସମ୍ପୃକ୍ତ ଯୁବକ ଦୁର୍ବ୍ୟବହାର କରିବାରୁ ମୁଁ ତାଙ୍କୁ ତାଗିଦ୍ କରିଥିଲି କିନ୍ତୁ ଚାପୁଡ଼ା ମାରିନାହିଁ ବୋଲି ସେ କହିଛନ୍ତି।

## ଯୁବତୀଙ୍କୁ ବଳାତ୍କାର ଘଟଣା: ଅଭିଯୁକ୍ତ ଗିରଫ

କୁଆଁମରା, ୧୩।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ତଥା କୁଆଁମରା ଫାଣ୍ଡି ଅଧୀନ କାଳିଆପଦା ଗ୍ରାମର ଜନୈକା ଯୁବତୀଙ୍କୁ ବଳାତ୍କାର ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ସେହି ଗ୍ରାମର ମନ୍ତ୍ରୀ ସିଂ। ପୋଲିସ ସୂଚନା ଅନୁଯାୟୀ, ୨୦୧୯ରେ ଅଭିଯୁକ୍ତ ମନ୍ତ୍ରୀ ସିଂ ଯୁବତୀଙ୍କୁ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା(ନଂ.୬୦/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା। ତେବେ ଅଭିଯୁକ୍ତ ଗିରଫ ଭୟରେ ଗାଁ ଛାଡ଼ି ମୁମ୍ବାଇ ପଳାଇ ଯାଇଥିଲେ। ସପ୍ତାହକ ତଳେ ସେ ମୁମ୍ବାଇରୁ ଫେରି ଘରକୁ ନ ଆସି ସୋର ଅଞ୍ଚଳରେ ଥିବା ଜଣେ ସାଙ୍ଗଙ୍କ ଘରେ ରହିଥିଲେ। ଖବରପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଛି।

ପବିତ୍ର ପଣାସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ଦୁର୍ଗାପୁର ପଞ୍ଚାୟତବାସୀଙ୍କୁ ଅଶେଷ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ।

ସୁମିତ୍ରା ଟୁଡୁ
ସରପଞ୍ଚ
(ଦୁର୍ଗାପୁର ପଞ୍ଚାୟତ, ମୋରଡ଼ା ବ୍ଲକ)

## ପୁଣି କାଉନ୍‌ସେଲିଂ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ସୁମିତ-ତପସ୍ୱିନୀ ପାରିବାରିକ ବିବାଦ ମାମଲା**

କଟକ ଅଫିସ, ୧୩।୪

ବ୍ରହ୍ମପୁରର ଡାକ୍ତର ସୁମିତ-ତପସ୍ୱିନୀ ପାରିବାରିକ ବିବାଦ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ମଧ୍ୟସ୍ଥତା କେନ୍ଦ୍ରର ରିପୋର୍ଟ ଆଧାରରେ ଏହି ଶୁଣାଣି କରାଯାଇଛି। ତେବେ ମଧ୍ୟସ୍ଥତା କେନ୍ଦ୍ର ପକ୍ଷରୁ ସୁମିତ-ତପସ୍ୱିନୀଙ୍କ ମଧରେ ଆଲୋଚନା ସଫଳ ହୋଇପାରିନାହିଁ ବୋଲି ଦିଆଯାଇଥିବା ରିପୋର୍ଟରେ କୁହାଯାଇଛି। ବିଚାରପତି ଆଦିତ୍ୟ ମହାପାତ୍ରଙ୍କ ଖଣ୍ଡପୀଠ ମଧ୍ୟସ୍ଥତା କେନ୍ଦ୍ରର ରିପୋର୍ଟକୁ ଆଧାରକରି ପୁନର୍ବାର ମଧ୍ୟସ୍ଥତା କେନ୍ଦ୍ରରେ ଆଲୋଚନା ପାଇଁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମେ' ୯ ତାରିଖ ମଧରେ ଉଭୟ ମଧ୍ୟସ୍ଥତା କେନ୍ଦ୍ରରେ ହାଜର ହୋଇ ନିଜ ମଧରେ ଆଲୋଚନା କରିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୯ ତାରିଖରେ ହେବ।

ଦାମ୍ପତ୍ୟ ଜୀବନକୁ ନେଇ ବିବାଦ ଉଠିବା ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ କାଉନ୍‌ସେଲିଂ ଟେବୁଲରେ ଏକାଠି ହୋଇଥିଲେ ସୁମିତ ଓ ତପସ୍ୱିନୀ। ପ୍ରଥମେ ଗତ ୯ ତାରିଖରେ ଅଢେଇ ଘଣ୍ଟା ଓ ପରେ ୧୧ ତାରିଖରେ ୩ ଘଣ୍ଟା କାଳ ଆଇନ ସେବା ଭବନରେ ଥିବା ମଧ୍ୟସ୍ଥତା କେନ୍ଦ୍ରରେ ଉଭୟଙ୍କୁ କାଉନ୍‌ସେଲିଂ କରାଯାଇଥିଲା। ପ୍ରଥମେ ଅଧିକାରୀମାନେ ଉଭୟଙ୍କୁ ଏକାଠି ବସାଇ ଓ ପରେ ପୃଥକ୍ ଭାବେ କାଉନ୍‌ସେଲିଂ କରିଥିଲେ। କେଉଁ କାରଣ ଯୋଗୁ ବିବାଦ ଉପୁଜିଥିଲା ସେ ବିଷୟରେ କାଉନ୍‌ସେଲିଂ ସମୟରେ ସବିଶେଷ ଆଲୋଚନା ହୋଇଥିଲା।

## ପୋଷଣର ସୁଧାର ପାଇଁ ସମୟୋପଯୋଗୀ ପଦକ୍ଷେପ ଆବଶ୍ୟକ: କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

ଭୁବନେଶ୍ୱରଠାରେ ଭାରତ ସରକାରଙ୍କ ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟର ପୂର୍ବାଞ୍ଚଳ ଜୋନ୍‌ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ମହିଳା ଓ ଶିଶୁବିକାଶ ରାଷ୍ଟ୍ରମନ୍ତ୍ରୀ ଡ. ମୁଞ୍ଜପାରା ମହେନ୍ଦ୍ରଭାଇ ଅଧକ୍ଷତା କରିଥିଲେ। ସମ୍ମିଳନୀରେ ପୂର୍ବାଞ୍ଚଳ କ୍ଷେତ୍ରର ୫ଟି ରାଜ୍ୟ ସରକାରଙ୍କ ପ୍ରତିନିଧି ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ମହେନ୍ଦ୍ରଭାଇ କହିଛନ୍ତି, ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ମାନବ ଓ ସାମାଜିକ ପୁଞ୍ଜି ନିର୍ମାଣ କରିବାର ଆବଶ୍ୟକତା ରହିଛି, ଯାହାକି ଉନ୍ନତ ପୋଷଣ,ଲିଙ୍ଗଗତ ସମାନତା, ଉପଯୁକ୍ତ ଶିକ୍ଷା ଏବଂ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ଅଧିକାରର ସ୍ତମ୍ଭ ଉପରେ ଆଧାରିତ ହେବା ଉଚିତ। ଦେଶର ଜନସଂଖ୍ୟାର ୬୯% ହେଉଛନ୍ତି ମହିଳା ଓ ଶିଶୁ। ସେମାନଙ୍କର ଯତ୍ନ ସୁନିଶ୍ଚିତ କରିବା ଦିଗରେ ସରକାର ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ୩ଟି ଅଭିଯାନ କାର୍ଯ୍ୟକାରୀ କରୁଛନ୍ତି। ଏହି ସମ୍ମିଳନୀରେ ରାଜ୍ୟ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଟୁକୁନି ସାହୁ ଏବଂ ପଶ୍ଚିମବଙ୍ଗର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଡକ୍ଟର ଶଶି ପଞ୍ଜା ଅଂଶଗ୍ରହଣ କରିଥିଲେ। ଭାରତ ସରକାରଙ୍କ ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟ ସଚିବ ଇନ୍ଦିବର ପାଣ୍ଡେ ୩ଟି ନୂଆ ମିଶନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଜୋନସ୍ତରୀୟ ସମ୍ମିଳନୀରେ ୫ଟି ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼, ବିହାର ଏବଂ ଝାଡ଼ଖଣ୍ଡ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

## ଦୈନିକ ମଧ୍ୟାହ୍ନ ଭୋଜନ ରିପୋର୍ଟ ନେବ ଗଣଶିକ୍ଷା ବିଭାଗ

**ସବୁ ସ୍କୁଲରେ ରହିବ ସମାନ ମେନ୍ୟୁ**

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

ମଧ୍ୟାହ୍ନଭୋଜନ ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଆଣିବା ପାଇଁ ଏଣିକି ଦୈନିକ ରିପୋର୍ଟ ଗଣଶିକ୍ଷା ବିଭାଗ ପାଖରେ ରହିବ ବୋଲି ଜଣାପଡ଼ିଛି। ରାଜ୍ୟରେ ବର୍ତ୍ତମାନ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ୪୮ଲକ୍ଷ ୭୦୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଦୈନିକ ଏହି ପିଲାଙ୍କ ପାଇଁ ସରକାର ମଧ୍ୟାହ୍ନ ଭୋଜନ ଯୋଗାଇ ଦେଉଛନ୍ତି। ତେବେ ପ୍ରତିଦିନ ପାଖାପାଖି ୪୭ଲକ୍ଷ ପିଲା ମଧ୍ୟାହ୍ନଭୋଜନ ଖାଉଥିବାବେଳେ ୧ଲକ୍ଷ ୭୦୦ପିଲା ବିଭିନ୍ନ କାରଣ ପାଇଁ ଏଥିରେ ସାମିଲ ହୋଇପାରିନାହାନ୍ତି। ହେଲେ ସାମିଲ ହେଉ ନ ଥିବା ପିଲାଙ୍କ ସଂଖ୍ୟାକୁ କିଛି ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ ରିପୋର୍ଟରେ ଦର୍ଶାଉଥିବା ଅଭିଯୋଗ ଆସୁଛି। ତେଣୁ ଏହାକୁ ରୋକିବା ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସବୁ ସ୍କୁଲକୁ ମଧ୍ୟାହ୍ନଭୋଜନର ଦୈନିକ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ରିପୋର୍ଟରେ କେତେ ପିଲା ମଧ୍ୟାହ୍ନଭୋଜନ ଖାଇଲେ ଓ ଏହାର ମାନ ସମ୍ପର୍କରେ ଉଲ୍ଲେଖ କରିବାକୁ କୁହାଯାଇଛି।

ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୫୩ଲକ୍ଷ ୪୪ହଜାର ପିଲା ମଧ୍ୟାହ୍ନ ଭୋଜନ ଖାଉଥିବା ଦର୍ଶାଯାଉଥିଲା। ମାତ୍ର ଆଧାର ଲିଙ୍କ୍ ହେବା ପରେ ରାଜ୍ୟରେ ୫ଲକ୍ଷ ଭୁତ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଉଥିବା ଧରାପଡ଼ିଥିଲା। ଏହାକୁ ରୋକିବା ଲାଗି ଏମ୍‌ଡିଏମ୍ ପୋର୍ଟାଲରେ ଦୈନିକ ରିପୋର୍ଟ ପ୍ରଦାନ ଲାଗି ସବୁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତଥାପି ଏହି ଯୋଜନାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରହିଲା ନାହିଁ। ମଧ୍ୟାହ୍ନଭୋଜନ ଯୋଜନାକୁ ଅଧିକ ସ୍ୱଚ୍ଛତା କରିବା ଲାଗି ପ୍ରଥମଥର ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଯେଉଁଥିରେ ରାଜ୍ୟର ୬୬ହଜାର ୮୯ ସ୍କୁଲକୁ ସାମିଲ କରାଯାଇଛି। ଏଥିରେ ପ୍ରଥମରୁ ପଞ୍ଚମ ଏବଂ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨ଟି ବିଭାଗ କରାଯାଇଛି। ଦୈନିକ କେତେଜଣ ଛାତ୍ରୀଛାତ୍ର ସ୍କୁଲରେ ଉପସ୍ଥିତ ଅଛନ୍ତି ଏବଂ କେତେ ପିଲା ମଧ୍ୟାହ୍ନଭୋଜନ ଖାଇଲେ ତା'ର ସମ୍ପୂର୍ଣ୍ଣ ତଥ୍ୟ ପ୍ରଧାନ ଶିକ୍ଷକ ସାଥି-ଇ ଆପ୍ ମାଧ୍ୟମରେ ଦାଖଲ କରିବା ବାଧ୍ୟତାମୂଳକ ହୋଇଛି। ଏପରିକି ମଧ୍ୟାହ୍ନଭୋଜନ ଦାୟିତ୍ୱ କିଛି ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଏନ୍‌ଜିଓକୁ ପ୍ରଦାନ କରାଯାଇଥିବାରୁ ରନ୍ଧାଖାଦ୍ୟର ମାନ କିପରି ରହିଛି ତାହା ମଧ ରିପୋର୍ଟରେ ଦର୍ଶାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଯେଉଁସବୁ ସଂସ୍ଥାକୁ ରୋଷେଇ ଦାୟିତ୍ୱ ପ୍ରଦାନ କରାଯାଇଛି ସେମାନଙ୍କଠାରୁ ସପ୍ତାହିକ ରିପୋର୍ଟ ମଧ ମଗାଯିବ। ବିଭାଗୀୟ ଅଧିକାରୀଙ୍କ କହିବାନୁଯାୟୀ, ରାଜ୍ୟରେ ଜିଲାୱାରି ରିପୋର୍ଟ ଅନୁସାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୫୯ଲକ୍ଷ ୭୨ହଜାର ୮୭୦ ଛାତ୍ରୀଛାତ୍ର ରହିଛନ୍ତି। ତେବେ ଏହି ରିପୋର୍ଟରେ ସରକାରୀ ସ୍କୁଲ ସମେତ କିଛି ଘରୋଇ ଏବଂ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲର ପିଲାଙ୍କ ତାଲିକା ମଧ ରହିଛି। କିନ୍ତୁ ସରକାରୀ ସ୍କୁଲରେ ମଧ୍ୟାହ୍ନଭୋଜନ କେବଳ ୪୮ଲକ୍ଷ ୭୦୦ପିଲାଙ୍କ ଲାଗି ପ୍ରସ୍ତୁତ କରାଯାଉଛି। ମାତ୍ର ଦୈନିକ ସବୁ ପିଲାମାନେ ସ୍କୁଲରେ ଉପସ୍ଥିତ ରହୁ ନ ଥିବାରୁ ମଧ୍ୟାହ୍ନ ଭୋଜନ ନଷ୍ଟ ହେଉଛି ନା ପିଲାଙ୍କୁ ଦର୍ଶାଇ ଅର୍ଥ ବାଟମାରଣା ହେଉଛି ତାହାର ଯାଞ୍ଚ ଲାଗି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଦୈନିକ ଅପରାହ୍ନ ୪ଟା ସୁଦ୍ଧା ସମ୍ପୂର୍ଣ୍ଣ ରିପୋର୍ଟ ପଠାଇବାକୁ ସବୁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉଭୟ ମେଲ୍ ଏବଂ ପୋର୍ଟାଲ ସାଙ୍ଗକୁ ସ୍ୱତନ୍ତ୍ର ଆପ୍‌ରେ ଏହି ରିପୋର୍ଟ ପ୍ରଧାନଶିକ୍ଷକମାନେ ଦାଖଲ କରିବେ। ସେହିପରି ପ୍ରତିଦିନ କେତେ ପିଲା ସ୍କୁଲକୁ ଆସୁଛନ୍ତି, କେତେଜଣ ମଧ୍ୟାହ୍ନଭୋଜନରେ ସାମିଲ ହେଉଛନ୍ତି ଏବଂ ରନ୍ଧାଖାଦ୍ୟରେ କ'ଣ ପ୍ରସ୍ତୁତ ହୋଇଥିଲା ସବୁ ତଥ୍ୟ ବିଭାଗକୁ ଦିଆଯିବ। ତେବେ ଅନେକ ସ୍କୁଲରେ ମଧ୍ୟାହ୍ନଭୋଜନରେ ଭିନ୍ନଭିନ୍ନ ରନ୍ଧାଖାଦ୍ୟ ପ୍ରସ୍ତୁତ ହେଉଥିବା ବେଳେ ରାଜ୍ୟରେ ସବୁ ସ୍କୁଲ ଲାଗି ମଧ୍ୟାହ୍ନଭୋଜନ ଏକ ପ୍ରକାର ମେନ୍ୟୁ ଅର୍ଥାତ୍ ସବୁ ସ୍କୁଲରେ ସମାନ ଖାଦ୍ୟ ପ୍ରସ୍ତୁତ କରାଯିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ, ଦୀର୍ଘ ୨ବର୍ଷ ପରେ ରାଜ୍ୟରେ ସ୍କୁଲ ତଥା ଅଙ୍ଗନୱାଡି କେନ୍ଦ୍ରରେ ପାଠପଢ଼ା ଆରମ୍ଭ ହୋଇଛି। ୨୦୨୦ ଏପ୍ରିଲରୁ ମଧ୍ୟାହ୍ନଭୋଜନ ବନ୍ଦ ହୋଇଥିବାବେଳେ ଏବେ କରୋନା ସ୍ଥିତିକୁ ଦେଖି ରାଜ୍ୟ ସରକାର ଚଳିତ ଏପ୍ରିଲରୁ ସ୍କୁଲରେ ମଧ୍ୟାହ୍ନ ଭୋଜନ ଆରମ୍ଭ କରିବାକୁ ଯାଉଛନ୍ତି।

DADLS-7
Azadi Ka Amrit Mahotsav

ଓଡ଼ିଶା ସରକାର
**ଭାରତରତ୍ନ ବାବାସାହେବ**
**ଡଃ. ଭୀମରାଓ ରାମଜୀ ଆମ୍ବେଦକରଙ୍କ**
**ରାଜ୍ୟସ୍ତରୀୟ ଜୟନ୍ତୀ**
୧୪ ଅପ୍ରେଲ, ୨୦୨୨
**ସକାଳ ୮ ଘଟିକା :** ଭୁବନେଶ୍ୱର ଏ.ଜି ଛକସ୍ଥିତ ଡଃ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।
**ସନ୍ଧ୍ୟା ୬ ଘଟିକା — ସାଧାରଣ ସଭା — ଜୟଦେବ ଭବନ**
ଉଦ୍‌ଘାଟକ – **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**, ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ
ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା**, ମାନ୍ୟବର ମନ୍ତ୍ରୀ, ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା
ସଭାପତି – **ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀ**, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
ସମ୍ମାନିତ ଅତିଥି – **ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**, ଉପଦେଷ୍ଟା ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)
– **ଡ. ଲେନିନ୍ ମହାନ୍ତି**, ସମ୍ପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା – **ପ୍ରଫେସର ଧନେଶ୍ୱର ସାହୁ**, ବିଶିଷ୍ଟ ଶିକ୍ଷାବିତ୍ ତଥା ଆଲୋଚକ
ସଭା ପରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ
ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।
**ନିର୍ଦ୍ଦେଶକ**
**ସୂଚନା ଓ ଲୋକସମ୍ପର୍କ ବିଭାଗ**
ପୃଥିବୀର ସର୍ବଶ୍ରେଷ୍ଠ ସମ୍ବିଧାନ ଭାବେ ଗଣନା କରାଯାଉଥିବା ଭାରତ ସମ୍ବିଧାନର ପ୍ରଣେତା ଭାରତରତ୍ନ ବାବାସାହେବ ଡ. ଭୀମରାଓ ରାମଜୀ ଆମ୍ବେଦକର ଏକାଧାରରେ ଜଣେ ଅର୍ଥନୀତିଜ୍ଞ, ଆଇନଜ୍ଞ, ସମାଜ ସଂସ୍କାରକ, ଗବେଷକ, ଦକ୍ଷ ପ୍ରଶାସକ, ଜନନେତା ଓ ରାଷ୍ଟ୍ର ନାୟକ । ଶିକ୍ଷା, ସମାଜ ସଂସ୍କାର ଓ ଭାରତୀୟ ରାଜନୀତିକୁ ତାଙ୍କର ଅବଦାନ ଅତୁଳନୀୟ । ତାଙ୍କର ଅମର କୀର୍ତ୍ତି ସଦାସର୍ବଦା ଆମର ପ୍ରେରଣାର ଉତ୍ସ ହୋଇ ରହିବ ।
OIPR-15001/13/0010/2223



# ଇମୋଶନାଲ କାଜଲ

**କା**ଜଲ ଅଗ୍ରୱାଲଙ୍କର ଗୋଟିଏ କଥା ଏବେ ମଧ୍ୟ ମନେପଡୁଛି। ନିକଟରେ ସେ ଏକ ଅନଟାଇଟଲ୍ଡ ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏହାର ଗୋଟିଏ ଇମୋଶନାଲ ସିନ୍ ପାଇଁ ଶଟ୍ ଦେବା ବେଳେ ବେଶ୍ ଭାବପ୍ରବଣ ହୋଇପଡ଼ିଥିଲେ କାଜଲ। ଏ ନେଇ ସେ କହନ୍ତି, 'ଶଟ୍ ପୂର୍ବରୁ ନିଜକୁ ଏ ନେଇ ପ୍ରସ୍ତୁତ କରିନେଇଥିଲି। ହେଲେ କ୍ୟାମେରା ସାମନାରେ ଡାଏଲଗ କହିବା ବେଳେ ମୁଁ ଇମୋଶନାଲ ହୋଇପଡିଥିଲି। ପୁଣି ପରିସ୍ଥିତି ଏପରି ହେଲା ଯେ ନିର୍ଦ୍ଦେଶକ ବାଧ୍ୟ ହୋଇ ଶୁଟିଂକୁ କିଛି ସମୟ ବନ୍ଦ ରଖିଥିଲେ। ପ୍ରାୟ ଘଣ୍ଟାଏ ମୁଁ ଏକୁଟିଆ ବସିବା ପରେ ସାଧାରଣ ଅବସ୍ଥାକୁ ଆସିଥିଲି। ତା'ପରେ ଶଟ୍ ଦେବାକୁ ପ୍ରସ୍ତୁତ ହୋଇଥିଲି। ଜଣେ ନାରୀର ସଂଘର୍ଷମୟ ଜୀବନୀକୁ ନେଇ ଫିଲ୍ମଟି ନିର୍ମିତ ହେଉଛି। ଏହି ଭୂମିକା ମୋ ଆକ୍ଟିଂ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି।'

# ଡେଟ୍ ପାଇଁ...

**ଦି**ନ ଥିଲା ପ୍ରିୟଙ୍କା ଚୋପ୍ରା ବଲିଉଡ୍‌ର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବରେ ପରିଗଣିତ ହେଉଥିଲେ। ହେଲେ ସେ ହଲିଉଡ୍‌ରେ ସୁଯୋଗ ପାଇବା ପରେ ତାଙ୍କୁ ଆଉ ହିନ୍ଦୀ ସିନେମାରେ ଦେଖିବାକୁ ମିଳି ନ ଥିଲା। ଅନ୍ୟପକ୍ଷରେ ହଲିଉଡ୍ ଗାୟକ ନିକ୍ ଜୋନାସ୍‌ଙ୍କ ସହ ସେ ଘର ସଂସାର କରିସାରିଛନ୍ତି। କିଛିବର୍ଷର ଗ୍ୟାପ୍ ପରେ ପ୍ରିୟଙ୍କା ପୁଣି ଥରେ ବଲିଉଡ୍‌କୁ ଫେରୁଛନ୍ତି। ନିକଟରେ ଜୋୟା ଅଖତର ତାଙ୍କର ଆଗାମୀ ସିନେମା 'ଜି ଲେ ଜରା'ରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଏ ସମ୍ପର୍କରେ ପ୍ରିୟଙ୍କା କହନ୍ତି, 'ଯେହେତୁ କେତୋଟି ହଲିଉଡ୍ ପ୍ରୋଜେକ୍ଟ ପାଇଁ ମୁଁ ବ୍ୟସ୍ତ ଥିଲି ତେଣୁ ଗତ କିଛି ବର୍ଷ ହେବ ବଲିଉଡ୍‌ଠାରୁ ଦୂରେଇ ଯାଇଛି। ଏହାର ଅର୍ଥ ନୁହେଁ ଯେ ମୁଁ ସବୁଦିନ ପାଇଁ ହିନ୍ଦୀ ସିନେମାକୁ ଗୁଡ୍ ବାୟ କରିଦେଇଛି।' ଏହା ସହ ସେ ଆଉ ଦୁଇଟି ନୂଆ ସିନେମା ସାଇନ୍ କରିଛନ୍ତି। ହେଲେ ଏହାର ଶୁଟିଂ ପାଇଁ ଡେଟ୍ ଫିକ୍ସକୁ ନେଇ ଟେନ୍‌ସନରେ ଅଛନ୍ତି ସେ। ହେଲେ ଯେପରି ହେଉ ତାହାକୁ ସମାଧାନ କରିବି ବୋଲି କହନ୍ତି ପ୍ରିୟଙ୍କା।



ପ୍ରିୟଙ୍କା

# ଦିଦି ନମସ୍କାର

**ପ୍ରେ**ମ ଶାଶ୍ୱତ। ଏହା କେବଳ ମନରେ ପୁଲକ ଭରି ନ ଥାଏ, ଜୀବନକୁ ଏକ ନୂଆ ରାସ୍ତାରେ ନେଇଯାଇଥାଏ। ଠିକ୍ ସେହିପରି ନଷ୍ଟ ପଥର ଯାତ୍ରୀ ସାଜିଥିବା ଜଣେ ଯୁବକ ପ୍ରେମରେ ପଡ଼ିବା ପରେ ତା' ଜୀବନରେ କି ପରିବର୍ତ୍ତନ ହେଉଛି ତାହାକୁ ଆଧାର କରି କାହାଣୀ ଗତିଶୀଳ। ଜଣେ ଦିଦିଙ୍କ ସଂସ୍ପର୍ଶରେ ଆସିବା ପରେ ତାକୁ ସତେ ଯେମିତି ଏକ ନୂଆ ଜୀବନ ମିଳିଛି। ଏଭଳି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଦିଦି ନମସ୍କାର'। ଜି ସାର୍ଥକ ନିବେଦିତ ତଥା ଅଙ୍କିତା ସିନେ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ଚିତ୍ରଟି ଚଳିତ ମାସ ୧୭ ତାରିଖ ସନ୍ଧ୍ୟା ୬.୩୦ରେ ଜି ସାର୍ଥକ ଚାନେଲରେ ପ୍ରସାରିତ ହେବାକୁ ଯାଉଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଅଜୟ ରାଉତ। କାହାଣୀ, ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଡ. ନିର୍ମଳ ନାୟକଙ୍କ ରଚିତ ତିନୋଟି ଗୀତକୁ ସ୍ୱର ଦେଇଛନ୍ତି ପ୍ରଶାନ୍ତ ପାଢ଼ୀ। ସତ୍ୟଜିତଙ୍କ ସହ ଅସୀମା ପଣ୍ଡା ଟାଇଟଲ ଗୀତ ଗାଇଥିବା ବେଳେ ଅନ୍ୟ ଦୁଇଟି ଗୀତ ପାଇଁ କୁଳଦୀପ ଏବଂ ଅନ୍ତରା ଚକ୍ରବର୍ତ୍ତୀ କଣ୍ଠଦାନ କରିଛନ୍ତି। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଶୀତଲ ପାତ୍ର। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ନବାଗତ ଶାଶ୍ୱତ। ପିଣ୍ଟୁ ନନ୍ଦ, ସୋମା ଭୌମିକ, ପ୍ରିୟଙ୍କା ମହାପାତ୍ର ପ୍ରମୁଖ କଳାକାରଙ୍କୁ ଏହି ଚିତ୍ରରେ ଦେଖିବାକୁ ମିଳିବ। ଉକ୍ତ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)।



'ଦିଦି ନମସ୍କାର' ଚଳଚ୍ଚିତ୍ରରେ ଶୀତଲ

# ମାପିଚୁପି ଚାଲିବେ ଜାହ୍ନବୀ

**ଶ୍ରୀ**ଦେବୀ ତନୟା ଜାହ୍ନବୀ ଏବେ ଚୁଜି ହେଲେଣି। କୌଣସି ନୂଆ ଅଫର ପାଇବା ମାତ୍ରେ ତାହାକୁ ଭଲ ଭାବରେ ତର୍ଜମା କରୁଛନ୍ତି। ଏପରି ଚିନ୍ତାଧାରା ପାଇଁ ବେଶ୍ କେତୋଟି ଅଫର ତାଙ୍କ ହାତରୁ ଖସିଯାଇଛି।



ଜାହ୍ନବୀ

ହେଲେ ତାହାକୁ ନେଇ ମନଦୁଃଖ କରୁନାହାନ୍ତି । ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ଆକ୍ଟିଂ ଏପରି ଏକ ଲାଇନ୍ ଯେଉଁଥିପାଇଁ ବେଶ୍ ସତର୍କ ହେବାକୁ ପଡ଼ିବ। ଏକାଥରେ ପୁଳାଏ ସିନେମାରେ ଅଭିନୟ କରିବା ପୁଣି ସେଗୁଡ଼ିକ ବକ୍ସ ଅଫିସରେ ଫ୍ଲପ୍ ହେବା–କ୍ୟାରିୟର ପାଇଁ ଆଦୌ ଶୁଭପ୍ରଦ ନୁହେଁ। ତେଣୁ ମୁଁ ସ୍ଥିର କରିଛି, ଦେଖିଚାହିଁ ଫିଲ୍ମ ସାଇନ୍ କରିବି। ଚଳିତ ବର୍ଷ ମୋର ଦୁଇଟି ସିନେମା ରିଲିଜ ହେବାର ଯୋଜନା ରିହଛି। ସେ ଅଭିନୟ କରିଥିବା 'ଗୁଡ୍‌ଲକ୍ ଜେରି' ଏବଂ 'ମିଲି'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ଅନ୍ୟପକ୍ଷରେ ନୂଆ ସିନେମା 'ବାୱ୍‌ଲ'ର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏଥିରେ ମୋ ସହ ବରୁଣ ଧାୱନଙ୍କୁ ଦେଖିବାକୁ ମିଳିବ।'

# ଯାମିଙ୍କୁ ମିଳିଗଲା...

**ଯା**ମି ଗୌତମ ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଅସଲ କଥା ହେଲା ବାନ୍ଦ୍ରା ଏରିୟାରେ ସେ ଏକ ବିଳାସ୍ୟପୂର୍ଣ୍ଣ ଫ୍ଲାଟ୍ ସନ୍ଧାନରେ ଥିଲେ । ଯାହାହେଉ ତାଙ୍କର ଏହି ମନ ପସନ୍ଦର ଫ୍ଲାଟ୍ ସେ ନିକଟରେ କିଣିଛନ୍ତି। ହେଲେ ଏହି ଫ୍ଲାଟ୍‌ର କିଛି ଇଣ୍ଟିରିୟର ଡିଜାଇନ୍‌କୁ ଟିକେ ଚେଞ୍ଜ କରିବାକୁ ଚାହୁଁଛନ୍ତି ଯାମି। ତେଣୁ ଗୃହପ୍ରବେଶ ଟିକେ ବିଳମ୍ୱ ହେବ ବୋଲି ସେ ସୂଚନା ଦେଇଛନ୍ତି। ପାଖାପାଖି ୨୦କୋଟି ଟଙ୍କା ବିନିମୟରେ ସେ ଏହି ଫ୍ଲାଟ୍‌କୁ କିଣିଛନ୍ତି। ଏ ସମ୍ପର୍କରେ ଯାମି କହନ୍ତି, 'ବମ୍ୱେର ବାନ୍ଦ୍ରାଠାରେ ଏହି ଆପାର୍ଟମେଣ୍ଟରେ ମୋତେ ମୋ ମନଲାଖି ଫ୍ଲାଟ୍ ମିଳିଛି।' ଏବେ ଯାମିଙ୍କ ହାତରେ ଦୁଇଟି ସିନେମା–'ଲଷ୍ଟ' ଏବଂ 'ଓ ମାଇଁ ଗଡ୍–୨' ରହିଛି। ତେବେ ଏହି ଫିଲ୍ମଦ୍ୱୟରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ।

# ନାହିଁ ନାହିଁରେ ତାରା

**ତା**ରା ସୁଟାରିଆଙ୍କ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ସେ କୁଆଡ଼େ ଜଣେ ବିଦେଶୀ ବିଜନେସମ୍ୟାନ୍‌ଙ୍କ ପ୍ରେମରେ ପଡ଼ିଯାଇଛନ୍ତି। ଏ ସମ୍ପର୍କରେ ସଫେଇ ଦେଇ ତାରା କହନ୍ତି, 'ବର୍ତ୍ତମାନ ମୋ ପାଖରେ ପ୍ରେମ କରିବାକୁ ସମୟ ନାହିଁ। କାରଣ ବଲିଉଡ୍‌ରେ ନିଜ କ୍ୟାରିୟରକୁ ନେଇ ମୁଁ ବେଶ୍ ସତର୍କତାର ସହ ଚାଲୁଛି। ମୋ ନାମକୁ ଅନ୍ୟ ସହ ଯୋଡ଼ି କେହି ଏଭଳି ମିଛ ପ୍ରଚାର କରୁଛି।' କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର–୨' ରେ ତାଙ୍କୁ ବ୍ରେକ୍ ମିଳିଥିଲା। ଏ ପର୍ଯ୍ୟନ୍ତ ସେ 'ମରଜାଭନ୍' ଏବଂ 'ତଡପ'ରେ ଅଭିନୟ କରିସାରିଛନ୍ତି। ଅନ୍ୟପକ୍ଷରେ ସେ ଅଭିନୟ କରିଥିବା 'ହେରୋପନ୍ତି–୨' ଏବଂ 'ଏକ୍ ଭିଲେନ୍ ରିଟର୍ନସ'ର ଶୁଟିଂ ଶେଷ ହୋଇଛି।



ତାରା ସୁଟାରିଆ

# ଅତୀତରୁ

➔କାମିନୀ ପିକ୍ଚର୍ସ, ରାଉରକେଲା ବ୍ୟାନରରେ ପ୍ରସ୍ତୁତ ଓ କାମିନୀ ତ୍ରିପାଠୀଙ୍କ ପ୍ରଯୋଜନାରେ ନିର୍ମିତ ହୋଇଥିଲା ଓଡ଼ିଆ ସିନେମା 'କାଚଘର'। ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ବ୍ୟୋମକେଶ ତ୍ରିପାଠୀ। ଚିତ୍ରଟିର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ସୁରେଶ, ଜ୍ୟୋତ୍ସ୍ନା, ବିନୋଦ, ବିନି ଆଦି କଳାକାର।

➔ଓଡ଼ିଆ ଚଳଚ୍ଚିତ୍ର 'ରକ୍ତ ଗୋଲାପ'ର ମୁଖ୍ୟ ଭୂମିକାରେ ଶ୍ରୀରାମ ପଣ୍ଡା– ବନଜା ମହାନ୍ତି ଯୋଡ଼ିକୁ ଦେଖିବାକୁ ମିଳିଥିଲା। କେ. ଭୀମେଶ୍ୱର ରାଓ ଉକ୍ତ ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ।

➔ଓଡ଼ିଆ ଚଳଚ୍ଚିତ୍ର 'ରାମାୟଣ'ରେ ସଂଯୋଜିତ ଗୀତଗୁଡ଼ିକ ଏବେ ମଧ୍ୟ ଅନେକଙ୍କ ମନରେ ସତେଜ ହୋଇରହିଛି। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଉତ୍ତମ ମହାନ୍ତି, ଶୁଭ୍ରା ପତି, ଧୀର ବିଶ୍ୱାଳ ପ୍ରମୁଖ କଳାକାର। ପ୍ରଯୋଜକ ଧୀର ବିଶ୍ୱାଳ ଏଥିରେ ରାବଣ ଭୂମିକାରେ ପରଦା ଉପରକୁ ଆସିଥିଲେ।

➔ ବୃନ୍ଦାବନ ଜେନାଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିଲା 'ବାଟ ଅବାଟ'। ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଅଜିତ ଦାସ ଏବଂ ମହାଶ୍ୱେତା ରାୟ।

➔'ଅକ୍ଷୟ ତୃତୀୟା' ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଅନିତା ଦାସ, ଦୀପା ସାହୁ, ପ୍ରସନ୍ନ ମିଶ୍ର ପ୍ରମୁଖ କଳାକାର।

# ରଜରେ 'ଦିଲ୍ ମୋର ମାନେନା'

**ଦି**ଲ୍ ବା ହୃଦୟ ବଡ଼ ଅମାନିଆ। ଏହା କେତେବେଳେ କାହା ହୃଦୟରେ ବସାବାନ୍ଧେ ତାହା ଆକଳନ କରିବା ମୁସ୍କିଲ। ସେମିତି ଏକ ଟର୍ନିଂ ସମୟରେ ଯୁବକ ଜଣେ ସୁନ୍ଦରୀ ପ୍ରେମରେ ପଡ଼ିଯାଇଛି। ହେଲେ ପ୍ରେମର ଉତ୍‌ଥାନ ପତନ ରାସ୍ତାକୁ ସେ କେମିତି ଅତିକ୍ରମ କରୁଛି ଆଉ ନିଜ ଲକ୍ଷ୍ୟ ହାସଲ କରିପାରୁଛି କି ନାହିଁ ତାହାକୁ ଆଧାର କରି ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଦିଲ୍ ମୋର ମାନେନା'। ମା' ତାରିଣୀ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ବାପୁନି କୁମାର ଏବଂ ଆର.ଆର୍. ସି. ବ୍ୟାନରରେ ଛବିତା ମାର୍ଥାଙ୍କ ଦ୍ୱାରା ମିଳିତ ପ୍ରଯୋଜନାରେ ଏହାର ସମସ୍ତ କାର୍ଯ୍ୟ ଶେଷ ହୋଇଛି। କେବଳ ସେତିକି ନୁହେଁ, ଚଳିତ ବର୍ଷ ରଜରେ ଚିତ୍ରଟି ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ମେଲ୍ ଲିଡ୍‌ରେ ସ୍ୱରାଜ ଅଭିନୟ କରିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ବୁଲ୍‌ବୁଲି ଶିବାନୀ। ଖାସ୍ କଥା ହେଲା ପ୍ରଯୋଜକ ଶ୍ରୀଧର ମାର୍ଥା ଏଥିରେ ମୁଖ୍ୟ ଖଳନାୟକ ଭାବରେ ଦେଖାଦେବେ। ଚିତ୍ରରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ ଏବଂ କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଲୁବୁନ୍–ଟୁବୁନ୍, ଜିତୁ ରାଉତ, ଅମିତ ନାୟକ ଏବଂ ଏସ୍.କେ.ମୁରଲୀଧରନ୍। ହିମାଂଶୁ (ଚଣ୍ଡୀ) ପରିଜାଙ୍କ ନିର୍ଦ୍ଦେଶନାରେ ଫିଲ୍ମଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଆଶା ରଖିଛନ୍ତି ଏହାର ଅନ୍ୟତମ ପ୍ରଯୋଜିକା ଛବିତା ମାର୍ଥା।



'ଦିଲ୍ ମୋର ମାନେନା' ଚଳଚ୍ଚିତ୍ରରେ ଶିବାନୀ–ସ୍ୱରାଜ

# ଜୁନ୍ ୩୦ ଯାଏ ଚାଲିବ ରବିଧାନ ସଂଗ୍ରହ

## ୨୦୨୧ ତୁଳନାରେ ୨୦୨୨ରେ ୧୧% ଅଧିକ ପଞ୍ଜୀକରଣ

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ରାଜ୍ୟର ୧୭ ଜିଲାରେ ଚଳିତ ରବିଧାନ ବିକ୍ରି ନିମନ୍ତେ ମୋଟ ୨ ଲକ୍ଷ ୫୭ ହଜାର ୯୫୬ ଜଣ ଚାଷୀ ଅନ୍‌ଲାଇନ ମାଧ୍ୟମରେ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି। ୨୦୨୧ ବର୍ଷର ରବିଧାନ ତୁଳନାରେ ୨୦୨୨ ବର୍ଷରେ ଚାଷୀମାନଙ୍କ ନାମ ପଞ୍ଜୀକରଣରେ ୧୧ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୧ ରବିଧାନ ସଂଗ୍ରହ ନିମନ୍ତେ ୨ ଲକ୍ଷ ୩୩ ହଜାର ଜଣ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ପଞ୍ଜୀକୃତ ଚାଷୀମାନେ ଦେଇଥିବା ଜମିଜମାର ରେକର୍ଡ ଓ ବ୍ୟାଙ୍କ ଆକାଉଣ୍ଟ, ଧାନଚାଷ କରିଥିବା ପ୍ରକୃତ ଜମି, ଜଳସେଚିତ ଜମିର ପରିମାଣ ଆଦିର ତଥ୍ୟ ଯାଞ୍ଚ ପରେ ଚାଷୀମାନଙ୍କ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯିବ।

୨୦୨୧-୨୨ ବର୍ଷରେ ଖରିଫ ଧାନଚାଷ ଜମିର ଯାଞ୍ଚ ନିମନ୍ତେ ପାଇଲଟ୍ ପ୍ରକଳ୍ପ ଭାବରେ ସାଟେଲାଇଟ୍ ଇ-ମେଜରିଂ ମାଧ୍ୟମରେ କରାଯାଇଥିବା ଯାଞ୍ଚ କାର୍ଯ୍ୟର ସଫଳତାକୁ ଦୃଷ୍ଟିରେ ରଖି ଚଳିତ ରବିଧାନ କରାଯାଇଥିବା ସମସ୍ତ ୧୭ ଜିଲାର ଧାନଚାଷ ଜମିର ଯାଞ୍ଚ ସାଟେଲାଇଟ୍ ଇ-ମେଜରିଂ ମାଧ୍ୟମରେ କରାଯାଉଛି ବୋଲି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଭୁଲ୍ ତଥ୍ୟ ମିଳିଲେ ସମ୍ପୃକ୍ତ ଜମିକୁ ବାଦ୍ ଦିଆଯାଉଛି। ପଞ୍ଜୀକରଣ ଓ ନାମ ଯାଞ୍ଚ ହୋଇଥିବା ଚାଷୀମାନେ ହିଁ ଉଦ୍ଦିଷ୍ଟ ମଣ୍ଡିରେ ସେମାନଙ୍କର ରବିଧାନ ବିକ୍ରି କରିପାରିବେ। ୧୭ ଜିଲା ବାଲେଶ୍ୱର, ବରଗଡ଼, ବଲାଙ୍ଗୀର, ବୌଦ୍ଧ, କଟକ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁରରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରବିଧାନ ସଂଗ୍ରହ କରାଯିବ। ଏହିସବୁ ଜିଲାର ମଣ୍ଡିରେ ଚାଷୀମାନଙ୍କଠାରୁ ପି-ପାସ୍ ଓ ଆଗୁଆ ଟୋକନ ପ୍ରଦାନ ମାଧ୍ୟମରେ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନସଂଗ୍ରହ କରାଯିବ। ରବିଧାନ ସଂଗ୍ରହ କାର୍ଯ୍ୟ ଜୁନ୍ ୩୦ ପର୍ଯ୍ୟନ୍ତ ଚାଲିବ। ରବିଧାନ ନିମନ୍ତେ ମୋଟ ୨ ଲକ୍ଷ ୫୭ ହଜାର ୯୫୬ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବାବେଳେ ଏଥି ମଧ୍ୟରୁ ୯୧ ହଜାର ୫ ଜଣ ଚାଷୀ ନୂତନ ଭାବରେ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ୧,୬୬,୯୫୧ ଜଣ ଚାଷୀ ସେମାନଙ୍କ ନାମ ନବୀକରଣ କରିଛନ୍ତି।

# ଶାଳଗଛରେ ଭାଲୁ

ଉମରକୋଟ, ୧୩।୪(ସ୍ୱ.ପ୍ର.)

ଖାଦ୍ୟ ଅନ୍ୱେଷଣରେ ରାତିରେ ଜନବସତି ମୁହାଁ ହୋଇଥିଲା ଭାଲୁ। ସକାଳୁ ଲୋକେ ଭାଲୁଟିକୁ ଘଉଡ଼ାଇବାରୁ ସେ ଏକ ଶାଳଗଛରେ ଚଢ଼ିଯାଇଥିଲା। ଏପରି ଦୃଶ୍ୟ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ କୁର୍ସୀ ପଞ୍ଚାୟତ ଜୁନାପାଣି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଦେଖିବାକୁ ମିଳିଥିଲା।

ସୂଚନାନୁଯାୟୀ ଭାଲୁ ଖାଦ୍ୟ ଅନ୍ୱେଷଣରେ ଗାଁ ଆଡ଼କୁ ଚାଲି ଆସିଥିଲା। ସକାଳ ହୋଇଯିବାରୁ ସେ ଫେରି ନ ପାରି ଗାଁ ପାଖ ଜଙ୍ଗଲକୁ ପଳାଇଥିଲା। ଗ୍ରାମର କେତେଜଣ ଲୋକ ମହୁଲ ଗୋଟେଇବାକୁ ଜଙ୍ଗଲକୁ ଯାଇଥିଲେ। ସେମାନେ ଭାଲୁକୁ ଦେଖି ଘଉଡ଼ାଇଥିଲେ। ସେହି ସମୟରେ ଭାଲୁଟି ଭୟଭୀତ ହୋଇ ଗଛ ଉପରେ ଚଢ଼ିଯାଇଥିଲା। ଖବରପାଇ ବନ ବିଭାଗର ୨୫ଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଭାଲୁକୁ କିପରି ତଳକୁ ଓହ୍ଲାଯିବ ସେ ନେଇ ଚେଷ୍ଟା କରିଥିଲେ। ଭାଲୁଟି ଭୟଭୀତ ହୋଇଥିବାରୁ ବନ କର୍ମଚାରୀମାନେ ପ୍ରଥମେ ଗଛ ତଳୁ ଲୋକଙ୍କୁ ହଟାଇଥିଲେ। ସନ୍ଧ୍ୟା ୫.୩୦ରେ ଭାଲୁଟି ଗଛରୁ ଓହ୍ଲାଇ ଜଙ୍ଗଲ ଭିତରକୁ ଚାଲିଯାଇଥିଲା।



ଗଛ ଉପରେ ବସିଥିବା ଭାଲୁ।

# ରେକର୍ଡ ଭାଙ୍ଗିଲା ତାତି: ଝାରସୁଗୁଡ଼ାରେ ପାରଦ ୪୪ ଡିଗ୍ରୀ

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ରାଜ୍ୟରେ ତାତି ଚଳିତ ବର୍ଷର ରେକର୍ଡ ଭାଙ୍ଗିଛି। ବୁଧବାର ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୪୩.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସୋନପୁର ୪୩.୯, ଟିଟିଲାଗଡ଼ ୪୩, ଅନୁଗୋଳ ୪୨.୭, ବୌଦ୍ଧ ୪୨, ସମ୍ବଲପୁର ୪୧,୬, ସୁନ୍ଦରଗଡ଼ ୪୧.୫, ହୀରାକୁଦ ୪୦.୩, ତାଳଚେର ୪୧.୩୬, ଭବାନୀପାଟଣା ୪୧.୫ ଏବଂ ପାରଳାଖେମୁଣ୍ଡିରେ ସର୍ବୋଚ୍ଚ ତାପମାତ୍ରା ୪୦.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଗତ କିଛିଦିନ ହେବ ଉପକୂଳ ଓଡ଼ିଶାରେ ପାଗ ମେଘୁଆ ରହୁଥିବା ବେଳେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ତାତି ବଢ଼ିବାରେ ଲାଗିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏ ନେଇ ୟେଲୋୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧୪ରୁ ୧୭ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି।

# ମାଲକାନଗିରି ତୃତୀୟ ଶ୍ରେଷ୍ଠ ଆକାଂକ୍ଷୀ ଜିଲା

**ଭୁବନେଶ୍ୱର,୧୩।୪(ବ୍ୟୁରୋ):** ନୀତି ଆୟୋଗଙ୍କ ଶ୍ରେଷ୍ଠ ୫ ଆକାଂକ୍ଷୀ ଜିଲା ତାଲିକାର ୩ୟ ସ୍ଥାନରେ ମାଲକାନଗିରି ଜିଲା ରହିଛି। ସେହିପରି ପ୍ରଥମ ସ୍ଥାନରେ ଆସାମର ଉଦଲଗିରି, ଦ୍ୱିତୀୟରେ କର୍ନାଟକର ୟାଦଗିର, ଚତୁର୍ଥରେ ଛତିଶଗଡ଼ର ସୁକମା ଓ ପଞ୍ଚମ ସ୍ଥାନରେ ବିହାରର ପୂର୍ଣ୍ଣିଆ ଜିଲା ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ମୌଳିକ ଆବଶ୍ୟକତା, ଦକ୍ଷତା ଓ ଆର୍ଥିକ ବିକାଶ କ୍ଷେତ୍ରରେ ପଛୁଆ ଥିବା ଜିଲାଗୁଡ଼ିକର ବିକାଶ ପାଇଁ କେନ୍ଦ୍ର ସରକାର ୨୦୧୮ ମସିହା ଜାନୁୟାରୀରୁ 'ଆକାଂକ୍ଷୀ ଜିଲା' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏଥିରେ ସମଗ୍ର ଦେଶର ମୋଟ୍ ୧୧୫ଟି ପଛୁଆ ଜିଲାକୁ ନିଆଯାଇଛି। ସେଥିରେ ଓଡ଼ିଶାରୁ ୧୦ଟି ଜିଲାକୁ ସାମିଲ କରାଯାଇଛି। ଓଡ଼ିଶାର ୧୦ ଆକାଂକ୍ଷୀ ଜିଲାର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୧୦ ଜଣ କେନ୍ଦ୍ରମନ୍ତ୍ରୀଙ୍କୁ ନିୟୋଜିତ କରାଯାଇଛି। ମାଲକାନଗିରି ଜିଲାକୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଛି।

# ପରିବର୍ତ୍ତନ ହେବ ଉତ୍କଳ ଯାଦବ ମହାସଭାର ନାମ

**କଟକ ଅଫିସ, ୧୩।୪:** ପରିବର୍ତ୍ତନ ହେବ ଉତ୍କଳ ଯାଦବ ମହାସଭାର ନାମ। ଓଡ଼ିଆ ନବବର୍ଷ ଠାରୁ ଏହି ସଙ୍ଗଠନର ନାମ ପରିବର୍ତ୍ତନ କରାଯାଇ ଓଡ଼ିଶା ଯାଦବ ମହାସଭା କରାଯିବ। ଏନେଇ ବୁଧବାର ମହାସଭା ପକ୍ଷରୁ ଓସିଏ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିସହ ଆସନ୍ତା ୧୭ ତାରିଖରେ ୪୨ ମୌଜାସ୍ଥିତ ଯଶୋଦା ଗାର୍ଡେନ୍‌ଠାରେ ଦିନିକିଆ ଜାତୀୟ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ସଙ୍ଗଠନର ଜାତୀୟ ସ୍ତରରେ ଜନ୍ମ ଶତବାର୍ଷିକ ପାଳନ, ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ, ଭାରତୀୟ ସେନାରେ ରେଜିମେଣ୍ଟ ଗଠନ କରାଯାଇ ଯାଦବମାନଙ୍କୁ ନିଯୁକ୍ତି ଦେବା ଓ ଜାତିଭିତ୍ତିକ ଜନଗଣନା ତୁରନ୍ତ କରିବା, ସଙ୍ଗଠନକୁ ମଜଭୁତ କରିବା ଏବଂ ରାଜ୍ୟ ସଭାରେ ଥିବା ୪ଟି ସିଟ୍‌ରୁ ଗୋଟିଏ ସିଟ୍ ଯାଦବଙ୍କୁ ଦେବା ପାଇଁ ଆଲୋଚନା କରାଯିବ। ଏହି ଖବରଦାତା ସମ୍ମିଳନୀରେ ମହାସଭାର ସଭାପତି ଆଶୀର୍ବାଦ ବେହେରା, ରାଷ୍ଟ୍ରୀୟ ଯୁବ ସଭାପତି ଇଂ. ପ୍ରଦୀପ କୁମାର ବେହେରା, ସାଧାରଣ ସମ୍ପାଦକ ପ୍ରଦୀପ ବେହେରା ଓ ସୁବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


## ORMAS
## ODISHA RURAL DEVELOPMENT & MARKETING SOCIETY, DEOGARH

Panchayati Raj Deptt., Govt. of Orissa
DRDA Building, Purunagarh, Dist.- Deogarh, Odisha, PIN - 768119
Tel./Fax.: 06641-226478, E-mail: dsmsdeogarh@gmail.com

**SHORT QUOTATION CALL NOTICE**

Sealed quotations are invited from the firms/agencies for tent and other allied works, providing Private Security Personnel, Printing works and documentation works for the State Level Pallishree Mela: 2022 & Utsav Pradhanpat, Deogarh to be organized from 27.04.2022 to 01.05.2022.
The quotation papers along with specification and eligibility criteria of the works are available at ORMAS Office, DRDA Campus, Deogarh and the Deogarah official website **http//deogarh.nic.in** and **www.ormas.org** till 19.04.2022 (3.00 P.M.). The quotations/tenders will be opened on 19.04.2022 at 3.30 P.M.
The undersigned reserves the right to accept or reject any or all the quotation without assigning any reason thereof.

**Sd./- Project Director, DRDA, Deogarh**



## ODISHA SPACE APPLICATIONS CENTRE (ORSAC)

Dept. of Science & Technology, Govt. of Odisha
Plot No. 45/48, Jayadev Vihar, Near Gopabandhu Academy of Administration, Unit-16, Bhubaneswar-751023

**TENDER NOTICE No. 03 / 2022**

**Procurement of Lightning Protection, Earthing and Surge Protection System**

No. CAD-149: Sealed tenders are invited from the registered firms / OEM for Supply, Installation, Testing & Commissioning of Lightning Protection, Earthing and Surge Protection System to ORSAC. For details, please visit **http://www.odisha.gov.in** or **http://www.orsac.gov.in** or in the above office for the tender papers.

**OIPR-28007/11/0001/2223 CHIEF EXECUTIVE, ORSAC**



## ODISHA SPACE APPLICATIONS CENTRE (ORSAC)

Dept. of Science & Technology, Govt. of Odisha
Plot No. 45/48, Jayadev Vihar, Near Gopabandhu Academy of Administration, Unit-16, Bhubaneswar-751023

**TENDER NOTICE No. 04 / 2022**

**CAMC of Addressable Fire Detection and Alarm System & Fire Suppression System**

No. CAD-150: Sealed tenders are invited from the MSME registered firms / OEM having service infrastructure at Bhubaneswar for CAMC of Addressable Fire Detection and Alarm System & Fire Suppression System to ORSAC. For details, please visit **http://www.odisha.gov.in** or **http://www.orsac.gov.in** or in the above office for the tender papers.

**OIPR-28007/11/0002/2223 CHIEF EXECUTIVE, ORSAC**



## ODISHA SCHOOL EDUCATION PROGRAMME AUTHORITY

"SHIKSHA SOUDHA", UNIT - V, BHUBANESWR - 751001

No. n-03

**LETTER OF INVITATION**

**RFP No. 4330/Ped/22** **Dated: 12.04.2022**

1. **Nature of the Assignment:** Odisha School Education Programme Authority (OSEPA), Nodal Organization of School & Mass Education Department, Government of Odisha wants to engage a third party for Development & Implementation of Learning Recovery Plan (LRP) for the classes from Class - III to IX (**Group - A**) & Class - XI (**Group - B**). The interested & eligible agency can apply either for both the groups or any one group. Separate proposals are to be submitted in case of agency applying for both the Groups.
2. More details on the proposed assignment are provided at **Section - 3**: Scope of Work of this RFP Document. RFP document separately for Group - A & Group - B are available in OSEPA Website: **osepa.odisha.gov.in**.
3. A bidder will be selected under **Least Cost Selection** method as prescribed in the RFP Document in accordance with the procedures prescribed herewith in Office Memorandum No. 37323/F, Dated: 30.11.2018 of Finance Department, Govt. of Odisha.
4. The proposal complete in all respect as specified in the RFP Document must be accompanied with a **Non-refundable** amount of **Rs.5000/- for Group-A & Rs.2000/- for Group-B** towards **Bid Processing Fee** along with a **Bid Security Declaration** failing which the bid will be rejected.
5. The proposal must be delivered at the specified address as per the Bidder Data Sheet by **Speed Post/Registered Post/Courier** only. OSEPA shall not be responsible for postal delay or any consequence. Submission of proposal through any other mode will be rejected.
6. The last date and time for submission of proposal complete in all respect is on or before **5.30 P.M. of Dt.02.05.2022** and the date of opening of the technical proposal is at **11.00 A.M. of Dt.04.05.2022** at the specified address as mentioned in the Bidder Data Sheet. Representatives of the bidders may attend the meeting with due authorization letter on behalf of the bidder.
7. This RFP includes following sections:
   a. Letter of Invitation **[Section - 1]**
   b. Information to the Bidder **[Section - 2]**
   c. Scope of Work **[Section - 3]**
   d. Technical Proposal Submission Forms **[Section - 4]**
   e. Financial Proposal Submission Forms **[Section - 5]**
   f. Annexure
8. While all information/data given in the RFP are accurate within the consideration of scope of the proposed assignment to the best of the Client's knowledge, the Client holds no responsibility for accuracy of information and it is the responsibility of the bidder to check the validity of information/data included in this RFP. The Client reserves the right to accept/reject any/all proposals/cancel the entire selection process at any stage without assigning any reason thereof.

**Sd./- State Project Director, OSEPA**
**OIPR-27068/11/0001/2223**



## ତହସିଲଦାରଙ୍କ କାର୍ଯ୍ୟାଳୟ, ନର୍ଲା, କଳାହାଣ୍ଡି

## ଲଘୁ ଖଣିଜ ଉତ୍ସ (ବାଲି ଖାଦାନ)ର ୫ ବର୍ଷିଆ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ

ସଂଖ୍ୟା: ୬୩୩ ତାରିଖ: ୧୧।୦୪।୨୦୨୨

No. F-12: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ନର୍ଲା ତହସିଲ ଅନ୍ତର୍ଗତ ୬ ଗୋଟି ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ୍ ସକାଶେ ନିଲାମ ଆହ୍ୱାନ କରାଯାଉଛି। ଇଚ୍ଛୁକ ବ୍ୟକ୍ତି ବିଶେଷ ତା.୧୬।୦୪।୨୦୨୨ଠାରୁ ତା.୩୦।୦୪।୨୦୨୨ ସକାଳ ୦୮.୦୦ ଘଟିକା ମଧ୍ୟରେ ଆବେଦନ କରିପାରିବେ। ବିଶେଷ ବିବରଣୀ ପାଇଁ **www.kalahandi.nic.in**ରେ ଲଗ୍‌ଇନ୍ କରିପାରିବେ କିମ୍ବା ତହସିଲ କାର୍ଯ୍ୟାଳୟରେ ବୁଝିପାରିବେ।

**ସ୍ୱା./- ତହସିଲଦାର, ନର୍ଲା**
OIPR-24257/11/0001/2223



## OFFICE OF THE ENGINEER-IN-CHIEF (CIVIL), ODISHA

NIRMAN SOUDHA, UNIT - V, BHUBANESWAR
E-mail ID: cebuilding_orissa@yahoo.co.in, cebuildings@rediffmail.com, Tel. (0674) 2391523

**INVITATIONS FOR BIDS (IFB)**

**File No. B-II-GA-(SP)-1/2019/14707/Bhubaneswar, the 11th Apr. 2022**

**Invitation for Bids**

**1st Corrigendum**

**Tender Reference No. OSD C.E. (B) - 01/2022-23**
**Name of the Work: "Construction of a New Building in Premises of Office Building of OPSC in the District of Cuttack".**
No. B-48: The following changes have been made in Bid Identification No. **OSD C.E. (B) - 01/2022-23**

1. Bid documents such as DTCN/BOQ etc. can be seen/downloaded from the Govt. Website i.e. **www.tendersorissa.gov.in** during the period **Dt.21.04.2022 to 17 hours of Dt.05.05.2022** instead of **Dt.11.04.2022 to Dt.26.04.2022** for ONLINE BIDDING respectively.
2. **Online** bids shall be received **till 17.00 hours of Dt.05.05.2022** instead of **Dt.26.04.2022**.
3. The technical bids will be opened at **11.30 A.M. of Dt.06.05.2022** instead of **Dt.27.04.2022**.

All other terms and conditions remain unchanged.

**Sd./- OSD C.E. (Buildings)**
**Odisha, Bhubaneswar**
OIPR-34117/11/0004/2223



## GOVERNMENT OF ODISHA
## OFFICE OF THE SUPERINTENDING ENGINEER LOWER SUKTEL R.R.C&B DIVISION, BOLANGIR

e-mail id- lsrrcbdbgr@gmail.com

**'e' procurement Notice**

**Bid Identification NO.-LSRRC&BD-BGR-02/2022-23**

**No.A-47:** The Superintending Engineer, Lower Suktel RRC&B Division, Bolangir on behalf of the Governor of Odisha invites online percentage rate tender to be received in online mode only for the work as detailed below.

| WORK-1 | | |
|---|---|---|
| 1 | Name of the Work | : Construction of Market Complex for B-Block at RR Colony of LSIP at Larkipali & Sadeipali, Balangir. |
| 2 | Estimated Cost | : Rs. 63,24,056.00 |
| 3 | Cost of Tender Paper | : Rs. 10,000.00 |
| 4 | Class of Contractor | : 'B' and 'A' Class |
| 5 | Period of Completion | : 9 (Nine) Months |
| 6 | Date and Time of Bid availability in The Portal | : From Dt. 16.04.2022 at 10:00 AM. to Dt. 30.04.2022 upto 5:00 PM. |
| 7 | Last Date and Time of receipt of Bid in the Portal | : Dt.30.04.2022 upto 5:00 PM. |
| 8 | Date and Time of opening of Bid in the Portal | : Dt.02.05.2022 at 11:00 AM |
| 9 | Name and Address of the Officer Inviting the Bid | : Superintending Engineer, Lower Suktel R.R.C & B Division, Bolangir, At-Laltikra, P.O-R.College, Dist-Bolangir-767002. |
| 10 | Any corrigendum / addendum will be displayed in the Govt. website only. | |
| 11 | Further details can be seen from the e-procurement portal- **www.tendersodisha.gov.in** | |

**Sd./-SUPERINTENDING ENGINEER, LOWER SUKTEL R.R.C&B DIVISION, BOLANGIR**
OIPR-32182/11/0004/2223



## The Odisha Small Industries Corporation Ltd.

(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-145 OSIC GST No. 21AAACO2101M1Z1

**TENDER CALL NOTICE**

**Tender Notice No.1672/RE/OSIC** **Dt.11.04.2022**

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC **for 2 nos**. of work i.e. "Supply and installation of 2 HP solar pump in the OTELP Plus programme village, Kuchinda, Champua, Keonjhar, Panposh and Gunupur", and "Supply and installation of 250 KVA 11/0.4 KV Sub-Station for power supply to 120 KW SPP load to M/s. The Principal, ANWESHA Hostel at Chhend, Rourkela under RED, Rourkela, TPWODL in the District of Sundargarh". Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website **www.osicltd.in** only.

**Sd/-**
**MANAGING DIRECTOR**
OIPR-14073/11/0009/2223



## idco ODISHA OFFICE OF THE CHIEF GENERAL MANAGER (P&C)

IDCO, IDCO TOWERS, JANPATH, BHUBANESWAR - 751022
No. CAD-153
Tender Call Notice No. IDCO/HO-P&C/EST/E-1808/03/2021/8853 Dated: 11.04.2022

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work : Selection of Agency for Providing Comprehensive Facility Management Services at Fortune Tower in Bhubaneswar, Odisha
2. Period of Completion : 03 (Three) Years
3. Other details :

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | P&C/EST/E-05/2022-23 | 17.00 hours of Dt.18.04.2022 | 17.00 hours of Dt.04.05.2022 |

Further details can be seen from the e-Procurement Portal: **www.tendersodisha.gov.in.** and Corrigendum if any will not be published in Newspapers and can only be seen in the e-Procurement portal **www.tendersodisha.gov.in** and **www.idco.in.**

**Sd./- Chief General Manager (P&C),**
**IDCO, Bhubaneswar**
**OIPR-14003/11/0015/2223**



## OFFICE OF THE DIVISIONAL FOREST OFFICER GHUMSUR SOUTH DIVISION

Bhejiput, Bhanjanagar, Ganjam, Odisha, Pin - 761126
Phone No-06821-241015, Fax No-06821-241014,
E-mail: dfo.ghumsursouth@odisha.gov.in
Notice No.2937, Dt.12.04.2022

**SHORT TENDER NOTICE FOR SELECTION OF SERVICE PROVIDER**

**MM-09:** Sealed Tenders are invited from Individuals / Organization / Firm etc for providing manpower services of various categories of Trained / Experience person to work under Ghumsur South Forest Division, Bhanjanagar for implementation of different scheme or work as per the terms and conditions mentioned in the standard bidding document.

The Tender Document form can be obtained in person from the Divisional Office on any working day between **10.00 A.M. to 5.00 P.M.** from **18.04.2022** to **25.04.2022** or can be downloaded from the website **www.ganjam.nic.in/www.odishaforest.in** by the intending tenderer. The Bidder will deposit **Rs 10,000 (Rupees Ten Thousand only)** in form of **Demand Draft** (non-refundable) in favour of **Divisional Forest Officer, Ghumsur South Division** payable at Bhanjanagar. **The sale of Tender paper will be commenced from 18.04.2022 to 25.04.2022. The tenders will be opened in the same office on dt. 27.04.2022 at 4.00 P.M.** The sealed tender should reach in the O/o the DFO, Ghumsur South Division, At/PO/ - Bhejiput, Bhanjanagar, Dist-Ganjam on or before **25.04.2022 up to 5.00 P.M.** through Registered/ Speed Post/ Courier service and can also be dropped in tender box placed in Office of the DFO, Ghumsur South Division. Tender inviting authority reserves the right of accepting or rejecting one or more tender offer(s) or cancelling the tender without assigning any reason thereof.

**Sd./- Divisional Forest Officer**
**Ghumsur South Division**
**OIPR-08051/11/0001/2223**



## ODISHA MINING CORPORATION LIMITED

OMC House, Bhubaneswar-751001,Odisha CIN: U13100OR1956SGC000313, www.omcltd.in

CAD-188: **E-procurement notice**
**Bid Document No.: OMC/E-Proc/C&P/41/2022 dated 13.04.2022**

| | | |
|---|---|---|
| 1 | Work Name | Supply of Explosives and Accessories to Bangur Region for 2022-23(through e-tendering) |
| 2 | Availability of tender documents on the e-tendering portal of Government of Odisha | Date: 14.04.2022; Time: 10.00AM |
| 3 | Last date for sending queries to OMC | Date: 19.04.2022; Time: 5.00 PM; queries may be sent by email to skbiswal@odishamining.in |
| 4 | Pre-bid meeting | Date: 21.04.2022; Time: 11.30 AM; Venue: Through (VC) Video Conferencing |
| 5 | Issue of responses to pre-bid queries, addendum/ corrigendum, if required | Date: 22.04.2022 |
| 6 | Bid Due Date | Date: 04.05.2022; Time: 5.00 PM |
| 7 | Opening of Techno-Commercial Bid | Date: 04.05.2022; Time: 5.30 PM |
| 8 | Opening of Price Bid | To be informed to the Technically Qualified Bidders |
| 9 | Tender Paper Fee (Non-refundable) including GST | Amount: INR 5,900/- (Rupees Five thousand Nine hundred only)including GST @18% Payable online on the e-tender portal of Government of Odisha (www.tendersodisha.gov.in) |
| 10 | Earnest Money Deposit (EMD) | Amount: INR 90,000/- (Rupees ninety thousand only) Payable online on the e-tender portal of Government of Odisha (www.tendersodisha.gov.in) |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

**Sd./- Head, C&P**
OIPR-30005/11/0012/2223



## ODISHA LIFT IRRIGATION CORPORATION LTD.
## OFFICE OF THE EXECUTIVE ENGINEER, LIFT IRRIGATION DIVISION, SUBARNAPUR

e-mail id- eeolicsnp@gmail.com

**'e' Procurement Notice**

**Bid Identification No. OLIC-SNP-07/2022-23dt 12.04.2022**

No. CAD-161: **The Executive Engineer, Lift Irrigation Division, Subarnapur** on behalf of OLIC invites **Percentage Rate** bids in double cover system to be received in **Online Mode only** for the work **Installation and Energisation of New LIPs under different Block in Subarnapur District** as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade / class registered with Central Government / M.E.S. / Railways /C.P.W.D. for execution of Civil Works with valid Electrical (H.T) License issued by ELBO Odisha through On-Line in the Govt. website **www.tendersodisha.gov.in**. The bidders should have necessary portal enrolement (with own digital signature certificate). The registered bidders from outside Odisha can also participate in this on-line tender process after necessary portal enrollment but shall have to subsequently undergo registration with appropriate authority of the State.
**1. Name of the Works:- Installation & Energisation of River Lift Irrigation Projects with supply of all materials on Turnkey basis. 2. Total Nos. of Package:- 02, 3. Approximate Estimated Cost:-Rs. 56.22 Lakhs to Rs. 56.24 Lakhs, 4. Class of Contractor:- As mentioned against each package, 5. Period of Completion:- 90 Days for all projects from the date of issue of work order. 6. Other details as follows:-**

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of tender in the Office of the Executive Engineer, L.I. Division, Subarnapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Subarnapur | OLIC-SNP-07/2021-22 | 20.04.2022 at 11.00 Hrs. | 28.04.2022 at 17.00 Hrs. | 27.04.2022 at 17.00 Hrs. | 29.04.2022 at 11.00 Hrs. |

- Details can be seen from the Website **www.tenderodisha.gov.in**.
- Any Corrigendum/Addendum will be displayed in the above website only.

OIPR-32316/11/0002/2223 **Executive Engineer, L.I. Division, Subarnapur**


See Career Appointment on every Wednesday & Saturday

## ପ୍ରଥମ ପୃଷ୍ଠାରୁ

### ଜଳିଯାଉଛି...

କମିଟି ପକ୍ଷରୁ ରାଜ୍ୟ ସରକାରଙ୍କୁ ଜଙ୍ଗଲ ନିଆଁ ପ୍ରଶମନ ପାଇଁ ରାଜ୍ୟସ୍ତରୀୟ ମନିଟରିଂ କମିଟି ଗଠନ ସହିତ କାର୍ଯ୍ୟ ଯୋଜନା ପ୍ରସ୍ତୁତି ଲାଗି ପରାମର୍ଶ ପ୍ରଦାନ କରାଯାଉଛି। ରାଜ୍ୟ ସ୍ତରରେ ମଧ୍ୟ ଜଙ୍ଗଲ ନିଆଁକୁ ରୋକିବାକୁ ସ୍ପେଶାଲ ସ୍କ୍ୱାଡ ରହିଛି। ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ ରାଜ୍ୟରେ ଜଙ୍ଗଲ ନିଆଁକୁ ରୋକିବା ପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ଜଙ୍ଗଲ ନିଆଁ ରୋକିବା ସକାଶେ ୧୦ ଜଣ ଲେଖାଏ ସଦସ୍ୟଙ୍କୁ ନେଇ ୨୬୯ ଫରେଷ୍ଟ ଫାୟାର ୱିଙ୍ଗ୍ ରହିଛନ୍ତି। ଉପଗ୍ରହ ଚିତ୍ର ମାଧ୍ୟମରେ ଅଗ୍ନିକାଣ୍ଡ ସୂଚନା ସଂଗ୍ରହ କରାଯାଇ ପଦକ୍ଷେପ ନିଆଯାଉଛି। ଏଥିସହିତ ଜଙ୍ଗଲ ନିଆଁକୁ ପ୍ରତିହତ କରିବା ସକାଶେ ମଡେଲ ଅଗ୍ନି ସୁରକ୍ଷା ଆକ୍ସନ ପ୍ଲାନ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

### ଭବିଷ୍ୟତ ଚିନ୍ତାରେ...

ଫେରନ୍ତା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନେଇ ଆଉ କିଛି ନିଷ୍ପତ୍ତି ହୋଇନାହିଁ। ଜଣେ ବରିଷ୍ଠ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କହିଛନ୍ତି, ଜାତୀୟ ଆୟୁର୍ବିଜ୍ଞାନ ଆୟୋଗ (ଏନ୍ଏମ୍ସି)ଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି। ଯେଉଁମାନେ ୟୁକ୍ରେନ୍ ଯାଇଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଟ୍ ପରୀକ୍ଷା ପାସ୍ କରି ନ ଥିଲେ। ତେଣୁ ଯଦି ସେମାନଙ୍କୁ କେଉଁଠାରେ ପଢ଼ାଯାଏ ତେବେ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ କେନ୍ଦ୍ର ନିଷ୍ପତ୍ତିକୁ ଅପେକ୍ଷା ବୋଲି ଅଧିକାରୀ ଜଣକ କହିଛନ୍ତି।

ସୂଚନା ଅନୁଯାୟୀ, ଗ୍ଲୋବାଲ ଫୋକସ୍ ନାମକ ଏକ ସଂସ୍ଥା ଜରିଆରେ ଓଡ଼ିଶାର ପିଲାମାନେ ୟୁକ୍ରେନ୍ ଯାଇ ନିଜର ପାଠପଢା ଆରମ୍ଭ କରିଥିଲେ। ଏହି ସଂସ୍ଥାର ଏମ୍ଡି ଅବଦୁଲ୍ ଜାହିର କହିଛନ୍ତି, ତାଙ୍କ ସଂସ୍ଥା ଓଡ଼ିଶା ପିଲାଙ୍କ ପାଠପଢ଼ା ପାଇଁ ୟୁକ୍ରେନର ମେଡିକାଲ ୟୁନିଭରସିଟିର ମାର୍କେଟିଂ କରିବା ସହ ସେଠାରେ ରହିବା, ଖାଇବା ଏବଂ ଅନ୍ୟ ସମସ୍ତ ଦାୟିତ୍ୱ ନେଇଥାଏ। ଓଡ଼ିଶାର ୫୬୧ ପିଲା ପଢୁଥିଲେ। ଏବେ ସେମାନେ ଯାହା ଅନ୍ଲାଇନ ଜରିଆରେ ଅଳ୍ପ ବହୁତେ ପଢୁଛନ୍ତି। ସେମାନେ ନିଟ୍ରେ ଯେତିକି ମାର୍କ ରଖିଥିଲେ ସେଥିରେ ସେମାନଙ୍କୁ ଓଡ଼ିଶାରେ ଭଲ କଲେଜରେ ପଢିବାକୁ ମିଳିଲା ନାହିଁ। ସେଥିଲାଗି ସେମାନେ ୟୁକ୍ରେନ୍ ଯାଇଥିଲେ। ଭାରତରେ ପ୍ରତିବର୍ଷ ୧୫ ଲକ୍ଷ ପିଲା ପରୀକ୍ଷା ଦେଉଥିବା ବେଳେ ମେଡିକାଲ ସିଟ୍ ସଂଖ୍ୟା ୮୩ ହଜାର। ତେଣୁ ମେଡିକାଲ ଯେତିକି ଅଛି ସେଥିରେ କେମିତି ଓଡିଶା ଫେରିଥିବା ପିଲାମାନେ ପଢ଼ିବେ ତାହା ଚିନ୍ତାର ବିଷୟ। ପିଲାମାନେ ଫେରିବା ପରେ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି। ପ୍ରତ୍ୟେକ ଦିନ ପିଲାମାନେ ଇ-ମେଲ୍ ଜରିଆରେ ସରକାରଙ୍କୁ ସେମାନଙ୍କ ସମସ୍ୟା ବିଷୟରେ ଜଣାଉଛନ୍ତି ବୋଲି ଜାହିର କହିଛନ୍ତି। କେନ୍ଦ୍ରାପଡ଼ା ମାଳପାଟଣାର ମେଡିକାଲ ଛାତ୍ର ଶୁଭ୍ରକାନ୍ତ ଲେଙ୍କା କହିଛନ୍ତି, ଅନ୍ଲାଇନରେ ପାଠପଢା ଯାଉଛି। ହେଲେ ସିଧାସଳଖ କଲେଜରେ ପଢ଼ି ପ୍ରାକ୍ଟିକାଲ କରିବା ଏବଂ ଅନ୍ଲାଇନରେ ପଢ଼ିବା ଭିତରେ ଆକାଶ ପାତାଳ ଫରକ ରହିଛି। ଯଦି ସରକାର ଆମ ପାଠପଢା କଥା ଚିନ୍ତା ନ କରନ୍ତି ତେବେ ବହୁତ କ୍ଷତି ହେବ ବୋଲି ସେ କହିଛନ୍ତି।

### ୪୦ ଲକ୍ଷରୁ...

କରିଥିଲେ। କୋକେନ୍ ବିକ୍ରି କରିବାକୁ ସେମାନେ ପୂର୍ବରୁ ଓଡ଼ିଶାରେ ଥିବା ଜଣେ ନିଶା ଡିଲରଙ୍କ ସହ କଥା ହୋଇଥିଲେ। ଏ ସମ୍ପର୍କରେ ଖବର ପାଇବା ପରେ ଏସ୍ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜଙ୍କ ନିର୍ଦ୍ଦେଶକ୍ରମେ ୨ଟି ଟିମ୍ ଗଠନ କରାଯାଇ ସେମାନଙ୍କୁ ଧରିବାକୁ ଜାଲ ବିଛାଇଥିଲେ। ମଙ୍ଗଳବାର ଦିନତମାମ୍ ଏହି ଟିମ୍ ସେମାନଙ୍କ ପିଛା କରିଥିଲା। ସନ୍ଧ୍ୟାରେ ଅଭିଯୁକ୍ତଦ୍ୱୟ ଜାଭିଅର ଛକ ନିକଟରେ ଛିଡ଼ା ହୋଇ ଓଡ଼ିଶାର ଡିଲର୍କୁ ଅପେକ୍ଷା କରିଥିଲେ। ଏତିକିବେଳେ ଏସ୍ଟିଏଫ୍ ଟିମ୍ ଦୁହିଁଙ୍କୁ କାବୁ କରିଥିଲା। ଯାଞ୍ଚବେଳେ ସେମାନଙ୍କ ନିକଟରୁ ଉକ୍ତ କୋକେନ୍ ମିଳିଥିଲା।

#### ଅଭିଯୁକ୍ତଙ୍କ ବିଦେଶ ଲିଙ୍କ୍

କୋକେନ କାରବାର ମାମଲାରେ ଗିରଫ ଅଭିଯୁକ୍ତ ରବି ଓ ସନିଙ୍କ ବିଦେଶ ଲିଙ୍କ୍ ରହିଛି। ସେମାନଙ୍କ ମୋବାଇଲ ଫୋନ୍ରେ ବିଦେଶ ଲୋକଙ୍କ ନମ୍ବର ରହିଥିବା ଯାଞ୍ଚବେଳେ ଜଣାପଡ଼ିଛି। ଓଡ଼ିଶାରେ କାହାକୁ ବିକ୍ରି କରିଥାନ୍ତେ, କେବେଠାରୁ ଓଡ଼ିଶାରେ 'କୋକେନ୍' ଯୋଗାଉଛନ୍ତି, ଏଥିରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି, ଏଭଳି ବିଭିନ୍ନ ପ୍ରଶ୍ନ ପଚାରି ତଥ୍ୟ ହାସଲ କରିବାକୁ ଚେଷ୍ଟା କରିଥିଲେ ଏସ୍ଟିଏଫ୍ ଅଧିକାରୀ।

କୋକେନ୍ ବିଶେଷକରି ଉତ୍ତର ଆମେରିକା ଓ ବ୍ରାଜିଲ୍ରୁ ଉତ୍ପାଦନ ହୁଏ। ସେଠାରେ ଚୋରାଚାଲାଣ ହୋଇ ଭାରତ ଆସେ। ଏହାପରେ ଦିଲ୍ଲୀ ଓ ମୁମ୍ବାଇର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଓ ଯୁବପୀଢ଼ି ଏହି ନିଶାକୁ ନିଜ ଶରୀରକୁ ନିଅନ୍ତି। ଆନ୍ତର୍ଜାତୀୟ ବଜାରରେ 'କୋକେନ୍'ର ମୂଲ୍ୟ ୧୦୦ ଗ୍ରାମକୁ ୧୦ରୁ ୧୫ ଲକ୍ଷ ହୋଇଥିବାବେଳେ ଭାରତରେ ଏହା ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହୁଏ।

### ୧୦ ବର୍ଷ ତଳୁ...

ମିଟର ଦୂରରେ ଏକ ଘର ଭଡ଼ା ନେଇ ରହୁଥିଲେ ସୁଦ୍ଧା ରାତିରେ ଶିବ ଏବଂ ତାଙ୍କ ସ୍ତ୍ରୀ ସୁନିତା ରାତିରେ ଶୋଇବା ପାଇଁ ପୈତୃକ ଘରକୁ ଆସୁଥିଲେ। ସ୍ଥାନୀୟ ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଶିବ ଜମିବାଡ଼ି ସମ୍ପତ୍ତିକୁ ନେଇ କୋର୍ଟରେ କରିଥିବା ମାମଲାକୁ ଉଠାଇଦେଲେ ତାଙ୍କୁ ଘର ସମ୍ପତ୍ତିରୁ ଭାଗ ଦେବେ ବୋଲି ଅଲେଖ ବହୁବାର କହିଥିଲେ। ହେଲେ ଶିବ ପ୍ରଥମେ ଭାଗ ଦେଲେ କୋର୍ଟରୁ ମାମଲା ପ୍ରତ୍ୟାହାର କରିବେ ବୋଲି ଜିଦ୍ ଧରୁଥିଲେ। ଯେଉଁଥିପାଇଁ ବିବାଦର ସମାଧାନ ହୋଇପାରୁ ନ ଥିଲା। ଫଳରେ ଉଭୟଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ସୋମବାର ରାତିରେ ଏହି ଘଟଣାକୁ ନେଇ ବଚସା ହୋଇଥିଲା। ଏପରି କି ବଡ଼ଭାଇ ଅଲେଖ, ଭାଉଜ ଏବଂ ପିଲାମାନେ ମିଳିମିଶି ଶିବଙ୍କୁ ମାଡ଼ମାରିବାରୁ ସେ ଉତ୍କ୍ଷିପ୍ତ ହୋଇ ସମସ୍ତଙ୍କୁ ହତ୍ୟା କରିଥିଲେ ବୋଲି ଭିଡିଓ ମାଧ୍ୟମରେ ସ୍ୱୀକାର କରିବା ସହ ମଙ୍ଗଳବାର ବାଲିଚନ୍ଦ୍ରପୁର ଥାନାରେ ଆତ୍ମସମର୍ପଣ କରିଥିଲେ। ତେବେ ଶିବ କେମିତି ଏତେବଡ଼ ଜଘନ୍ୟ ଅପରାଧ କରିପାରିଲେ, ହତ୍ୟା କରିବା ସମୟରେ ଶିବଙ୍କୁ କେହି ପ୍ରତିରୋଧ କିପରି କରିପାରିଲେନି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଣେ ବ୍ୟକ୍ତି ଏକକାଳୀନ ୫ଜଣଙ୍କୁ ହତ୍ୟା କରିବା ସହଜ କଥା ନୁହେଁ। ତେଣୁ ସେମାନଙ୍କୁ ଖାଦ୍ୟରେ ନିଶା ଦେଇ କିମ୍ବା କୌଣସି ସ୍ପ୍ରେ ମାରି ଅଚେତ କରିବା ପରେ ହତ୍ୟା କରାଯାଇଥିଲା କି ବୋଲି ପ୍ରଶ୍ନ ଉଙ୍କି ମାରୁଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

ଅପରପକ୍ଷରେ କେତେଜଣ ସ୍ଥାନୀୟ ଲୋକଙ୍କ କହିବାନୁସାରେ ଶିବ ସେହି ଗ୍ରାମରେ ଜଣେ ଯୁବତୀଙ୍କୁ ପ୍ରେମବିବାହ କରିଥିଲେ। ବିବାହପରେ ପରିବାର ଲୋକେ ତାଙ୍କୁ ଘରେ ପୂରାଇ ଦେଇ ନ ଥିଲେ। ଫଳରେ ଶିବ ଏକ ଭଡ଼ାଘରେ ରହି ଆସୁଥିଲେ। ଶିବଙ୍କ ବାପା ସରକାରୀ ଚାକିରି କରିଥିବାରୁ ପେନ୍ସନ ଓ ସରକାରଙ୍କ ସହାୟତା ରାଶିରେ ଘର କରିଥିଲେ ହେଁ ଉକ୍ତ ଘରରୁ ଶିବକୁ ବଡ଼ଭାଇ ଅଲେଖ ଭାଗ ଦେଉ ନ ଥିଲେ। ଏନେଇ ବାରମ୍ବାର ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏପରିକି ଶିବଙ୍କ ପିତାମାତା ମୃତ୍ୟୁ ପରେ ମଧ୍ୟ ସାନଭାଇକୁ ଘରକୁ ଆସିବାକୁ ଭାଇଭାଉଜ ବାରଣ କରୁଥିଲେ। ମା'ଙ୍କ ମୃତ୍ୟୁ ପରେ ଶିବ ଘରକୁ ଆସିବା ସହ ଶୁଦ୍ଧିକ୍ରିୟା ପାଇଁ କିଛି ସହାୟତା ରାଶି ଦେଇଥିଲେ ମଧ୍ୟ ବଡ଼ ଭାଇଭାଉଜ ଏହାକୁ ଗ୍ରହଣ ନ କରି ଫେରସ୍ତ କରିଦେଇଥିଲେ। ପୈତୃକ ସମ୍ପତ୍ତିରୁ ଏକ ପ୍ରକାର ଶିବଙ୍କୁ ଉଚ୍ଛେଦ କରିବା ପାଇଁ ଉଦ୍ୟମ କରାଯାଇଥିବା ତାଙ୍କ ସ୍ତ୍ରୀ ବୟାନ ରଖିଛନ୍ତି। ଏପରି କି ୫ବର୍ଷ ତଳେ ଶିବଙ୍କ ସ୍ତ୍ରୀ ସୁନିତା ଦେଢ଼ଶୁର ଅଲେଖଙ୍କ ନାମରେ ଅସଦାଚରଣ ଅଭିଯୋଗ ଆଣିଥିଲେ। ଉକ୍ତ ମାମଲା ବିଚାରାଧୀନ ଥିବାବେଳେ ଏହାକୁ ରଫାଦଫା କରିବାକୁ ଅଲେଖ ଶିବଙ୍କ ଉପରେ ଚାପ ପକାଉଥିଲେ। ହତ୍ୟାକାଣ୍ଡର ପୂର୍ବଦିନ ଶିବଙ୍କ ପରିବାରକୁ ବଡ଼ ଭାଇ ଭାଉଜ ଆକ୍ରମଣ କରିଥିବା ଶିବଙ୍କ ସ୍ତ୍ରୀ ପ୍ରକାଶ କରିଛନ୍ତି। ଏପରିକି ଶିବ ଏହି ଆକ୍ରମଣରେ ପ୍ରତିଶୋଧ ପରାୟଣ ହୋଇ ନିଜ ସ୍ତ୍ରୀଙ୍କୁ ଘରୁ ପଳାଇବା ପାଇଁ ତାଗିଦ୍ କରିବାରୁ ସେ ଭୟରେ ସେଠାରୁ ଚାଲିଯାଇଥିଲେ ବୋଲି କହିଛନ୍ତି। ହତ୍ୟାକାଣ୍ଡ ପଛରେ କେବଳ ଜମିଜମା ବିବାଦ ନା ଅନ୍ୟ କିଛି ରହିଛି କିମ୍ବା ହତ୍ୟା ଘଟଣାରେ ଆଉ କାହାର ସମ୍ପୃକ୍ତି ରହିଛି ତାହା ଶିବଙ୍କୁ ପୋଲିସ ରିମାଣ୍ଡରେ ଆଣି କ୍ରାଇମ ରିକ୍ରିଏଶନ କରିବା ପରେ ସ୍ପଷ୍ଟ ହୋଇପାରିବ ବୋଲି କୁହାଯାଉଛି।

## ଆଇନ ଶୃଙ୍ଖଳା ଆଳ ଦେଖାଇ ହାଜର ହେଲେନି ଜିଲାପାଳ

### ଏନ୍ସିଏସ୍ଟି କମିଶନଙ୍କ ନିକଟରେ ହାଜର ନିର୍ଦ୍ଦେଶ

**କଟକ ଅଫିସ, ୧୩।୪**

ଜାତୀୟ ଜନଜାତି କମିଶନ (ଏନ୍ସିଏସ୍ଟି)ଙ୍କ ନିକଟରେ କେନ୍ଦୁଝର ଜିଲାପାଳ ଆଶିଷ ଠାକରେଙ୍କୁ ବୁଧବାର ହାଜର କରାଇବାକୁ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲଙ୍କୁ ଚିଠି ହୋଇଥିଲା। ଉକ୍ତ ଚିଠିକୁ ଆଧାର କରି ପୋଲିସ ମହାନିର୍ଦ୍ଦେଶକ କ୍ରାଇମ୍ବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡାଙ୍କୁ ଜିଲାପାଳଙ୍କୁ କମିଶନଙ୍କ ନିକଟରେ ହାଜର କରାଇବାକୁ ଦାୟିତ୍ୱ ଦେଇଥିଲେ। ହେଲେ ସମ୍ପ୍ରତି କେନ୍ଦୁଝର ଜିଲାରେ ଆଇନ୍ଶୃଙ୍ଖଳା ପରିସ୍ଥିତି ଠିକ୍ ନ ଥିବାରୁ ଜିଲାପାଳ ଠାକରେଙ୍କୁ ଏନ୍ସିଏସ୍ଟିଙ୍କ ନିକଟରେ ବୁଧବାର କରାଯାଇପାରି ନାହିଁ। ଏନେଇ କମିଶନଙ୍କୁ ଅବଗତ କରାଯାଇଥିବା ଏଡିଜି ପଣ୍ଡା କହିଛନ୍ତି।

ସୂଚନା ଯୋଗ୍ୟ, ଜିଲାପାଳ ଠାକରେଙ୍କ ବିରୋଧରେ ବହୁ ଆଦିବାସୀ (ବ୍ୟକ୍ତିଗତ/ସାମୂହିକ) ଭାବେ କରିଥିବା ୮ଟି ମାମଲାରେ ଏନ୍ସିଏସ୍ଟି ପକ୍ଷରୁ ବାରମ୍ବାର ସମନ କରାଯାଇଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ଜିଲାପାଳ ହାଜର ହୋଇ ନ ଥିଲେ। ସେଥିପାଇଁ ମଙ୍ଗଳବାର ତାଙ୍କ ବିରୋଧରେ କମିଶନ ଆରେଷ୍ଟ ୱାରେଣ୍ଟ ଜାରି କରିବା ସହ ପୋଲିସ ଡିଜିଙ୍କୁ ହାଜର କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଶେଷଥର ପାଇଁ ଗତ ମାସ ୨୧ରେ କମିଶନ ପକ୍ଷରୁ ଜିଲାପାଳଙ୍କୁ ସମୟ କରାଯାଇ ୨୦୨୨ ଏପ୍ରିଲ ୪ ତାରିଖ ଅପରାହ୍ନ ୪ଟାରେ ହାଜର ହେବାପାଇଁ ଚିଠି ହୋଇଥିଲା। ହେଲେ ସେ ହାଜର ନ ହେବାରୁ ଜାତୀୟ ଜନଜାତି କମିଶନ ଭାରତ ସମ୍ବିଧାନର ସିଭିଲ କୋଡ୍ ୩୩୮/(ଏ)ର ଧାରା ୮ ଅନୁଯାୟୀ ମଙ୍ଗଳବାର ଆରେଷ୍ଟ ୱାରେଣ୍ଟ ଚିଠି ଜାରି କରିଥିଲେ। ବ୍ୟକ୍ତିଗତ ଓ ସାମୂହିକ ୮ଟି ମାମଲାରେ କମିଶନ ଜିଲାପାଳଙ୍କୁ ପକ୍ଷ କରି ସମନ କରିଥିଲେ।

## ଝାମୁଯାତ୍ରା ବେଳେ ଗୋଷ୍ଠୀ ସଂଘର୍ଷ

**ଖୋର୍ଦ୍ଧା ଅଫିସ, ୧୩।୪**

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ କେରଙ୍ଗ ପଞ୍ଚାୟତର ଦିବ୍ୟସିଂହପ୍ରସାଦ ଗ୍ରାମରେ ବୁଧବାର ଝାମୁଯାତ୍ରାରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଗାଁ ଦାଣ୍ଡରେ ଝାମୁଯାତ୍ରା ଚାଲିଥିବାବେଳେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକେ ଏହାକୁ ବିରୋଧ କରିବା ସହ ଦଣ୍ଡୁଆମାନଙ୍କୁ ଆକ୍ରମଣ କରିଛନ୍ତି। ଫଳରେ ସମ୍ପୃକ୍ତ ଗୋଷ୍ଠୀ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଏ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଗଣ୍ଡଗୋଳରେ କେତେଜଣ ବ୍ୟକ୍ତି ଆହତ ହୋଇଥିବାବେଳେ ସମ୍ପୃକ୍ତ ଗୋଷ୍ଠୀ ଝାମୁଦଣ୍ଡ ଓ ବାଦ୍ୟଯନ୍ତ୍ର ସମେତ ଅନ୍ୟାନ୍ୟ ସାମଗ୍ରୀ ଭାଙ୍ଗି ନଷ୍ଟ କରିଦେଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ଏହି ବିବାଦ ଯୋଗୁ ପୁରୁଣା ପରମ୍ପରା ଭଙ୍ଗ ହେବା ସହ ଝାମୁଯାତ୍ରା ବନ୍ଦ ହୋଇଯାଇଛି। ସନ୍ଧ୍ୟା ସାଢେ ୬ଟାରେ ୪୦ରୁ ଊର୍ଦ୍ଧ୍ୱ ଦଣ୍ଡୁଆ ଓ ଗ୍ରାମବାସୀ ଏତଲା ଦେବା ସହ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ଘେରାଉ କରିଥିଲେ। ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଥିବାରୁ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପୋଲିସ ମୁତୟନ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।


## ZILLA SWASTHYA SAMITI, ANGUL
**O/O- CDM & PHO cum District Mission Director, Angul**

### TENDER CALL NOTICE FOR HIRING OF VEHICLE

**No. 717** **Date: 12.04.2022**

No.E-08:- Sealed tenders are invited from the Registered Agencies, firms or Individuals of the district or other district for hiring of commercial light diesel/petrol vehicles with & without A/C towards engagement for **Mobile Vision Centre SUNETRA** on monthly hiring basis. Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website **ie. www.angul.nic.in**. The undersigned reserves the rights to reject any or all the tenders without assigning any reason thereof. The proposed date of opening of bidding documents/ finalisation of the same may change in case of any emergency/ exigency.

**Sd./- CDM & PHO Cum District Mission Director, Angul**
OIPR-10174/11/0001/2223

## Bhubaneswar Smart City Limited
**Block - 1, 5th Floor, BMC- Bhawani Mall, Saheed Nagar, Bhubaneswar-751007,**
**E-mail id: bbsr.bscl@gmail.com,**
**CIN: U749900R201 6PLC0200 16**
**Telephone-0674-2548428 FAX:0674-2540811**

Bid Notification No. /BSCL/ - 817 Date: 11/04/2022

### Notice Inviting Request for Proposal

**No.C-66:**The Bhubaneswar Smart City Limited (BSCL) invites proposal for Selection of Agency for Providing Self Defence Training to Adolescent Girls from slums of Bhubaneswar under Bhubaneswar Municipal Corporation area.

**How to apply:** Interested agency can download the document RFP form the official website of Bhubaneswar Smart City Limited (BSCL), https://www.smartcitybhubaneswar.gov.in. Duly filled in bid documents must be inserted in sealed envelope along with applicant's name and address in the left - hand corner, superscribed as mentioned in the RFP and should be sent to the office of Bhubaneswar Smart City Limited (BSCL) located in Block-1, 5th Floor, BMC, Bhawani Mall, Saheed Nagar-751007 through post /courier on or before dated 05/05/2022 by 3.00 PM.

**Sd./-General Manager (Social Project)**
**Bhubaneswar Smart City Limited**
**OIPR-13070/11/0001/2223**

## BHUBANESWAR DEVELOPMENT AUTHORITY
**AKASH SHOVA BUILDING, SACHIVALAYA MARG, BHUBANESWAR - 751001**
**PABX No.0674-2392801 / 0998 / 6437, FAX No.0674-2390633 / 085**
**Visit us at: http://www.bda.gov.in/**

### INVITATION FOR BIDS

**Bid Identification No. 356//EM/BDA/2022-23 Dt:11.04.2022**

**No.CAD-134:**The Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in double cover system in ONLINE MODE only from the eligible Bidders for Road work as mentioned below:

1. Name of work : Road works
2. Total No. of work : 07(Seven) Nos.
3. Estimated cost : Rs.110.85 Lakh to Rs.448.05 Lakh
4. Class of Contractor : 'B' & 'A' Class,'A' & Special
5. Period of Completion : 06(six) Months to 09(Nine) Months
6. Cost of Bid Documents for each work : Rs. 10,000.00 + 12% GST= Rs. 11,200.00
7. Earnest Money Deposit (EMD) : Bid Security declaration
8. Availability of Tender : From 20.04.2022 to 5.00 P.M. of 30.04.2022 in the website
9. Place of opening of Tender : As per IFB

Further details can be seen from the website: https://tendersodisha.gov.in. as well as in BDA website: https://bda.gov.in. Any addendum/corrigendum/cancellation of tender can also be seen in the said website.

**Sd./- Engineer Member, BDA, Bhubaneswar**
**OIPR-13033/11/0021/2223**


## ODISHA PUBLIC SERVICE COMMISSION CUTTACK
### NOTICE

**No. 3427/PSC, dt. 12.2.22**
**(1R-15-21-22) (DR-V)**

**No. D-14:-** It is for information of all concerned that, pursuant to the advertisement No. 08 of 2020-2021, **114 (one hundred fourteen)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, "Education"**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack - 753001 on **25.04.2022, 26.04.2022, 27.04.2022 & 28.04.2022** as per the programme mentioned below.

**PROGRAMME OF DOCUMENT VERIFICATION**

| Date | Time | PPSAN |
|---|---|---|
| 25.04.2022 | 10.30 A.M. | 00079344, 00087669, 00087715, 00090596, 00077392, 00077479, 00081809, 00086670, 00086801, 00087096, 00089480, 00091437, 00094658, 00095631, 00097379, 00079725, 00085583 & 00086197 = 18 Candidates. |
| | 02.30 P.M. | 00087422, 00091703, 00092185, 00096129, 00096238, 00097660, 00098169, 00102441, 00086727, 00087535, 00076998 & 00077544 = 12 Candidates. |
| 26.04.2022 | 10.30 A.M. | 00077879, 00078494, 00079438, 00086134, 00087269, 00087768, 00088294, 00088770, 00089190, 00089962, 00091005, 00092092, 00093473, 00093615, 00096722, 00095817, 00096964 & 00093758 = 18 Candidates. |
| | 02.30 P.M. | 00076886, 00091804, 00085884, 00089271, 00090988, 00093045, 00095699, 00097572, 00097804, 00079467, 00093548 & 00095358 = 12 Candidates |
| 27.04.2022 | 10.30 A.M. | 00096504, 00100886, 00101891, 00087514, 00093361, 00090935, 00094447, 00086893, 00096826, 00083142, 00020803, 00089120, 00094550, 00095086, 00092559, 00098187, 00091934 & 00095388 = 18 Candidates. |
| | 02.30 P.M. | 00094482, 00094891, 00089094, 00091838, 00093540, 00079732, 00089399, 00041498, 00087335, 00070369, 00090347 & 00091291 = 12 Candidates |
| 28.04.2022 | 10.30 A.M. | 00078441, 00093719, 00016759, 00084438, 00096145, 00097018, 00086308, 00086937, 00088866, 00048910, 00059174, 00059442, 00061049, 00071605 & 00078183 = 15 Candidates. |
| | 02.30 P.M. | 00088329, 00088774, 00089797, 00040051, 00087704, 00058692, 00077962, 00078816 & 00088099 = 09 Candidates |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Five passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
5. **One set** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

OIPR-12002/11/0014/2223 **Sd./- Secretary**


GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, CUTTACK
**At/P.O.: Nuabazar, Dist.- Cuttack - 753004, Phone: 0671-2443399, email id: serw_ctc@yahoo.com**

**NIT No. Tender Online RCK - 4/22** **Letter No. 1136** **Date: 11.04.2022**

### E-PROCUREMENT NOTICE

No. O-58: The Chief Construction Engineer, R.W. Circle, Cuttack on behalf of Odisha State Rural Road Agency invites the percentage rate bids in electronic tendering system for construction of roads under Pradhan Mantri Gram Sadak Yojana in the districts of Cuttack and Jagatsinghpur for 90 (Ninty) number of packages with estimated cost totaling to Rs.348.20 Cr. (Approximately) including their maintenance for five years from the eligible contractors registered with State PWD/CPWD/MES/ Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement: Dtd.20.04.2022.

**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) Original Bid Security declaration and (c) Original affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with Chief Construction Engineer, R.W. Circle, Cuttack on a date not later than three working days after the opening of technical qualification part of the Bid, either by Registered Post or by Hand, failing which the bids shall be declared non-responsive.

**Summary for key dates is provided below:**

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender RCK - 4/22 | 20.04.2022 at 11.00 A.M. | 10.05.2022 to 5.00 P.M. | 09.05.2022 upto 5.00 P.M. | 11.05.2022 at 11.00 A.M. | 23.05.2022 at 11.00 A.M. |

Date of submission of original documents such as Bid Security Declaration, Cost of Bid document and affidavit: Dt.11.05.2022 at 11.30 A.M. to 13.05.2022 at 05.30 P.M.

Further details can be seen from the website **www.pmgsytenders.gov.in**.

**OIPR-25097/11/0003/2223** **Sd./- Chief Construction Engineer, Rural Works Circle, Cuttack**


## ODISHA PUBLIC SERVICE COMMISSION CUTTACK
### NOTICE

**No. 3401/PSC, Dt. 12.4.22**
**(2PE-07-21/22) (DR-I)**

**No. D-15:-** It is for information of all concerned that, pursuant to the advertisement No. 09 of 2021-2022, **31 (Thirty one)** candidates bearing following PPSAN have been allowed to face the interview to determine their eligibility for recruitment to the post of **Assistant Professor, Teacher Education (Geography)**. The Interview in respect of the following candidates will be held in the office of the Commission at 19, Dr. P.K. Parija Road, Cuttack - 753001 on **29.04.2022 & 30.04.2022** as per the programme mentioned below.

**PROGRAMME OF INTERVIEW**

| Date | Time of Interview | PPSAN of candidates |
|---|---|---|
| 29.04.2022 | 10.30 A.M. | 00080356, 00112051, 00075577, 00093148, 00093046, 00094806, 00097761, 00097145, 00100522, 00090759 = 10 candidates |
| | 02.45 P.M. | 00090587, 00097776, 00087355, 00077754, 00044278, 00058846 = 06 Candidates |
| 30.04.2022 | 10.30 A.M. | 00086600, 00097690, 00094359, 00089163, 00056398, 00059289, 00079860, 00112526, 00066618, 00047656 = 10 candidates |
| | 02.45 P.M. | 00052369, 00086548, 00094863, 00112392, 00026420 = 05 Candidates |

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are further advised to report in the office of the Commission **half an hour before the commencement of interview** on the scheduled date & time as mentioned above.

THE CANDIDATES ARE FURTHER ADVISED TO BRING THREE SETS OF XEROX COPIES OF PUBLISHED RESEARCH PAPERS AS EARLIER PRODUCED DURING VERIFICATION.

**NOTE:- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

OIPR-12002/11/0015/2223 **Sd./- Secretary**

## ODISHA PUBLIC SERVICE COMMISSION CUTTACK
### NOTICE

**No. 3415/PSC, Dt. 12.4.22**
**(2PE-09-21/22) (DR-I)**

**No. D-12:-** It is for information of all concerned that, pursuant to the advertisement No. 09 of 2021-22, **48 (Forty eight)** candidates bearing following PPSAN have been allowed to face the interview to determine their eligibility for recruitment to the post of **Assistant Professor, Teacher Education (Mathematics)**. The Interview in respect of the following candidates will be held in the office of the Commission at 19, Dr. P.K. Parija Road, Cuttack - 753001 on **26.04.2022, 27.04.2022 & 28.04.2022** as per the programme mentioned below.

**PROGRAMME OF INTERVIEW**

| Date | Time of Interview | PPSAN of candidates |
|---|---|---|
| 26.04.2022 | 10.30 A.M. | 00086869, 00095802, 00087296, 00081846, 00090517, 00092555, 00097555, 00094740, 00091284, 00112762 = 10 candidates |
| | 02.45 P.M. | 00093213, 00094743, 00112524, 00092584, 00094998, 00110726 = 06 Candidates |
| 27.04.2022 | 10.30 A.M. | 00089332, 00112492, 00059142, 00111182, 00086217, 00091151, 00028594, 00089454, 00097351, 00094179 = 10 candidates |
| | 02.45 P.M. | 00111545, 00086829, 00095431, 00086902, 00089229, 00090881 = 06 Candidates |
| 28.04.2022 | 10.30 A.M. | 00101373, 00089147, 00086822, 00051072, 00090533, 00092266, 00097129 , 00058447, 00037067, 00087297 = 10 candidates |
| | 02.45 P.M. | 00089403, 00112649, 00112846, 00046260, 00112783, 00040051 = 06 candidates |

Note:- It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the office of the Commission **half an hour before the commencement of interview** on the scheduled date & time as mentioned above.

THE CANDIDATES ARE FURTHER ADVISED TO BRING THREE SETS OF XEROX COPIES OF PUBLISHED RESEARCH PAPERS AS EARLIER PRODUCED DURING VERIFICATION.

**NOTE:- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISION FOR THE PURPOSE.**

OIPR-12002/11/0012/2223 **Sd./- Secretary**

## ୪ ଚୋରା ମଦ ବେପାରୀ ଗିରଫ

ସୋର, (ଡି.ଏନ.ଏ.): ସୋର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦେଶୀ ଏବଂ ବିଦେଶୀ ମଦ ଜବତ କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। ସୋର ଅବକାରୀ ଅଧିକାରୀ ଲକ୍ଷେସାଧବ ପ୍ରଧାନ, ନୀଳଗିରି ରେଞ୍ଜ ଆଇଆଇସି ନାରାୟଣ ବେହେରା ଏବଂ ଖଇରା ଅବକାରୀ ଅଧିକାରିଣୀଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲେ। ଗିରଫମାନେ ହେଲେ ହଂସିପାଟଣା ଗ୍ରାମର ରବୀନ୍ଦ୍ର ବିଶ୍ୱାଳ, ବଣବିଷ୍ଣୁପୁର ଗ୍ରାମର ମାଧବାନନ୍ଦ ମହାନ୍ତି, ସିମୁଳିଆ ଥାନା ମଇତାପୁର କଇଁଗଡ଼ିଆ ଗ୍ରାମର ଲମ୍ବୋଦର ସିଂ, ସଞ୍ଜୁଲତା ରାଉତ।

## ସଂକ୍ଷେପରେ

### ହୋଟେଲରୁ ମଦ ଜବତ: ୬ ଗିରଫ

ବାଙ୍ଗିରିପୋଷି,୧୩।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ପୋଲିସର ସ୍ୱତନ୍ତ୍ର ଟିମ୍ ବାଙ୍ଗିରିପୋଷି ଥାନା ଅଧୀନ ଦୁଇଟି ହୋଟେଲରେ ଚଢ଼ାଉ କରି ୨୧୦ ଲିଟର ବିଦେଶୀ ମଦ ଜବତ ସହ ୬ ଜଣଙ୍କୁ ଗିରଫ କରିଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଡିଏସ୍‌ପି ଉପାସନା ପାଢ଼ୀ ସୋମବାର ରାତିରେ ୧୮ ନଂ.ଜାତୀୟ ରାଜପଥର ବୁଢ଼ାମରା ସ୍ଥିତ ହୋଟେଲ ଅନିତାରେ ପହଞ୍ଚି ଖାଇବାକୁ ଅର୍ଡର କରିଥିଲେ। ଦଳର ଜଣେ କର୍ମଚାରୀ ଉକ୍ତ ହୋଟେଲରେ ବେଆଇନ ଭାବେ ଚାଲୁଥିବା ବାର୍‌କୁ ଯାଇ ମଦ ମାଗିଥିଲେ। ବାର୍ କର୍ମଚାରୀ ମଦ ଦେବା ସମୟରେ ଦଳର ଅନ୍ୟ ସଦସ୍ୟମାନେ ଚଢ଼ାଉ କରି ୧୭୫ ଲିଟର ମଦ ଜବତ କରିବା ସହ ୪ କର୍ମଚାରୀଙ୍କୁ ଗିରଫ କରିଥିଲେ। ସେହିପରି ଅନ୍ୟ ଏକ ଟିମ୍ ଶିମିଳା ଛକ ସ୍ଥିତ ହୋଟେଲ ରାଜରେ ଚଢ଼ାଉ କରି ୩୫ ଲିଟର ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଏନେଇ ବାଙ୍ଗିରିପୋଷି ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ବିମ୍ବାଧର ନାଏକ,ଦେବବ୍ରତ ସାହୁ, ବଳିଆ ଧଡ଼ା, ସନ୍ତୋଷ ନନ୍ଦ,ସପନ ନାଏକ, ପୃଥ୍ୱିରାଜ ଗୋଛାୟତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।

### ଶନି ମନ୍ଦିର ବାର୍ଷିକ ଉତ୍ସବ ପାଇଁ ବ୍ୟାପକ ବ୍ୟବସ୍ଥା

କେନ୍ଦୁଝର, ୧୩।୪(ଡି.ଏନ୍.ଏ.): କେନ୍ଦୁଝର ସହରର ପାୱାର ହାଉସ ପୋଖରୀ ପ୍ରାଙ୍ଗଣରେ ଥିବା ଶନି ମନ୍ଦିରର ବାର୍ଷିକ ଉତ୍ସବ ପାଇଁ ବ୍ୟାପକ ବ୍ୟବସ୍ଥା ହେଉଥିବା ଜଣାପଡିଛି। ପଣା ସଂକ୍ରାନ୍ତି ଦିନ ବାର୍ଷିକ ଉତ୍ସବ ପାଳିତ ହେବାକୁ ଯାଉଥିବାବେଳେ ଏହି ଅବସରରେ ଯଜ୍ଞ, ଅଷ୍ଟପ୍ରହରୀ, ଚଣ୍ଡିପାଠ ଏବଂ ପ୍ରସାଦ ସେବନର ବ୍ୟବସ୍ଥା କରାଯାଉଛି। ପ୍ରଥମ ବାର୍ଷିକୀ ପାଳନ ସମୟରେ ଭକ୍ତ କିପରି ଶାନ୍ତି ଶୃଙ୍ଖଳା ସହିତ ଦର୍ଶନ କରିପାରିବେ ସେ ବାବଦରେ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରୁଥିବା ସୂଚନା ମିଳିଛି।

### ଛେଳି ପାଳନ ପାଇଁ ପ୍ରୋତ୍ସାହନ

ଚମ୍ପୁଆ, ୧୩।୪(ଡି.ଏନ୍.ଏ): ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ଛେଳି ପାଳନ ନିମନ୍ତେ ପ୍ରୋତ୍ସାହିତ କରାଯାଉଛି। ଏ ନେଇ ଚମ୍ପୁଆ ପ୍ରାଣୀଧନ ଚିକିତ୍ସାଳୟ ପକ୍ଷରୁ ୨ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଛେଳି ଚାଷ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ପ୍ରାଣୀଧନ ଚିକିତ୍ସକ ରଘୁନାଥ ଜେରେଇ ଜଜପଶି ପଞ୍ଚାୟତ ନୂଆଗାଁର ସିଂହ ବାହିନୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଜାଲି ପଞ୍ଚାୟତ ଟାଙ୍ଗରବନ୍ତଲାର ସରସ୍ୱତୀ ବିଶ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠିକୁ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ତରଫରୁ ଉକ୍ତ ଗୋଷ୍ଠୀଙ୍କୁ ୬୦ ପ୍ରତିଶତ ସବ୍‌ସିଡି ପ୍ରଦାନ କରାଯିବ ବୋଲି ଜଣାଯାଇଛି।

### ବିସ୍ଫୋରଣରେ ବଳଦ ଗୁରୁତର
### ବାରହା ଶିକାର ପାଇଁ ବସା ଯାଇଥିଲା ଫାଶ

ବାରିପଦା ଅଫିସ/ ବୈଶିଙ୍ଗା, ୧୩।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବେତନଟୀ ଥାନା ଶାଳବଣି ସାମିଲ ନହଣ୍ଡାଶୋଳ ପଞ୍ଚାୟତର ଭାଲୁବସା ଗ୍ରାମରେ ବୁଧବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବାରହା ଶିକାର ପାଇଁ ଜଙ୍ଗଲ ସଂଲଗ୍ନ ଜଳାଶୟରେ ବସାଯାଇଥିବା ଫାଶରେ ରଖାଯାଇଥିବା ବିସ୍ଫୋରକ ପଦାର୍ଥରେ ବିସ୍ଫୋରଣ ଘଟି ଏକ ବଳଦ କ୍ଷତାକ୍ତ ହୋଇଛି। ଚନ୍ଦ୍ର ମୋହନ ମହାନ୍ତଙ୍କ ବଳଦ ପାଣି ପିଇବାକୁ ଯାଇ ବିସ୍ଫୋରକକୁ ଖାଇବା ଦ୍ୱାରା ଦୁର୍ଘଟଣାର ଶିକାର ହୋଇଥିଲା। ଫଳରେ ତା' ମୁହଁରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ବଳଦକୁ ନିକଟସ୍ଥ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଉଛି। ଏ ସମ୍ପର୍କରେ ବେତନଟୀ ରେଞ୍ଜର ଘନଶ୍ୟାମ ସିଂଙ୍କୁ ପଚାରିବାରୁ ସେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ହେଁ ଫାଶ ବସାଇଥିବା ବ୍ୟକ୍ତିଙ୍କ ସନ୍ଧାନ ମିଳି ପାରିନାହିଁ। ତେବେ ଆଇନ ଅନୁଯାୟୀ ନିଶ୍ଚିତ ଭାବରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ଅଟୋ ଓଲଟି ଜେଇ ଗୁରୁତର

ସୋର, ୧୩।୪(ଡି.ଏନ୍.ଏ.): ଜାତୀୟ ରାଜପଥ ସୋର ତହସିଲ ନିକଟରେ ଏକ ଅଟୋ ଓଲଟି ପଡ଼ିବାରୁ ଖଇରା ବ୍ଲକରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ସ୍ମିତାରାଣୀ ଦାସ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ସୋର ଡାକ୍ତରଖାନା ଓ କଟକ ସ୍ଥାନାନ୍ତରିତ ହୋଇଛନ୍ତି। ଅଟୋ ଡ୍ରାଇଭର ଆହତ ଅବସ୍ଥାରେ ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅଟୋ ଆଗକୁ ଏକ ଷଣ୍ଢ ଆସିଯିବାରୁ ଭାରସାମ୍ୟ ହରାଇ ରାସ୍ତାକଡ଼ ନାଳକୁ ଓଲଟି ପଡ଼ିଥିଲା।

# ପ୍ରଶାସନ ଉପସ୍ଥିତିରେ ଲାଗିବ ହନୁମାନ ଝଣ୍ଡା

## ଶାନ୍ତି ଫେରାଇ ଆଣିବାକୁ ସଦ୍‌ଭାବନା କମିଟି ଗଠିତ

ଯୋଡ଼ା, ୧୩।୪ (ଡି.ଏନ.ଏ.)


ସଦ୍‌ଭାବନା କମିଟି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଶିବ ମନ୍ଦିରରେ ହନୁମାନ ଝଣ୍ଡା ଲଗାଇବାକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ଗୋଷ୍ଠୀ ସଂଘର୍ଷ ଯୋଗୁ କେନ୍ଦୁଝର ଜିଲା ଯୋଡା ସହର ବୁଧବାର ମଧ ସ୍ୱାଭାବିକ ହୋଇପାରିନାହିଁ। ଶାନ୍ତି ଫେରାଇ ଆଣିବା ପାଇଁ ପ୍ରଶାସନ ପ୍ରୟାସ ଆରମ୍ଭ କରିଛି। ବୁଧବାର ଯୋଡା ପୌରପାଳିକା କାର୍ଯ୍ୟାଳୟ ସଭାଗୃହରେ ପ୍ରଶାସନ ପକ୍ଷରୁ ବୈଠକ ଡକାଯାଇ ଏକ ସଦ୍‌ଭାବନା କମିଟି ଗଠନ କରାଯାଇଥିଲା। ଏଥିରେ ଉଭୟ ଗୋଷ୍ଠୀର ପ୍ରତିନିଧି, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକଙ୍କ ସମେତ ପ୍ରଶାସନିକ ଓ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର, ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରୀତିମୟ, ବଡ଼ବିଲ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଦାମ ଚରଣ ସାହୁ, ବଡ଼ବିଲ ଏସ୍‌ଡିପିଓ ହିମାଂଶୁ ଭୂଷଣ ବେହେରା, ଯୋଡ଼ା ଥାନା ଅଧିକାରୀ ପଦ୍ମାଳୟା ସାହୁ, ଯୋଡ଼ା ପୌରପାଳିକା ଅଧକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ସହରରେ ଶାନ୍ତି ଆଣିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା। ବୁଧବାର ହନୁମାନ ଝଣ୍ଡା ଯୋଡା ମାର୍କେଟସ୍ଥିତ ଶିବ ମନ୍ଦିରରେ ଲଗାଇବା ଉପରେ ଆଲୋଚନା କରାଯାଇଥିଲା। ଉଭୟ ଗୋଷ୍ଠୀର ସହମତି ପରେ ହନୁମାନ ଝଣ୍ଡା ଗୁରୁବାର ସକାଳ ୯ଟା୩୦ରୁ ୧୦ଟା ମଧ୍ୟରେ ପ୍ରଶାସନିକ ଅଧିକାରୀ ଓ ପୋଲିସ ଉପସ୍ଥିତିରେ ବିନା ସ୍ଲୋଗାନ, ଘଣ୍ଟବଜା ଏବଂ ନିର୍ଦ୍ଧାରିତ ରାସ୍ତାରେ ଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଉଭୟ ଗୋଷ୍ଠୀର ୪ଜଣ ଲେଖାଏଁ ସଦସ୍ୟ ରହିବେ ଏବଂ ଏସ୍‌ପିଙ୍କ ଉପସ୍ଥିତିରେ କାର୍ଯ୍ୟ ସମ୍ପାଦନ କରାଯିବ। ସନ୍ଧ୍ୟାରେ ରାମ ମୂର୍ତ୍ତି ବିସର୍ଜନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ସମୁଦାୟ ୭ଟି ବିଭିନ୍ନ ଏଜେଣ୍ଡା ଉପରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ଉଭୟ ଗୋଷ୍ଠୀର ପ୍ରତିନିଧିମାନେ ସହରରେ ଶାନ୍ତି ବଜାୟ ରଖିବା ପାଇଁ ପ୍ରଶାସନ ତରଫରୁ ଯେଉଁ ନିଷ୍ପତ୍ତି ନିଆଯିବ ତାହାକୁ ସେମାନେ ପୂରଣ କରିବେ ବୋଲି କହିଥିଲେ। ମଙ୍ଗଳବାର ରାତିରେ ଯେଉଁ ଅପ୍ରୀତିକର ପରିସ୍ଥିତି ଉପୁଜିଲା ଓ ପୋଲିସ ଉପରେ ଆକ୍ରମଣ କରାଯାଇଥିଲା ସେଥିପ୍ରତି ଉଭୟ ଗୋଷ୍ଠୀର ପ୍ରତିନିଧିମାନେ ସଚେତନ ହେବା ପାଇଁ ସଭାରେ ଆଲୋଚନା ହୋଇଥିଲା। ସହରରେ ଲଗାଯାଇଥିବା ୧୪୪ଧାରାକୁ ସାମୟିକ ଭାବେ କୋହଳ କରାଯାଇଥିଲା। ମାତ୍ର ପୁନର୍ବାର ଉକ୍ତ ରାତିରେ ଉତ୍ତେଜନା ଘଟିବାରୁ ପ୍ରଶାସନ ପକ୍ଷରୁ ୧୪୪ଧାରାକୁ ବୃଦ୍ଧି କରାଯାଇ ଆସନ୍ତା ଶୁକ୍ରବାର ୧୦ଟା ପର୍ଯ୍ୟନ୍ତ ରଖାଯାଇଛି। ସ୍କୁଲ, କଲେଜ ମଧ ବନ୍ଦ ରହିଛି। ସମଗ୍ର ଜିଲାରେ ଇଣ୍ଟରନେଟ ସେବାକୁ ପ୍ରଶାସନିକ ସ୍ତରରେ ଯେଉଁ ବନ୍ଦ କରାଯାଇଛି ତାହାକୁ ଏସ୍‌ପି ମହାପାତ୍ର, ଜିଲାପାଳ ଆଶିଷ ଠାକ୍‌ରେଙ୍କ ସହ ଆଲୋଚନା କରି ବୁଧବାର ରାତି ୧୨ଟା ପରେ ସେବା ସକ୍ରିୟ କରିବା ପାଇଁ ପ୍ରସ୍ତାବ ଦେବେ ବୋଲି ବୈଠକରେ ଏସ୍‌ପି ପ୍ରକାଶ କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ପୂଜାପାର୍ବଣରେ ଏସ୍‌ପି ଓ ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ ଗଠିତ ସଦ୍‌ଭାବନା କମିଟିର ନିଷ୍ପତ୍ତି ଅନୁଯାୟୀ ପାଳନ କରାଯିବ। ଶେଷରେ ଉଭୟ ଗୋଷ୍ଠୀର ପ୍ରତିନିଧିମାନେ ଭାଇଚାରାର ନିଦର୍ଶନ ସ୍ୱରୂପ ପରସ୍ପର ମଧ୍ୟରେ ହାତ ମିଳାଇଥିଲେ। ସହରରେ ଶାନ୍ତିଶୃଙ୍ଖଳା ପାଇଁ ପ୍ରଶାସନ ପକ୍ଷରୁ ୧୬ପ୍ଲାଟୁନ ଫୋର୍ସ ସହ ବିଭିନ୍ନ ଉଚ୍ଚ ପଦାଧିକାରୀ ଉପସ୍ଥିତ ରହି ସହରରେ ପରିସ୍ଥିତି ଉପରେ ନଜର ରଖିଛନ୍ତି।

# ନୀଳଗିରି ୧୨ ଘଣ୍ଟା ବନ୍ଦ

ସଜନାଗଡ଼, ୧୩।୪(ଡି.ଏନ.ଏ.)

### ଖବରଦାତାଙ୍କ ଗୋଡ଼ରେ ବେଡି ଘଟଣା

ନୀଳଗିରି ଅଞ୍ଚଳର ଖବରଦାତା ଲୋକନାଥ ଦଳେଇଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ଗୋଡ଼ରେ ବେଡ଼ି ପକାଇ ଆକ୍ରୋଶମୂଳକ ଭାବେ ବିଭିନ୍ନ ମାମଲାରେ ଛନ୍ଦିବା ପ୍ରତିବାଦରେ ବୁଧବାର ନୀଳଗିରି ଉପଖଣ୍ଡ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଖବରଦାତାଙ୍କ ପରିବାରକୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ, ତାଙ୍କ ବିରୋଧରେ ହୋଇଥିବା ମିଥ୍ୟା ମାମଲା ପ୍ରତ୍ୟାହାର, ଆଇଆଇସି ଦ୍ରୌପଦୀ ଦାସ ଓ ଏସ୍‌ଆଇ ସୁବର୍ଣ୍ଣ ବେହେରାଙ୍କୁ ନିଲମ୍ବନ ସହ ଅପରାଧିକ ମାମଲା ରୁଜୁ କରି ଗିରଫ କରାଯିବା ପାଇଁ ଦାବି ହୋଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି କୁହାଯାଇଛି। ଏହି ବନ୍ଦକୁ ସବୁ ବର୍ଗର ଲୋକେ ସହଯୋଗ ଦେଇଥିଲେ।

ଶିକ୍ଷାନୁଷ୍ଠାନ ଓ ଜରୁରୀକାଳୀନ ସେବାକୁ ଛାଡ଼ି ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବ୍ୟାଙ୍କ, କୋର୍ଟ, କଚେରୀ, ଯାନବାହାନ, ଦୋକାନ ବଜାର ବନ୍ଦ ରହିଥିଲା। କ୍ରିୟାନୁଷ୍ଠାନ କମିଟିର ବହୁ ସଦସ୍ୟ ଧାରଣାସ୍ଥଳରେ ଉପସ୍ଥିତ ରହି ମତାମତ ଦେଇଥିଲେ। ନୀଳଗିରି ପୋଲିସ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗଣତନ୍ତ୍ରର କଣ୍ଠରୋଧ କରିବାକୁ ପ୍ରୟାସ କରିଛି ବୋଲି ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ କହିଥିଲେ। ସେହିପରି ଚାକିରିରୁ ବଦଳି କାର୍ଯାନୁଷ୍ଠାନ ନୁହେଁ ବରଂ ଏହା ଏକ ଆଶୀର୍ବାଦ ବୋଲି ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ କହିଥିଲେ। ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ହେବା ଦରକାର ବୋଲି ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା କହିଥିଲେ। ଆଇନକୁ ସମ୍ମାନ ଦିଆଯିବା ଉଚିତ୍ କିନ୍ତୁ ବେଆଇନକୁ ପ୍ରଶ୍ରୟ ଦିଆଯିବା ଉଚିତ୍ ନୁହେଁ ବୋଲି ରାଣୀ ସାହେବା ମନୋଜା ମଞ୍ଜରୀ ଦେବୀ କହିଥିଲେ।


ନୀଳଗିରି ଉପଖଣ୍ଡ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବନ୍ଦ ପାଳନ କରାଯାଉଛି।

# ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ


ବୈଠକରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୌରାଧକ୍ଷା ନିବେଦିତା ବେହେରା ଓ ଅନ୍ୟମାନେ।

ବାସୁଦେବପୁର, ୧୩।୪ (ଡି.ଏନ.ଏ.)

### ନିର୍ବାଚନ ପରେ ପୌରପାଳିକାର ପ୍ରଥମ ବୈଠକ

ନିର୍ବାଚନ ପରେ ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ପ୍ରଥମ ବୈଠକ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ନବନିର୍ବାଚିତ ପୌରାଧକ୍ଷା, ଭାଇସ୍ ଚେୟାରମ୍ୟାନ ଓ କାଉନ୍‌ସିଲରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୌରାଧକ୍ଷା ନିବେଦିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ନବନିର୍ବାଚିତ ପ୍ରତିନିଧି ଓ ପୌରାଧକ୍ଷାଙ୍କୁ ପୌରପାଳିକାର ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ କହିଥିଲେ। ୨୩ ୱାର୍ଡରେ ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପ ଓ ନୂଆ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ନିର୍ବାଚିତ ପ୍ରତିନିଧି ଓ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ପୌରପାଳିକାର ସର୍ବାଙ୍ଗୀନ ବିକାଶ ଦିଗରେ ଧ୍ୟାନ ଦିଆଯିବ ବୋଲି ପୌରାଧକ୍ଷା ବେହେରା ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ସୁରେଶ ମହାନ୍ତି, ଭାଇସ୍ ଚେୟାରମ୍ୟାନ ଉତ୍ତମ ବାରିକ, ବାସୁଦେବପୁର ଡାକ୍ତରଖାନାର ମୁଖ୍ୟ ଚିକିତ୍ସକ ଡା. ସୁଶାନ୍ତ ସାମନ୍ତ, ପୌର ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଇଣ୍ଟରନେଟ୍ ସେବା ବ୍ୟାହତ: ଲୋକେ ହଇରାଣ

କେନ୍ଦୁଝର, ୧୩।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ୨୪ଘଣ୍ଟା ନେଟୱର୍କ ବନ୍ଦ ଯୋଗୁ ଜନଜୀବନ ବ୍ୟତିବ୍ୟସ୍ତ ହୋଇପଡ଼ିଛି। ଡିଜିଟାଲ କାରବାର ଉପରେ ଲୋକେ ନିର୍ଭର କରୁଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୋବାଇଲରେ ସୂଚନା ଆଦାନ ପ୍ରଦାନ ମଧ ଠପ୍ ହୋଇଛି। ସେହିପରି ବ୍ୟାଙ୍କ ସେବା, ଅଫିସ କାମ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାବେଳେ ପିଲାଙ୍କ ଅନ୍‌ଲାଇନ୍ ପାଠପଢ଼ା ବ୍ୟାହତ ହୋଇଛି। ଖଣିଖାଦାନ ଅଞ୍ଚଳରେ ନେଟ୍ ସମସ୍ୟା ଯୋଗୁ ଲୁହାପଥର ପରିବହନ ପାଇଁ ଟ୍ରକ୍‌ରେ ଲାଗିଥିବା ଜିପିଏସ୍ ସର୍ଭିସ କାମ କରୁନାହିଁ। ବ୍ୟବସାୟିକ ନେଣଦେଣ ବନ୍ଦ ହୋଇଯାଇଥିବାରୁ କୋଟି କୋଟି ଟଙ୍କା ବ୍ୟବସାୟିକ କ୍ଷତି ହୋଇଥିବାବେଳେ ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ଘଟିଛି। ଅନେକ ଲୋକ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡକୁ ଯାଇ ନେଟୱର୍କ ବ୍ୟବହାର କରି କାମ ଚଳାଉଛନ୍ତି। ଫଳରେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଟଙ୍କା ଜମା କରିପାରୁ ନ ଥିବାରୁ ବ୍ୟବସାୟୀମାନେ ବହୁତ ହଇରାଣ ହେଉଛନ୍ତି।

# ସରିଲା ଚନ୍ଦନେଶ୍ୱର ମହାଦେବଙ୍କ ପାଟ ଉତ୍ସବ

ଭୋଗରାଇ, ୧୩।୪(ଡି.ଏନ.ଏ.)

ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱପ୍ରସିଦ୍ଧ ଚୈତ୍ର ଚଡ଼କ ପର୍ବ। ୧୩ଦିନ ଧରି ହୁଗୁଳି ଗ୍ରାମର କୂଳ ପାଉ ନ ଥିବା ଜଳଯନ୍ତ୍ର ଦେବତାଙ୍କଠାରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ବହୁ ଆକାଂକ୍ଷିତ ଜୀଉଙ୍କ କାମିନୀ ବିବାହ, ମହାନୀଳ ପର୍ବରେ ଶ୍ରଦ୍ଧାଳୁମାନେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ଦର୍ଶନ କରିଥିଲେ। ଜୀଉଙ୍କ ଶ୍ରେଷ୍ଠ ପାଟଭକ୍ତ, ଦେଉଳିଆ, ଶ୍ରୀବେକିଡି, ବାଦ୍ୟକାର, ସେବାୟତ, ପଣ୍ଡା ଓ ଟ୍ରଷ୍ଟବୋର୍ଡ଼ର ସଦସ୍ୟଙ୍କୁ ନେଇ ଚଡ଼କପର୍ବ ପରିଚାଳିତ ହୋଇଥିଲା। ମହାଦେବଙ୍କଠାରେ ୧୩ ଉପବୀତଧାରୀ ଭକ୍ତ ଥିବା କୁହାଯାଉଥିବା ବେଳେ ଲୁଚାଛପାରେ ଦୂରଦୂରାନ୍ତରୁ ଆସିଥିବା ୫୦ରୁ ଅଧିକ ଉପବୀତଧାରୀ ଭକ୍ତ ଜୀଉଙ୍କଠାରେ ବ୍ରତପାଳନ କରିଥିବା ନଜରକୁ ଆସିଥିଲା। ବୁଧବାର ଚନ୍ଦନେଶ୍ୱର ମହାଦେବଙ୍କ ଅନତି ଦୂର ବାଡ଼ସରିଷା ଗ୍ରାମରେ ଜୀଉଙ୍କ ହାକାଣ୍ଡ ପୋଖରୀ ହୁଡ଼ାରେ ପାରମ୍ପରିକ ଶେଷ ବେକଡ଼ାନୃତ୍ୟ ସାହାନାଇ, ଢାକଢ଼ୋଲ ବାଦ୍ୟରେ ମୁଖରିତ ହୋଇଥିଲା। ସେଠାରେ ପାଟ ଉତ୍ସବର ମାଳା ଚନ୍ଦନୀରେ ଭୂଷିତ ହୋଇଥିଲେ ଶ୍ରଦ୍ଧାଳୁ। ୯ଜଣ ଶୈବଭକ୍ତ ନିଜ କୁକ୍ଷୀ ଓ ଜିହ୍ୱାରେ ଲୁହାକଣ୍ଟା ଫୋଡ଼ି ଜୀଉଙ୍କଠାରେ କୃଚ୍ଛ ସାଧନା କରିଥିଲେ। ସମସ୍ତ ସେବାୟତ, ପଣ୍ଡା, ଭକ୍ତମାନେ ଶିବ-ଦୁର୍ଗାଙ୍କ ଘଟକୁ ପୁଷ୍ପ ଶୋଭିତ କରି ସାହାନାଇ, ଶଙ୍ଖ, ଢ଼ାଲବାଦ୍ୟ, ରୋଷଣୀ ଫୁଟାଇ ମନ୍ଦିର ବିଜେ କରିଥିଲେ। ହରିବୋଲ ଧ୍ୱନିରେ ରାସ୍ତାଘାଟ ଉଚ୍ଛୁଳି ପଡ଼ିଥିଲା ବେଳେ ସନ୍ଧ୍ୟାରେ ଚନ୍ଦନେଶ୍ୱର ମହାଦେବଙ୍କଠାରେ ପୂଜାର୍ଚ୍ଚନା କରାଯାଇ ଅର୍ଘ୍ୟ ପିଣ୍ଡରେ ଭକ୍ତମାନେ ଭଗବାନଙ୍କୁ ଆରାଧନା କରି ଶେଷ ଅର୍ଘ୍ୟଦାନ କରି ଚଳିତବର୍ଷ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧର ବର୍ଷ ହେଉ ବୋଲି ଜୀଉଙ୍କ ଠାରେ ହରି ଧ୍ୱନି ଦେଇ ବ୍ରତ ଶେଷ କରିଥିଲେ।

### ବିଭିନ୍ନ ଶୈବପୀଠରେ ସରିଲା ଚଡ଼କଯାତ୍ରା

ଲଙ୍ଗଳେଶ୍ୱର, (ଡି.ଏନ.ଏ.)

ବାଲିଆପାଳ ବ୍ଲକର ଖଗଡ଼େଶ୍ୱର ସମେତ ବିଭିନ୍ନ ଶୈବପୀଠରେ ବୁଧବାର ଚଡ଼କ ଯାତ୍ରା ପାଳିତ ହୋଇଯାଇଛି। ଖଗଡ଼େଶ୍ୱର ପୀଠରେ ୧୩ଦିନ ଧରି ବ୍ରତଧାରଣ କରିଥିବା ବ୍ରତଧାରୀମାନେ ବୁଧବାର ଏକ ବିଶାଳ ଶୋଭାଯାତ୍ରାରେ ୧୩ଭକ୍ତଙ୍କ ସହ ମଧୁପୁରାସ୍ଥିତ ହାକାଣ୍ଡ ପୋଖରୀକୁ ଯାଇଥିଲେ। ଭକ୍ତମାନେ ମାଳଚନ୍ଦିନୀ ହେବା ପରେ ମହାଦେବଙ୍କ ନିକଟରେ ମାନସିକ କରିଥିଲେ। ବହୁ ଭକ୍ତ ଦେହରେ ଲୁହା କଣ୍ଟା, ଛୁଞ୍ଚ ଫୋଡ଼ି ନୃତ୍ୟ କରି ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ଗ୍ରାମ ପରିଚାଳନା କମିଟି ସଦସ୍ୟମାନେ ପରିଚାଳନା କରିଥିଲେ।

# ଜାତୀୟ ପୁରସ୍କାର ପାଇଲେ ଲକ୍ଷ୍ମୀପ୍ରିୟା

ରୂପସା, ୧୩।୪(ଡି.ଏନ.ଏ.)



ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ହାଡିଆଡ଼ିହା ଗ୍ରାମର ଚିତ୍ରଶିଳ୍ପୀ ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ ଜାତୀୟ ତଥା ଲଳିତକଳା ଏକାଡ଼େମୀ ଚିତ୍ରକଳାରେ ଜାତୀୟ ପୁରସ୍କାର ହାସଲ କରି ସମଗ୍ର ଜିଲା ପାଇଁ ଗୌରବ ଆଣିଛନ୍ତି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନଭବନରେ ଆୟୋଜିତ ଉତ୍ସବରେ ଲକ୍ଷ୍ମୀପ୍ରିୟାଙ୍କୁ ଉପରାଷ୍ଟ୍ରପତି ଏମ୍. ଭେଙ୍କିଆ ନାଇଡୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜି. କିଶନ ରେଡ୍ଡୀ, ଲଳିତକଳା ଏକାଡ଼େମୀ ଅଧକ୍ଷା ରମା ନନ୍ଦୁରି, ସଚିବ ତେମସୁନାରୋ ଜମିର ଓ କେନ୍ଦ୍ର ମନ୍ତ୍ରଣାଳୟ ଯୁଗ୍ମ ସଚିବ ସଂଯୁକ୍ତା ମୁଦଗଲ ପ୍ରମୁଖ ଉପସ୍ଥିତ ଥିଲେ।୨୦୨୧ର କେନ୍ଦ୍ର ଲଳିତକଳା ଏକାଡ଼େମୀ ପୁରସ୍କାର ୨୦ଜଣ ଶିଳ୍ପୀଙ୍କୁ ପ୍ରଦାନ କରାଯାଇଥିଲା।

# ୨୨ରେ ଲଗ୍ନଧରା, ୨୬ରେ ବାହାଘର

ବାଲେଶ୍ୱର ଅଫିସ, ୧୩।୪

### ପଦ୍ମାବତୀଙ୍କ ହାତ ଧରିବେ ଜୟଦେବ

ବାଲେଶ୍ୱର ଜିଲାର ଲୋକକଳା ଜଉକଣ୍ଢେଇ ବାହାଘର ଉତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଦୋଳପୂର୍ଣ୍ଣିମାରେ ଜଉକଣ୍ଢେଇ ବରକନ୍ୟା ଜୟଦେବ ଓ ପଦ୍ମାବତୀ ନାମକରଣ କରାଯାଇ ଶ୍ରୀରାମ ନବମୀ ଅବସରରେ ବାମପଦାସ୍ଥ ନୋସି ଉତ୍କଳା ମୁକ୍ତମଞ୍ଚରେ ନିର୍ମାଣ ଶୁଭାରମ୍ଭ ହୋଇଛି। ଆସନ୍ତା ୨୨ରେ ଲଗ୍ନଧରା ଓ ୨୬ରେ ବାହାଘର ଅନୁଷ୍ଠିତ ହେବ। ୨୦୧୧ରୁ ବିଧିବଦ୍ଧ ଭାବେ ପାରମ୍ପରିକ ରୀତିରେ ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ପକ୍ଷରୁ ଜଉକଣ୍ଢେଇ ବାହାଘର ଧୂମ୍‌ଧାମ୍‌ରେ ପାଳନ କରିଆସୁଛନ୍ତି। ଗତ କରୋନା କାଳରେ ମଧ ବିଧି ରକ୍ଷା କରାଯାଇ ପ୍ରତୀକାତ୍ମକ ଭାବେ ଜଉକଣ୍ଢେଇ ବାହାଘର ପାଳନ କରାଯାଇଥିଲା। ଚଳିତବର୍ଷ ଏହାକୁ ମହାଆଡ଼ମ୍ବରରେ କରାଯିବା ଲାଗି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ଆବାହକ ଶିଳ୍ପୀ କେଶୁଦାସ କର୍ମକର୍ତ୍ତାଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ରନାଥ ପାତ୍ର ପୌରୋହିତ୍ୟ କରିଥିଲେ। ତ୍ରିବେଣୀ ତୀର୍ଥ ଉନ୍ନୟନ ପରିଷଦର ସହସମ୍ପାଦକ ନିରଞ୍ଜନ ଗିରି ବଳଙ୍ଗ, ଗଙ୍ଗାହାର ଓ ସୋନ ନଦୀର ତ୍ରିବେଣୀ ତୀର୍ଥରୁ ବିଧି ମୁତାବକ ପୂଜା କରି ପବିତ୍ର ମାଟି ଓ ପାଣି ଆଣି ଜଉକଣ୍ଢେଇ ନିର୍ମାଣ ପାଇଁ ପ୍ରଦାନ କରିଥିଲେ। ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସ ଓ ମାୟା ନାୟକ ପବିତ୍ର ମାଟି ଓ ପାଣି ନେଇ ଜଉକଣ୍ଢେଇ ନିର୍ମାଣ ଶୁଭାରମ୍ଭ କରିଥିଲେ।

# କିଣିବା ବାହାନାରେ ଦୋକାନରୁ ଚୋରି

ବନ୍ତ,୧୩।୪(ଡି.ଏନ.ଏ.)

- ଲକର ଭାଙ୍ଗି ନେଇଗଲେ ୮୫ ହଜାର
- ସିସିଟିଭିରେ ହେଲା କଏଦ୍

ଭଦ୍ରକ ଜିଲା ବନ୍ତ ବ୍ଲକର ଗଣିଜାଙ୍ଗ ପଞ୍ଚାୟତ ତଥା ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର କାଶିପୁର ଛକଠାରେ ଥିବା ପ୍ରିୟବ୍ରତ ନାୟକଙ୍କ ସିମେଣ୍ଟ ଓ ରଡ୍ ଦୋକାନରୁ ବୁଧବାର ଦିନଦ୍ୱିପ୍ରହରରେ ଚୋରି ହୋଇଛି। ତେବେ ଚୋର ଜଣଙ୍କ ଅଭିନବ ଉପାୟରେ ଚୋରି କରିଛନ୍ତି। ସେ ଉକ୍ତ ଦୋକାନକୁ ଆସି ସାମଗ୍ରୀ କିଣିବେ ବୋଲି କହିବା ପରେ ପିଇବା ପାଇଁ ପାଣି ମାଗିଥିଲେ। ସେଲ୍ସ ମ୍ୟାନ୍ ପାଣି ଆଣିବାକୁ ନିକଟସ୍ଥ ନଳକୂପକୁ ଯିବା ଭିତରେ ସେ ଦୋକାନ ଲକରକୁ ଭାଙ୍ଗି ୮୫ ହଜାର ଟଙ୍କା ଚୋରି କରି ଫେରାର ହୋଇଯାଇଛନ୍ତି।

ଏହି ଚୋରିର ଦୃଶ୍ୟ ଦୋକାନରେ ଲାଗିଥିବା ସିସିଟିଭିରେ କଏଦ୍ ହୋଇଛି। ଏନେଇ ଅଭିଯୋଗ ପରେ ବନ୍ତ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜକୁ ଯାଞ୍ଚ କରି ତଦନ୍ତ ଚଳାଇଛି। ଚୋରି କରିଥିବା ବ୍ୟକ୍ତି ଜଣଙ୍କ ଏକ ହୋଣ୍ଡା ସିଟି କାର୍‌ରେ ଆସିଥିଲେ। କାର୍ ନମ୍ବରକୁ ପୋଲିସ ଯାଞ୍ଚ କରିବା ପରେ ତାହା ଭୁବନେଶ୍ୱର ଆର୍‌ଟିଓ ନମ୍ବର ଏବଂ ଗାଡ଼ି ମାଲିକ କଟକ ଅଞ୍ଚଳର ବୋଲି ଜଣାଯାଇଛି।


ଦୋକାନାରେ ଲାଗିଥିବା ସିସିଟିଭିରେ କଏଦ ହୋଇଥିବା ଚୋରିର ଦୃଶ୍ୟ।

# ପାନୀୟ ଜଳ ପାଇଁ ହଟ୍ଟଗୋଳ

### ମୟୂରଭଞ୍ଜ ଜିଲା ପରିଷଦର ତୃତୀୟ ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକ ପ୍ରତିନିଧିମାନେ।

ବାରିପଦା ଅଫିସ,୧୩।୪

ମୟୂରଭଞ୍ଜ ଜିଲା ପରିଷଦର ତୃତୀୟ ବୈଠକ ବାରିପଦା ମୁର୍ଗାବାଡିସ୍ଥିତ ପ୍ରୟାସ ହଲରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନବ ନିର୍ବାଚିତ ସଦସ୍ୟା ସଦସ୍ୟମାନେ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହ ବୈଠକରେ ପାନୀୟ ଜଳ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ହଟ୍ଟଗୋଳ ପ୍ରକାଶ ପାଇଥିଲା। ଏଥିରେ ଜିଲା ପରିଷଦ ଅଧକ୍ଷା ଭାରତୀ ହାଁସଦା ସଭାପତିତ୍ୱ କରିଥିବା ବେଳେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଡା. ବୁଢ଼ାନ ମୁର୍ମୁ, କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ, ମୋରଡ଼ା ବିଧାୟକ ରାଜକିଶୋର ଦାସ, ଜିଲାପାଳ ବିନୀତ ଭରଦ୍ୱାଜ ଓ ପିଡିଡିଆରଡିଏ ପି.ଅନ୍ୱେଷା ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ୫୬ ଜିଲା ପରିଷଦ ସଦସ୍ୟା ସଦସ୍ୟ, ବ୍ଲକ ଅଧକ୍ଷା ଅଧକ୍ଷ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜିଲାର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

ଜିଲାର ୪୦୪ଟି ପଞ୍ଚାୟତର ଅଧିକାଂଶ ଗ୍ରାମରେ ପାନୀୟ ଜଳର ଘୋର ସଙ୍କଟ ଦେଖାଦେଇଛି। ନଳକୂଅରୁ ପର୍ଯ୍ୟାପ୍ତ ପାଣି ବାହାରୁ ନ ଥିବା ବେଳେ ପାହାଡ଼ିଆ ଦୁର୍ଗମ ଅଞ୍ଚଳର ଲୋକମାନେ ଚୁଆପାଣିକୁ ଭରସା କରି ଜୀବନ ବଞ୍ଚାଉଛନ୍ତି। ଓଭରହେଡ୍ ଟାଙ୍କି ନିର୍ମାଣ ସରିଥିଲେ ହେଁ ପାନୀୟ ଜଳ ଯୋଗାଣ ହେଉ ନ ଥିବା ନେଇ ସଦସ୍ୟମାନେ ଗୃହରେ ପ୍ରଶ୍ନ ଉଠାଇଥିଲେ। ସେହିପରି ଜିଲାରେ ଥିବା ସଦର ମହକୁମା, ଜିଲା ଡାକ୍ତରଖାନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ ୨୭୨ଡାକ୍ତର ପଦବୀ ଖାଲି ପଡ଼ିଛି। ଫଳରେ ରୋଗୀମାନେ ଉପଯୁକ୍ତ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବା ସହ ଖର୍ଚ୍ଚାନ୍ତର ଶିକାର ହୋଇ ଘରୋଇ ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଏହାକୁ ନେଇ ବୈଠକରେ ଉପସ୍ଥିତ ରାଜ୍ୟସଭା ସଦସ୍ୟା ମମତା ମହାନ୍ତଙ୍କ ସମେତ ଲୋକ ପ୍ରତିନିଧିମାନେ ସ୍ୱର ଉଠାଇଥିଲେ। ଡାକ୍ତରଖାନା ସମସ୍ୟା ନେଇ ଜିଲାପାଳ ଭରଦ୍ୱାଜ ଗୁରୁତର ସହ ପଦକ୍ଷେପ ନେବାକୁ ପରାମର୍ଶ ଦେବା ସହ ଆଗାମୀ ବୈଠକରେ ମେଡିକାଲ କଲେଜ ସୁପରିଟେଣ୍ଡେଣ୍ଟଙ୍କୁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ବଡ଼ସାହି ତହସିଲ ଅଞ୍ଚଳରେ ବେଆଇନ ବାଲି ଉତ୍ତୋଳନ ଘଟଣାରେ ଜିଲାପାଳଙ୍କ ନୀରବତା ନେଇ ୩୫ ନଂ. ଜୋନ ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ ପ୍ରଶ୍ନ ଉଠାଇଥିଲେ। ଏହାକୁ ନେଇ ବେଶ କିଛି ସମୟ କଥା କଟାକଟି ଚାଲିଥିଲା। ଶେଷରେ ଜିଲାପରିଷଦ ଉପାଧ୍ୟକ୍ଷ ବିପିନ ସିଂବାଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଶୀର୍ଷସ୍ଥାନ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ’

**ଏଫ୍ଆଇଏଚ୍ ପ୍ରୋ ଲିଗ୍ ପୁରୁଷ ହକି**

■ ଭାରତ-ଜର୍ମାନୀ ମ୍ୟାଚ ଆଜି

ଭୁବନେଶ୍ୱର, ୧୩।୪ (କ୍ରୀଡ଼ା ପ୍ରତିନିଧି)

ଚଳିତ ଏଫ୍ଆଇଏଚ୍ ପ୍ରୋ ଲିଗ୍ ପୁରୁଷ ହକିରେ ଭାରତ ଓ ଜର୍ମାନୀ ମଧ୍ୟରେ ୨ଟି ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଓ ଶୁକ୍ରବାର ଅନୁଷ୍ଠିତ ହେବ। ଭାରତୀୟ ପୁରୁଷ ଦଳ ଏବେ ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ତେଣୁ ଜର୍ମାନୀର ଯୁବ ଦଳ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ କରି ଭାରତ ନିଜର ଶୀର୍ଷସ୍ଥାନକୁ ଅଧିକ ମଜଭୁତ କରିବା ସୁଯୋଗ ରହିଛି। ‘‘ଇଂଲଣ୍ଡ ବିପକ୍ଷରେ ଆମେ ଭଲ ଖେଳିଥିବାରୁ ୨ଟି ଯାକ ମ୍ୟାଚରେ ବିଜୟୀ ହେବାରେ ସକ୍ଷମ ହୋଇଥିଲୁ। ପଏଣ୍ଟ ଟେବୁଲର ଶୀର୍ଷରେ ରହିବା ଏକ ସୁଖଦ ଅନୁଭବ। ଦଳଗତ ପ୍ରଦର୍ଶନ ଯୋଗୁ ଏହା ସମ୍ଭବ ହୋଇଛି। ତେଣୁ ଏହାକୁ ବଜାୟ ରଖିବା ଆମର ମୁଖ୍ୟ ଲକ୍ଷ୍ୟ ରହିବ’’ ବୋଲି ଅଧିନାୟକ ଅମିତ ରୋହିଦାସ ପ୍ରକାଶ କରିଛନ୍ତି। ଜର୍ମାନୀ ବିପକ୍ଷ ମ୍ୟାଚ ପାଇଁ ଭାରତର ପ୍ରସ୍ତୁତି ସମ୍ପର୍କରେ ଏହି ଓଡ଼ିଆ ଖେଳାଳି କହିଛନ୍ତି ଯେ, ଭିଡିଓ ବିଶ୍ଳେଷଣ ମାଧ୍ୟମରେ ଆମେ ନିଜକୁ ପ୍ରସ୍ତୁତ କରିଛୁ। ଯେଉଁ କ୍ଷେତ୍ରରେ ଦୁର୍ବଳତା ଅଛି ତାକୁ ସଜାଡ଼ିବାକୁ ଚେଷ୍ଟା କରୁଛୁ। ପେନାଲ୍ଟି କର୍ନରଠାରୁ ଆରମ୍ଭ କରି ବଲ୍ ପୋଜେଶନ ପର୍ଯ୍ୟନ୍ତ ଆମେ ସବୁ ବିଭାଗରେ ଅଭ୍ୟାସ କରିଛୁ ବୋଲି ଅମିତ କହିଛନ୍ତି।

ଇଂଲଣ୍ଡ ବିପକ୍ଷ ମ୍ୟାଚରେ ବ୍ୟକ୍ତିଗତଭାବେ ୧୦୦ ଗୋଲ ମାଇଲଖୁଣ୍ଟ ଅତିକ୍ରମ କରିଥିଲେ ଉପଅଧିନାୟକ ହରମନପ୍ରୀତ ସିଂ। ‘‘ମୋ ପାଇଁ ଦଳଗତ ସଫଳତା ସବୁଠୁ ବଡ଼। ଦଳର ବିଜୟରେ ଯୋଗଦାନ ଦେଇପାରୁଥିବାରୁ ମୁଁ ଖୁସି। ନିଜ ପ୍ରଦର୍ଶନରେ ମଧ୍ୟ ମୁଁ ସନ୍ତୁଷ୍ଟ। ଯଥାସମ୍ଭବ ଅଧିକରୁ ଅଧିକ ଗୋଲ ସ୍କୋରିଂ ସୁଯୋଗ ସୃଷ୍ଟି କରିବା ମୋର ଲକ୍ଷ୍ୟ’’ ବୋଲି ହରମନପ୍ରୀତ କହିଛନ୍ତି। ଜର୍ମାନୀ ଏକ ଯୁବ ଦଳ କିମ୍ବା ଅଭିଜ୍ଞ ସମ୍ପନ୍ନ ଦଳ ତାକୁ ଆମେ ଦେଖୁନାହୁଁ। ଦଳଗତଭାବେ କିପରି ଭଲ ଖେଳିବାକୁ ହେବ ଏବଂ ମ୍ୟାଚ ପରେ ମ୍ୟାଚ କିପରି ପ୍ରଦର୍ଶନରେ ଉନ୍ନତି ଆସିବ ଆମେ ତା’ ଉପରେ ଫୋକସ କରୁଛୁ। ଯୁବ ଖେଳାଳିମାନେ ନିଜକୁ ପ୍ରମାଣିତ କରିବା ପାଇଁ ଶତ ପ୍ରତିଶତ ପ୍ରଦର୍ଶନ ଦେଇଥାନ୍ତି। ତେଣୁ କୌଣସି ଦଳକୁ ହାଲୁକା ମନେକରିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

୮ ମ୍ୟାଚରୁ ୧୭ ପଏଣ୍ଟ ସହିତ ଜର୍ମାନୀ ଏବେ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଭାରତ ବିପକ୍ଷ ମ୍ୟାଚ ସମ୍ପର୍କରେ ମତ ଦେବାକୁ ଯାଇ ଜର୍ମାନୀର ମୁଖ୍ୟ କୋଚ୍ ଆନ୍ଦ୍ରେ ହେନିଂ କହିଛନ୍ତି ଯେ, ‘‘ଆମ ଦଳର ପାଖାପାଖି ୧୨ ଜଣ ଖେଳାଳି ଏଠାରେ ଭାରତ ବିପକ୍ଷରେ କ୍ୟାରିୟରର ପ୍ରଥମ ମ୍ୟାଚ ଖେଳିବାକୁ ଯାଉଛନ୍ତି। ତେଣୁ ଆମ ମନରେ ପ୍ରବଳ ଉତ୍ସାହ ରହିଛି। ଭାରତରେ ଖେଳିବା ଆମପାଇଁ ସବୁବେଳେ ସ୍ୱତନ୍ତ୍ର। ତେଣୁ ଆମେ ଆଗାମୀ ମ୍ୟାଚ ଉପରେ ଫୋକସ କରୁଛୁ। ୧୮ ଏବଂ ୧୯ ବର୍ଷରୁ କମ୍ ଏବଂ କିଛି ମାସ ପୂର୍ବରୁ ଜୁନିୟର ହକି ବିଶ୍ୱକପ ଖେଳିଥିବା କେତେକ ଯୁବ ଖେଳାଳି ଆମ ଦଳରେ ଅଛନ୍ତି। ତେଣୁ ଦଳଗତ ପ୍ରଦର୍ଶନ ଆମପାଇଁ ଚ୍ୟାଲେଞ୍ଜ ସଦୃଶ ହେବ। ଏଠାରେ ଆମେ ୨ଟି ଟ୍ରେନିଂ ସେସନ କଟାଇଛୁ ଏବଂ ବୈଠକରେ ଏକତ୍ରିତ ହୋଇଛୁ। ପିଲାମାନେ ଆତ୍ମବିଶ୍ୱାସ ରଖିବା ସହ ଭାରତ ବିପକ୍ଷରେ ମ୍ୟାଚ ଖେଳିବାକୁ ବ୍ୟଗ୍ରଥିବା ମୋର ଅନୁଭବ ହେଉଛି। ଦଳଗତ ଭାବେ ଆମେ କେତେ ଉନ୍ନତି କରିଛୁ ତାହା ଆଗକୁ ଜଣାପଡ଼ିବ’’। ଜର୍ମାନୀ ଦଳର ଅଧିନାୟକ ମାର୍ଟିନ ଜିକେର ୨୬୫ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ଅଭିଜ୍ଞତା ରଖିଛନ୍ତି। ତେଣୁ ଆଗାମୀ ୨ଟି ମ୍ୟାଚରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ।



ପେନାଲ୍ଟି କର୍ନର ଅବସରରେ ଅମିତ ରୋହିଦାସ ଓ ସାଥୀ ଖେଳାଳି।

## ‘ଆଗକୁ ଖୁବ୍ ରିଟାୟର୍ଡ ଆଉଟ୍ ଦେଖିବାକୁ ମିଳିବ’

**ନୂଆଦିଲ୍ଲୀ, ୧୩।୪ (ପିଟି):** ଭେଟେରାନ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ମତରେ ‘ରିଟାୟର୍ଡ ଆଉଟ୍’କୁ ଏକ ରଣନୀତି ଭାବେ ବ୍ୟବହାର କରିବାରେ ଆଇପିଏଲ ବିଳମ୍ବ କରିସାରିଛି। ନିକଟ ଭବିଷ୍ୟତରେ ଅନେକ ରିଟାୟର୍ଡ ଆଉଟ୍ ଦେଖିବାକୁ ମିଳିବ ବୋଲି ସେ କହିଛନ୍ତି। ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍ସ ବିପକ୍ଷ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ପାଇଁ ୬ ନଂରେ ବ୍ୟାଟିଂ କରିବାକୁ ଆସିଥିବା ଅଶ୍ୱିନ ୧୯ତମ ଓଭରର ୨ ବଲ ଖେଳିବା ପରେ ନିଜକୁ ରିଟାୟର୍ଡ ଆଉଟ୍ ଘୋଷଣା କରିଥିଲେ। ସେ ୨୩ ବଲରେ ୨୮ ରନ୍ କରିଥିଲେ। ‘‘ଫୁଟ୍‌ବଲ ଏବେ ଯେଉଁଠାରେ ପହଞ୍ଚି ସାରିଛି, ଟି୨୦ ସେହି ଦିଗରେ ଆଗେଇଛି। ସେମାନେ ଯେମିତି ବଦଳ ଖେଳାଳି ବ୍ୟବହାର କରୁଛନ୍ତି, ଠିକ୍ ସେଭଳି କିଛି ମୁଁ କରିଛି। ଆମେ ଏହାକୁ ଆପଣେଇବାରେ ବିଳମ୍ବ କରିସାରିଛୁ। କିନ୍ତୁ ଆଗାମୀ ଦିନରେ ଅନେକ ରିଟାୟର୍ଡ ଆଉଟ୍ ଦେଖିବାକୁ ମିଳିବ’’ ବୋଲି ନିଜ ୟୁଟ୍ୟୁବ ଚ୍ୟାନେଲରେ କହିଛନ୍ତି। କିନ୍ତୁ ତାଙ୍କ ମତରେ ଏହି କୌଶଳ ସର୍ବଦା କାମ ଦେବ ନାହିଁ। ‘‘ଏହା ବେଳେବେଳେ କାମ ଦେବ। ଏଭଳି ରଣନୀତି ଫୁଟ୍‌ବଲରେ ବ୍ୟବହାର କରାଯାଏ, ହେଲେ ଆମେ ଏପର୍ଯ୍ୟନ୍ତ ଟି୨୦ କ୍ରିକେଟରେ ଏହାକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରିପାରି ନାହୁଁ’’।

# ୟୁରୋ ସ୍ପୋର୍ଟରେ ଇଣ୍ଡିଆନ ଓମେନ୍ସ ଲିଗ୍

ଭୁବନେଶ୍ୱର, ୧୩।୪ (କ୍ରୀଡ଼ା ପ୍ରତିନିଧି)

ହିରୋ ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ୫ମ ସଂସ୍କରଣ ଆୟୋଜନ ପାଇଁ କ୍ଷେତ୍ର ପ୍ରସ୍ତୁତ। ଭୁବନେଶ୍ୱରର ୩ଟି ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମ, କ୍ୟାପିଟାଲ ହାଇସ୍କୁଲ ପଡ଼ିଆ ଓ ୭ମ ବାଟାଲିୟନ ପଡ଼ିଆରେ ଏହି ସମ୍ମାନଜନକ ଲିଗ୍ ଚଳିତ ମାସ ୧୫ ତାରିଖରୁ ଆରମ୍ଭ ହୋଇ ମେ’ ୨୬ ପର୍ଯ୍ୟନ୍ତ ଚାଲିବ। ମହିଳା ଫୁଟବଲର ଏହି ପେସାଦାର କ୍ଲବ ପ୍ରତିଯୋଗିତାରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ ଏବଂ ଏହା ୟୁରୋ ସ୍ପୋର୍ଟ ଇଣ୍ଡିଆରେ ସିଧା ପ୍ରସାରଣ ହେବ। ସମ୍ପୂର୍ଣ୍ଣ ସିଜନରେ ମୋଟ ୬୬ଟି ମ୍ୟାଚ ଅନୁଷ୍ଠିତ ହେବ। ପ୍ରତି ଦଳ ପରସ୍ପର ସହିତ ଗୋଟିଏ ଲେଖାଏ ମ୍ୟାଚ ଖେଳିବାର ସୁଯୋଗ ପାଇବେ। ‘‘ୟୁରୋ ସ୍ପୋର୍ଟ ଆମ ସହ ମିଳିତଭାବେ କାର୍ଯ୍ୟ କରିବା ସହ ପ୍ରତିଯୋଗିତାର ସିଧା ପ୍ରସାରଣ ବ୍ୟବସ୍ଥା କରିବା ବହୁତ ଭଲ କଥା। ଚଳିତ ସିଜନରେ ଫର୍ମାଟରେ ପରିବର୍ତ୍ତନ ସହ ମ୍ୟାଚ ସଂଖ୍ୟା ବଢ଼ିଥିବାରୁ ଫୁଟବଲ ପ୍ରଶଂସକମାନେ ଘରେ ବସି ଏହାକୁ ଉପଭୋଗ କରିବା ଆଶା ରହିଛି’’ ବୋଲି ସର୍ବଭାରତୀୟ ଫୁଟବଲ ଫେଡେରେଶନ ସିଇଓ (ଲିଗ୍ସ ଆଣ୍ଡ ଡେଭଲପ୍‌ମେଣ୍ଟ) ସୁନନ୍ଦୋ ଧର ପ୍ରକାଶ କରିଛନ୍ତି।



# ମୟଙ୍କ, ଧାୱନଙ୍କ ଦୃଢ଼ ବ୍ୟାଟିଂ

ପୁଣେ, ୧୩।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ବୁଧବାର ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚରେ ଦୃଢ଼ ବ୍ୟାଟିଂ କରିଛନ୍ତି ପଞ୍ଜାବ କିଙ୍ଗ୍ସ ଅଧିନାୟକ ମୟଙ୍କ ଅଗ୍ରୱାଲ ଓ ଶିଖର ଧାୱନ। ଫଳରେ ପଞ୍ଜାବ ଦଳ ୨୦ ଓଭରରେ ୫ ଉଇକେଟ ହରାଇ ୧୯୮ ରନ ସ୍କୋର କରିଛି। ରିପୋର୍ଟ ଲେଖା ହେବା ବେଳକୁ ମୁମ୍ବାଇ ୩.୪ ଓଭରରେ ୧ ଉଇକେଟ ହରାଇ ୩୧ ରନ ସଂଗ୍ରହ କରିଛି। ଅଧିନାୟକ ରୋହିତ ଶର୍ମା ୨୮ ରନକରି ଆଉଟ ହୋଇଛନ୍ତି। ପଞ୍ଜାବ ଦଳର କାଗିଶୋ ରାବାଡ଼ା ଏହି ଉଇକେଟ ନେଇଛନ୍ତି। ପୂର୍ବରୁ ମୁମ୍ବାଇ କ୍ରମାଗତ ୪ ପରାଜୟ ବରଣ କରିଛି। ଅନ୍ୟପକ୍ଷରେ ପଞ୍ଜାବ ଖେଳିଥିବା ୪ ମ୍ୟାଚରୁ ୨ଟି ଲେଖାଏ ବିଜୟ ଓ ପରାଜୟ ସ୍ୱାଦ ଚାଖିଛି।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ମୁମ୍ବାଇ ଅଧିନାୟକ ରୋହିତ ଶର୍ମା। ତେବେ ପଞ୍ଜାବର ଦୁଇ ଓପନର ମୟଙ୍କ ଅଗ୍ରୱାଲ ଓ ଶିଖର ଧାୱନ ଦ୍ରୁତ ହାରରେ ରନ ସଂଗ୍ରହ କରି ପ୍ରଥମ ଉଇକେଟରେ ୫୭ ବଲ୍‌ରୁ ୯୭ ରନ ଯୋଗକରି ଦଳପାଇଁ ଭଲ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ୧୦ମ ଓଭରର ତୃତୀୟ ବଲ୍‌ରେ ଅଗ୍ରୱାଲଙ୍କୁ ଆଉଟ କରି ମୁମ୍ବାଇକୁ ବହୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ମୁରୁଗାନ ଅଶ୍ୱିନ। ୩୨ଟି ବଲ୍ ଖେଳିଥିବା ମୟଙ୍କ ୬ ଚୌକା ଓ ୨ ଛକା ସହାୟତାରେ ୫୨ ରନ କରିଥିଲେ। ଜନି ବେୟାରଷ୍ଟୋ ୧୨ ଓ ଲିଆମ ଲିଭିଂଷ୍ଟୋନ ୨ ରନକରି ଆଉଟ ହୋଇଥିଲେ ହେଁ ଧାୱନ ୫୦ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ୭୦ ରନର ଇନିଂସ ଖେଳି ଦଳକୁ ବଡ଼ ସ୍କୋର ଅଭିମୁଖେ ନେଇ ଯାଇଥିଲେ। ଜୀତେଶ ଶର୍ମା ୧୫ ବଲ୍‌ରୁ ୨ଟି ଲେଖାଏ ଚୌକା ଓ ଛକା ସହାୟତାରେ ୩୦ ରନରେ ଅପରାଜିତ ରହି ଦଳକୁ ୨୦୦ ସ୍କୋରର ନିକଟତର କରାଇଥିଲେ। ଶାହରୁଖ ଖାଁ ୬ ବଲ୍‌ରୁ ୨ ଛକା ସହ ୧୫ ରନ କରିଥିଲେ। ମୁମ୍ବାଇ ପକ୍ଷରୁ ବାସିଲ ଥାମ୍ପି ୨ଟି ଏବଂ ଜୟଦେବ ଉନାଡକଟ, ଯଶପ୍ରୀତ୍ ବୁମ୍‌ରା ଓ ମୁରୁଗାନ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୯୮/୫ (ଶିଖର ଧାୱନ-୭୦, ମୟଙ୍କ ଅଗ୍ରୱାଲ-୫୨, ଜୀତେଶ ଶର୍ମା-୩୦*, ବାସିଲ ଥାମ୍ପି-୨/୪୭, ଜୟଦେବ ଉନାଡକଟ-୧/୪୪, ଯଶପ୍ରୀତ୍ ବୁମ୍‌ରା-୧/୨୮, ମୁରୁଗାନ ଅଶ୍ୱିନ-୧/୩୪)।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**ରାଜସ୍ଥାନ ରୟାଲ୍ସ ବନାମ ଗୁଜରାଟ ଟାଇଟାନ୍ସ**

ସ୍ଥାନ: ମୁମ୍ବାଇ

ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ଶିଖର ଧାୱନ

# ସୁନ୍ଦରଗଡ଼, ଝାରସୁଗୁଡ଼ା, ରାଉରକେଲା ବିଜୟୀ

**ଭୁବନେଶ୍ୱର, ୧୩।୪ (କ୍ରୀଡ଼ା ପ୍ରତିନିଧି):** ଓସିଏ ଆନୁକୂଲ୍ୟରେ ବୁଧବାର ୬ଟି କଳାହାଣ୍ଡି କପ୍ ଦିନିକିଆ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇକୋର୍ସା, ସୁନ୍ଦରଗଡ଼, ଭୁବନେଶ୍ୱର ‘ଏ’, ଝାରସୁଗୁଡ଼ା, କଟକ ‘ଏ’ ଓ ରାଉରକେଲା ବିଜୟ ହାସଲ କରିଛି।

ଖୋର୍ଦ୍ଧାଠାରେ ଇକୋର୍ସା ୩୦ ରନରେ କଟକ ‘ବି’କୁ ପରାସ୍ତ କରିଛି। ଇକୋର୍ସା ୩୮.୪ ଓଭରରେ ୧୬୬ କରିଥିବାବେଳେ କଟକ ‘ବି’ ୪୬.୨ ଓଭରରେ ୧୩୬ ରନରେ ସୀମିତ ରହିଥିଲା। ସେଞ୍ଚୁରିଅନ ପଡ଼ିଆରେ ସୁନ୍ଦରଗଡ଼ ୬୮ ରନରେ ସମ୍ବଲପୁରକୁ ପରାସ୍ତ କରିଛି। ସୁନ୍ଦରଗଡ଼ ୫୦ ଓଭରରେ ୮ ଉଇକେଟ ହରାଇ ୩୧୧ ଓ ସମ୍ବଲପୁର ୪୧.୪ ଓଭରରେ ୨୪୩ ରନ କରିଥିଲା। ରେଭେନ୍ସା ଗ୍ରାଉଣ୍ଡ-୨ରେ ଭୁବନେଶ୍ୱର ‘ଏ’ ୮ ଉଇକେଟରେ ଖୋର୍ଦ୍ଧାକୁ ହରାଇଛି। ଖୋର୍ଦ୍ଧା ୪୨.୩ ଓଭରରେ ମାତ୍ର ୧୪୫ ରନ କରିଥିବାବେଳେ ଭୁବନେଶ୍ୱର ‘ଏ’ ୨୭.୨ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।

ରେଭେନ୍ସା ଗ୍ରାଉଣ୍ଡ-୧ରେ ଝାରସୁଗୁଡ଼ା ୨ ଉଇକେଟରେ ଯାଜପୁରକୁ ହରାଇ ଦେଇଛି। ଯାଜପୁର ୫୦ ଓଭରରେ ୭ ଉଇକେଟ ହରାଇ ୨୨୭ ରନ କରିଥିଲା। ଝାରସୁଗୁଡ଼ା ୪୯.୪ ଓଭରରେ ୮ ଉଇକେଟ ହରାଇ ୨୩୩ ରନ ସଂଗ୍ରହ କରି ନେଇଥିଲା। ସନ୍‌ସାଇନ୍ ପଡ଼ିଆରେ କଟକ ‘ଏ’ ୫ ଉଇକେଟରେ ଭୁବନେଶ୍ୱର ‘ବି’କୁ ପରାସ୍ତ କରିଛି। ଭୁବନେଶ୍ୱର ‘ବି’ ୫୦ ଓଭରରେ ୫ ଉଇକେଟ ହରାଇ ୨୭୭ ରନ କରିଥିଲା। କଟକ ‘ଏ’ ୪୫.୫ ଓଭରରେ ୫ ଉଇକେଟ ହରାଇ ୨୮୧ ରନ କରିଥିଲା। ରେଲୱେ ଷ୍ଟାଡିୟମରେ ରାଉରକେଲା ୧୯ ରନରେ ମୟୂରଭଞ୍ଜକୁ ହରାଇଛି। ରାଉରକେଲା ୪୯ ଓଭରରେ ୭ ଉଇକେଟ ହରାଇ ୨୭୮ ଏବଂ ମୟୂରଭଞ୍ଜ ୪୯ ଓଭରରେ ୭ ଉଇକେଟ ହରାଇ ୨୫୯ ରନ କରିଥିଲା।

# ବିଚିତ୍ର ନାୟକ ‘ଭୁବନେଶ୍ୱର କୁମାର’



ଅତିଥିଙ୍କ ଗହଣରେ ଭୁବନେଶ୍ୱର କୁମାର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର ପ୍ରତିଯୋଗୀ।

**ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା**

ପୁରୁଣା ଭୁବନେଶ୍ୱର, ୧୩।୪ (ଡି.ଏନ.ଏ.)

ଭୁବନେଶ୍ୱର କୁମାର ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାର ୪୯ତମ ସଂସ୍କରଣ ରାମେଶ୍ୱର କ୍ଲବ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ବଉଳଗଡ଼ ବିଏମ୍‌ସି ଜିମ୍‌ର ବିଚିତ୍ର ନାୟକ ଉଭୟ ଭୁବନେଶ୍ୱର କୁମାର ଓ କଳିଙ୍ଗ କୁମାର ଟାଇଟଲ ହାସଲ କରିଛନ୍ତି। ୭୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ନେଇ ଆୟୋଜିତ ପ୍ରତିଯୋଗିତାର ଭୁବନେଶ୍ୱର କୁମାର ବିଭାଗରେ ଅମିତ କୁମାର ଭୂୟାଁ ଦ୍ୱିତୀୟ ଓ ସୁପ୍ରଭାତ ମୁଣ୍ଡା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି କଳିଙ୍ଗ କୁମାର ପ୍ରତିଯୋଗିତାରେ ପ୍ରଶାନ୍ତ କୁମାର ଦାସ ଦ୍ୱିତୀୟ ଓ ବିରଜା ପ୍ରସାଦ ଦାସ ତୃତୀୟ ହୋଇଛନ୍ତି। ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନ ଓ ରାମେଶ୍ୱର କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ବିଧାୟକ ସୁରେଶ କୁମାର ରାଉତରାୟ, ସାମାଜିକ କର୍ମୀ ଦାଶରଥି ଗରାବଡୁ, ଆୟୋଜକ ଆସୋସିଏଶନ ସଭାପତି ସୁମିତ୍ରା ତ୍ରିପାଠୀ, ସମ୍ପାଦକ ପ୍ରସନ୍ନ ମହାସୁଆର, ପ୍ରଫୁଲ୍ଲ କୁମାର ଗୁରୁ, ଷ୍ଟେଜ ମାର୍ଶାଲ ବିନୋଦ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ସମ୍ପାଦକ ଦୀପକ ମହାପାତ୍ର, ସଭାପତି ଅକ୍ଷୟ ଦିକ୍ଷୀତ, ଉପସଭାପତି ରମେଶ ବାରିକ, ମିଟୁ ମହାପାତ୍ର, ବାପି ଣ୍ଡା, ମଣ୍ଟୁ ମହାପାତ୍ର ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ୯୫ ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ

ଭୁବନେଶ୍ୱର, ୧୩।୪ (କ୍ରୀଡ଼ା ପ୍ରତିନିଧି)

ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଡିଗ୍ରୀ କଲେଜ ଛାତ୍ରୀଙ୍କୁ ଦିଆ ଯାଉଥିବା ଆତ୍ମରକ୍ଷା ପ୍ରଶିକ୍ଷଣର ୪ର୍ଥ ପର୍ଯ୍ୟାୟ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୯୫ ଛାତ୍ରୀ ପ୍ରଶିକ୍ଷଣ ନେଇ ପ୍ରମାଣପତ୍ର ହାସଲ କରିଛନ୍ତି। ୪୨ ଘଣ୍ଟାର ‘ରିଆକ୍ଟ’ ଆତ୍ମରକ୍ଷା ପ୍ରଶିକ୍ଷଣ ବ୍ୟତୀତ ଛାତ୍ରୀ ମାନଙ୍କୁ ଶୃଙ୍ଖଳା, ବ୍ୟକ୍ତିତ୍ୱର ବିକାଶ ଓ କର୍ତ୍ତବ୍ୟ ପରାୟଣ ହେବା ସମ୍ପର୍କରେ ଶିକ୍ଷା ଦିଆ ଯାଇଥିଲା। ବୁଧବାର ଶିବିରର ଅନ୍ତିମ ଦିବସରେ ଉଚ୍ଚଶିକ୍ଷା ବିଭାଗର ଉପ ଶାସନ ସଚିବ ରମେଶ ଚନ୍ଦ୍ର ବେହେରା, ପୀତାମ୍ବର ମୁର୍ମୁ, ଶୁଭଶ୍ରୀ ବାରିକ, ସ୍ମୃତିମୟୀ ରାଉତ, ପ୍ରବିର କୁମାର ପ୍ରମୁଖ ଉପସ୍ଥିତ ରହି ପ୍ରମାଣପତ୍ର ଓ ରିଆକ୍ଟ ବୁକ୍‌ଲେଟ୍ ପ୍ରଦାନ କରିଥିଲେ। ସେନ୍‌ସାଇ ରାଜୀବ କୁମାର ସିଂ, ଅନୁରାଧା ପାତ୍ର, ସୁସ୍ମିନୀ ପାଲଟା ସିଂ, ମହେଶ ଡୋରା, କୃଷ୍ଣଚନ୍ଦ୍ର ମହାରଣା, କ୍ରିଷ୍ଣା ଶିକାରୀ, ମଧୁପ୍ରିୟା ବାଇ, ମୋନାଲି ସ୍ୱାଇଁ, ଭଗବାନ ରେଡ୍ଡୀ ଓ ନାସ୍ୟା କୁମାରୀ ପ୍ରମୁଖ ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିଲେ। ରିଆକ୍ଟର ରଚୟିତା ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା।



ଆତ୍ମରକ୍ଷା ପ୍ରଶିକ୍ଷଣ ପରେ ପ୍ରମାଣପତ୍ର ସହ ଛାତ୍ରୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

# ଭୁବନେଶ୍ୱରରୁ ଆରମ୍ଭ ହେବ ସପ୍ତାହାନ୍ତ ଭଲିବଲ

**ଭୁବନେଶ୍ୱର, ୧୩।୪ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଓଡ଼ିଶା ଭଲିବଲ ଆସୋସିଏଶନ ସପ୍ତାହାନ୍ତ ଭଲିବଲ ଟୁର୍ନାମେଣ୍ଟ ୬ଟି ସହରରେ ଆୟୋଜନ କରିବ। ଏହି ସହରଗୁଡ଼ିକ ହେଲା ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, ଜଗତ୍‌ସିଂହପୁର, ସମ୍ବଲପୁର ଓ ଫୁଲବାଣୀ। ଏହା ମେ’ ମାସରେ ଭୁବନେଶ୍ୱରରୁ ଆରମ୍ଭ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ସହରଗୁଡ଼ିକରେ ଏହା ଆୟୋଜନ କରାଯିବ। ଭୁବନେଶ୍ୱର ଜୋନ୍ ସପ୍ତାହାନ୍ତ ଭଲିବଲ ଟୁର୍ନାମେଣ୍ଟ କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ମେ’ ୭ ଓ ୮ ତାରିଖରେ ଅନୁଷ୍ଠିତ ହେବ। ଏହି ଜୋନ୍ ପ୍ରତିଯୋଗିତାରେ ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ର କ୍ଲବ, ଏକାଡେମୀ, ସ୍କୁଲ ଓ କଲେଜର ପିଲାମାନେ ଅଂଶଗ୍ରହଣ କରିବେ। ଏହାପରେ ୧୪ ଓ ୧୫ରେ ଜଗତ୍‌ସିଂହପୁର ଜୋନ୍ (ଜଗତ୍‌ସିଂହପୁର, କଟକ, ଯାଜପୁର) ପ୍ରତିଯୋଗିତା ହେବ। ୧୪ ବର୍ଷରୁ କମ୍ ଓ ୧୮ ବର୍ଷରୁ କମ୍ ବର୍ଗ ବାଳିକା ଓ ବାଳକ ବିଭାଗରେ ସ୍ୱତନ୍ତ୍ରଭାବେ ଟୁର୍ନାମେଣ୍ଟ ହେବ। ଏହି ଟୁର୍ନାମେଣ୍ଟ ମାସେ ବ୍ୟାପୀ କେବଳ ଶନିବାର ଓ ରବିବାର ଅନୁଷ୍ଠିତ ହେବ। ତୃଣମୂଳ ସ୍ତରରୁ ଯୁବ ଖେଳାଳିଙ୍କୁ ଚିହ୍ନଟ ଏବଂ ସେମାନଙ୍କୁ କୋଚିଂ କ୍ୟାମ୍ପ ଏବଂ ପ୍ରତିଦ୍ୱନ୍ଦ୍ୱିତାର ସୁଯୋଗ ଦେବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶ ପ୍ରକାଶ କରିଛନ୍ତି। କ୍ୟାଲେଣ୍ଡର ବର୍ଷରେ ଶୀର୍ଷ ର୍‍ୟାଙ୍କ୍ ଦଳକୁ ପ୍ରୋତ୍ସାହନ ଦିଆଯିବା ସହ ପୁରସ୍କୃତ କରାଯିବ ବୋଲି ସେ କହିଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ